୬୬ତମ ବର୍ଷ | ୧୫ ଅଗଷ୍ଟ, ୨୦୨୩ | ତୃତୀୟ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

୬୬ତମ ବର୍ଷ ୧୫ ଅଗଷ୍ଟ, ୨୦୨୩ ତୃତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ
ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଅଗଷ୍ଟ, ୨୦୨୩]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ମାତୃବାଣୀ | ... | ... | ... | ୫ |
| ଭାରତର ନବ ଜାଗରଣ | ... | ଶ୍ରୀଅରବିନ୍ଦ | ... | ୬ |
| ପରମ ନିଶ୍ଚୟତା | ... | ଶ୍ରୀଅରବିନ୍ଦ | ... | ୯ |
| ଧମ୍ମପଦ (୩) (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ) | ... | ... | ... | ୧୦ |
| ସମର୍ପଣ ଓ ତପସ୍ୟା | ... | ଶ୍ରୀଅରବିନ୍ଦ | ... | ୧୫ |
| ଆତ୍ମନିବେଦନ ଓ ଆନ୍ତରିକତା | ... | ଶ୍ରୀମା | ... | ୧୭ |
| ବିଶ୍ୱ-ରୂପାନ୍ତରକାରୀ ଯୋଗ | ... | ଶ୍ରୀଅରବିନ୍ଦ | ... | ୧୮ |
| ମନର ଅସାମର୍ଥ୍ୟ | ... | ଶ୍ରୀମା | ... | ୧୯ |
| ଭାରତର ଅତୀତ ଓ ଭବିଷ୍ୟତ୍ | ... | ଶ୍ରୀଅରବିନ୍ଦ | ... | ୨୧ |
| ସତ୍ୟକୁ ବାଛିନେବା | ... | ଶ୍ରୀମା | ... | ୨୫ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୬ |
| ସମାନ ଆସ୍ପୃହା ଯେଉଁମାନଙ୍କର | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୩୦ |
| ଆଜିର ସଙ୍କଟ : କ୍ରମ ବିକାଶରେ ଅନିବାର୍ଯ୍ୟ ? | ... | ଶ୍ରୀ ମନୋଜ ଦାସ | ... | ୩୩ |
| କୃଷ୍ଣ (କବିତା) | ... | ଶ୍ରୀଅରବିନ୍ଦ | ... | ୩୬ |
| ଅତିମାନବର ଶରୀର | ... | ମମତା ଦାଶ | ... | ୩୭ |
| ସ୍ୱଦେଶ ପ୍ରେମର କବି ଶ୍ରୀଅରବିନ୍ଦ | ... | ଶ୍ରୀ ବିମଳ ପ୍ରସନ୍ନ ଦାସ | ... | ୩୯ |
| ଜୀବନର ଦିଶାରୀ | ... | ଶ୍ରୀ ଲଳିତମୋହନ ଘୋଷ | ... | ୪୩ |
| ତୀର୍ଥ ଦର୍ଶନ | ... | ଶ୍ରୀ ଚିତ୍ତରଞ୍ଜନ ଦାସ | ... | ୪୭ |

**ସାଧନା-ପରମ୍ପରା**

| | | | | |
|---|---|---|---|---|
| ଯୋଗବାଶିଷ୍ଠ ରାମାୟଣ | ... | ... | ... | ୫୧ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ଅଦୃଶ୍ୟ ଜଗତ୍ | ... | ଶ୍ରୀମା | ... | ୫୬ |

**ଶେଷ ପୃଷ୍ଠା :**

| | | | | |
|---|---|---|---|---|
| ସ୍ୱାଧୀନତା ଦିବସର ଅନୁଚିନ୍ତା | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୫୮ |
| ଶ୍ରୀଅରବିନ୍ଦଙ୍କ ଜୀବନୀ ଆଧାରିତ କେତେକ ଫଟୋଚିତ୍ର | ... | ... | ... | ୬୧ |


❖

# ମାତୃବାଣୀ

Sri Aurobindo incarnated in a human body the supramental consciousness and has not only revealed to us the nature of the path to follow and the method of following it so as to arrive at the goal, but has also by his own personal realisation given us the example; he has provided us with the proof that the thing can be done and the time is now to do it.

(MCW, Vol. 13 p. 21) – The Mother

ଶ୍ରୀଅରବିନ୍ଦ ଅତିମାନସ ଚେତନାକୁ ଏକ ମାନବ ଶରୀରରେ ମୂର୍ତ୍ତ କରିଥିଲେ ଏବଂ ଏହି ଲକ୍ଷ୍ୟରେ ଉପନୀତ ହେବା ନିମିତ୍ତ ଯେଉଁ ପଥ ଅବଲମ୍ବନ କରିବାକୁ ହେବ ତାହାର ସ୍ୱରୂପ ଓ ପଦ୍ଧତିକୁ ଯେ କେବଳ ଆମ ସମ୍ମୁଖରେ ଉଦ୍‌ଘାଟିତ କରିଥିଲେ ତାହା ନୁହେଁ, ବରଂ ତାଙ୍କ ନିଜର ବ୍ୟକ୍ତିଗତ ସିଦ୍ଧିଲାଭ ଦ୍ୱାରା ଆମମାନଙ୍କ ସମ୍ମୁଖରେ ତାହାର ଦୃଷ୍ଟାନ୍ତ ରଖିଯାଇଛନ୍ତି; ସେ ଆମମାନଙ୍କୁ ଏହି ପ୍ରମାଣ ଦେଇଯାଇଛନ୍ତି ଯେ ଏହି ଲକ୍ଷ୍ୟ ସାଧିତ ହୋଇପାରିବ ଏବଂ ଏଥିପାଇଁ ବର୍ତ୍ତମାନହିଁ ପ୍ରକୃଷ୍ଟ ସମୟ ।

— ଶ୍ରୀମା



# ଭାରତର ନବ ଜାଗରଣ

The renascence of India is as inevitable as the rising of tomorrow's sun, and the renascence of a great nation of three hundred millions with so peculiar a temperament, such unique traditions and ideas of life, so powerful an intelligence and so great a mass of potential energies cannot but be one of the most formidable phenomena of the modern world.

(CWSA, Vol. 25, p. 333) – Sri Aurobindo

ଭାରତର ନବ ଜାଗରଣ ଆଗାମୀ କାଲିର ସୂର୍ଯ୍ୟୋଦୟ ପରି ସୁନିଶ୍ଚିତ, ଏବଂ ଏହି ବିରାଟ ଦେଶର ତ୍ରିଂଶକୋଟି* ଜନତା, ଯେଉଁମାନଙ୍କର ରହିଛି ଏକ ଅସାଧାରଣ ସ୍ୱଭାବ-ପ୍ରକୃତି, ଜୀବନର ଏକ ଅତୁଳନୀୟ ଐତିହ୍ୟ, ଅତି ଶକ୍ତିଶାଳୀ ବୁଦ୍ଧିମତ୍ତା ଏବଂ ଯେଉଁ ଦେଶର ରହିଛି ପ୍ରଚ୍ଛନ୍ନ ଶକ୍ତିବିଶିଷ୍ଟ ବିରାଟ ସାମର୍ଥ୍ୟ; ତାହାର ନବଜନ୍ମ ଆଧୁନିକ ଜଗତର ଏକ ଅତ୍ୟାଶ୍ଚର୍ଯ୍ୟମୟ ଘଟଣା ହେବା ଅବଶ୍ୟମ୍ଭାବୀ ।

— ଶ୍ରୀଅରବିନ୍ଦ

*୧୯୨୦ ଖ୍ରୀଷ୍ଟାବ୍ଦ ପୂର୍ବରୁ ଭାରତର ଜନସଂଖ୍ୟା



# ପରମ ନିଶ୍ଚୟତା

## ଶ୍ରୀଅରବିନ୍ଦ

ଗଭୀରତା ଭିତରେ ଆହୁରି ବୃହତ୍ତର ଗଭୀରତା ରହିଛି, ଉଚ୍ଚତା ଭିତରେ ଆହୁରି ଏକ ମହତ୍ତର ଉଚ୍ଚତା ରହିଛି । ନିଜ ସତ୍ତାର ପୂର୍ଣ୍ଣତା ଅପେକ୍ଷା ଅଧିକ ଶୀଘ୍ର ମଣିଷ ପହଞ୍ଚିବ ଅସୀମର ସୀମାନ୍ତରେ । କାରଣ ସେହି ସତ୍ତା ହେଉଛନ୍ତି ଅନନ୍ତ, ସେ ହେଉଛନ୍ତି ଭଗବାନ୍ ।

ମୁଁ ଅଭୀପ୍ସା କରୁଛି – ଅସୀମ ଶକ୍ତି, ଅନନ୍ତ ଜ୍ଞାନ ଓ ଅସୀମ ଆନନ୍ଦ ପାଇଁ । ମୁଁ ଏହା ପାଇ ପାରିବି କି ?

ହଁ, କିନ୍ତୁ ଅନନ୍ତର ସ୍ୱଭାବ ହେଉଛି ଏହାର କୌଣସି ଅନ୍ତ ନାହିଁ । ତେଣୁ ତୁମେ କହି ପାରିବ ନାହିଁ ଯେ, ମୁଁ ଏହା ପାଇ ପାରିବି । ମୁଁ ଏହା ହୋଇ ଉଠିବି । ଏହି ଭାବରେ କେବଳ ମଣିଷ ଭଗବାନ୍ ହୋଇ ଉଠିଲେ ହିଁ ଭଗବାନଙ୍କୁ ପାଇ ପାରିବ ।

କିନ୍ତୁ ତାଙ୍କୁ ପାଇବା ପୂର୍ବରୁ ତାଙ୍କ ସହିତ ସମ୍ପର୍କ ସ୍ଥାପନ କରି ହେବ । ଭଗବାନଙ୍କ ସହିତ ସମ୍ପର୍କହିଁ ଯୋଗ, ସର୍ବୋତ୍ତମ ଉଲ୍ଲାସ ଏବଂ ମହତ୍ତମ ଉପଯୋଗିତା । ଏହିପରି ସମ୍ପର୍କମାନ ମନୁଷ୍ୟତ୍ୱର ପରିମିତି ଭିତରେ ବିକାଶ ଲାଭ କରିଛି । ଏସବୁକୁ ପ୍ରାର୍ଥନା, ପୂଜା, ଆରାଧନା, ଯଜ୍ଞ, ମନନ, ବିଶ୍ୱାସ, ବିଜ୍ଞାନ, ଦର୍ଶନ ବୋଲି ନାମିତ କରାଯାଇଛି । ଆମର ବିକଶିତ ହୋଇ ସାରିଥିବା ସାମର୍ଥ୍ୟର ବାହାରେ କିନ୍ତୁ ମଣିଷତ୍ୱର ପରିମିତି ଭିତରେ ଏପରି ସମ୍ପର୍କମାନ ମଧ୍ୟ ରହିଛି ଯାହାକୁ ଆମକୁ ବିକଶିତ କରାଇବାକୁ ହେବ । ଏହି ସମ୍ପର୍କଗୁଡ଼ିକର ବିକାଶ ପାଇଁ ଆମେ ସାମର୍ଥ୍ୟ ଲାଭ କରିଥାଉ ବିଭିନ୍ନ ଅଭ୍ୟାସ ଦ୍ୱାରା – ଯାହାକୁ ଆମେ ସାଧାରଣତଃ ଯୋଗ ବୋଲି କହିଥାଉ ।

ଆମେ ତାହାଙ୍କୁ ଭଗବାନ୍ ବୋଲି ଜାଣି ନ ପାରୁ । ତାଙ୍କୁ ଆମେ ବିଶ୍ୱ-ପ୍ରକୃତି, ଆମର ମହତ୍ତର ଆତ୍ମା, ଅନନ୍ତ କିଂବା କିଛି ଅନିର୍ବଚନୀୟ ଲକ୍ଷ୍ୟ ବୋଲି ଜାଣି ପାରୁ । ଏହି ଭାବରେ ହିଁ ବୁଦ୍ଧ ତାଙ୍କର ଉପଲବ୍ଧି ଦିଗରେ ଆଗେଇ ଯାଇଥିଲେ ଓ ଏହିପରିହିଁ ଥିଲା କଠୋର ଅଦ୍ୱୈତବାଦୀମାନଙ୍କର ମାର୍ଗ । ଏପରିକି ନାସ୍ତିକମାନଙ୍କ ପାଇଁ ମଧ୍ୟ ସେ ଅଧିଗମ୍ୟ । ଜଡ଼ବାଦୀମାନଙ୍କ ପାଇଁ ସେ ଜଡ଼ର ଛଦ୍ମବେଶ ଧାରଣ କରିଥା'ନ୍ତି । ଶୂନ୍ୟବାଦୀମାନଙ୍କ ପାଇଁ ସେ ଅନସ୍ତିର କ୍ରୋଡ଼ରେ ଛପି ରହି ଅପେକ୍ଷା କରିଥା'ନ୍ତି ।

ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍ ।

ମୋତେ ଯିଏ ଯେଉଁ ଭଳି ପାଇବାକୁ ଚାହିଁଥା'ନ୍ତି ମୋ ପ୍ରେମରେ ମୁଁ ସେମାନଙ୍କୁ ସେହି ଭାବରେହିଁ ଗ୍ରହଣ କରେ ।

(Bulletin, Feb. 2001, p. 49) ✤

# ଧମ୍ମପଦ

## (୩)

## (ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ)

[ଭାରତୀୟ ସଭ୍ୟତା ଓ ସଂସ୍କୃତିର ତିନୋଟି ସମୁଜ୍ଜ୍ୱଳ ରତ୍ନ ହେଲା ଉପନିଷଦ୍, ଗୀତା ଏବଂ ଧମ୍ମପଦ । ବୈଦିକ ଶାସ୍ତ୍ରରେ ଉପନିଷଦ୍‌ର ସ୍ଥାନ ଏବଂ ମହାଭାରତରେ ଗୀତାର ସ୍ଥାନ ଯେପରି, ବୌଦ୍ଧଗ୍ରନ୍ଥମାନଙ୍କ ମଧ୍ୟରେ ଧମ୍ମପଦର ସ୍ଥାନ ସେହିପରି । ଏହି ତିନି ମହାରତ୍ନହିଁ ଭାରତବର୍ଷକୁ ବିଶ୍ୱସମାଜରେ ଶ୍ରଦ୍ଧାର ଆସନରେ ବସାଇଛି ।

ବୌଦ୍ଧ ଧର୍ମଶାସ୍ତ୍ରର ତିନୋଟି ଭାଗ ଅଛି : ୧. ବିନୟପିଟକ (ନୀତି ଶାସ୍ତ୍ର), ୨. ସୁତ୍ତପିଟକ (ଗଳ୍ପ ଓ ନୀତି ଶାସ୍ତ୍ର), ୩. ଅଭିଧମ୍ମପିଟକ (ଦର୍ଶନ ଶାସ୍ତ୍ର) । ଏହି ତିନୋଟି ମହାଗ୍ରନ୍ଥ ଯଥାକ୍ରମେ ଉପାଲି, ଆନନ୍ଦ ଓ କାଶ୍ୟପ ନାମକ ବୁଦ୍ଧଙ୍କର ବିଶିଷ୍ଟ ଶିଷ୍ୟତ୍ରୟଙ୍କ ଦ୍ୱାରା ଉକ୍ତ ହୋଇଛି । ସୁତ୍ତପିଟକ ପାଞ୍ଚ ଭାଗରେ ବିଭକ୍ତ, ଯଥା : ଦୀଘ ନିକାୟ, ମଜ୍ଝିମ ନିକାୟ, ସଂଯୁତ୍ତ ନିକାୟ, ଅଙ୍ଗୁତ୍ତର ନିକାୟ ଓ ଖୁଦ୍ଦକ ନିକାୟ । କେତେଗୁଡ଼ିଏ ଛୋଟ ଛୋଟ ଗ୍ରନ୍ଥ ଖୁଦ୍ଦକ ନିକାୟର ଅନ୍ତର୍ଗତ । ଏହି ଖୁଦ୍ଦକ ନିକାୟର ଦ୍ୱିତୀୟ ଗ୍ରନ୍ଥ ହେଲା ଧମ୍ମପଦ । ଏହା ଛବିଶଟି ଅଧ୍ୟାୟରେ ବିଭକ୍ତ ଏବଂ ଏଥିରେ ୪୨୩ଟି ଶ୍ଳୋକ ଅଛି । ଅନ୍ୟାନ୍ୟ ପ୍ରାଚୀନ ବୌଦ୍ଧଶାସ୍ତ୍ର ପରି ଧମ୍ମପଦ ପାଲି ଭାଷାରେ ଲିଖିତ । ଗୌତମ ବୁଦ୍ଧଙ୍କ ଶିକ୍ଷାର ଶ୍ରେଷ୍ଠ ସଂପଦ ଏହାର ଅନ୍ତର୍ଭୁକ୍ତ ଏବଂ ଏହା ଭଗବଦ୍ ଗୀତା ତୁଲ୍ୟ ଅତ୍ୟନ୍ତ ଜନପ୍ରିୟ ।

'ଧମ୍ମପଦ' ଗ୍ରନ୍ଥଟି ଶ୍ରୀମା'ଙ୍କର ଗଭୀର ସମ୍ମାନ ଓ ଆଦର ଲାଭ କରିଛି । ୧୯୫୭ ମସିହା ଅଗଷ୍ଟ ମାସରୁ ୧୯୫୮ ମସିହା ସେପ୍‌ଟେମ୍ବର ମାସ ପର୍ଯ୍ୟନ୍ତ ପ୍ରତ୍ୟେକ ଶୁକ୍ରବାର ଦିନ ସନ୍ଧ୍ୟା କ୍ଲାସରେ ଶ୍ରୀମା ଧମ୍ମପଦର ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ ସହ ତାହାର ବ୍ୟାଖ୍ୟା ପଢ଼ୁଥିଲେ । ମୂଳ ପାଲି ଶ୍ଳୋକଗୁଡ଼ିକର ଫ୍ରେଞ୍ଚ ଅନୁବାଦ କରିଛନ୍ତି ବୌଦ୍ଧ ସନ୍ନ୍ୟାସିନୀ ବିଦୁଷୀ ଫ୍ରେଞ୍ଚ ମହିଳା ମାଦାମ୍ କାର୍‌ପେଲେସ୍ (Madame Karpeles – ଭାରତୀଦି' ନାମରେ ପରିଚିତା) । ଶ୍ରୀମା ପ୍ରତ୍ୟେକଟି ମୂଳ ଶ୍ଳୋକର ଫ୍ରେଞ୍ଚ ଅନୁବାଦ ପଢ଼ି ତାହାର ସରଳ ବ୍ୟାଖ୍ୟା ଫ୍ରେଞ୍ଚ ଭାଷାରେ କରୁଥିଲେ ଏବଂ ବ୍ୟାଖ୍ୟା ପରେ ସେହିସବୁ ଶ୍ଳୋକଗୁଡ଼ିକର ସାରମର୍ମ ଉପରେ ଧ୍ୟାନ କରିବାକୁ କହୁଥିଲେ । ଏହି ବ୍ୟାଖ୍ୟା ସମ୍ବଳିତ 'ଧମ୍ମପଦ' ପୁସ୍ତକ ଫ୍ରେଞ୍ଚ ଭାଷାରେ "Commentaries surle Dhammapada" ନାମରେ ପ୍ରକାଶିତ ହୋଇଛି । ...

ଶ୍ରୀମା'ଙ୍କର ସରଳ, ସୁସ୍ପଷ୍ଟ, ମର୍ମସ୍ପର୍ଶୀ ଓ ଜ୍ଞାନଗର୍ଭକ ଭାଷ୍ୟ ପ୍ରତ୍ୟେକ ଚିନ୍ତାଶୀଳ ଭାରତବାସୀର ଗଭୀର ଅନୁଧ୍ୟାନର ବିଷୟ । ଶ୍ରୀମା'ଙ୍କର ବିଶ୍ୱଜନୀନ ଉପଦେଶ ସହିତ କୌଣସି ଧର୍ମର ସଂଘର୍ଷଣ ଅସମ୍ଭବ । ଏହା ଜଗତର କୌଣସି ଧର୍ମର ବିରୋଧୀ ନୁହେଁ । ... ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ 'ଧମ୍ମପଦ'ର ଅନୁବାଦ ଭାରତୀୟ ଭାଷାମାନଙ୍କ ମଧ୍ୟରେ ଏହାହିଁ ପ୍ରଥମ । ଆଶା କରୁ ଓଡ଼ିଶାର ପାଠକ ପାଠିକାମାନେ ଏହା ପାଠ କରି ବିଶେଷ ଉପକୃତ ହେବେ । – ସଂପାଦନା]

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

### (୧୨)

ସାରଞ୍ଚ ସାରତୋ ଞତ୍ୱା ଅସାରଞ୍ଚ ଅସାରତୋ ।
ତେ ସାରଂ ଅଧିଗଚ୍ଛନ୍ତି ସମ୍ମାସଙ୍କପ୍‌ପଗୋଚରା ॥

(Those who know the true as the true and the false as the false, attain the true, for they follow true desires and right apprehensions.)

ଯେଉଁମାନେ ସତ୍ୟକୁ ସତ୍ୟ ବୋଲି ଏବଂ ମିଥ୍ୟାକୁ ମିଥ୍ୟା ବୋଲି ଜ୍ଞାନ କରନ୍ତି, ସେମାନେ ସତ୍ୟରେ ଉପନୀତ ହୁଅନ୍ତି, କାରଣ ସେମାନେ ସତ୍ୟ ସଂକଳ୍ପ ଓ ସତ୍ୟ ଧାରଣା ଅନୁସରଣ କରନ୍ତି ।

**ଶ୍ରୀମା'ଙ୍କ ଭାଷ୍ୟ :**

ଗତଥର ଆମ୍ଭେମାନେ ବୁଝିଛୁ ଯେ ସତ୍ୟ ଓ ମିଥ୍ୟା ମଧ୍ୟରେ ପାର୍ଥକ୍ୟ ନିର୍ଣ୍ଣୟ କରିବାକୁ ସକ୍ଷମ ହେବା ଯଥେଷ୍ଟ ନୁହେଁ । ପ୍ରଥମ ଦୃଷ୍ଟିରେ ଏହା ଅତ୍ୟନ୍ତ କଠିନ ବିଷୟ ବୋଲି ଜଣାପଡ଼େ । ଏହା ସୁସ୍ପଷ୍ଟ ଯେ ଯଦି ପ୍ରତ୍ୟେକଙ୍କୁ ନିଜ ଚେଷ୍ଟାରେ ଏହା ନିର୍ଣ୍ଣୟ କରିବାକୁ ହୁଏ, ତାହାହେଲେ ଏହା ଗୋଟିଏ ଦୀର୍ଘକାଳ ବ୍ୟାପୀ କାର୍ଯ୍ୟ ହେବ; ବିଭିନ୍ନ ଅଭିଜ୍ଞତାଲବ୍ଧ ଜ୍ଞାନାଲୋକ ସାହାଯ୍ୟରେ ସତ୍ୟ ମିଥ୍ୟା ନିର୍ଦ୍ଧାରଣ କରିବା ପାଇଁ ତୁମର ସାରା ଜୀବନ ଅତିବାହିତ ହୋଇପାରେ ।

ଅତଏବ ପୂର୍ବରୁ ଯେଉଁ ବ୍ୟକ୍ତି ଏହି କାର୍ଯ୍ୟ କରିଅଛନ୍ତି ତାଙ୍କ ନିକଟକୁ ଯିବା ଅଧିକ ସହଜ ହେବ ଏବଂ ଯାହାଙ୍କୁ କେବଳ ପଚାରିବାକୁ ହେବ –''ଏହା କ'ଣ ସତ୍ୟ ? ତାହା କ'ଣ ମିଥ୍ୟା ?'' ସ୍ପଷ୍ଟତଃ ଏଥିରେ ବହୁତ ସୁବିଧା ମିଳେ, କିନ୍ତୁ ଏହା ମଧ୍ୟ ସର୍ବଦା ଯଥେଷ୍ଟ ନୁହେଁ, କାରଣ ତୁମର ଯଦି ବାସନା ଥାଏ ଯେ ଘଟଣାରାଜି ଏକ ନିର୍ଦ୍ଦିଷ୍ଟ ଧାରାରେ ଘଟିବା ଉଚିତ ଏବଂ ତୁମେ ଯାହା ପସନ୍ଦ କର ତାହାହିଁ ସତ୍ୟ ହେବା ଉଚିତ, ତାହାହେଲେ ସୁପରାମର୍ଶ ଶୁଣିବା ପାଇଁ ତୁମେ ସର୍ବଦା ପ୍ରସ୍ତୁତ ନୁହଁ ।

ଶେଷରେ ଯେଉଁ ବାକ୍ୟଟି ଅଛି, ଅର୍ଥାତ୍, ''ଏବଂ ସେମାନେ ସତ୍ୟ ସଂକଳ୍ପ ଅନୁସରଣ କରନ୍ତି'' ଯାହାକି ସାଧାରଣ କଥା ବୋଲି ମନେହୁଏ, ତାହାହିଁ ସମ୍ଭବତଃ ସମସ୍ୟାର ଅତ୍ୟନ୍ତ କଠିନ ଅଂଶ ।

ଏହି ଗ୍ରନ୍ଥରେ, ଏହି ଶିକ୍ଷାରେ ଛୋଟ ବାକ୍ୟାଂଶସବୁ ଉକ୍ତ ହୋଇଅଛି ଯାହା ଖୁବ୍ ସରଳ ମନେହୁଏ । ଯଦି ତୁମେ ଯଥାଯଥ ଚିନ୍ତା ବିନା ଏହା ପାଠ କର ଓ ତୁମେ ନିଜକୁ କୁହ – ''କିନ୍ତୁ ଏହା ସ୍ୱତଃସିଦ୍ଧ ଯେ ଯାହା ସତ୍ୟ ତୁମେ ତାହାକୁ ସତ୍ୟ ବୋଲି ଏବଂ ଯାହା ମିଥ୍ୟା ତାହାକୁ ମିଥ୍ୟା ବୋଲି ଜ୍ଞାନ କର, ତେବେ ଏହାର ଆଉ ଅର୍ଥ କ'ଣ ? ପ୍ରଥମତଃ ସତ୍ୟ ଓ ଅସତ୍ୟ ମଧ୍ୟରେ ପାର୍ଥକ୍ୟ ନିର୍ଣ୍ଣୟ କରିବା ଏତେ ସହଜ ନୁହେଁ; ତତ୍ପରେ ବୋଧ କରିବା, ଅର୍ଥାତ୍ ଅମୁକ ବିଷୟ ସତ୍ୟ ବୋଲି ଗ୍ରହଣ କରିବା ସହଜ ନୁହେଁ ଏବଂ ଅମୁକ ବିଷୟ ଅସତ୍ୟ ବୋଲି ବୋଧ କରିବା ସମ୍ଭବତଃ ଆହୁରି କଠିନ ।

ପ୍ରକୃତରେ ମିଥ୍ୟାକୁ ଯଥାର୍ଥରୂପେ ନିର୍ଣ୍ଣୟ କରିବାକୁ ହେଲେ ଏହି ଅଭୀପ୍ସାରେ ଏପରି ଆନ୍ତରିକତା, ସତ୍ୟ ସଂକଳ୍ପରେ ଏପରି ଦୃଢ଼ ପ୍ରତିଜ୍ଞା ପ୍ରୟୋଜନ ଯେ ଏପରିକି ଏହି ଛୋଟ ବାକ୍ୟାଂଶଟି ''ସତ୍ୟକୁ ସତ୍ୟ ବୋଲି ଓ ମିଥ୍ୟାକୁ ମିଥ୍ୟା ବୋଲି ଜାଣିବା'' ଏକ ମହତ୍ତର ଉପଲବ୍ଧିର ପରିଚୟ ଦିଏ । ଏବଂ ଉପସଂହାରରେ କଥିତ ''ସେମାନେ ସତ୍ୟରେ ଉପନୀତ ହୁଅନ୍ତି'' ଗୋଟିଏ ମହତ୍ ଅଙ୍ଗୀକାର ।

ଏପରି କେତେକ ଶିକ୍ଷା ଅଛି ଯାହା କହେ ଯେ ବ୍ୟକ୍ତି କୌଣସି କାମନା ପୋଷଣ କରିବ ନାହିଁ । ସେହି ଶିକ୍ଷାସମୂହର ଉଦ୍ଦେଶ୍ୟ ହେଲା ଚିତ୍‌ସତ୍ତାର ଅଚଳ ପ୍ରତିଷ୍ଠାରେ ପ୍ରବେଶ ନିମିତ୍ତ ଜୀବନରୁ ସଂପୂର୍ଣ୍ଣ ଅପସାରିତ ହେବା; ସକଳ କର୍ମଧାରା, ସକଳ ଗତିବିଧି, ସକଳ ରୂପ, ସକଳ ବାହ୍ୟ ବାସ୍ତବତାର ବିଲୋପ । ସେଠାରେ ପହଞ୍ଚିବା ପାଇଁ ବ୍ୟକ୍ତିର କୌଣସି କାମନା ରହିବ ନାହିଁ, ଅର୍ଥାତ୍ ବ୍ୟକ୍ତି ପ୍ରଗତିର ସର୍ବବିଧ ସଂକଳ୍ପରୁ ନିଜକୁ ମୁକ୍ତ କରିବ, କାରଣ ପ୍ରଗତି ଏକପ୍ରକାର ଅବାସ୍ତବ ଓ ବାହ୍ୟ ବିଷୟ ରୂପେ ଏଠାରେ ପ୍ରତୀତ ହୁଏ । କିନ୍ତୁ ତୁମେ ଯଦି 'ଯୋଗ'ର ଧାରଣାରେ ପ୍ରଗତିର ଭାବ ପୋଷଣ କର ଏବଂ ତୁମେ ଯଦି ସ୍ୱୀକାର କର ଯେ ବିଶ୍ୱଜଗତ୍ ଗୋଟିଏ ଅଗ୍ରଗତିଧାରା ଅନୁସରଣ କରୁଅଛି, ତାହାହେଲେ ତୁମର କରଣୀୟ ହେଲା ତୁମର କାମ୍ୟ ବିଷୟରେ ପରିବର୍ତ୍ତନ ଘଟାଇବା, ଅର୍ଥାତ୍ ବାହ୍ୟିକ, କୃତ୍ରିମ, ବାହ୍ୟ ଦୃଷ୍ଟିଲବ୍ଧ, ଅହଂକୈନ୍ଦ୍ରିକ ବିଷୟଗୁଡ଼ିକର ଅଭିମୁଖୀ ହେବା ପରିବର୍ତ୍ତେ ସାଧନଶକ୍ତି ରୂପେ ସତ୍ୟାଭିମୁଖୀ ଅଭୀପ୍ସା ସହିତ ତୁମର କାମ୍ୟକୁ ସଂଯୁକ୍ତ କରିବାକୁ ହେବ ।

ଏହି କେତୋଟି ଶବ୍ଦ – ''ସେମାନେ ସତ୍ୟ ସଂକଳ୍ପ ଅନୁସରଣ କରନ୍ତି''ରୁ ପ୍ରମାଣ ମିଳୁଅଛି ଯେ, ବୁଦ୍ଧଙ୍କର ଶିକ୍ଷାର ସାରାର୍ଥ ଏହି ଯେ ଏହା ଏହି ପୃଥିବୀରେ ଉପଲବ୍ଧିର ବିମୁଖ ହୋଇ ନାହିଁ । କେବଳ ଜାଗତିକ ଧାରଣାରେ ଯାହା କିଛି ଅସତ୍ୟ ଏବଂ ଜଗତରେ ଅନୁସୃତ ଯାବତୀୟ କାର୍ଯ୍ୟାବଳୀରେ ଯାହାକିଛି ଅସତ୍ୟ ରହିଅଛି, ତହିଁରେ ବିରାଗ ପ୍ରକାଶ କରିଛି । ସୁତରାଂ ଏହା ଯେତେବେଳେ ଶିକ୍ଷା ଦିଏ ଯେ ବ୍ୟକ୍ତି ପାର୍ଥିବ ଜୀବନରୁ ପଳାୟନ କରିବ ସେତେବେଳେ ଏହାର ଉଦ୍ଦେଶ୍ୟ ଏହା ନୁହେଁ ଯେ ବ୍ୟକ୍ତି ସତ୍ୟର ପ୍ରକାଶ ଅଭିମୁଖୀ ଜୀବନରୁ ପଳାୟନ କରିବ, କିନ୍ତୁ ସାଧାରଣତଃ ପୃଥିବୀରେ ଯେପରି ଭ୍ରାନ୍ତିପୂର୍ଣ୍ଣ ଜୀବନଯାପନ କରା ଯାଉଅଛି ତହିଁରୁ ବିରତ ହେବ ।

ଶ୍ରୀଅରବିନ୍ଦ ଆମ୍ଭମାନଙ୍କୁ କହୁଛନ୍ତି ଯେ ସତ୍ୟରେ ଉପନୀତ ହେବା ନିମିତ୍ତ ଓ ସେହି ସତ୍ୟର ଉପଲବ୍ଧିର କ୍ଷମତା ଅର୍ଜନ କରିବା ନିମିତ୍ତ କ୍ରମବର୍ଦ୍ଧିଷ୍ଣୁ ମାନସିକ ଚେତନା ସହିତ ଆଧ୍ୟାତ୍ମିକ ଚେତନାକୁ ସଂଯୁକ୍ତ କରିବାକୁ ହେବ ।

ଏବଂ ଏହି କେତୋଟି କଥା ଅବଶ୍ୟ ପ୍ରମାଣିତ କରୁଅଛି ଯେ ଏହାହିଁ ବୌଦ୍ଧ ଶିକ୍ଷାର ମୌଳିକ ସିଦ୍ଧାନ୍ତ ଥିଲା ।

## (୧୩)

ଯଥାଗାରଂ ଦୁଚ୍ଛନ୍ନଂ ବୁଟ୍ଠି ସମତିବିଜ୍ଝତି ।
ଏବଂ ଅଭାବିତଂ ଚିତ୍ତଂ ରାଗୋ ସମତିବିଜ୍ଝତି ॥

(Just as the rains pierce through the bad roofing of a house, even so the passions pierce through an ill-disciplined mind.)

ଗୃହର ଛାତ ଖରାପ ଥିଲେ ଯେପରି ବର୍ଷାଜଳ ଝରେ, ସେହିପରି ବିଶୃଙ୍ଖଳ ମନ ମଧ୍ୟଦେଇ ରାଗ ପ୍ରବେଶ କରେ ।

**ଶ୍ରୀମା'ଙ୍କ ଭାଷ୍ୟ :**

ଚୀନ, ଜାପାନ, ବ୍ରହ୍ମଦେଶରେ ନାନାପ୍ରକାର ଛୋଟ ଛୋଟ ବୌଦ୍ଧ ସମ୍ପ୍ରଦାୟ ଅଛି । ପ୍ରତ୍ୟେକ ସମ୍ପ୍ରଦାୟ ନିଜ ନିଜର ପଦ୍ଧତି ଅନୁସରଣ କରନ୍ତି; କିନ୍ତୁ ତନ୍ମଧ୍ୟରେ ସର୍ବାପେକ୍ଷା ବ୍ୟାପକ ପ୍ରଧାନ ସାଧନ କ୍ରିୟା ହେଲା ମନକୁ ଶାନ୍ତ କରିବାକୁ ଅଭ୍ୟାସ କରିବା ।

ସେମାନେ ଦିନବେଳେ ଓ ରାତ୍ରିକାଳରେ କେତେକ ଘଣ୍ଟା ସ୍ଥିର ହୋଇ ବସନ୍ତି ଓ ମନକୁ ଶାନ୍ତ କରନ୍ତି । ସେମାନଙ୍କ ପକ୍ଷରେ ଏହା ସକଳ ଉପଲବ୍ଧିର ମୌଳିକ ସହାୟ — ଏକ ଶାନ୍ତ ମନ, ଏପରି ଏକ ମନ ଯାହା ଇତସ୍ତତଃ ଚଞ୍ଚଳ ନ ହୋଇ ଘଣ୍ଟା ଘଣ୍ଟା ଧରି ଶାନ୍ତଭାବ ରକ୍ଷା କରିପାରେ । ତୁମେ ଅବଶ୍ୟ ବିଶ୍ୱାସ କରିବ ନାହିଁ ଯେ ଏପରି କରିବା ଖୁବ୍ ସହଜ ବିଷୟ; କିନ୍ତୁ ସେମାନଙ୍କର ଅନ୍ୟ କୌଣସି ଉଦ୍ଦେଶ୍ୟ ନ ଥାଏ । ସେମାନେ କୌଣସି ଚିନ୍ତାରେ ମନୋନିବେଶ କରନ୍ତି ନାହିଁ; ଉତ୍ତମ ରୂପେ ବୁଝିବାକୁ, ଆହୁରି ଅଧିକ ଜାଣିବାକୁ ଚେଷ୍ଟା କରନ୍ତି ନାହିଁ; ଏପରି କୌଣସି ବିଷୟ ସେମାନଙ୍କର ଉଦ୍ଦେଶ୍ୟ ନ ଥାଏ । ସେମାନଙ୍କର ଏକମାତ୍ର ପଥ ହେଲା ଶାନ୍ତ ମନ ଲାଭ କରିବା ଏବଂ କେତେକ ସମୟରେ ସେମାନଙ୍କୁ ବର୍ଷ ବର୍ଷ କାଳ ଚେଷ୍ଟା କରିବାକୁ ହୁଏ, ଏହି ଫଳପ୍ରାପ୍ତି ନିମିତ୍ତ — ଅର୍ଥାତ୍ ମନକୁ ନୀରବ କରିବା, ମନକୁ ସମ୍ପୂର୍ଣ୍ଣ ସ୍ଥିର ଓ ଅଚଞ୍ଚଳ ରଖିବା । କାରଣ ଏଠାରେ ଧମ୍ମପଦରେ କୁହାଯାଇଛି ଯେ ମନ ଯଦି ବିଶୃଙ୍ଖଳ ହୁଏ, ତାହାହେଲେ ଗୋଟିକ ପରେ ଗୋଟିଏ ଆସୁଥିବା ଭାବନାସମୂହର ଅପରିବର୍ତ୍ତନୀୟ ଓ କେତେକ ସମୟରେ ବିଶୃଙ୍ଖଳ ଗତିଧାରା, ପରସ୍ପର ବିପରୀତ ଓ ବିରୋଧକାରୀ ଭାବନାରାଜି, ନାନାଦି ବିଷୟରେ କଳ୍ପନାଜଳ୍ପନା କରୁଥିବା ଚିନ୍ତାସମୂହ, ମସ୍ତିଷ୍କରେ ପରସ୍ପର ଘାତପ୍ରତିଘାତ କରୁଥିବା ଏହିପରି ସକଳ ବିଷୟ, ଯେପରିକି ଛାତରେ ଏକପ୍ରକାର ଛିଦ୍ରସବୁ ଗଠନ କରେ । ତେଣୁ ଏହିସବୁ ଛିଦ୍ରପଥରେ ସକଳ ଅବାଞ୍ଛନୀୟ ଚିନ୍ତାଧାରା ଚେତନାରେ ପ୍ରବେଶ କରେ ଯେପରି ଗୃହର ସଛିଦ୍ର ଛାତ ବାଟେ ଜଳ ପ୍ରବେଶ କରେ ।

ସେ ଯାହାହେଉ, ମୁଁ ବିଶ୍ୱାସ କରେ ଯେ ଏହି ଅଭ୍ୟାସ ପ୍ରଥା ଆମ୍ଭମାନଙ୍କୁ ଶିକ୍ଷାଦାନ କରେ ଯେ ପ୍ରତ୍ୟେକ ବ୍ୟକ୍ତି ପ୍ରତ୍ୟହ କିଛି ସମୟ ପାଇଁ ମନକୁ ଶାନ୍ତ, ସ୍ନିଗ୍ଧ ଓ ଅଚଞ୍ଚଳ ରଖିବାକୁ ଚେଷ୍ଟା କରିବ । ଏବଂ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ତୁମ ମନର ଉତ୍କର୍ଷ ଯେତେ ଅଧିକ ହେବ ସେତେ ଶୀଘ୍ର ତୁମେ ଏହି କାର୍ଯ୍ୟରେ ସଫଳତା ଲାଭ କରିବ ଏବଂ ମାନସିକ ଗଠନ ଯେତେ ପ୍ରାଥମିକ ଅବସ୍ଥାରେ ଥିବ, ଏହା ଲାଭ କରିବା ସେତେ କଠିନ ହେବ ।

ଯେଉଁମାନେ ମାନସିକ ବିକାଶର ସୋପାନଶ୍ରେଣୀର ନିମ୍ନ ଭାଗରେ ଅବସ୍ଥାନ କରନ୍ତି, ଯେଉଁମାନେ ମନକୁ ସୁଶାସିତ କରି ନଥା'ନ୍ତି, ସେମାନେ ଚିନ୍ତା କରିବା ପାଇଁ କଥା କହିବା ଆବଶ୍ୟକ ମନେ କରନ୍ତି । ଏପରି ମଧ୍ୟ ଘଟିଥାଏ ଯେ ମନର ଭାବ ସହିତ ସଂଯୁକ୍ତ ହେବା ପାଇଁ ସେମାନଙ୍କର କଣ୍ଠସ୍ୱରର ଧ୍ୱନି ସାହାଯ୍ୟ କରେ । ସେମାନେ କଥା ନ କହିଲେ କୌଣସି ବିଷୟ ଚିନ୍ତା କରିପାରନ୍ତି ନାହିଁ । ଏହାର ଉଚ୍ଚ ସ୍ତରରେ ଏପରି ଲୋକ ଅଛନ୍ତି ଯେଉଁମାନେ ଚିନ୍ତା କରିବା ପାଇଁ ମନେ ମନେ ଶବ୍ଦ (words) ସାହାଯ୍ୟରେ ଚିନ୍ତା କରନ୍ତି, ଯଦିଓ ସେଗୁଡ଼ିକ ସେମାନେ ପାଟି କରି କହନ୍ତି ନାହିଁ । ଯେଉଁମାନେ ପ୍ରକୃତରେ ଚିନ୍ତା କରିବାକୁ ଆରମ୍ଭ କରନ୍ତି, ସେମାନେ ଶବ୍ଦର ବିନା ସାହାଯ୍ୟରେ ଚିନ୍ତା କରିବାକୁ ସକ୍ଷମ, ଅର୍ଥାତ୍ ସେମାନେ ଭାବ ସହିତ ମନର ସଂଯୋଗ ସ୍ଥାପନ କରନ୍ତି ଏବଂ ବିଭିନ୍ନ ଶବ୍ଦ ଓ ବାକ୍ୟାଂଶ ସାହାଯ୍ୟରେ ତାହା ପ୍ରକାଶ କରନ୍ତି । ଉଚ୍ଚରୁ ଉଚ୍ଚସ୍ତରର ଚିନ୍ତାପଦ୍ଧତି ଅଛି, କିନ୍ତୁ ଯେଉଁମାନେ ଶବ୍ଦର ବିନା ସାହାଯ୍ୟରେ ଚିନ୍ତା କରନ୍ତି ସେମାନେହିଁ ବୁଦ୍ଧିସ୍ତରରେ ପହଞ୍ଚନ୍ତି ଏବଂ ସେମାନଙ୍କ ପକ୍ଷେ ମନକୁ ଶାନ୍ତ କରିବା ଅପେକ୍ଷାକୃତ ସହଜ ହୁଏ, ଅର୍ଥାତ୍ ଜନସମାଗମ ହେଉଥିବା ସ୍ଥାନରେ ଯିବା

ଆସିବା କରୁଥିବା ପଥିକମାନଙ୍କ ପରି ଯେଉଁସବୁ ଭାବନା ମନ ମଧ୍ୟରେ ଯା'ଆସ କରେ ସେଗୁଡ଼ିକ ସହିତ ସଂଯୋଗ-ସ୍ଥାପନରୁ ବିରତ ହେବା ଏବଂ ମନର ନିଶ୍ଚଳ ନୀରବତା ମଧ୍ୟରେ ଗୋଟିଏ ଭାବ ଉପରେ ଧ୍ୟାନ କରିବା ।

ମୁଁ ଏହି ବିଷୟ ପ୍ରତି ଗୁରୁତ୍ୱ ଦେଉଛି, କାରଣ ଏପରି ଖୁବ୍ କମ୍ ଲୋକ ଅଛନ୍ତି ଯେଉଁମାନେ କି ତତ୍‌କ୍ଷଣାତ୍ ଶଙ୍କିତ ହୁଅନ୍ତି ନାହିଁ ଏବଂ ବୁଦ୍ଧିନାଶର ଆଶଙ୍କା କରନ୍ତି ନାହିଁ, ଯେତେବେଳେ କୌଣସି ରହସ୍ୟମୟ ଉପାୟରେ ତାଙ୍କ ମଧ୍ୟକୁ ମାନସିକ ନୀରବତା ଚାଳିତ କରାଯାଏ । କାରଣ, ଯେହେତୁ ସେମାନେ ଆଉ ଚିନ୍ତା କରି ପାରନ୍ତି ନାହିଁ, ତେଣୁ ସେମାନେ ଆଶଙ୍କା କରନ୍ତି ଯେ ସେମାନେ ନିର୍ବୋଧ ହୋଇଯିବେ ! ଅବିରାମ ଭାବରେ ଚିନ୍ତାଗୁଡ଼ିକୁ ଫେଣାଇ ଫେଣାଇ ବୃଦ୍ଧି କରିବା ଅପେକ୍ଷା ଚିନ୍ତା କରିବାରୁ ବିରତ ହେବା ଗୋଟିଏ ଉଚ୍ଚତର ଯୋଗ୍ୟତା ଅର୍ଜନ ଏବଂ ଏହା କରିବା ପାଇଁ ପ୍ରୟୋଜନ ଆହୁରି ଅଧିକ ଉତ୍କର୍ଷ ।

ସୁତରାଂ ସକଳ ଦୃଷ୍ଟିରୁ – କେବଳ ଆଧାତ୍ମିକ ଦୃଷ୍ଟିରୁ ନୁହେଁ – ଏହା ସର୍ବଦା ଆତ୍ମମାନଙ୍କ ପକ୍ଷେ ଅତି ମଙ୍ଗଳଜନକ ବିଷୟ ହେବ ଯେ ପ୍ରତ୍ୟହ ଅନ୍ତତଃ ଦୁଇଥର କିଛି ସମୟ ମନର ନୀରବତା ଅଭ୍ୟାସ କରିବା; କିନ୍ତୁ ଏହା ଯଥାର୍ଥ ନୀରବତା ହେବା ଉଚିତ; କେବଳ କଥା କହିବାରୁ କ୍ଷାନ୍ତ ହେବା ନୁହେଁ ।

ବର୍ତ୍ତମାନ କେତେକ ମିନିଟ ସଂପୂର୍ଣ୍ଣ ନୀରବ ରହିବାକୁ ଆମ୍ଭେମାନେ ଚେଷ୍ଟା କରିବା ।

*( ୧୪ଶ ଶ୍ଳୋକଟିକୁ ମା' ତାଙ୍କର ବ୍ୟାଖ୍ୟାରୁ ବାଦ୍ ଦେଇଛନ୍ତି ।)*

## (୧୫)

ଇଧ ସୋଚତି ପେଚ୍ଚ ସୋଚତି ପାପକାରୀ
ଉଭୟତ୍ଥ ସୋଚତି ।
ସୋ ସୋଚତି ସୋ ବିହଞ୍ଞତି ଦିସ୍ୱା କମ୍ମକିଲିଟ୍‌ଠମତ୍ତନୋ ॥

(He grieves here, he grieves hereafter. The evildoer grieves in both. He grieves, he suffers as he sees the wrong in his action.)

ସେ ଇହଲୋକରେ ଶୋକଗ୍ରସ୍ତ ହୁଏ, ସେ ପରଲୋକରେ ଶୋକଗ୍ରସ୍ତ ହୁଏ । କୁକର୍ମୀ ଉଭୟତ୍ର ଶୋକଗ୍ରସ୍ତ ହୁଏ । ସେ ଶୋକାର୍ତ୍ତ ହୁଏ, ସ୍ୱୀୟ ଦୁଷ୍କର୍ମ ଦର୍ଶନରେ ସେ କଷ୍ଟଭୋଗ କରେ ।

**ଶ୍ରୀମା'ଙ୍କ ଭାଷ୍ୟ :**

ଏହା ସୁସ୍ପଷ୍ଟ ଯେ ଯେତେବେଳେ ତୁମେ କୁତ୍ସିତ ଓ ନୀଚ ଉପାୟରେ କର୍ମ କର, ସେତେବେଳେ ସ୍ୱଭାବତଃ ତୁମେ ଅସୁଖୀ ହୁଅ । କିନ୍ତୁ ତୁମର କାର୍ଯ୍ୟାବଳୀର କୁରୂପ ବିଷୟରେ ସମ୍ୟକ୍ ଜ୍ଞାନ ହେତୁ ତୁମେ ଯଦି ଅସୁଖୀ ହୁଅ, ତେବେ ମୋର ବୋଧହୁଏ, ଏହା ବର୍ତ୍ତମାନ ଗୋଟିଏ ଖୁବ୍ ଉନ୍ନତ ଅବସ୍ଥା । କାରଣ ନିଜର ଦୁଷ୍କର୍ମ ବିଷୟ ଜାଣିବାକୁ ହେଲେ ବ୍ୟକ୍ତି ବିଶେଷ ବିବେକବୁଦ୍ଧିସମ୍ପନ୍ନ ହେବା ଦରକାର ଏବଂ ନିଜର ଦୁଷ୍କର୍ମ ବିଷୟରେ ଚେତନା ପ୍ରାପ୍ତ ହେବା ଅର୍ଥ ସେହି କାର୍ଯ୍ୟ ଆଉ ନ କରିବା ପାଇଁ ପ୍ରଥମ ପଦକ୍ଷେପ ନେବା ।

ସାଧାରଣତଃ ଲୋକେ ସେମାନଙ୍କର କାର୍ଯ୍ୟାବଳୀର କୁତ୍ସିତ ରୂପ ବିଷୟରେ ସଂପୂର୍ଣ୍ଣ ଅନ୍ଧ ଥା'ନ୍ତି । ସେମାନଙ୍କର କୁକର୍ମର କାରଣ ହେଲା ଅବିଦ୍ୟା, ନୀଚ ପ୍ରକୃତି, ଚେତନାର ଅଭାବ ଓ ଅବିଦ୍ୟାଜନିତ ଏକ ପ୍ରକାର ସ୍ୱାର୍ଥପରାୟଣତା, ଆତ୍ମରକ୍ଷାର ତମସାଚ୍ଛନ୍ନ ସହଜାତ ପ୍ରେରଣା, ଯାହା ବ୍ୟକ୍ତିକୁ ନିଜର ହିତସାଧନ ନିମିତ୍ତ ସମଗ୍ର ଜଗତ୍ ପରିତ୍ୟାଗ କରିବାକୁ ପ୍ରସ୍ତୁତ କରେ । ଏବଂ ବ୍ୟକ୍ତି ଯେତେ ନୀଚମନା ହୁଏ, ସେତେ ଅଧିକ ନିଜର ନୀଚତାଠାରେ ଆତ୍ମୋତ୍ସର୍ଗ କରିବା ତା' ପକ୍ଷରେ ସ୍ୱାଭାବିକ ହୁଏ ।

ନିଜ କର୍ମର କୁରୂପ ନିରୂପଣ କରିବାକୁ ହେଲେ ବ୍ୟକ୍ତି ପକ୍ଷରେ ଉନ୍ନତି-ସୋପାନ-ଶ୍ରେଣୀର ଖୁବ୍ ଉଚ୍ଚ ପାହ୍ୟା ଅଧିକାର କରିବା ଆବଶ୍ୟକ । ବ୍ୟକ୍ତିର ନିଜ ଅନ୍ତରରେ ସୌନ୍ଦର୍ଯ୍ୟ, ମହତ୍ତ୍ୱ, ଉଦାରତା ବିଷୟରେ ଏକପ୍ରକାର ପୂର୍ବଜ୍ଞାନ ଥିବା ପ୍ରୟୋଜନ, ଯେପରିକି ସେ ନିଜ ମଧ୍ୟରେ ସେଗୁଡ଼ିକର ଅଭାବ ସହ୍ୟ କରିପାରିବ ନାହିଁ ।

ମୋର ଧାରଣା ଏହି ଯେ ଧମ୍ମପଦ ଏଠାରେ ସେହିମାନଙ୍କ ବିଷୟରେ କହୁଛନ୍ତି ଯେଉଁମାନେ ସୁନ୍ଦର ଓ ମହତ୍ କ'ଣ, ସେ ବିଷୟ ପୂର୍ବରୁ ଜାଣନ୍ତି ଏବଂ ଯେଉଁମାନେ ଇଚ୍ଛା କରି, ଜାଣିଶୁଣି ଅସତ୍ କାର୍ଯ୍ୟ କରନ୍ତି । ସେମାନଙ୍କ ପକ୍ଷେ ଜୀବନ ପ୍ରକୃତରେ ଭୟାନକ କଷ୍ଟଦାୟକ ହୋଇଥାଏ । ଯାହା କରଣୀୟ ନୁହେଁ ତାହା ଜାଣିବା ସତ୍ତ୍ୱେ ଯଦି ବ୍ୟକ୍ତି ତାହା ଅବିରତ

ଭାବେ କରିଯାଏ, ତାହାହେଲେ ବୁଝିବାକୁ ହେବ ଯେ ସେ ସକଳ ପ୍ରକାର ଶାନ୍ତି, ସମ୍ଭାବ୍ୟ ସ୍ଥୈର୍ଯ୍ୟ ଓ ମଙ୍ଗଳର ହାନିକର କାର୍ଯ୍ୟ କରୁଅଛି । ଯେ ମିଥ୍ୟାର ଆଶ୍ରୟ ଗ୍ରହଣ କରେ, କାଳେ ତାହାର ମିଥ୍ୟାଚାର ଆବିଷ୍କୃତ ହେବ,– ଏହି ଭୟରେ ସେ ସର୍ବଦା ଅସ୍ଥିର ହୁଏ । ଯେ ଅନ୍ୟାୟ କାର୍ଯ୍ୟ କରିଥାଏ, ସେ ଦଣ୍ଡିତ ହେବାର ସମ୍ଭାବନାର ଚିନ୍ତାରେ ସର୍ବଦା ଆଶଙ୍କିତ ରହେ । ଯେ ଅନ୍ୟକୁ ପ୍ରତାରଣା କରିବାକୁ ଚେଷ୍ଟା କରେ, ସେ ଆଦୌ ନିଶ୍ଚିନ୍ତ ରହିପାରେ ନାହିଁ ଏହି ଭୟରେ ଯେ କାଳେ ସେ ପ୍ରତାରକ ବୋଲି ଧରା ପଡ଼ିଯିବ ।

ପ୍ରକୃତରେ, କେବଳ ଆତ୍ମମ୍ଭରିତା ଦୃଷ୍ଟିରୁ ବିଚାର କଲେ ମଧ୍ୟ ନିଜକୁ ଅଚଞ୍ଚଳ ଏବଂ ଶାନ୍ତିପୂର୍ଣ୍ଣ କରିବା, ନିଜର ଦୁଶ୍ଚିନ୍ତାକୁ ଯତ୍‌ପରୋନାସ୍ତି କମ୍ କରିବାର ଉତ୍କୃଷ୍ଟ ଉପାୟ ହେଲା ସୁକୃତ କର୍ମ କରିବା, ନ୍ୟାୟପରାୟଣ, ସରଳ ହୃଦୟ ଓ ସତ୍ୟନିଷ୍ଠ ହେବା ଏବଂ ଏହା ବ୍ୟତୀତ ଜଣେ ଯଦି ନିଃସ୍ୱାର୍ଥପର ହୁଏ, ସ୍ୱାର୍ଥଦୃଷ୍ଟିରୁ ବିଚାର ଓ ହିସାବ-ନିକାଶ ନ କରି ଯଦି ଆସକ୍ତିଶୂନ୍ୟ ହୁଏ, ତେବେ ତାହା ପକ୍ଷରେ ପ୍ରକୃତରେ ସୁଖୀ ହେବା ସମ୍ଭବ ହେବ ।

ତୁମର କର୍ମ ଦ୍ୱାରା ସୃଷ୍ଟ ପରିବେଶ ତୁମେ ତୁମ ସହିତ, ତୁମର ଚତୁର୍ଦ୍ଦିଗରେ, ତୁମ ମଧ୍ୟରେ ବହନ କର ଏବଂ ଯଦି ତୁମେ ଏପରି କର୍ମ କର ଯାହା ସୁନ୍ଦର, ମଙ୍ଗଳଜନକ ଏବଂ ସୁସମଞ୍ଜସ ହୁଏ ତେବେ ତୁମର ପରିବେଶ ସୁନ୍ଦର, ମଙ୍ଗଳମୟ ଓ ସୁସମଞ୍ଜସ ହେବ । ଅପରପକ୍ଷେ, ଯଦି ତୁମେ ନୀଚ, ସ୍ୱାର୍ଥପରତା, ବିବେଚନାହୀନ ଆତ୍ମାର୍ଥ, ନିର୍ଦ୍ଦୟ ଦ୍ୱେଷଭାବ ମଧ୍ୟରେ ଜୀବନଯାପନ କର, ତାହାହେଲେ ଜୀବନର ପ୍ରତି ମୁହୂର୍ତ୍ତରେ ସେଗୁଡ଼ିକ ତୁମେ ପ୍ରଶ୍ୱାସରେ ଗ୍ରହଣ କରିବ ଏବଂ ଏହାର ଅର୍ଥ ଦୁଃଖ-ଦୁର୍ଦ୍ଦଶା, ଅବିରାମ ଅସ୍ୱସ୍ତିକର ଜୀବନ ତଥା କୁତ୍ସିତ ହେବା ହେତୁ ନୈରାଶ୍ୟପୂର୍ଣ୍ଣ କୁତ୍ସିତ ଜୀବନଯାପନ ।

ଏବଂ ତୁମେ ଅବଶ୍ୟ ଏପରି ବିଶ୍ୱାସ କରିବ ନାହିଁ ଯେ ଶରୀର ତ୍ୟାଗ କଲେ ତୁମେ ନିଜକୁ ଏହି ପରିବେଶରୁ ମୁକ୍ତ କରିବ; ବରଂ ଶରୀର ଏକ ପ୍ରକାର ଅଜ୍ଞାନତାର ପରଦାସ୍ୱରୂପ ଥିବାରୁ ଏହା ଦୁଃଖକଷ୍ଟର ତୀବ୍ରତା ହ୍ରାସ କରେ । ତୁମେ ଯଦି ନିତାନ୍ତ ଭୌତିକ ପ୍ରାଣମୟ ଜୀବନ କ୍ଷେତ୍ରରେ ଶରୀରର ଆଶ୍ରୟ ନ ପାଅ ତେବେ ତୁମର ଦୁଃଖ ଅତ୍ୟଧିକ ବୃଦ୍ଧି ପାଏ; ଏବଂ ଯାହା ପରିବର୍ତ୍ତିତ ହେବା ପ୍ରୟୋଜନ ତାହାର ପରିବର୍ତ୍ତନ କରିବାର, ଯାହା ସଂଶୋଧିତ ହେବା ଆବଶ୍ୟକ ତାହା ସଂଶୋଧନ କରିବାର, ଏକ ଉଚ୍ଚତର, ଆନନ୍ଦକର ଏବଂ ଅଧିକ ଆଲୋକିତ ଜୀବନ ଏବଂ ଚେତନା ଆଡ଼କୁ ଉନ୍ମୁଖ ହେବା ନିମିତ୍ତ ତୁମକୁ ଆଉ ସୁଯୋଗ ମିଳେ ନାହିଁ ।

ଏଠାରେ, ଇହଲୋକରେ ତୁମକୁ ଅବଶ୍ୟ ଶୀଘ୍ର ଶୀଘ୍ର କାର୍ଯ୍ୟ କରିବାକୁ ହେବ, କାରଣ ଏହିଠାରେ ତୁମେ ଏହା ଯଥାର୍ଥରେ କରିପାରିବ ।

ମୃତ୍ୟୁରୁ କିଛି ଆଶା କର ନାହିଁ । ଜୀବନହିଁ ତୁମର ମୁକ୍ତି । ଏହି ଜୀବନରେ ନିଜକୁ ରୂପାନ୍ତରିତ କରିବାକୁ ହେବ । ଏହି ପୃଥିବୀରେ ତୁମର ପ୍ରଗତି, ଏହି ପୃଥିବୀରେ ତୁମର ଉପଲବ୍ଧି । ଏହି ଶରୀରରେ ତୁମକୁ ବିଜୟ ଲାଭ କରିବାକୁ ହେବ ।

(*କ୍ରମଶଃ*)

("Mother's Commentary on the Dhammapada" ଶ୍ରୀମା'ଙ୍କ ଭାଷ୍ୟ ସମ୍ବଳିତ ଧମ୍ମପଦ, ପୃଷ୍ଠା : ୮ - ୧୫)
ଅନୁବାଦ : ଶ୍ରୀ ଲଳିତମୋହନ ଘୋଷ

*ପ୍ରଶ୍ନ : ଭାରତ ସମ୍ପର୍କରେ ଆପଣଙ୍କ ପୁରୋଦୃଷ୍ଟିକୁ ଯଦି ଗୋଟିଏ ବାକ୍ୟରେ ପ୍ରକାଶ କରିବାକୁ କୁହାଯାଏ, ତେବେ ଆପଣ କ'ଣ କହିବେ ?*

**ଶ୍ରୀମା :** ଏହି ବିଶ୍ୱର ଗୁରୁସ୍ଥାନ ଲାଭ କରିବାହିଁ ଭାରତବର୍ଷର ପ୍ରକୃତ ବିଧି-ନିର୍ଦ୍ଧାରିତ ଭୂମିକା ।

# ସମର୍ପଣ ଓ ତପସ୍ୟା

## (ଶ୍ରୀଅରବିନ୍ଦଙ୍କ ସଙ୍ଗେ ପତ୍ରାଳାପ)

*ଶିଷ୍ୟ : ନିଜ ପାଖରେ ଯାହା ଥାଏ ତାହାକୁ ସମର୍ପଣ କରିଦେବା ସହଜ, କିନ୍ତୁ ନିଜ ସତ୍ତାର ସମସ୍ତ ଅଂଶ ଓ ତା'ର କ୍ରିୟାକଳାପକୁ ସମର୍ପଣ କରିବା କଷ୍ଟସାଧ୍ୟ । ତେଣୁ ସମର୍ପଣ ଦିଗରେ ଆଗେଇ ଯିବାର ପଦ୍ଧତି ସ୍ୱୟଂ ଏକ ତପସ୍ୟା ନୁହେଁ କି ? ଏବଂ ଯେହେତୁ ସମର୍ପଣ ପରେ ମଧ୍ୟ ତଥାପି ବାଧାବିଘ୍ନ ରହିଯାଏ, ତେଣୁ ସେଗୁଡ଼ିକ ଭିତର ଦେଇ ଯିବାବେଳେ ଆବଶ୍ୟକ ହେଉଥିବା ଧୈର୍ଯ୍ୟ ଓ ଲାଗିରହିବା ମଧ୍ୟ ସ୍ୱୟଂ ଏକ ତପସ୍ୟା ନୁହେଁ କି ?*

*ତେଣୁ ସମର୍ପଣ ଓ ତପସ୍ୟା ଭିତରେ ପ୍ରଭେଦ ରେଖାଟି କେଉଁଠି ?*

*ତପସ୍ୟା ବିନା କେବଳ ସମର୍ପଣ କିପରି ସମ୍ଭବ ହେବ ?*

ଶ୍ରୀଅରବିନ୍ଦ : ତୁମେ ଯାହା କହୁଛ ତାହା ନିଶ୍ଚୟ ଠିକ୍ । ସମର୍ପଣର ପଦ୍ଧତି ସ୍ୱୟଂ ଏକ ତପସ୍ୟା । କେବଳ ସେତିକି ନୁହେଁ, ପ୍ରକୃତରେ ଏହା ତପସ୍ୟାର ଏକ ଦ୍ୱୈତ-ପଦ୍ଧତି ଏବଂ କ୍ରମବର୍ଦ୍ଧିଷ୍ଣୁ ସମର୍ପଣ ଅନେକ କାଳ ଧରି ଲାଗି ରହେ, ଏପରିକି ଯେତେବେଳେ ତାହା ବେଶ୍ ଭଲ ଭାବରେ ଆରମ୍ଭ ହୋଇଥାଏ । କିନ୍ତୁ ଏପରି ଏକ ସମୟ ଆସେ ଯେତେବେଳେ ଜଣେ ନିରନ୍ତର ଭାବରେ ଦିବ୍ୟ-ଉପସ୍ଥିତି ଓ ଦିବ୍ୟଶକ୍ତିକୁ ଅନୁଭବ କରେ ଓ ଅଧିକରୁ ଅଧିକ ଅନୁଭବ କରେ ଯେ ତାହାହିଁ ସବୁକିଛି କରାଇ ନେଉଛି – ଯାହାଫଳରେ ସବୁଠୁ ଭୟଙ୍କର ବାଧାବିଘ୍ନ ମଧ୍ୟ ତାହାର ସେହି ସମର୍ପଣବୋଧରେ ବାଧା ଦେଇପାରେ ନାହିଁ ଓ ବ୍ୟକ୍ତିଗତ ପ୍ରଚେଷ୍ଟାର ଆଉ କୌଣସି ପ୍ରୟୋଜନୀୟତା ନ ଥାଏ, ଏପରିକି ତାହା କ୍ୱଚିତ୍ ସମ୍ଭବ ହୁଏ । ଏହାହିଁ ହେଉଛି ଭଗବାନଙ୍କ ହାତରେ ନିଜକୁ ପୂର୍ଣ୍ଣ ଭାବରେ ସମର୍ପଣ କରି ଦେବାର ଲକ୍ଷଣ । କେତେକ ସାଧକ ଅଛନ୍ତି ଯେଉଁମାନେ ଏହି ଅନୁଭୂତିଟି ଆସିବା ପୂର୍ବରୁ ବିଶ୍ୱାସ ଭିତରେହିଁ ନିଜର ସ୍ଥାନ ସ୍ଥାପିତ କରନ୍ତି ଏବଂ ଯଦି ଭକ୍ତି ଓ ବିଶ୍ୱାସ ଦୃଢ଼ ହୋଇଥାଏ ତେବେ ଅନୁଭୂତି ଆସିବା ପର୍ଯ୍ୟନ୍ତ ଏହା ସେମାନଙ୍କୁ ବହନ କରି ନେଇଥାଏ । କିନ୍ତୁ ଆରମ୍ଭରୁ ସମସ୍ତେ ଏହି ସ୍ଥିତି ନେଇ ପାରନ୍ତି ନାହିଁ – ଏବଂ କେତେକଙ୍କ କ୍ଷେତ୍ରରେ ଏହା ମଧ୍ୟ ବିପଜ୍ଜନକ ହୋଇପାରେ, କାରଣ ଭଗବତ୍ ଶକ୍ତି ବୋଲି ଭାବି ସେମାନେ କୌଣସି ବିରୋଧୀ ଅପଶକ୍ତି ହାତରେ ନିଜକୁ ଛାଡ଼ି ଦେଇପାରନ୍ତି । ତେଣୁ ଅଧିକାଂଶଙ୍କ ପାଇଁ ତପସ୍ୟା ଭିତର ଦେଇ ସମର୍ପଣ ଭିତରକୁ ଉନ୍ନୀତ ହେବା ଆବଶ୍ୟକ ।

*ଶିଷ୍ୟ : ଆଶ୍ରମ ସହିତ ସଂପର୍କ ନ ଥିବା କେହି ବ୍ୟକ୍ତି ଗୀତାରେ ଭଗବାନଙ୍କୁ ସମର୍ପଣ କଥା ପଢ଼ିବ, କିନ୍ତୁ ସେ କ'ଣ ଜାଣିବ ବାସ୍ତବରେ କିପରି ସମର୍ପଣ କରିବାକୁ ହୁଏ ? ଏକ ସମୟରେ ସେ ହୁଏତ ଭାବିବ ଯେ ଜାତୀୟ ଆନ୍ଦୋଳନହିଁ ଭଗବାନ୍ ବା ଅନ୍ୟ ଏକ ସମୟରେ ଭାବିବ ଯେ କୌଣସି ଧାର୍ମିକ ସଂପ୍ରଦାୟହିଁ ଭଗବାନ୍ କିଂବା ପରିବାର ଓ ଅନ୍ୟମାନଙ୍କ ପାଇଁ ସେ ଯେଉଁ କାମ କରୁଛି ତାହା ତାକୁ ଭଗବାନହିଁ ଦେଇଛନ୍ତି ।*

ଶ୍ରୀଅରବିନ୍ଦ : ତାହା ହେଉଛି ସାଧାରଣ କର୍ମଯୋଗ ଯେଉଁଥିରେ ସାଧକ ତା'ର ନିଜ କାମଟିକୁ ବାଛିଥାଏ କିନ୍ତୁ ତାହାକୁ ସେ ଭଗବାନଙ୍କୁ ଅର୍ପଣ କରେ – ଏହା ତାହାକୁ ପ୍ରଦତ୍ତ ହୋଇଛି ଏହି ଅର୍ଥରେ ଯେ ଏ ମନ ବା ହୃଦୟର ବା ପ୍ରାଣର କୌଣସି ପ୍ରେରଣା ଦ୍ୱାରା ସେ ଏହି କାମଟିରେ ପ୍ରବୃତ୍ତ ହୋଇଛି ଏବଂ ଏହି ପ୍ରେରଣା ପଛରେ କୌଣସି ବିଶ୍ୱଶକ୍ତି ବା ମୂଳ ଭଗବତ୍ ବିଶ୍ୱଶକ୍ତି ରହିଛି ବୋଲି ସେ ଅନୁଭବ କରେ ଏବଂ ସେ ଚେଷ୍ଟା କରେ ଏହା ଦେଖିବା ପାଇଁ ଯେ ସବୁ କର୍ମର ପଶ୍ଚାତରେ ଥିବା ସେହି ଏକହିଁ ଅଦ୍ୱୈତ ଦିବ୍ୟଶକ୍ତି ତାହା ଭିତରେ ଓ ଅନ୍ୟମାନଙ୍କ ଭିତରେ କର୍ମ କରାଇ ନେଇ ନିଜର ବିଶ୍ୱଗତ ଉଦ୍ଦେଶ୍ୟ ସାଧନ କରୁଛି ।

*ଶିଷ୍ୟ : ବୋଧହୁଏ ଏହା ନିର୍ଭର କରେ ତା'ର ଅଭୀପ୍ସା ଉପରେ, ସିଧାସଳଖ ଭଗବାନଙ୍କ ପାଖରେ ନିଜକୁ ସମର୍ପଣ କରିବା ଉପରେ । ଯାହା ହେଲେ ବି ଜଣେ ଏଠାକୁ ଥରେ ଆସିବା ପରେ ବର୍ଜନ ବା ପ୍ରତ୍ୟାଖ୍ୟାନର ପଦ୍ଧତିଟି ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ କି ?*

ଶ୍ରୀଅରବିନ୍ଦ : ଯଦି ଥରେ ସେ ଭଗବାନଙ୍କୁ ସିଧାସଳଖ ସମର୍ପଣ କରିବାର ଲକ୍ଷ୍ୟ ଗ୍ରହଣ କରେ ତା'ହେଲେ ତାହାକୁ

ସେହି ପ୍ରତ୍ୟକ୍ଷ ଦିବ୍ୟଚାଳନା ଶକ୍ତିର ସନ୍ଧାନ କରିବାକୁ ପଡ଼ିବ – ସେଇଥିପାଇଁ ସେ ଯାହାକିଛିକୁ ନିଜ ପ୍ରକୃତିରୁ ବା ବିଶ୍ୱ ପ୍ରକୃତିରୁ ଆସୁଥିବା କେବଳ ମାନସିକ, ପ୍ରାଣିକ ବା ଦୈହିକ ପ୍ରେରଣା ବୋଲି ଅନୁଭବ କରିବ, ସେଗୁଡ଼ିକୁ ସେ ପ୍ରତ୍ୟାଖ୍ୟାନ କରିବ । ଅବଶ୍ୟ ସମର୍ପଣର ପୂର୍ଣ୍ଣ ତାତ୍ପର୍ଯ୍ୟ ତା' ପାଇଁ ଆସିବ କେବଳ ସେତିକିବେଳେ, ଯେତେବେଳେ ସେ ସେଥିପାଇଁ ପ୍ରସ୍ତୁତ ହୋଇଥିବ ।

(Bulletin, Feb. 2005, p. 62 - 63)

## ଚିନ୍ତାଗଠନ ଓ ଅନ୍ୟମାନଙ୍କ ଲାଗି ପ୍ରାର୍ଥନା

### ଶ୍ରୀଅରବିନ୍ଦ

ମସ୍ତିଷ୍କରେ ତଥା ହୃଦୟରେ ଦ୍ୱିଧାହୀନ ଭାବେ ଅନ୍ୟ ବ୍ୟକ୍ତିର ମଙ୍ଗଳ କାମନା କରିବା ହେଉଛି ସର୍ବୋତ୍ତମ ସାହାଯ୍ୟ ଯାହା ଜଣେ ଦେଇପାରେ ।

(SABCL, Letters on Yoga, p. 841)

*

ହଁ, ଜଣକର ଖରାପ ଓ ଭଲ ଚିନ୍ତାଗୁଡ଼ିକ ଅନ୍ୟମାନଙ୍କ ଉପରେ ଖରାପ କିଂବା ଭଲ ପ୍ରଭାବ ପକାଇପାରେ ଯଦିଓ ସର୍ବଦା ଏହିପରି ହୁଏ ନାହିଁ କାରଣ ସେଗୁଡ଼ିକ ଯଥେଷ୍ଟ ଶକ୍ତିଶାଳୀ ହୋଇ ନଥା'ନ୍ତି – ତଥାପି ଏହା ହିଁ ସ୍ୱାଭାବିକ ପ୍ରବଣତା ବା ଝୁଙ୍କ । ଏଇ କାରଣରୁ ଏହି ଜ୍ଞାନ ଯେଉଁମାନଙ୍କର ଥାଏ ସେମାନେ ସର୍ବଦା କହିଥା'ନ୍ତି ଯେ ଆମେ ଅନ୍ୟମାନଙ୍କ ସମ୍ବନ୍ଧରେ ଖରାପ ଚିନ୍ତା କରିବାରୁ ବିରତ ହେବା ଉଚିତ । ଏହା ସତ୍ୟ ଯେ ସାଧାରଣ ଅବସ୍ଥାରେ ଉଭୟ ପ୍ରକାର ଚିନ୍ତା ସମାନଭାବେ ମନ ମଧ୍ୟକୁ ଆସିଥାଏ; କିନ୍ତୁ ଯଦି ମନ ଓ ମାନସିକ ଇଚ୍ଛାଶକ୍ତି ଦୃଢ଼ଭାବେ ଉନ୍ନତ ହୋଇଥାଏ, ତେବେ ଜଣେ ନିଜର ଚିନ୍ତା ଓ କାର୍ଯ୍ୟ ଉପରେ ନିୟନ୍ତ୍ରଣ ପ୍ରତିଷ୍ଠା କରିପାରିବ ଏବଂ ଖରାପ ଚିନ୍ତାଗୁଡ଼ିକୁ ସେଗୁଡ଼ିକ ଖେଳା କରିବାରୁ ନିବାରଣ କରିପାରିବ । କିନ୍ତୁ ଏହି ମାନସିକ ନିୟନ୍ତ୍ରଣ ସାଧକ ଲାଗି ଯଥେଷ୍ଟ ନୁହେଁ, ସେ ନିଶ୍ଚିତ ଭାବେ ଏକ ସୁସ୍ଥିର ମନ ହାସଲ କରିବ ଏବଂ ମନର ନୀରବତା ମଧ୍ୟରେ କେବଳ ଭଗବତ୍ ଚିନ୍ତା-ଶକ୍ତିଗୁଡ଼ିକୁ ଗ୍ରହଣ କରିବ କିଂବା ଅନ୍ୟାନ୍ୟ ଭଗବତ୍ ଶକ୍ତିକୁ ଗ୍ରହଣ କରିବ ଏବଂ ନିଜେ ସେସବୁର କ୍ଷେତ୍ର ଓ ଯନ୍ତ୍ର ହୋଇଯିବ । (SABCL, Letters on Yoga, p. 849)

*

ଚିନ୍ତାରାଜିର ଏକ ଫଳପ୍ରଦ ଶକ୍ତି ରହିଛି – ସାଧାରଣତଃ ଏକ ବାତାବରଣ କିଂବା ଅନେକ ପ୍ରବଣତା ସୃଷ୍ଟି କରିବା ଦ୍ୱାରା – ଏପରିକି ଜଣେ ଅସୁସ୍ଥ ଥିଲାବେଳେ ତାହାର ଚତୁର୍ଦ୍ଦିଗରେ ଥିବା ବ୍ୟକ୍ତିମାନଙ୍କର ଭାବୀ ଅମଙ୍ଗଳସୂଚକ ଚିନ୍ତା, ଦୁଃଖ କିଂବା ଭୟ ରହିବା ଉଚିତ ନୁହେଁ, କାରଣ ତାହା ଆରୋଗ୍ୟର ବିରୋଧରେ କାର୍ଯ୍ୟ କରେ । କିନ୍ତୁ ସଚେତନ ଚିନ୍ତା-ସଂଗଠନର ସାମର୍ଥ୍ୟ ହେଉଛି ଏକ ସ୍ୱତନ୍ତ୍ର ଶକ୍ତି ଏବଂ ତାହା ଅସାଧାରଣ । ଏହାକୁ ଆହରଣ କରାଯାଇ ପାରେ କିଂବା ସାଧନା ଦ୍ୱାରା ଏହା ଆପଣାଛାଏଁ ଆସିଥାଏ ।

(SABCL, Letters on Yoga, p. 1517)

# ଆତ୍ମନିବେଦନ ଓ ଆନ୍ତରିକତା

## ଶ୍ରୀମା

ଯଦି... ଯଦି ଜଣେ ସରଳ ଭାବରେ, ସମଗ୍ର ଭାବରେ ଓ ସର୍ତ୍ତହୀନ ଭାବରେ ନିଜକୁ ଦେଇଦିଏ, ଯଦି ପରମ ସତ୍ୟ, ପରମ ସଂକଳ୍ପ, ପରମ ସତ୍ତା ପାଖରେ ସେ ନିଜକୁ ସମର୍ପଣ କରେ ଓ କୌଣସି ହିସାବକିତାବ ନ କରି ସମଗ୍ର ସତ୍ତା ଓ ସତ୍ତାର ସମଗ୍ର ଉପାଦାନର ଏକ ବିପୁଳ ଉଦ୍ଦୀପନା ଭିତରେ ନିଜକୁ ସମ୍ପୂର୍ଣ୍ଣରୂପେ ତାଙ୍କରି ହାତରେ ଛାଡ଼ିଦିଏ ତା'ହେଲେ ଅହଂର ବିଲୋପ ପାଇଁ ତାହାହିଁ ହେବ ସବୁଠୁ ଦ୍ରୁତ ଓ ମୌଳିକ ମାର୍ଗ । ଲୋକମାନେ କହିବେ ଯେ ଏହା କରିବା ଖୁବ୍ କଷ୍ଟସାଧ୍ୟ କିନ୍ତୁ ଏହି ମାର୍ଗରେ ଅନ୍ତତଃ ଏକ ଉଷ୍ଣତା ଅଛି, ଏକ ଉଦ୍ଦୀପନା, ଏକ ଉତ୍ସାହ, ଏକ ଆଲୋକ ଓ ଏକ ସୌନ୍ଦର୍ଯ୍ୟ ରହିଛି, ଏକ ପ୍ରତ୍ୟୟଭରା ସୃଜନଶୀଳ ଜୀବନ ରହିଛି ... ।

ଏବଂ ଏହି ମାର୍ଗଟିକୁ ମୁଁ ଅସ୍ତିବାଚକ, ସକାରାତ୍ମକ ମାର୍ଗ ବୋଲି କହେ, ଏହି ଆତ୍ମ-ନିବେଦନ ହେଉଛି ପୂର୍ଣ୍ଣାଙ୍ଗ, ସାମଗ୍ରିକ ଓ ସମ୍ପୂର୍ଣ୍ଣ, ଯେଉଁଥିରେ ନିଜ ପାଇଁ କୌଣସି କିଛି ସାଇତି ରଖିବାର ଭାବ ନାହିଁ, ଯେଉଁଥିରେ କୌଣସି ମୂଲଚାଲ କରିବାର ଭାବ ନାହିଁ ।

କେବଳ ଏହି ଅବସ୍ଥା, ଯେତେବେଳେ ଜଣେ ନିଜ ସମ୍ପର୍କରେ କିଛି ଚିନ୍ତା କରେ ନାହିଁ, ନିଜ ପାଇଁ ଜୀବନଧାରଣ କରେ ନାହିଁ, ନିଜକୁ ଆଦୌ ସୂଚିତ କରେ ନାହିଁ, କେବଳ ସେ ତାଙ୍କରି ଚିନ୍ତାରେହିଁ ମଗ୍ନ ରହେ ଯେ ପରମ ସୁନ୍ଦର, ଦୀପ୍ତିମୟ, ଆନନ୍ଦମୟ, ସର୍ବସମର୍ଥ, କରୁଣାଘନ ଓ ଅନନ୍ତ, ସେତେବେଳେ ଏପରି ଏକ ଗଭୀର ଆନନ୍ଦ ଉପୁଜିଥାଏ ଯାହା ସହିତ ଆଉ ଅନ୍ୟକିଛିର ବି ତୁଳନା ହୋଇପାରିବ ନାହିଁ ।

ଏହାହିଁ ହେଉଛି ଏକମାତ୍ର ବସ୍ତୁ ଯାହା ଉପରେ ଆମର ସମଗ୍ର ଚେତନାକୁ ନିବଦ୍ଧ କରିବାକୁ ହେବ; ଏହାହିଁ ଆମ ଉଦ୍ୟମର ଏକମାତ୍ର ଯୋଗ୍ୟ ଓ ଇପ୍ସିତ ବସ୍ତୁ । ବାକି ସବୁକିଛି କେବଳ କାଳକ୍ଷେପଣ ଛଡ଼ା କିଛି ନୁହେଁ ।

ପାର୍ଥକ୍ୟଟି ହେଉଛି ଏକ ପର୍ବତ ଆରୋହଣ ପାଇଁ ମନ୍ଥର ଗତିରେ ପାହୁଣ୍ଡ ପରେ ପାହୁଣ୍ଡ ପକାଇ, ତା'ର ଚାରିପାଖରେ ଘୂରି ଘୂରି, ଶ୍ରାନ୍ତକ୍ଳାନ୍ତ ହୋଇ ଶତ ଶତ ବର୍ଷ ଧରି ଉଦ୍ୟମ କରି ଚାଲିବା ଓ ଅନ୍ୟ ପକ୍ଷରେ ନିଜର ଅଦୃଶ୍ୟ ଡେଣା ମେଲି ଦେଇ ସିଧା ପର୍ବତର ଶିଖରକୁ ଉଡ଼ିଯିବା ।

*

ଏକମାତ୍ର ଯେଉଁ ଜିନିଷଟି ଯଥାର୍ଥରେ ଫଳପ୍ରଦ ହୋଇଥାଏ ତାହା ହେଉଛି ଚେତନାର ପରିବର୍ତ୍ତନ । ଅତିମାନସ ଶକ୍ତିର ସ୍ପନ୍ଦନ ସହିତ ଏକ ଅନ୍ତରଙ୍ଗ, ନିରନ୍ତର, ଅଖଣ୍ଡ ଓ ଅନିବାର୍ଯ୍ୟ ସମ୍ବନ୍ଧ ସ୍ଥାପନ ଓ ଏକତ୍ୱ ମାଧ୍ୟମରେହିଁ ଏହି ଆନ୍ତର ମୁକ୍ତି ଆସିଥାଏ । ଅତିମାନସ ଶକ୍ତି ସହିତ, ଭଗବତ୍ ଶକ୍ତି ସହିତ ଏକତ୍ୱ ଲାଭ ପାଇଁ ପ୍ରତି ମୁହୂର୍ତ୍ତରେ ଆସ୍ପୃହାର ସହ ଲାଗି ରହିବା, ସତ୍ତାର ସମସ୍ତ ଉପାଦାନର ଏଥିପାଇଁ ସଂକଳ୍ପ, ଦେହର ସମସ୍ତ କୋଷାଣୁ ସମେତ ସମଗ୍ର ସତ୍ତାର ଏଥିପାଇଁ ଅଭୀପ୍ସା – ଏହାହିଁ ଆଣି ଦେଇଥାଏ ଅତିମାନସ ଦିବ୍ୟଶକ୍ତି ସହ ସେହି ମିଳନ ଓ ଏକତ୍ୱ । ଏହାର ପରିଣାମ କ'ଣ ହେବ ସେଥିପାଇଁ ଆଉ ଆଦୌ କୌଣସି ଚିନ୍ତା-ଭାବନା ବା ବ୍ୟସ୍ତତାର ପ୍ରୟୋଜନ ନ ଥାଏ । ବିଶ୍ୱଶକ୍ତିମାନଙ୍କର ଲୀଳାଖେଳାରେ ଓ ସେଗୁଡ଼ିକର ଅଭିବ୍ୟକ୍ତିରେ ଯାହାକିଛି ହେବା ଆବଶ୍ୟକ ତାହାହିଁ ହେବ, ଏବଂ ତାହା ହେବ ସ୍ୱାଭାବିକ ଭାବରେ, ସ୍ୱତଃସ୍ଫୂର୍ତ୍ତ ଭାବରେ, ସ୍ୱୟଂକ୍ରିୟ ଭାବରେ ଆପେ ଆପେ; ତହିଁରେ ବ୍ୟସ୍ତ ରହିବାର କୌଣସି ଆବଶ୍ୟକତା ନାହିଁ । ଏକମାତ୍ର ଯାହା ଗୁରୁତ୍ୱପୂର୍ଣ୍ଣ ତାହା ହେଉଛି ସେହି ଦିବ୍ୟ ଶକ୍ତି, ଦିବ୍ୟ ଆଲୋକ, ସତ୍ୟ ଓ ସାମର୍ଥ୍ୟ ସହିତ, ଅତିମାନସ ଚେତନାର ସେହି ଅନିର୍ବଚନୀୟ ଆନନ୍ଦ ସହିତ ନିରନ୍ତର, ସମଗ୍ର ଓ ପୂର୍ଣ୍ଣ ସମ୍ବନ୍ଧ ସ୍ଥାପନ – ନିରନ୍ତର, ହଁ, ନିରନ୍ତର ସମ୍ବନ୍ଧ ସ୍ଥାପନ ।

ଏହାହିଁ ହେଉଛି ଆନ୍ତରିକତା । ବାକି ସବୁକିଛି କେବଳ ଅନୁକରଣ; କୁହାଯାଇପାରେ ଏହା ହେଉଛି ପ୍ରାୟ ଏକ ଭୂମିକାରେ ଅଭିନୟ ଯାହା ବ୍ୟକ୍ତି ନିଜ ପାଇଁହିଁ କରିଥାଏ ।

ପୂର୍ଣ୍ଣଶୁଦ୍ଧି ହେଉଛି ନିଜେ ହୋଇ ଉଠିବା, ଚିରତର ଭାବରେ ଅଧିକରୁ ଅଧିକ ଏକ ଆତ୍ମ-ପରିପୂର୍ଣ୍ଣ ସମ୍ଭୂତି ଭିତରେ ହୋଇ ଉଠିବା । ତୁମେ ହୋଇ ଉଠିଛ ବୋଲି ଛଳନା କରିବା ଆଦୌ ଉଚିତ ନୁହେଁ, ତୁମକୁ ସ୍ୱତଃସ୍ଫୂର୍ତ୍ତ ଭାବରେ ହୋଇ ଉଠିବାକୁ ହେବ ।

ଏହାହିଁ ହେଉଛି ଆନ୍ତରିକତା ।

(Bulletin, Feb. 2005, p. 13 & p. - 87) ❖

# ବିଶ୍ୱ-ରୂପାନ୍ତରକାରୀ ଯୋଗ

## ଶ୍ରୀଅରବିନ୍ଦ

ଯୋଗ ଅଥବା ଯେଉଁ ଯୋଗ ବିଶ୍ୱ ବା ପ୍ରକୃତିର ରୂପାନ୍ତର ସାଧନ କରେ ତାହାର ସର୍ବୋତ୍ତମ ପଦ୍ଧତି କ'ଣ ? ଏହି ପ୍ରକାରର କୌଣସି ପଦ୍ଧତି ନିଶ୍ଚୟହିଁ ଘଟିବ ନାହିଁ ଯାହା ମନୁଷ୍ୟର କୌଣସି ଗୋଟିଏ ମାତ୍ର ଅଙ୍ଗକୁ ଆଙ୍କୁଡ଼ାରେ ଧରି କପିକଳ ସାହାଯ୍ୟରେ ସ୍ୱର୍ଗ ବା ନିର୍ବାଣରେ ଉଠାଇ ନେଇଯିବ । ବିଶ୍ୱ-ରୂପାନ୍ତରକାରୀ ଯୋଗୀର ପଦ୍ଧତି ବିଶ୍ୱତୁଲ୍ୟ ବହୁରୂପୀ, ବହୁମୁଖୀ, ବହୁଭଙ୍ଗୀ, ସର୍ବ-ବ୍ୟାପକ ଓ ଧୈର୍ଯ୍ୟଶୀଳ ହେବାକୁହିଁ ହେବ । ଯଦି ତାହା ସକଳ ସମ୍ଭାବନା, ସକଳ ବାଧାବିଘ୍ନର ଆଲୋଚନା ନକରେ, ପ୍ରତ୍ୟେକଟି ପ୍ରୟୋଜନୀୟ ଉପାଦାନ ସମ୍ବନ୍ଧରେ ସଯତ୍ନରେ ବିଚାର ନକରେ, ତାହାହେଲେ ତାହାର ସାଫଲ୍ୟର ସମ୍ଭାବନା କେଉଁଠି ? ସାଧାରଣଙ୍କ ବୋଧଗମ୍ୟ ଏପରି କୌଣସି ନିର୍ଦ୍ଦୋଷ ପଦ୍ଧତି ଅଛି କି ଯାହା ଏହିସବୁ କରିପାରିବ ? ଏହା ତ' ଗୋଟାଏ ଧରାବନ୍ଧା ଛନ୍ଦରେ ରଚିତ ଖଣ୍ଡ କବିତା ନୁହେଁ, ଯାହା ମଧ୍ୟରେ ଭାବଭଙ୍ଗୀର ମାତ୍ରା ଖୁବ୍ କମ୍ ଅଛି ? ଯଦି କାବ୍ୟର ଉପମା ଦେବାକୁ ହୁଏ, ତେବେ ଏହା ମହାଭାରତର ମହାଭାରତ । ଆଉ ଗ୍ରୀସୀୟ କାବ୍ୟର ସସୀମ ପୂର୍ଣ୍ଣତା ସହିତ ମହାଭାରତ ପ୍ରଣାଳୀର କ'ଣ ତୁଳନା କରାଯାଇପାରେ ?

ଆଉ ମଧ୍ୟ ଏବଂବିଧ ବ୍ୟାପାରରେ ବିଚାର ବୁଦ୍ଧିର ସ୍ଥାନ କେଉଁଠି ? ଯଦି ଯୁକ୍ତିର ଅତୀତ ଏକ ନୂତନ ଚେତନା ପ୍ରାପ୍ତ କରିବାକୁ ହୁଏ, ତେବେ ତାହା କ'ଣ ଯୁକ୍ତିର ଅଧିଗମ୍ୟ, ଯୁକ୍ତିର ଅଭିମତ, ପ୍ରତିପଦରେ ଯୁକ୍ତି-ବୁଦ୍ଧି ଦ୍ୱାରା ଚାଳିତ ଓ ନିୟନ୍ତ୍ରିତ, ଅଥବା ଯୁକ୍ତି ବୁଦ୍ଧି କ'ଣ କହି ପାରିବ ବା ସ୍ଥିର କରିପାରିବ କ'ଣ କରିବାକୁ ହେବ, କେତେଦୂର କରିବାକୁ ହେବ ଓ କେଉଁ କେଉଁ ପ୍ରଣାଳୀରେ ଓ ତାହାର ମୂଲ୍ୟ କେତେ ଦୂର ? ଯଦି ଏହିପରି କେହି ବ୍ୟକ୍ତି କାର୍ଯ୍ୟ କରେ ତେବେ ସେ କେବେ ବି ବିଚାର ବୁଦ୍ଧିର ସୀମାକୁ ଅତିକ୍ରମ କରି ତାହାର ଊର୍ଦ୍ଧ୍ୱଭୂମିରେ ପ୍ରବେଶ କରିବ ନାହିଁ । ଯଦି ସେ ପ୍ରବେଶ କରିପାରେ, ତେବେ ଅନ୍ୟ ଲୋକେ ବୁଦ୍ଧି ଦ୍ୱାରା ସେବିଷୟରେ କ'ଣ ବିଚାର କରିବେ ? ସାଧାରଣ ଚେତନାରେ ବାସ କରି ସେହି ଚେତନାର ବହିର୍ଭୂତ କ୍ଷେତ୍ରର ବିଚାର କି ପ୍ରକାରେ ହୋଇପାରିବ ? ଏକଥା କ'ଣ ସତ୍ୟ ନୁହେଁ ଯେ ତୁମ ନିଜକୁ ଅତିକ୍ରମ କରି ଉପରକୁ ଉଠିଗଲେ, ଯାହା ତୁମର ଅତୀତ ତାହାର ଅନୁଭୂତି ଓ ଅଭିଜ୍ଞତା ପାଇବ ଏବଂ ତାହାର ବିଚାର କରିପାରିବ ? ଆଉ ଅନୁଭୂତି ଓ ଅଭିଜ୍ଞତା ବିନା ଯେଉଁ ବିଚାର କରାହୁଏ ତାହାର ମୂଲ୍ୟ କେତେ ?

ଅତିମାନସ ବିଜ୍ଞାନ କ'ଣ କରିବ ବା ନ କରିବ ପୂର୍ବରୁ ମନ ତାହା ଜାଣି ପାରିବ ନାହିଁ ବା ସ୍ଥିର କରି ପାରିବ ନାହିଁ । ମନ ସ୍ୱରୂପତଃ ଅଜ୍ଞାନ, ଯେଉଁ ଅଜ୍ଞାନ ଜ୍ଞାନର ଅନ୍ୱେଷଣ କରୁଅଛି; ଅତିମାନସର ସଂଜ୍ଞାନରୁହିଁ ବୁଝାଯାଏ ଯେ ସେ ଋତ, ଚିତ୍; ସ୍ୱପ୍ରତିଷ୍ଠିତ-ସତ୍ୟ, ନିଜ ଶକ୍ତିରେ ନିଜକୁ ସାର୍ଥକ କରୁଅଛି । ବିଜ୍ଞାନରେ ଜାଗ୍ରତ୍ ବିଶ୍ୱରେ ଅପୂର୍ଣ୍ଣତା ଓ ଅସଙ୍ଗତି ବିଲୁପ୍ତ ହେବାକୁ ବାଧ୍ୟ । କିନ୍ତୁ ଆମ୍ଭେମାନେ ବର୍ତ୍ତମାନ ଯାହା ଚାହୁଁଅଛୁ, ତାହା ପୃଥିବୀକୁ ଅତିମାନସ ଜଗତରେ ପରିଣତ କରିବାକୁ ନୁହେଁ, ତାହା ହେଲା ପାର୍ଥିବ ପରିବେଶ ମଧ୍ୟରେ ଅତିମାନସ ବିଜ୍ଞାନକୁ ଗୋଟିଏ ଶକ୍ତି ଓ ଉର୍ଦ୍ଧ୍ୱତନ ଚେତନା ହିସାବରେ ଉତାରି ଆଣି ପ୍ରତିଷ୍ଠା କରିବା, ଯେପରି ଅତୀତରେ ଦେହ-ପ୍ରାଣମୟ ଆବେଷ୍ଟନ ମଧ୍ୟରେ ମନ ଉତରି ଆସି ଉଚ୍ଚତର ଶକ୍ତି ଓ ଚେତନା ରୂପେ ପ୍ରତିଷ୍ଠା ଲାଭ କରିଥିଲା; ମନର ଶକ୍ତି ଓ ମନର ଚେତନା ଅଧସ୍ତନ କ୍ଷେତ୍ରରେ ଯେପରି କାର୍ଯ୍ୟ କରିଥିଲା, ନିଜକୁ ସାର୍ଥକ କରିଥିଲା, ଅତିମାନସ ବି ସେହିପରି କରିବ । ଜଗତ୍ ଓ ପ୍ରକୃତିର ବର୍ତ୍ତମାନ ସୀମା-ବନ୍ଧନକୁ ଭାଙ୍ଗି ନବ-ରୂପ ଦେବା ସକାଶେ ଏହାହିଁ ଯଥେଷ୍ଟ । କିନ୍ତୁ କ'ଣ, କିପରି ଓ କେତେଦୂର ପର୍ଯ୍ୟନ୍ତ ଏହି ରୂପାନ୍ତର ଘଟିବ ତାହା ଏକ୍ଷଣି କୁହାଯାଇ ପାରିବ ନାହିଁ । ଜ୍ୟୋତିଃ ଆବିର୍ଭୂତ ହେଲେ ସେହି ଜ୍ୟୋତିଃହିଁ ତା'ର କାର୍ଯ୍ୟ କରିବ । ଅତିମାନସ ସଙ୍କଳ୍ପ ଯେତେବେଳେ ପୃଥିବୀ ଉପରେ ଆସି ଉପବିଷ୍ଟ ହେବ ସେତେବେଳେ ସେହି ସଙ୍କଳ୍ପହିଁ ସବୁ କିଛି ସ୍ଥିର କରିବ । ସେ ନେଇ ଆସିବ ଗୋଟାଏ ପୂର୍ଣ୍ଣତା, ସୁସଙ୍ଗତି, ସତ୍ୟ-ଦୃଷ୍ଟି । ତା'ପରେ ବାକିଟା ଯାହା ଅଛି, ତାହାହିଁ ବାକି ହୋଇ ରହିବ ? ଏହାହିଁ ସବୁ କିଛି । ❖

# ମନର ଅସାମର୍ଥ୍ୟ

## ଶ୍ରୀମା

ଯେପର୍ଯ୍ୟନ୍ତ ମନ ନିଜକୁ ମାନବିକ ଚେତନାର ଚୂଡ଼ାନ୍ତ ଶିଖର ବୋଲି ବିଶ୍ୱାସ କରୁଥିବ, ତା'ଠାରୁ ଊର୍ଦ୍ଧ୍ୱ ଓ ଅଧିକ ଆଉ କିଛି ନାହିଁ, ସେପର୍ଯ୍ୟନ୍ତ ଏହା ନିଜର କ୍ରିୟାକଳାପକୁ ସମ୍ପୂର୍ଣ୍ଣ ନିର୍ଭୁଲ ବୋଲି ଭାବୁଥିବ । ସେ ତହିଁରେ ପୂରା ସନ୍ତୁଷ୍ଟ ରହି ସେହି କ୍ରିୟାର ସୀମା ଭିତରେ ସ୍ୱଷ୍ଟତା, ନିର୍ଦ୍ଦିଷ୍ଟତା, ଜଟିଳତା, କୋମଳତା ଓ ନମନୀୟତା ଆଦି ଗୁଣଗୁଡ଼ିକର ବିକାଶ ଭିତରେ ଅଗ୍ରଗତି କରିବାକୁ ଚାହୁଁଥିବ ।

ଏହାର ଏକ ସ୍ୱତଃସ୍ଫୂର୍ତ୍ତ ପ୍ରବୃତ୍ତି ହେଉଛି ନିଜ ସମ୍ପର୍କରେ ଓ ନିଜେ କ'ଣ କରିପାରିବ ସେସମ୍ପର୍କରେ ଖୁବ୍ ସନ୍ତୋଷ ଅନୁଭବ କରିବା । ଏବଂ ଏହା ଯଦି ନିଜ ଅପେକ୍ଷା ଏକ ମହତ୍ତର ଓ ଉଚ୍ଚତର ଶକ୍ତିର ସନ୍ଧାନ ନ ପାଏ ଯାହାକି ଏହି ମନର ସୀମିତତା ଓ ଦୈନ୍ୟକୁ ସ୍ୱଷ୍ଟ ଦେଖାଇଦେବ, ତା'ହେଲେ ସେ ଠିକ୍ ଦ୍ୱାର ଦେଇ ବାହାରି ଯିବାକୁ କେବେହେଲେ ପ୍ରଚେଷ୍ଟା କରିବ ନାହିଁ । ଏହି ଦ୍ୱାରଟି ହେଲା ସତ୍ତାର ଏକ ଉଚ୍ଚତର ଓ ମହତ୍ତର ସ୍ଥିତି ଭିତରକୁ ମୁକ୍ତି ।

ଯେତେବେଳେ ଆଧ୍ୟାତ୍ମିକ ଶକ୍ତି କ୍ରିୟାକରେ, ଯେତେବେଳେ ଏହା ଏକ ପ୍ରଭାବ ବିସ୍ତାର କରିବାକୁ ଆରମ୍ଭ କରେ, ସେତେବେଳେ ଏହା ମନର ଆତ୍ମସନ୍ତୋଷକୁ ଦୋହଲାଇ ଦିଏ, ଏବଂ କ୍ରମାଗତ ଚାପ ଦ୍ୱାରା ଏହା ମନ ପାଇଁ ଏହି ଅନୁଭବ ଆଣିଦିଏ ଯେ ମନଠାରୁ ଊର୍ଦ୍ଧ୍ୱରେ ଆହୁରି ଉଚ୍ଚତର ଓ ସତ୍ୟତର କିଛି ରହିଛି, ସେତେବେଳେ ଏହି ପ୍ରଭାବ ଫଳରେ ମନର ସେହି ଚରିତ୍ରଗତ ଦମ୍ଭ ଓ ଅହମିକାର କିଛିଟା ଖର୍ବ ହୁଏ ଏବଂ ଯେତେବେଳେ ଏହା ଉପଲବ୍ଧି କରେ ଯେ ନିଜେ ଏକ ସୀମିତ, ଅଜ୍ଞ ଏବଂ ଯଥାର୍ଥ ସତ୍ୟରେ ଉପନୀତ ହେବାକୁ ଅକ୍ଷମ, ସେତେବେଳେ ତାହାର ଊର୍ଦ୍ଧ୍ୱରେ ରହିଥିବା କିଛି ସତ୍ୟ ପ୍ରତି ଉନ୍ମୁକ୍ତ ହେବାର ସମ୍ଭାବନା ନେଇ ମୁକ୍ତିର ପ୍ରକ୍ରିୟା ଆରମ୍ଭ ହୁଏ । କିନ୍ତୁ ଊର୍ଦ୍ଧ୍ୱସ୍ଥ ସେହି ସତ୍ୟର ସାମର୍ଥ୍ୟ, ସୌନ୍ଦର୍ଯ୍ୟ ଓ ଶକ୍ତିକୁ ଏହା ଅନୁଭବ କରିବା ଉଚିତ – ଯଦି ତାହା ପାଖରେ ଏହା ନିଜକୁ ସମର୍ପଣ କରିବା ପାଇଁ ସକ୍ଷମ ହେବ । ନିଜଠାରୁ ଉଚ୍ଚତର ଏହି ସତ୍ୟର ତୁଳନାରେ ଏହା ନିଜର ଅସାମର୍ଥ୍ୟ ଓ ସୀମିତତାକୁ ହୃଦୟଙ୍ଗମ କରିବା ଉଚିତ । ତା' ନ ହେଲେ ଏହା ନିଜର ଦୁର୍ବଳତାସବୁକୁ ବୁଝିପାରିବ କିପରି ?

ସମୟ ସମୟରେ ଥରଟିଏ ବା ଗୋଟିଏ ସଂସ୍ପର୍ଶହିଁ ଯଥେଷ୍ଟ ହୋଇଥାଏ ଯାହାକି ମନର ସେହି ଆତ୍ମସନ୍ତୋଷକୁ ଟିକେ ଦୋହଲାଇ ଦେବ; ତା'ପରେ ଊର୍ଦ୍ଧ୍ୱତର କିଛିକୁ ଉଠିଯିବା ପାଇଁ ଏକ ତୀବ୍ର ଆକାଙ୍କ୍ଷା ଓ ଏକ ଜାଗ୍ରତ୍ ଶୁଦ୍ଧ ଆଲୋକ ପାଇଁ ଅଭୀପ୍ସା ଜାଗ୍ରତ୍ ହୁଏ ଓ ଏହି ଜାଗରଣ ସଙ୍ଗେ ସଙ୍ଗେ ସେଗୁଡ଼ିକୁ ଜୟ କରିବାର ଅଭୀପ୍ସା ଏବଂ ସେହି ଅଭୀପ୍ସା ସଙ୍ଗେ ଆରମ୍ଭ ହୁଏ ମୁକ୍ତିର ଅଭୀପ୍ସା ଏବଂ ଦିନେ ସମସ୍ତ ସୀମାକୁ ଭାଙ୍ଗିଦେଇ ଜଣେ ଏକ ଅନନ୍ତ ଦିବ୍ୟ ଆଲୋକ ଭିତରେ ପ୍ରସ୍ଫୁଟିତ ହୁଏ ।

ଯଦି ଏହି କ୍ରମାଗତ ଚାପ ରହି ନ ଥା'ନ୍ତା, ଯୁଗପତ୍ ସେହି ଏକ ସମୟରେ ବାହାରୁ ଓ ଭିତରୁ, ଊର୍ଦ୍ଧ୍ୱରୁ ଓ ଗଭୀରତାରୁ ଯଦି ଏହି ଚାପ ନ ଥା'ନ୍ତା, ତା'ହେଲେ କୌଣସିକିଛିର କେବେ ବି ପରିବର୍ତ୍ତନ ହୁଅନ୍ତା ନାହିଁ ।

(ନୀରବତା)

ସମଗ୍ର ପ୍ରକାଶ ଭିତରେ, ଏହି ସଂସାରକୁ, ସେ ପଡ଼ି ରହିଥିବା ଦୈନ୍ୟ, ଅଜ୍ଞତା ଓ ନିର୍ବୋଧତା ମଧ୍ୟରୁ ଉଦ୍ଧାର କରିବା ପାଇଁ ଏକ ଅନନ୍ତ ଦିବ୍ୟକୃପା କ୍ରମାଗତ ଭାବେ କ୍ରିୟା କରିଚାଲିଛି । ଅନନ୍ତ କାଳରୁ ଏହି ଦିବ୍ୟକୃପା କ୍ରିୟା କରିଚାଲିଛି, ନିଜର ପ୍ରଚେଷ୍ଟାରେ ଏହା ବିରାମହୀନ ଏବଂ ଏହି ସଂସାରକୁ ଏକ ମହତ୍ତର, ଅଧିକତର ସତ୍ୟ ଓ ସୌନ୍ଦର୍ଯ୍ୟସମ୍ପନ୍ନ ସତ୍ୟ ପ୍ରତି ଜାଗ୍ରତ୍ ହେବା ପାଇଁ କେତେ ସହସ୍ର ବର୍ଷ ଅତିବାହିତ ନ ହୋଇଛି ?

ନିଜ ସତ୍ତାର କ୍ଷେତ୍ରରେ ଆମେ ଯେଉଁସବୁ ପ୍ରତିରୋଧର ସମ୍ମୁଖୀନ ହେଉ, ଦିବ୍ୟକୃପାର କ୍ରିୟା ପ୍ରତି ସଂସାର ଯେଉଁ ତୀବ୍ର ପ୍ରତିରୋଧ କରେ, ତହିଁରୁହିଁ ଆମେ ଏହା କଳନା କରିପାରିବା ।

ଏବଂ ଯେତେବେଳେ କେବଳ ଜଣେ ହୃଦୟଙ୍ଗମ କରେ

ଯେ ସମସ୍ତ ବାହାର ଜିନିଷ, ସମସ୍ତ ମାନସିକ ଗଠନ, ସମସ୍ତ ବସ୍ତୁଗତ ପ୍ରଚେଷ୍ଟା କେବଳ ବ୍ୟର୍ଥ ଓ ବିଡ଼ମ୍ବନା ମାତ୍ର, ଯଦି ସେଗୁଡ଼ିକୁ ଊର୍ଦ୍ଧ୍ୱର ଏହି ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରତି ସମଗ୍ର ଭାବରେ ଉତ୍ସର୍ଗୀକୃତ ନ କରାଯାଏ, ଯେଉଁ ସତ୍ୟ କି ନିଜକୁ ବ୍ୟକ୍ତ ଓ ପ୍ରକାଶ କରିବା ପାଇଁ ପ୍ରୟାସ କରୁଛି, ସେତେବେଳେ ଯାଇ ଜଣେ ଏକ ନିଷ୍ପତ୍ତିମୂଳକ ଅଗ୍ରଗତି ପାଇଁ ସମର୍ଥ ହେବ । ତେଣୁ ଏକମାତ୍ର ସତ୍ୟତର ଓ ଫଳପ୍ରଦ ଆଭିମୁଖ୍ୟ ହେଉଛି ସେହି ଊର୍ଦ୍ଧ୍ୱରେ ରହିଥିବା ସେହି ଦିବ୍ୟ ସତ୍ ପାଖରେ ପୂର୍ଣ୍ଣ ଭାବରେ, ସାମଗ୍ରିକ ଭାବରେ, ଉତ୍ସାହର ସହିତ ଆମ ନିଜ ସତ୍ତାକୁ ଉତ୍ସର୍ଗ ଓ ସମର୍ପିତ କରିଦେବା ଏବଂ ସେହି ଊର୍ଦ୍ଧ୍ୱସ୍ଥ ସତ୍ୟରହିଁ ସବୁକିଛିକୁ ବଦଳାଇ ଦେବାର ସାମର୍ଥ୍ୟ ରହିଛି ।

ତୁମେ ଯେତେବେଳେ ତୁମର ଅନ୍ତରସ୍ଥ ଆତ୍ମା ପ୍ରତି ଉନ୍ମୋଚିତ ହୁଅ, ସେତେବେଳେ ଏହା ସେହି ଉଚ୍ଚତର ଜୀବନର ଆଗୁଆ ପ୍ରଥମ ଆସ୍ୱାଦ ଆଣିଦିଏ କେବଳ ଯାହା ପାଇଁ ଜୀବନ ଧାରଣ କରି ବଞ୍ଚିବାର ମୂଲ୍ୟ ରହିଛି । ତା'ପରେ ଆସେ ତା' ଭିତରକୁ ଉଠିଯିବା ପାଇଁ ସଂକଳ୍ପ, ସେଠାରେ ପହଞ୍ଚିବାର ଆଶା ଓ ସେହି ନିଶ୍ଚୟତା ଯେ ସମ୍ଭବପର ଏବଂ ଶେଷରେ ଆସେ ସେଦିଗରେ ଆବଶ୍ୟକ ଉଦ୍ୟମ ପାଇଁ ସାମର୍ଥ୍ୟ ଓ ଶେଷ ପର୍ଯ୍ୟନ୍ତ ଯିବା ପାଇଁ ଦୃଢ଼ ସଂକଳ୍ପ ।

ପ୍ରଥମେ ଆମକୁ ଜାଗ୍ରତ୍ ହେବାକୁ ହେବ, ତା'ପରେ ଜଣେ ବିଜୟ ହାସଲ କରିବା ପାଇଁ ସମର୍ଥ ହେବ ।

(CWM, Vol. .9, Page - 418 - 420) ❖

*ଅସୁସ୍ଥତା କିନ୍ତୁ କେତେକ ସମୟରେ ଯୋଗର ଆଂଶିକ ଗତିବିଧି ନ ହୋଇ ସୂକ୍ଷ୍ମାଣୁଗୁଡ଼ିକର ପରିଣାମ ହୋଇ ନ ଥାଏ କି ?*

**ଶ୍ରୀମା :** ଯୋଗ କେଉଁଠାରୁ ଆରମ୍ଭ ହୁଏ ଓ କେଉଁଠାରେ ଶେଷ ହୁଏ ? ତୁମର ସମଗ୍ର ଜୀବନଟି ଯୋଗ ନୁହେଁ କି ? ଅସୁସ୍ଥତାର ଯାବତ୍ ସମ୍ଭାବନା ସବୁ ସମୟରେ ତୁମ ଶରୀର ଭିତରେ ଓ ବାହାରେ ଘେରି ରହିଛି; ତୁମେ ତୁମ ଭିତରେ ଏହାକୁ ବହନ କର କିଂବା ପ୍ରତ୍ୟେକ ରୋଗର ସୂକ୍ଷ୍ମାଣୁ ଓ ଜୀବାଣୁ ତୁମ ଚାରିଦିଗରେ ପଲ ପଲ ହୋଇ ଘୂରି ବୁଲନ୍ତି । ଯେଉଁ ରୋଗ ବର୍ଷ ବର୍ଷ ଧରି ହୋଇ ନାହିଁ ହଠାତ୍ କିପରି ଭାବେ ତାହା ଦ୍ୱାରା ତୁମେ ଆକ୍ରାନ୍ତ ହୁଅ ? ତୁମେ କହିବ ଏହା ''ପ୍ରାଣ ଶକ୍ତିର ଅବସାଦ ।'' କିନ୍ତୁ ଏହି ଅବସାଦ କେଉଁଠାରୁ ଆସୁଛି ? ସତ୍ତା ମଧ୍ୟରେ କିଛି ଅସଂଗତି ଏବଂ ଭଗବତ୍ ଶକ୍ତି ପ୍ରତି ଗ୍ରହଣଶୀଳତାର ଅଭାବରୁ ଏହା ଆସେ । ତୁମକୁ ଧରି ରଖିଥିବା ଶକ୍ତି ଓ ଆଲୋକଠାରୁ ଯେତେବେଳେ ତୁମେ ନିଜକୁ ବିଚ୍ଛିନ୍ନ କରିଦିଅ, ଏହି ଅବସାଦ ସେତେବେଳେ ଆସେ । ଚିକିତ୍ସା ବିଜ୍ଞାନ ଯାହାକୁ, ''ଅନୁକୂଳ କ୍ଷେତ୍ର'' ବୋଲି କହେ ତାହା ସେଠାରେ ସୃଷ୍ଟି ହୋଇଯାଏ ଏବଂ କିଛି ଜିନିଷ ଏହାର ସୁଯୋଗ ନିଏ । ଏହା ହେଉଛି ସନ୍ଦେହ, ବିଷଣ୍ଣତା, ଭରସାର ଅଭାବ, ସ୍ୱାର୍ଥପର ଭାବେ ନିଜକୁ ନେଇ ଭାବି ହେବା । ଏହା ତୁମକୁ ଆଲୋକ ଓ ଭଗବତ୍ ଶକ୍ତିଠାରୁ ବିଚ୍ଛିନ୍ନ କରେ ଏବଂ ଆକ୍ରମଣକୁ ଏହି ସୁବିଧା ଦିଏ । ସୂକ୍ଷ୍ମାଣୁ ନୁହେଁ, ଏହାହିଁ ହେଉଛି ତୁମ ଅସୁସ୍ଥତାର କାରଣ ।

(CWM, Vol. 3, pp. 55 - 56) ❖

# ଭାରତର ଅତୀତ ଓ ଭବିଷ୍ୟତ୍

**ଶ୍ରୀଅରବିନ୍ଦ**

[ସନ ୧୯୦୯ ସାଲ ସେପ୍ଟେମ୍ବର ୨୫ ତାରିଖରେ ଶ୍ରୀଅରବିନ୍ଦଙ୍କ ଦ୍ୱାରା ଲିଖିତ ଏହି ପ୍ରବନ୍ଧଟି ''କର୍ମଯୋଗୀନ୍'' ପତ୍ରିକାରେ ପ୍ରଥମେ ପ୍ରକାଶିତ ହୋଇଥିଲା । ଏଥି ଭିତରେ ଗୋଟିଏ ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ଏହି ପ୍ରବନ୍ଧର ବିଷୟ ବସ୍ତୁ ଓ ଏଥିରେ ସନ୍ନିହିତ ଚିନ୍ତାରାଶି ଆଜିର ଘଟଣାବଳି ପ୍ରତି ବେଶ୍ ପ୍ରଯୁଜ୍ୟ । 'ନବଜ୍ୟୋତି'ର ପାଠକ-ପାଠିକାମାନେ ଏହାକୁ ତୁଲ୍ୟଦୃଷ୍ଟି ସହ ପାଠ କରିବେ ବୋଲି ଆମ୍ଭେମାନେ ଆଶାକରୁ । – ସମ୍ପାଦନା]

ଭାରତୀୟ ଚିନ୍ତାଧାରା, ଭାରତୀୟ ସ୍ୱଭାବ, ଭାରତୀୟ ଉପଲବ୍ଧି, ଭାରତୀୟ ଶକ୍ତି, ଭାରତୀୟ ମହତ୍ତ୍ୱକୁ ଜାଗ୍ରତ୍ କରିବା ଏବଂ ବର୍ତ୍ତମାନ ପୃଥିବୀକୁ ଯେଉଁ ସମସ୍ୟା ଆଲୋଡ଼ିତ କରୁଛି ତାକୁ ଭାରତୀୟ ଦୃଷ୍ଟିକୋଣରୁ ସମାଧାନ କରିବା, ଆମ୍ଭମାନଙ୍କ ମତରେ ଏହାହିଁ ଜାତୀୟତାର ଲକ୍ଷ୍ୟ । ଆମ୍ଭେମାନେ ଡକ୍ଟର କୁମାରସ୍ୱାମୀଙ୍କ ସହ ଏକମତ ହୋଇ କହୁଛୁ ଯେ କେବଳ ଆର୍ଥନୀତିକ ବା ରାଜନୀତିକ ବ୍ୟାପାରରେ ଅତି ମାତ୍ରାରେ ବ୍ୟସ୍ତ ରହିଲେ ଆମର ଅଭିବୃଦ୍ଧି ବ୍ୟାହତ ହୋଇପାରେ ଏବଂ ନିଜସ୍ୱ ପ୍ରତିଭା ଓ ଶକ୍ତି ବିକଶିତ ହୋଇ ନପାରେ । ଆମ୍ଭମାନଙ୍କୁ ଆମ୍ଭମାନଙ୍କର ପ୍ରାଚୀନ ଧର୍ମ, ଦର୍ଶନ, କଳା ଓ ସାହିତ୍ୟର ମୂଳ ଉତ୍ସକୁ ଫେରି ଯିବାକୁ ହେବ ଏବଂ ସେହି ଶାଶ୍ୱତ ଆର୍ଯ୍ୟ ଚରିତ୍ର ଓ ଆଦର୍ଶର ସଞ୍ଜୀବନୀ ଶକ୍ତିକୁ ଆମ୍ଭମାନଙ୍କର ରାଜନୈତିକ ଓ ଆର୍ଥନୀତିକ ଉନ୍ନୟନ ଉପରେ ଢାଳି ଦେବାକୁ ହେବ ।

ଗୋଟିଏ ଅତିମାତ୍ରାରେ ବ୍ୟବସାୟ ପ୍ରଧାନ, ଭୌତିକବାଦୀ ଏବଂ ଅପରିଣତ ୟୁରୋପୀୟ ଶିକ୍ଷା ଦ୍ୱାରା ଆମ୍ଭମାନଙ୍କର ମନ, ଚରିତ୍ର ଓ ରୁଚିବୋଧର ଯେ ଘୋର ଅଧଃପତନ ଘଟିଛି – ଏହି ବିଷୟଟି ଉପରେ ଆମ୍ଭମାନଙ୍କର ନବଜାତ ଜାତୀୟତା ଖୁବ୍ ଜୋର୍ ଦେଇଛି । ଆମ୍ଭମାନଙ୍କର ସୌନ୍ଦର୍ଯ୍ୟବୋଧ, ନମନୀୟ କଳା-କୁଶଳତା, ଚକ୍ଷୁ ଓ ବସ୍ତୁର ସୂକ୍ଷ୍ମାତିସୂକ୍ଷ୍ମ କାରୁକାର୍ଯ୍ୟ ଯାହା ଆମର ପଣ୍ୟଦ୍ରବ୍ୟକୁ ୟୁରୋପୀୟ ବଜାରରେ ମହତ୍ତ୍ୱ, ପ୍ରାଧାନ୍ୟ ଓ ପ୍ରଭୁତ୍ୱ ବିସ୍ତାର କରିବାକୁ ସୁଯୋଗ ଦେଇଥିଲା, ତାହା ଆଜି ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇ ଯାଇଛି । ସବୁଠାରୁ ଅତି ଗୁରୁତର ବିଷୟ ହେଲା ଆମ୍ଭର ଶିକ୍ଷାନୁଷ୍ଠାନ ଓ ବିଶ୍ୱ-ବିଦ୍ୟାଳୟସମୂହ ଆମ୍ଭମାନଙ୍କର ଅତୀତଠାରୁ ବର୍ତ୍ତମାନ ମଧ୍ୟରେ ଯେଉଁ ବୁଦ୍ଧିଗତ ଓ ଆଧାତ୍ମିକ ବିଚ୍ଛେଦ(divorce) ଘଟାଇଛନ୍ତି ତାହା ଫଳରେ ଜାତି ତାହାର ନିଜସ୍ୱ ପ୍ରତିଭା, ଉଚ୍ଚ ଅଭୀପ୍ସା ଓ ସାମର୍ଥ୍ୟରୁ ବଞ୍ଚିତ ହୋଇଛି । କିନ୍ତୁ ବାସ୍ତବରେ ଦେଖିବାକୁ ଗଲେ ଜାତିର ନିଜସ୍ୱ ପ୍ରତିଭା, ଅଭୀପ୍ସା ଓ ସାମର୍ଥ୍ୟହିଁ ତାହାକୁ ମହାନ୍ କରିଥାଏ ।

ଏହି ଗତିଧାରାକୁ ଓଲଟାଇ ଦେବା ଏବଂ ଯାହା ଆମ୍ଭେମାନେ ହରାଇଛୁ ତାହାକୁ ପୁନର୍ବାର ଲାଭ କରିବା – ଏହାହିଁ ହେଲା ଆମ୍ଭମାନଙ୍କର ପ୍ରଥମ କର୍ତ୍ତବ୍ୟ । ଏହିସବୁ ନିମିତ୍ତ ଆମ୍ଭଙ୍କୁ ପ୍ରଥମେ ଧ୍ୟାନ ଦେବାକୁ ହେବ । ଆଉ ସକଳ ବସ୍ତୁ ହରାଇବା ମଧ୍ୟରେ ନିଜସ୍ୱ ପ୍ରତିଭା, ଆକାଙ୍କ୍ଷା ଓ ଶକ୍ତି ହରାଇବା ଯେପରି ଅତି ଗୁରୁତର ବ୍ୟାପାର, ସେହିପରି ଏଗୁଡ଼ିକର ପୁନର୍ଜାଗରଣ, ପୁନଃପ୍ରାପ୍ତି ଆମ୍ଭମାନଙ୍କର ସର୍ବପ୍ରଧାନ ଏବଂ ସର୍ବପ୍ରଥମ ଲକ୍ଷ୍ୟ ହେବା ଉଚିତ । ଜାତୀୟବାଦୀ ନେତୃବୃନ୍ଦଙ୍କର ଏହାହିଁ ପ୍ରଥମ ଲକ୍ଷ୍ୟ ଥିଲା : ଜାତିର ମନ-ପ୍ରାଣରୁ ଏହି ଧାରଣା ଦୂର କରିବା ଯେ ଜାତିର ଭବିଷ୍ୟତ୍ ବର୍ତ୍ତମାନ ତାହାର ଚତୁଃପାର୍ଶ୍ୱସ୍ଥ କ୍ଷୁଦ୍ର ଘଟଣାବଳୀ ଦ୍ୱାରା ଆବଦ୍ଧ ଏବଂ ଯେହେତୁ ଏହି ଘଟଣାବଳୀ ଆମ୍ଭମାନଙ୍କୁ ନିମ୍ନ ସ୍ତରକୁ ଘେନି ଆସିଛି ଏବଂ ଆମ୍ଭମାନଙ୍କୁ ଦୁର୍ବଳ କରିଛି, ସେହି ହେତୁ ଆମ୍ଭମାନଙ୍କର ଲକ୍ଷ୍ୟ ହେବ ନୀଚ ଓ ଉପାୟ ହେବ ଦୁର୍ବଳ । ଏହି ଜାତୀୟ ମହାପୁରୁଷଗଣ ଦେଶବାସୀଙ୍କ ସମ୍ମୁଖରେ ତୋଳି ଧରିଥିଲେ ଏକ ବିଶାଳ ସମୁଜ୍ଜ୍ୱଳ ଆଦର୍ଶ, ଯାହା ସୁଦୂର ଭବିଷ୍ୟତରେ ପ୍ରାପ୍ତ ହେବ ଏପରି ନୁହେଁ, ବରଂ ଅପେକ୍ଷାକୃତ ନିକଟ ଭବିଷ୍ୟତରେ ପ୍ରାପ୍ତ ହୋଇ ପାରିବ । ନବଯୁଗର ଏହି ନୂତନ ଆଦର୍ଶକୁ ପ୍ରାପ୍ତ କରିବା ନିମିତ୍ତ ସେମାନେ ଯୁବକଙ୍କ ହୃଦୟରେ ଅଗ୍ନି ସଂଯୋଗ କରି ତୀବ୍ର ଉଦ୍ଦୀପନା ସୃଷ୍ଟି କରିଥିଲେ । ହୁଏତ ଏହି ସମୁଜ୍ଜ୍ୱଳ ଭବିଷ୍ୟତ୍ ଏକ ସ୍ୱପ୍ନବତ୍ ପ୍ରତୀୟମାନ ହେବ, ସେଥିପାଇଁ ଏହାର ଯଥାର୍ଥତା ପ୍ରତିପାଦନ କରିବା ସକାଶେ ଏବଂ ଏହାକୁ ଏକ ଅଫୁରନ୍ତ ଶକ୍ତି ଓ ପ୍ରେରଣାର ଉତ୍ସ ରୂପେ ସ୍ଥାପନ କରିବା ନିମିତ୍ତ ସେମାନେ ବାରଂବାର ଦୃଷ୍ଟି ଆକର୍ଷଣ

କରିଥିଲେ, — ଆମ୍ଭର ପୂର୍ବପୁରୁଷମାନଙ୍କର ମହାନ୍ ସିଦ୍ଧି ଓ ଗୌରବମୟ ସଭ୍ୟତା ପ୍ରତି । ଉଦୀୟମାନ ଯୁବ-ସମାଜକୁ ସେମାନେ ଆହ୍ୱାନ କରିଥିଲେ ତାଙ୍କର ବିଲୁପ୍ତ ଆଧ୍ୟାତ୍ମିକ ଓ ବୁଦ୍ଧିଗତ ପରମ୍ପରାକୁ ପୁନରୁଦ୍ଧାର କରିବା ନିମିତ୍ତ । ସୁତରାଂ ଆମ୍ଭମାନଙ୍କର ଜାତୀୟ ଆନ୍ଦୋଳନରେ ଏହି ଦ୍ୱିବିଧ ଉଦ୍ୟମହିଁ — ଅତୀତକୁ ଉପଲବ୍ଧି କରିବା ଓ ଭବିଷ୍ୟତକୁ ପ୍ରାପ୍ତ ହେବା — ଅତି ସୁସ୍ପଷ୍ଟ ମନୋଭାବ ଏବଂ ପ୍ରଧାନ ଉନ୍ନୟନକାରୀ ଶକ୍ତି ରୂପେ କାର୍ଯ୍ୟ କରିଛି ଏବଂ ଏହାହିଁ ଆଜି ଆମ୍ଭମାନଙ୍କର ଯୁବକମାନଙ୍କ ମଧ୍ୟରେ ଆଣି ଦେଇଛି ନିଜସ୍ୱ ପ୍ରତିଭା, ଅଭୀପ୍ସା ଓ ସାମର୍ଥ୍ୟ ... ।

ଦେଶବାସୀଙ୍କର ମନ, ଚରିତ୍ର ଓ ରୁଚିବୋଧକୁ ଉନ୍ନତ କରିବା, ପ୍ରାଚୀନ ସମ୍ଭ୍ରାନ୍ତଶୀଳ ମନୋଭାବ, ବଳଶାଳୀ ଆର୍ଯ୍ୟ ଚରିତ୍ର ଏବଂ ଉଚ୍ଚ ଆର୍ଯ୍ୟ ଦୃଷ୍ଟିକୋଣ ଆଉ ସେହିସବୁର ଉପଲବ୍ଧି ଯାହା ପାର୍ଥିବ ଜୀବନକୁ ସୁନ୍ଦର, ସରସ ତଥା ମଧୁମୟ କରେ ଏବଂ ସେହି ଅତି ମହତ୍ତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ଅନୁଭବ, ସିଦ୍ଧି ଓ ଅଭୀପ୍ସା ଯାହାକି ଆମ୍ଭମାନଙ୍କୁ ପୃଥିବୀର ସକଳ ଜାତିଙ୍କ ମଧ୍ୟରେ ସବୁଠାରୁ ବେଶୀ ହୃଦୟବାନ୍, ଚିନ୍ତାଶୀଳ ଏବଂ ସୂକ୍ଷ୍ମ ରୂପେ ଗମ୍ଭୀର କରି ପାରିଥିଲା — ସେହିସବୁର ପୁନରୁଦ୍ଧାର କରିବାହିଁ ଆମ୍ଭମାନଙ୍କର ଅତି ଜରୁରୀ ଓ ଦ୍ୱିତୀୟ ପ୍ରଧାନ ଲକ୍ଷ୍ୟ ହେବା ଉଚିତ । ଜାତୀୟ ଶିକ୍ଷା ଦ୍ୱାରା ଏହି ମହାନ୍ ଲକ୍ଷ୍ୟ ହାସଲ ହୋଇ ପାରିବ ବୋଲି ଆମ୍ଭେମାନେ ଠିକ୍ କରିଥିଲୁ ଏବଂ ଆଶା କରିଥିଲୁ ଯେ ଜାତିର ବୁଦ୍ଧିଗତ ପରମ୍ପରାକୁ ପୁନର୍ବାର ଯୁବକଙ୍କ ମଧ୍ୟରେ ଜାଗ୍ରତ୍ କରିବାକୁ ହେବ ଏବଂ ତାହା ଉପରେ ଭବିଷ୍ୟତ୍ ନିମିତ୍ତ ଏକ ଉଚ୍ଚତର ସଂସ୍କୃତି ଗଠନ କରି ହେବ । କିନ୍ତୁ ଆମ୍ଭମାନଙ୍କୁ ଏକଥା ସ୍ୱୀକାର କରିବାକୁ ପଡ଼ିବ ଯେ ଏଥିନିମିତ୍ତ ଆମ୍ଭେ ଯେଉଁ ଉପାୟ ସ୍ଥିର କରିଥିଲୁ ଏବଂ ଯେଉଁ ତ୍ୟାଗ ବରଣ କରିଥିଲୁ ତାହା ଯଥେଷ୍ଟ ନଥିଲା । ଆଉ ଏହି ଆଦର୍ଶ ଅଯୋଗ୍ୟ ବ୍ୟକ୍ତିଙ୍କ ହାତରେ ପଡ଼ିଲେ ତାହା ତା'ର ଲକ୍ଷ୍ୟ ହରାଇବ ଏବଂ ନିମ୍ନତର ଲକ୍ଷ୍ୟ ଆଡ଼କୁ ଅପସରି ଯିବ । କିନ୍ତୁ ଯେକୌଣସି ଆନ୍ଦୋଳନ ତା'ର ଯନ୍ତ୍ରଠାରୁ ମହତ୍ତର, ଯାହା ଆମ୍ଭେମାନେ ସୃଷ୍ଟି କରୁଛୁ, ତାହା ଯେପରି ନଷ୍ଟ ନହୁଏ, ସେଥିପ୍ରତି ଆମ୍ଭମାନଙ୍କୁ ଦୃଷ୍ଟି ଦେବାକୁ ହେବ ଏବଂ ଇତ୍ୟବସରେ ଆମ୍ଭମାନଙ୍କୁ ଏପରି ଏକ ମୁକ୍ତତର ଓ ପୂର୍ଣ୍ଣତର ସାଂସ୍କୃତିକ କେନ୍ଦ୍ର ପ୍ରତିଷ୍ଠା କରିବାକୁ ହେବ ଯାହା ବର୍ତ୍ତମାନର ସଂସ୍କୃତିକୁ ପ୍ଲାବିତ କରିବ ଅଥବା ତାହା ଯଦି ଧ୍ୱଂସ ହୁଏ ତେବେ ତାହାର ସ୍ଥାନ ଅଧିକାର କରିବ । ପରିଶେଷରେ ଅବନୀନ୍ଦ୍ରନାଥ ଠାକୁରଙ୍କ ପ୍ରତିଷ୍ଠିତ ସେହି ନୂତନ ଜୀବନ୍ତ ଓ ଶକ୍ତିଶାଳୀ କଳାନୁଷ୍ଠାନ ଦ୍ୱାରା ମଧ୍ୟ ନବଜାଗରଣ ସୃଷ୍ଟି ହୋଇଛି । ଏହି କଳାନୁଷ୍ଠାନ ଯେଉଁ ପ୍ରେରଣା ଦେଉଛି, ଅତୀତର ପ୍ରେରଣା ଓ ସୌନ୍ଦର୍ଯ୍ୟକୁ ଯେପରି ପୁନରୁଦ୍ଧାର କରିଛି, ସେହିସବୁକୁ ଲୋକପ୍ରିୟ କରିବାକୁ ହେବ ଏବଂ ଏକ ଜାତୀୟ ସମ୍ପଦ ରୂପେ ଗ୍ରହଣ କରିବାକୁ ହେବ ।

କିନ୍ତୁ କୌଣସି ଜାତୀୟ ଆନ୍ଦୋଳନ ଯେତେ ଶକ୍ତିଶାଳୀ ହେଲେ ସୁଦ୍ଧା ଶହେ ବର୍ଷରେ ଘଟିଥିବା କୁପରିଣାମକୁ ଅଳ୍ପ କେତେ ବର୍ଷରେ ଦୂର କରି ନପାରେ । ଆଉ ମଧ୍ୟ ଆମ୍ଭମାନଙ୍କୁ ସ୍ମରଣ ରଖିବାକୁ ହେବ ଯେ କାହିଁକି ଆମ୍ଭର ଏହି ଅଧଃପତନ, ଏ ଜାତୀୟ ରିକ୍ତତା ଘଟିଛି; କାହିଁକି ଆମ୍ଭମାନଙ୍କ ଆତ୍ମା ମଧ୍ୟରେ ସେହି ''ବିରାଟ ଧ୍ୱଂସକାରୀ ଶକ୍ତି'' ଆସି ପ୍ରବେଶ କରିଛି । ଗୋଟିଏ ଅତି ଦୁଃଖଦାୟକ କିନ୍ତୁ ଅତି ଆବଶ୍ୟକ କାର୍ଯ୍ୟ ଭାରତର ଅଭ୍ୟୁତ୍‌ଥାନ ନିମିତ୍ତ କରିବାକୁ ଥିଲା ଏବଂ ଯେହେତୁ ଇଂରେଜ ଜାତି ଭଗବାନଙ୍କର ଏହି ଉଦ୍ଦେଶ୍ୟ ସାଧନ ନିମିତ୍ତ ଅତି ଉପଯୁକ୍ତ ଯନ୍ତ୍ର ଥିଲେ, ଭଗବାନ୍ ସେମାନଙ୍କୁ ହଜାର ହଜାର ମାଇଲ ସୁଦୂର ସମୁଦ୍ର ପାର କରାଇ ଭାରତବର୍ଷରେ ଆଣି ପହଞ୍ଚାଇ ଦେଲେ । ଭଗବାନ୍ ଭାରତବର୍ଷରେ ତାଙ୍କ କାର୍ଯ୍ୟ କରାଇବା ପାଇଁ ଇଂରେଜଙ୍କ ହୃଦୟରେ ବଳଦାନ କରିଥିଲେ, ମସ୍ତିଷ୍କରେ ସୂକ୍ଷ୍ମବିଚାର ଦେଇଥିଲେ, ଏବଂ ଇଂରେଜମାନେ ପ୍ରାରମ୍ଭରୁ ଓ ଆଜି ପର୍ଯ୍ୟନ୍ତ ବି ଏହି କାର୍ଯ୍ୟ ଅତି ବିଶ୍ୱସ୍ତ ଯଦିଓ ଅନ୍ଧଭାବରେ କରୁଛନ୍ତି । ଭାରତର ଅନ୍ତରାତ୍ମା ଓ ତାହାର ଆଦର୍ଶ କ୍ରମଶଃ ଗୋଟାଏ ଅତି କ୍ଷୁଦ୍ର ଗଣ୍ଡି ମଧ୍ୟରେ ସୀମାବଦ୍ଧ ହୋଇ ଯାଇଥିଲା । ଏହି ଗଣ୍ଡି ଯେତେହିଁ ସୁନ୍ଦର ଓ ମହାନ୍ ହେଉନା କାହିଁକି, ଭବିଷ୍ୟତର ମହାନ୍ ଦାୟିତ୍ୱ ବହନ କରିବା ନିମିତ୍ତ ଥିଲା ଅତି ସଂକୀର୍ଣ୍ଣ ଓ ଦୁର୍ବଳ । ଯେତେବେଳେ ଜାତୀୟ ଜୀବନରେ ଏହିପରି ଘଟେ ସେତେବେଳେ ସେହି ଗଣ୍ଡିକୁ ଭାଙ୍ଗି ଦେବାକୁ ହୁଏ, ଯହିଁରେ ଜାତି କ୍ଷୁଦ୍ର ସୀମା-ବନ୍ଧନରୁ ମୁକ୍ତ ହୋଇ ପୁନର୍ଜାଗ୍ରତ୍ ହୁଏ ।

ଆମ୍ଭମାନଙ୍କୁ ପୁନଶ୍ଚ ଆର୍ଯ୍ୟ ସଂସ୍କୃତି ଓ ମନୋଭାବର ପୁନରୁଦ୍ଧାର କରିବାକୁ ହେବ ଏବଂ ଏହାକୁ ଯଥାର୍ଥ ଭାବରେ ବଜାୟ ରଖିବାକୁ ହେବ, କିନ୍ତୁ ନୂତନ ରୂପରେ ଏବଂ ବୃହତ୍ତର ସଙ୍ଗଠନ ମଧ୍ୟରେ । ଆମ୍ଭମାନଙ୍କର ସାମାଜିକ ପରିବେଷ୍ଟନୀ ମଧ୍ୟରେ ଯେଉଁ ଶିଷ୍ଟାଚାର ଓ ସାମାଜିକତା ରହିଛି, ଏବଂ ଯାହାର

ଚିରନ୍ତନ ମୂଲ୍ୟ ଅଛି ଏବଂ ଯାହା ଆମ୍ଭ ଆତ୍ମାର ପୁନର୍ବିକାଶ ନିମିତ୍ତ ବିଶେଷ ରୂପେ ଆବଶ୍ୟକ ହେବ ଓ ଭବିଷ୍ୟତ୍ ନିମିତ୍ତ ସହାୟକ ହେବ, ସେହିସବୁକୁ ଅତି ଆଗ୍ରହରେ ସାଇତି ରଖିବାକୁ ହେବ । କିନ୍ତୁ ଆମ୍ଭେମାନେ ଭାରତର ପରିବର୍ଦ୍ଧନଶୀଳ ସମୃଦ୍ଧ ଆତ୍ମାକୁ ଗତ କେତେ ଶହ ବର୍ଷ ମଧ୍ୟରେ ଗଢ଼ି ଉଠିଥିବା କେତେକ କ୍ଷଣସ୍ଥାୟୀ ସୀମିତ ଗଠନ ମଧ୍ୟରେ ଆବଦ୍ଧ ରଖିବାକୁ ଚାହୁଁ ନାହୁଁ । ଏପରି କଲେ କେବଳ ଗୋଟାଏ ହାନିକାରକ ଅଥବା ବ୍ୟର୍ଥ ଉଦ୍ୟମ ହେବ । ବାହାରର ସଂକୀର୍ଣ୍ଣ ଛାଞ୍ଚ ଏବେ ଭାଙ୍ଗିଯାଇଛି, ଆଉ ଆମ୍ଭମାନଙ୍କୁ ପୁନର୍ବାର ସେହି ଛାଞ୍ଚକୁ ବୃହଦାକାରରେ ଓ ଅପେକ୍ଷାକୃତ ବିଭବଶାଳୀ କରି ଗଢ଼ିବାକୁ ହେବ । ଏହି ଧ୍ୱଂସ ଘଟାଇବା ନିମିତ୍ତ ଇଂଲଣ୍ଡ ତା'ର ଦୃଢ଼ ବ୍ୟକ୍ତିତନ୍ତ୍ରବାଦ (individualism) ଦ୍ୱାରା ଅତି ଯୋଗ୍ୟ ବୋଲି ବିବେଚିତ ହୋଇଥିଲା । ଇଂଲଣ୍ଡର ବ୍ୟବସାୟବାଦ ଓ ଭୌତିକବାଦ ଭାରତୀୟ ମନୋଭାବ ଓ ସଂସ୍କୃତିର ଠିକ୍ ବିପରୀତ । ପୁଣି ମଧ୍ୟ ଇଂଲଣ୍ଡ ଏହି କାର୍ଯ୍ୟ ଭାରତରେ କରିବାକୁ ବିବେଚିତ ହୋଇଥିଲା, କାରଣ ଇଂଲଣ୍ଡ ତା'ର ଅଦ୍ୱିତୀୟ କର୍ମପ୍ରବଣତା ତଥା କାର୍ଯ୍ୟଦକ୍ଷତା ଦ୍ୱାରା ଭାରତବର୍ଷରେ ଗୋଟିଏ ବ୍ୟକ୍ତିକୈନ୍ଦ୍ରିକ ଓ ବସ୍ତୁତାନ୍ତ୍ରିକ(materialistic) ଗଣତନ୍ତ୍ର ଶାସନ ସଙ୍ଗଠିତ କରିଛି । ଆମ୍ଭମାନଙ୍କୁ ଏହି ଗଣତନ୍ତ୍ର ପ୍ରତିଷ୍ଠାର ସନ୍ନିକଟ ହେବାକୁ ହେବ ଏବଂ ସେହି ଗଣତାନ୍ତ୍ରିକ ମନୋଭାବ ଓ ଉପାୟକୁ ଗ୍ରହଣ କରିବାକୁ ହେବ । ଏହା ଦ୍ୱାରା ଆମ୍ଭେମାନେ ଗଣତନ୍ତ୍ର ପଦ୍ଧତିକୁ ନିଜର କରିପାରିବା ଏବଂ ତାହାର ଊର୍ଦ୍ଧ୍ୱକୁ ଉଠିଯାଇ ପାରିବା । ଆମ୍ଭମାନଙ୍କର ଅର୍ଦ୍ଧ ପୁଞ୍ଜିବାଦ ଓ ଅର୍ଦ୍ଧ ଧର୍ମଭାବ ଉପରେ ପ୍ରତିଷ୍ଠିତ ମଧ୍ୟଯୁଗୀୟ ସାମନ୍ତବାଦକୁ ଧ୍ୱଂସ କରିବାକୁ ହେବ, ଯେଉଁଥିରେ କି ବେଦାନ୍ତୋକ୍ତ ଗଣତାନ୍ତ୍ରିକ ଅନ୍ତରାତ୍ମାର ବିକାଶ ହୋଇପାରେ, ଅବଶ୍ୟ ଏହି ସାମନ୍ତବାଦୀ ଏବଂ ଧର୍ମପ୍ରଧାନ ସଂସ୍କୃତିରୁ ଯେତିକି ଗ୍ରହଣ କରିବା ଆବଶ୍ୟକ, ସେତିକି ଗ୍ରହଣ କରି ଭାରତବର୍ଷ ନିମିତ୍ତ ଏକ ନୂତନ ଓ ଶକ୍ତିଶାଳୀ ରାଷ୍ଟ୍ରନୀତିକ ଓ ସାମାଜିକ ସଂସ୍ଥା ଗଢ଼ିବାକୁ ହେବ ।

ଆମ୍ଭମାନଙ୍କୁ ୟୁରୋପର ଗଣତାନ୍ତ୍ରିକ ନିୟମ ଓ ପଦ୍ଧତି ଶିକ୍ଷା କରିବାକୁ ପଡ଼ିବ ଓ ତାହାକୁ କାର୍ଯ୍ୟରେ ଲଗାଇବାକୁ ପଡ଼ିବ, ଯେଉଁଥିରେ କି ଏହା ଉପରେ ଆମ୍ଭେମାନେ ଅତୀତ ସହିତ ଖାପଖୁଆଇବା ଭଳି ଭବିଷ୍ୟତ୍ ମାନବଜାତି ପାଇଁ କିଛି ମହତ୍ତର ସଙ୍ଗଠନ ଗଢ଼ି ପାରିବା । ଆମ୍ଭମାନଙ୍କୁ ବ୍ୟକ୍ତିବାଦ ବା ଭୌତିକବାଦକୁ ବର୍ଜନ କରିବାକୁ ହେବ, କିନ୍ତୁ ଗଣତନ୍ତ୍ରକୁ ଗ୍ରହଣ କରିବାକୁ ହେବ । ମାନବଜାତି ମଧ୍ୟରେ ସ୍ୱାଧୀନତା, ସାମ୍ୟ ଓ ଭ୍ରାତୃତ୍ୱ ନିମିତ୍ତ ପ୍ରବଳ ପ୍ରେରଣା ଦେଖା ଦେଇଛି ଆଉ ଆମ୍ଭମାନଙ୍କର କର୍ତ୍ତବ୍ୟ ହେଲା ମାନବଜାତିର ଏହି ପ୍ରବୃତ୍ତିଗୁଡ଼ିକ ମଧ୍ୟରେ ସମନ୍ୱୟ ସ୍ଥାପନ କରି ତାହାକୁ ଆଧ୍ୟାତ୍ମିକତାରେ ପରିପୂର୍ଣ୍ଣ କରି ସକଳ ସମସ୍ୟାର ସମାଧାନ କରିବା ।

ଅନ୍ୟ ଏକ କାରଣରୁ ମଧ୍ୟ ଇଂଲଣ୍ଡକୁ ଭାରତରେ ରାଜ୍ୟ ବିସ୍ତାର କରିବା ନିମିତ୍ତ ସୁଯୋଗ ଦିଆ ଯାଇଥିଲା, କାରଣ ଏକ ତୀବ୍ର ଓ ହତ୍ୟାକାରୀ ଜୀବନ-ସଂଗ୍ରାମ କ୍ଷେତ୍ରରେ ଇଂଲଣ୍ଡ ଏକ ସୁଦକ୍ଷ, ତୀକ୍ଷ୍ଣ ଓ ସଫଳକାମ ପ୍ରତିଯୋଗିତାମୂଳକ ଶିଳ୍ପ ପ୍ରତିଷ୍ଠାନ ଗଢ଼ି ପାରିଛି ଏବଂ ଆମ୍ଭମାନଙ୍କୁ ଏହି ଶିଳ୍ପ-ପ୍ରତିଯୋଗିତାର ପୂର୍ଣ୍ଣ ଭାର ଉପଲବ୍ଧି କରିବାକୁ ହେବ ଏବଂ ଡାରଉଇନ୍‌ଙ୍କ ଜୀବନ-ସଂଗ୍ରାମବାଦ ଉପରେ ପ୍ରତିଷ୍ଠିତ ଏହି ଶିଳ୍ପ-ପ୍ରସାରର ପୂର୍ଣ୍ଣ ଆକ୍ଷରିକ ଅର୍ଥ ଜାଣି ରଖିବାକୁ ହେବ । ଏହି ଘଟଣା ଆମ୍ଭମାନଙ୍କ ସମ୍ମୁଖରେ ଅତି କରୁଣ ଭାବରେ ପ୍ରଦର୍ଶିତ ହୋଇଅଛି : ଦୁର୍ଭିକ୍ଷ, ଚିରନ୍ତନ ବୁଭୁକ୍ଷା, ଦୁଃଖ ଓ ଅନଟନ ତଥା କ୍ରମିକ କ୍ଷୟପ୍ରାପ୍ତ ଜନସଂଖ୍ୟା । ପରିଶେଷରେ ଆମ୍ଭେମାନେ ଆଜି ଛିଡ଼ା ହେବାକୁ ଚେଷ୍ଟା କରୁଛୁ, ଯୁଦ୍ଧ କ୍ଷେତ୍ରରେ ପ୍ରବେଶ କରୁଛୁ ଏବଂ ବିଦେଶୀ ବର୍ଜନ ଅସ୍ତ୍ର ଦ୍ୱାରା ବ୍ରିଟିଶ ଶିଳ୍ପ-ବାଣିଜ୍ୟର ତଣ୍ଟିରେ ଛୁରା ମାରୁଛୁ (ସେମାନେ ଯେପରି ଏକ ସମୟରେ ଆମ ତଣ୍ଟିରେ ଛୁରା ମାରିଥିଲେ) । ଏହା ଦ୍ୱାରା ପ୍ରଥମେ ଆମ୍ଭେମାନେ ନିଜକୁ ରକ୍ଷା କରୁଛୁ ଏବଂ ପରେ ମୁକ୍ତ ବାଣିଜ୍ୟର ପ୍ରସାର କରୁଛୁ । ପୁନର୍ବାର ଆମ୍ଭେମାନେ ଏହି କଥା କହିବାକୁ ଚାହୁଁ ଯେ ଘୃଣା ଯୋଗୁଁ ଆମ୍ଭେମାନେ ତାଙ୍କୁ ଧ୍ୱଂସ କରିବାକୁ ଚାହୁଁ ନାହୁଁ ବରଂ ନିଜର ଆତ୍ମରକ୍ଷା ନିମିତ୍ତ ଆମ୍ଭମାନଙ୍କୁ ବଞ୍ଚି ରହିବାକୁ ହେଲେ ଆମ୍ଭମାନଙ୍କୁ ଯୁଦ୍ଧରେ ଜୟ କରିବାକୁ ହେବ । ଆମ୍ଭେମାନେ ଗୋଟିଏ ନୂତନ ପ୍ରକାର ଶିଳ୍ପ-ସଙ୍ଗଠନ ପ୍ରତି ଅପେକ୍ଷା କରି ଆମ୍ଭର ଶିଳ୍ପ-ବାଣିଜ୍ୟ ପ୍ରତି ଅବହେଳା କରିପାରିବା ନାହିଁ । ଯେପରି ରାଜନୀତି କ୍ଷେତ୍ରରେ, ସେହିପରି ଶିଳ୍ପ କ୍ଷେତ୍ରରେ ମଧ୍ୟ ଆମ୍ଭମାନଙ୍କୁ ୟୁରୋପୀୟ ଉପାୟମାନ ଅଧ୍ୟୟନ କରି ଜୟ କରିବାକୁ ହେବ, ଯଦ୍ୱାରା ଶେଷରେ ଆମ୍ଭେମାନେ ସେମାନଙ୍କ ଉପରକୁ ଉଠିଯାଇ ପାରିବା ।

କୌଣସି ଜାତି ସୌନ୍ଦର୍ଯ୍ୟପ୍ରିୟ ହେବାକୁ ହେଲେ ପ୍ରଚୁର ଭାବେ ଧନଶାଳୀ ଓ ବିଳାସୀ ହେବା ଯେ ଆବଶ୍ୟକ ଏପରି ନୁହେଁ, କିନ୍ତୁ ଜାତିର ସ୍ୱଚ୍ଛଳତା ଓ ଜାତୀୟ ସଂସ୍କୃତି ରହିବା

ଉଚିତ । ସର୍ବୋପରି ଆମ୍ଭେମାନେ ଯଦି ଯଥାର୍ଥ ସୌନ୍ଦର୍ଯ୍ୟାନୁଭୂତି ଓ ସୁକ୍ଷ୍ମବୃତ୍ତିର ଅଧିକ ଅଭିବୃଦ୍ଧି ସାଧନ କରି ଜାତୀୟ କଳାକୁ ପ୍ରତିଷ୍ଠା କରିବାକୁ ଚାହୁଁ, ତେବେ ଜାତିର ଏକ ଆଶା ଓ ଆକାଙ୍କ୍ଷା ରହିବା ଉଚିତ । ପୁନଶ୍ଚ ସୂକ୍ଷ୍ମବୃତ୍ତି, ସୂକ୍ଷ୍ମକଳା ଓ ହସ୍ତକର୍ମ ଆଧୁନିକ ସମାଜରେ ନୀଚ ଓ ଶସ୍ତା ବସ୍ତୁର ଉତ୍ପାଦନ ବିରୋଧରେ ବଞ୍ଚି ରହିପାରିବ ନାହିଁ । ଶିଳ୍ପ-ବାଣିଜ୍ୟ ତେବେହିଁ ସୁରୁଚିସମ୍ପନ୍ନ ହୋଇ ଉଠିବ ଯେବେ ସମାଜରୁ ଦାରିଦ୍ର୍ୟ ଓ ଜୀବନରୁ ଉତ୍କଟ ସଂଘର୍ଷକୁ ଦୂର କରାଯାଇ ପାରିବ ଏବଂ ସହଯୋଗ ସମିତି ଓ ସଂଘଗୁଡ଼ିକୁ ମାନବଜାତିର ଆଧ୍ୟାତ୍ମିକରଣ ଓ ଉନ୍ନୟନ ଦୃଷ୍ଟିରୁ ସଙ୍ଗଠିତ କରାଯାଇ ପାରିବ । ଆମ୍ଭେମାନେ ମାନବ ସମାଜର ଏତାଦୃଶ ପୁନର୍ଗଠନ ଓ ଉନ୍ନୟନ ସାଧନକୁ ଭାରତର ଲକ୍ଷ୍ୟ ବୋଲି କହୁଛୁ । ଏହି କାର୍ଯ୍ୟସାଧନ କରିବା ନିମିତ୍ତ ଭାରତକୁ ବଞ୍ଚି ରହିବାକୁ ହେବ । ସେଥିପାଇଁ ରାଜନୀତିକ ସମସ୍ୟା ସହିତ ଆର୍ଥନୀତିକ ସମସ୍ୟାକୁ ଯୋଡ଼ି ଦିଆ ଯାଇଛି ।

ଦେଶର ମୁକ୍ତି ଆନ୍ଦୋଳନରେ ଆମ୍ଭେମାନେ ରାଜନୈତିକ ବା ଆର୍ଥନୀତିକ ସମସ୍ୟାକୁ ବାଦ୍ ଦେବାକୁ ଚାହୁଁ ନାହିଁ, ବରଂ ତାହା ସହିତ ଏକ ନୈତିକ ଓ ଆଧ୍ୟାତ୍ମିକ ଭାବକୁ ଯୋଗ କରି ଦେବାକୁ ଚାହୁଁ । ଏହି ଆଧ୍ୟାତ୍ମିକ ଓ ନୈତିକ ଜାଗରଣ ଉପରେ କଳା ଓ ଯଥାର୍ଥ ସଂସ୍କୃତିକୁ ଦୃଢ଼ ରୂପେ ପ୍ରତିଷ୍ଠା କରିବାକୁ ହେବ । ଆମ୍ଭମାନଙ୍କ ମଧ୍ୟରେ ଏପରି ଅନେକ ଅଛନ୍ତି ଯେଉଁମାନେ ନୈତିକ ଓ ଆଧ୍ୟାତ୍ମିକ ଜାଗରଣର ଆବଶ୍ୟକତା ଉପଲବ୍ଧି କରନ୍ତି କିନ୍ତୁ ରାଜନୀତି ଓ ବାଣିଜ୍ୟର ବସ୍ତୁବାଦ ମଧ୍ୟରୁ ଫେରି ଆସିବାକୁ ଚାହାନ୍ତି । ସେମାନଙ୍କ ମତରେ ଦେଶର ଯଥାର୍ଥ ନେତା ବା ଚାଳକ ନିଜକୁ ଆର୍ଥନୀତିକ ଓ ରାଜନୀତିକ ସମସ୍ୟା ସହ କେବେ ବି ଜଡ଼ିତ କରିବେ ନାହିଁ; କିନ୍ତୁ ଏହା ଗୋଟିଏ ବିରାଟ ଭ୍ରମ । ଭାରତର ଯେଉଁମାନେ ନେତୃତ୍ୱ ନେବେ, ପଥଦ୍ରଷ୍ଟା ହେବେ, ସେମାନେ ଯଥାର୍ଥରେ ଉନ୍ମୁକ୍ତମନା ଓ ବହୁଗୁଣସମ୍ପନ୍ନ ବ୍ୟକ୍ତି ହେବା ଆବଶ୍ୟକ ।

ଯେତେବେଳେ ମହାନ୍ ଅବତାର ଅବତୀର୍ଣ୍ଣ ହୁଅନ୍ତି, ଆମ୍ଭେମାନେ ଏକଥା ନିଶ୍ଚୟ ବିଶ୍ୱାସ କରୁ ଯେ ସେ କେବଳ ଧର୍ମ ଓ ନୈତିକତାର ଦିଶାରୀ ହେବେ – ଏପରି ନୁହେଁ; ବରଂ ସେ ହେବେ କବି, ଜ୍ଞାନୀ, ଶିଳ୍ପୀ, ରାଜନୈତିକ ନେତା, ମହାନ୍ ଶିକ୍ଷାବିତ୍, ସମାଜ-ସଙ୍ଗଠନକାରୀ ତଥା ସହଯୋଗିତାମୂଳକ ଶିଳ୍ପବାଣିଜ୍ୟର ସଞ୍ଚାଳକ (Captain) । ସଂକ୍ଷେପରେ କହିବାକୁ ଗଲେ ସେ ହେବେ ଭାବୀ ଭାରତୀୟ ଜାତିର ଆଦର୍ଶ, ଯାହାର ଅଭ୍ୟୁତ୍ଥାନ ଘଟୁଛି ସମଗ୍ର ଜଗତର ପୁନର୍ଗଠନ ଓ ଚାଳନା ନିମିତ୍ତ ।

(CWSA Vol. 8,
Karmayogin, pp. 244 - 249)

ସମସ୍ତ ଐଶ୍ୱର୍ଯ୍ୟ, ଗଭୀରତା ଓ ପୂର୍ଣ୍ଣତା ସହ ପ୍ରାଚୀନ ଆଧ୍ୟାତ୍ମିକ ଜ୍ଞାନ ଓ ଅଭିଜ୍ଞତାର ପୁନରୁଦ୍ଧାର ହେଉଛି ଏହାର (ଭାରତର) ସର୍ବପ୍ରଥମ ଅତ୍ୟାବଶ୍ୟକ କାର୍ଯ୍ୟ; ଦର୍ଶନ, ସାହିତ୍ୟ, କଳା, ବିଜ୍ଞାନ ଓ ବିଶ୍ଳେଷଣାତ୍ମକ ଜ୍ଞାନର ନୂତନ ନୂତନ ରୂପ-ଡାଞ୍ଚା ଭିତରକୁ ଏହି ଆଧ୍ୟାତ୍ମିକତାର ପ୍ରବାହ ହେଉଛି ଦ୍ୱିତୀୟ କାର୍ଯ୍ୟ; ଏବଂ ଭାରତୀୟ ଆତ୍ମାର ଆଲୋକରେ ଆଧୁନିକ ସମସ୍ୟାସବୁକୁ ନୂତନ ଭାବେ ମୁକାବିଲା କରିବା ଏବଂ ଏକ ଆଧ୍ୟାତ୍ମିକ ସମାଜ ଗଠନ ଦିଗରେ ମହତ୍ତର ଏକ ସମନ୍ୱୟକୁ ରୂପାୟିତ କରିବାର ପ୍ରୟାସ ହେଉଛି ତୃତୀୟ ଓ ସବୁଠୁ ଦୁରୂହ କାର୍ଯ୍ୟ । ଏହି ତିନିଟି ଧାରାରେ ଭାରତର ସାଫଲ୍ୟ ହେବ ମାନବ ସମାଜର ଭବିଷ୍ୟତ୍ ପାଇଁ ତା'ର ସହାୟତାର ପରିମାପ ।

– ଶ୍ରୀଅରବିନ୍ଦ

# ସତ୍ୟକୁ ବାଛିନେବା

## ଶ୍ରୀମା

*ପ୍ରଶ୍ନ : ସତ୍ୟ କହିଲେ କ'ଣ ବୁଝାଏ ? ଆପଣ ଯେତେବେଳେ ସେହି ସତ୍ୟ ବୋଲି କୁହନ୍ତି ତାହା କେଉଁ ଅର୍ଥରେ କୁହନ୍ତି ?*

**ଶ୍ରୀମା :** ତୁମେ ସତ୍ୟର ଏକ ମାନସିକ ସଂଜ୍ଞା ଖୋଜୁଛ । ସେହି ସତ୍ୟକୁ ମନର କଥାରେ ପ୍ରକାଶ କରି ହେବ ନାହିଁ ।

ସମସ୍ତ ପ୍ରକାର ପ୍ରଶ୍ନ ହେଉଛି ମାନସିକ ପ୍ରଶ୍ନ ।

ଯଥାର୍ଥ ସତ୍ୟକୁ କୌଣସି ସୂତ୍ରରେ ବାନ୍ଧି ହେବ ନାହିଁ, ତାହାକୁ କୌଣସି ସଂଜ୍ଞାରେ ନିରୂପିତ କରାଯାଇପାରିବ ନାହିଁ — ସତ୍ୟକୁ ନେଇ ବଞ୍ଚିବାକୁ ହେବ, ଜୀବନଧାରଣ କରିବାକୁ ହେବ ।

ଏବଂ ଯେଉଁ ବ୍ୟକ୍ତି ପୂର୍ଣ୍ଣଭାବରେ ସତ୍ୟ ପ୍ରତି ନିବେଦିତ, ଯେ ସତ୍ୟକୁ ନେଇ ଜୀବନଧାରଣ କରିବାକୁ ଚାହେଁ, ସତ୍ୟର ସେବା କରିବାକୁ ଚାହେଁ, ସେ ପ୍ରତ୍ୟେକ ମୁହୂର୍ତ୍ତରେ ଜାଣିପାରିବ କ'ଣ କରିବାକୁ ହେବ : ଏହା ଏକ ପ୍ରକାର ସଂବୋଧି ରୂପରେ ବା ପ୍ରକାଶ ରୂପରେ ଆସିବ (ଅଧିକାଂଶ ସମୟରେ କୌଣସି ଶବ୍ଦ ବ୍ୟତିରେକେ, କିନ୍ତୁ କେତେକ ସମୟରେ ଶବ୍ଦ ଭିତର ଦେଇ ମଧ୍ୟ ପ୍ରକାଶିତ ହୋଇପାରେ ।) ଯାହା ତୁମକୁ ଜଣାଇ ଦେବ ପ୍ରତ୍ୟେକ ମିନିଟରେ, ସେହି ମିନିଟର ସତ୍ୟ କ'ଣ । ଏବଂ ଏହାହିଁ ଖୁବ୍ ଆଗ୍ରହଜନକ । ତୁମେ ଜାଣିବାକୁ ଚାହଁ ''ସେହି ସତ୍ୟ'' ଏପରି ଏକ ଜିନିଷ ଯାହା ଭଲ ଭାବରେ ସଂଜ୍ଞା-ନିରୂପିତ, ଭଲ ଭାବରେ ଶ୍ରେଣୀ-ବିନ୍ୟସ୍ତ, ଭଲଭାବରେ ପ୍ରତିଷ୍ଠିତ, ଏବଂ ତା'ପରେ ତୁମେ ଯେପରି ବିଶ୍ରାମ ନିଅ, ଆଉ ଯେପରି ଅଧିକ ଖୋଜିବାର କିଛି ନାହିଁ ! ତୁମେ ତାହାକୁ ଗ୍ରହଣ କରିନିଅ ଏବଂ କୁହ, ''ଏଠାରେ, ହଁ, ଏହାହିଁ ସତ୍ୟ'' ଏବଂ ତା'ପରେ ଏହା ଯେପରି ସ୍ଥିରୀକୃତ ହୋଇଗଲା । ସମସ୍ତ ଧର୍ମ ଏହାହିଁ କରିଛନ୍ତି । ସେମାନଙ୍କ ସତ୍ୟକୁ ସେମାନେ ଏକ ଧର୍ମାନ୍ଧତା ରୂପେ ପ୍ରତିଷ୍ଠିତ କରିଛନ୍ତି । କିନ୍ତୁ ସେତେବେଳେ ତାହା ଆଉ ସତ୍ୟ ହୋଇ ରହେ ନାହିଁ ।

ସତ୍ୟ ହେଉଛି ଏପରି ଏକ ଜିନିଷ ଯାହା ଜୀବନ୍ତ, ଗତିଶୀଳ, ପ୍ରତ୍ୟେକ ସେକେଣ୍ଡରେ ନିଜକୁ ପ୍ରକାଶିତ କରି ଚାଲିଛି, ଏହା ହେଉଛି ପରମଙ୍କ ଦିଗରେ ଆଗେଇଯିବାର ଗୋଟିଏ ପଥ । ପରମଙ୍କ ଦିଗରେ ଆଗେଇଯିବା ପାଇଁ ପ୍ରତ୍ୟେକର ନିଜ ନିଜର ବାଟ ରହିଛି । ହୁଏତ ଏପରି କେତେକେ ଅଛନ୍ତି ଯେଉଁମାନେ ସେହି ଏକ ସମୟରେ ସବୁଦିଗ ଧରି ତାଙ୍କ ଆଡ଼କୁ ଆଗେଇ ଯାଆନ୍ତି । ଏପରି ବ୍ୟକ୍ତିମାନେ ଅଛନ୍ତି ଯେଉଁମାନେ ପରମଙ୍କ ଦିଗରେ ପ୍ରେମର ପଥ ଧରି ଆଗେଇ ଯାଆନ୍ତି, ଏପରି କେତେକ ଅଛନ୍ତି ଯେଉଁମାନେ ଶକ୍ତିର ପଥ ଧରି, ପୁଣି କେତେକ ଅଛନ୍ତି ଯେଉଁମାନେ ଚେତନାର ପଥ ଧରି, ଆଉ ଅଛନ୍ତି ଯେଉଁମାନେ ସତ୍ୟର ପଥ ଧରି ପରମଙ୍କ ଦିଗରେ ଆଗେଇ ଯାଆନ୍ତି । କିନ୍ତୁ ଏହି ପ୍ରତ୍ୟେକଟି ବିଭାବ ସ୍ୱୟଂ ପରମଙ୍କ ପରି ଅଖଣ୍ଡ, ନିଶ୍ଚୟାତ୍ମକ ଓ ସଂଜ୍ଞାତୀତ । ସ୍ୱୟଂ ପରମ ହେଉଛନ୍ତି ଅଖଣ୍ଡ, ନିଶ୍ଚୟାତ୍ମକ ଓ ସଂଜ୍ଞାତୀତ, ତାଙ୍କ କର୍ମରେ ତାଙ୍କୁ ଧରି ହେବ ନାହିଁ, ଏବଂ ତାଙ୍କ ସ୍ୱରୂପର ମଧ୍ୟ ଏହି ସମସ୍ତ ଗୁଣ ରହିଛି ସମାନଭାବରେ ।

ଥରେ ଏହା ଜାଣିସାରିବା ପରେ ଯେ ଏହି ସମସ୍ତ ବିଭାବରୁ କୌଣସି ଗୋଟିକର ସେବାରେ ନିଜକୁ ନିୟୋଜିତ କରେ (ଏହା ପ୍ରକଟିତ ହୁଏ ଜୀବନ ଭିତରେ, କାଳ ବା ସମୟ ଭିତରେ, କାଳର ଗତି ଭିତରେ) ସେ ପ୍ରତ୍ୟେକ ମୁହୂର୍ତ୍ତରେ ଜାଣିପାରିବ ସତ୍ୟ କ'ଣ, ଏବଂ ପ୍ରତ୍ୟେକ ମୁହୂର୍ତ୍ତରେ ଜାଣିପାରିବ ଚେତନା କ'ଣ, ଏବଂ ପ୍ରତ୍ୟେକ ମିନିଟରେ ଶକ୍ତି କ'ଣ, ଏବଂ ପ୍ରତ୍ୟେକ ମିନିଟରେ ଜାଣିପାରିବ ଦିବ୍ୟପ୍ରେମ କ'ଣ । ଏବଂ ଏହା ହେଉଛି ବହୁମୁଖୀ ଦିବ୍ୟଶକ୍ତି, ଦିବ୍ୟପ୍ରେମ, ଦିବ୍ୟଚେତନା, ଦିବ୍ୟସତ୍ୟ ଯାହାକି ପ୍ରକାଶ ଓ ଅଭିବ୍ୟକ୍ତି ଭିତରେ ଅସଂଖ୍ୟ ଓ ଅଗଣିତ ଭାବରେ ନିଜକୁ ପ୍ରକଟିତ କରି ଚାଲିଛି ଠିକ୍ ଯେପରି ସ୍ୱୟଂ ପରମ ପ୍ରଭୁ ପ୍ରକାଶ ଓ ଅଭିବ୍ୟକ୍ତି ଭିତରେ ଅସଂଖ୍ୟ ଓ ଅଗଣିତ ଭାବରେ ନିଜକୁ ପ୍ରକଟ କରିଚାଲିଛନ୍ତି ।

(୨୪ ଡିସେମ୍ବର, ୧୯୬୬)

ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ :

# ବନ୍ଦେ ମାତରମ୍

ଶ୍ରୀଅରବିନ୍ଦ

## ଆଉ ତଥାପି ଏହା ଆଗେଇ ଚାଲିଛି

ସ୍ୱଦେଶୀ ଆନ୍ଦୋଳନର ନାନା ଅବସ୍ଥା ଭିତରେ ସାମ୍ପ୍ରତିକ ସରକାରୀ ପଦକ୍ଷେପମାନ ଯାହା ସୃଷ୍ଟି କରିଛି ସେଇ ନିର୍ଦ୍ଦିଷ୍ଟ ତାରତମ୍ୟଟି ପ୍ରକୃତରେ କ'ଣ ? ସେଇ ପଦକ୍ଷେପଟି ଯାହା ସବୁଠୁ ନାଟକୀୟ ଆଉ ଗୁରୁତ୍ୱପୂର୍ଣ୍ଣ, ପ୍ରଥମେ ତାକୁ ବିଚାରକୁ ନିଆଯିବ, ଲାଲା ଲଜପତ୍ ରାୟଙ୍କ ଦେଶାନ୍ତର । ଏହି ଦେଶାନ୍ତର କ'ଣ ସମସ୍ୟାର ସମାଧାନ ପାଇଁ ବାସ୍ତବିକ କିଛି ନୂଆ ତଥ୍ୟ ଆଣି ଦେଇଛି ? ଆମେ ଯେତେବେଳେ ଆନ୍ଦୋଳନଟିର ଶୁଭାରମ୍ଭ କଲୁ ସେତେବେଳେ ଆମେ ପ୍ରସ୍ତୁତ ହୋଇ ସାରିଥିଲୁ କିଂବା ଅନ୍ତତଃ ପ୍ରସ୍ତୁତ ହେବା ସକାଶେ ମୁକ୍ତ କଣ୍ଠରେ ଘୋଷଣା କରିଥିଲୁ, ଏଇଥିପାଇଁ ଯେ ପ୍ରଚଳିତ ଆଇନର ବ୍ୟବସ୍ଥା ଅନୁସାରେ ସରକାର ନିଜ ଅକ୍ତିଆରରେ ସମସ୍ତ ଅସ୍ତ୍ରଶସ୍ତ୍ରମାନ ରଖି ପାରୁପର୍ଯ୍ୟନ୍ତ ସେଗୁଡ଼ିକର ପ୍ରୟୋଗ କରିବେ । ଆମେ ପ୍ରସ୍ତୁତ ହୋଇ ରହିଥିଲୁ ପ୍ରେସ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବା ପାଇଁ, ଆମେ ପ୍ରସ୍ତୁତ ହୋଇଥିଲୁ କାରାବରଣ କରିବାକୁ ମିଥ୍ୟା ଅଭିଯୋଗରେ ଅଭିଯୁକ୍ତ ହୋଇ, ଲାଠିର ବ୍ୟବସ୍ଥା ଦେଖି, ଆମ ମସ୍ତକ ଖଣ୍ଡବିଖଣ୍ଡିତ ହୋଇଯିବ ବୋଲି ଆଉ ଗୁର୍ଖାମାନଙ୍କର ଆକ୍ରମଣରେ ଆମେ ଯେ ଭୀତତ୍ରସ୍ତ ନୁହଁ ଏକଥା ରୋକଠୋକ କହି ଦେଇଥିଲୁ । ବଙ୍ଗଳା ସରକାର ତା' ଆଇନ ଶାସ୍ତ୍ରରେ ଅନୁମୋଦିତ ଦମନମୂଳକ କାନୁନର ଯେଉଁଭଳି ପ୍ରୟୋଗ କଲେ ମଧ୍ୟ ତାଙ୍କୁ ସୁହାଇଲା ପରି ସ୍ଥାନୀୟ ମାଜିଷ୍ଟ୍ରେଟ ରୁଷ ସମ୍ରାଟଙ୍କ ଅନୁସୃତ ନୀତି ଦ୍ୱାରା ପରିଚାଳିତ ହୋଇ ସରକାରୀ କ୍ଷମତାର ପ୍ରୟୋଗ ଯେଉଁ ବାଟରେ କଲେ ମଧ୍ୟ ଯାହାକିଛି ଘଟିବ ଆମେ ସେଥିପାଇଁ ପ୍ରସ୍ତୁତ ରହିଥିଲୁ । ଆମର ପ୍ରତିଜ୍ଞା ଅଟଳ ଥିଲା କୌଣସି ଘଟଣାରେ ନିଜକୁ ହତୋତ୍ସାହିତ କରିବାକୁ ନଦେବା ପାଇଁ । ପ୍ରଚଳିତ ଆଇନ ଭିତରେ ଦେଶାନ୍ତର ରୂପକ ଅସ୍ତ୍ରଟି ମଧ୍ୟ ପ୍ରଶାସନ ପାଖରେ ପୂର୍ବରୁ ରହିଥିଲା । ଏହାର ପ୍ରୟୋଗ ଯେଉଁ ପାର୍ଥକ୍ୟ ସୃଷ୍ଟିକଲା ତାହା ହେଉଛି ରାଜ୍ୟ ସଚିବଙ୍କ ଅନୁମୋଦନ କ୍ରମେ ପ୍ରାଦେଶିକ ସ୍ତରୀୟ ପରିବର୍ତ୍ତେ ସ୍ଥାନୀୟ ପ୍ରଶାସନ ଦ୍ୱାରା ଆଉ ସାମ୍ରାଜ୍ୟ ସ୍ତରୀୟ ପରିବର୍ତ୍ତେ ଭାରତ ସରକାରଙ୍କ ଦ୍ୱାରା ଦମନ ନୀତିର ପ୍ରଚଳନ । ଅପହରଣ ଏବଂ ଏକ ଶାସ୍ତିର ଦ୍ରୁତ ଓ ଆକସ୍ମିକ ପ୍ରକ୍ରିୟା ଦ୍ୱାରା ନିର୍ଦ୍ଦିଷ୍ଟ ସମୟ ଅବଧିର ଗୋଟିଏ ଦଣ୍ଡାଦେଶରେ ଅଦାଲତ ବିଚାରର ସୁଦୀର୍ଘ ଓ ଅନିଶ୍ଚିତ ପ୍ରକ୍ରିୟାର ପରିସମାପ୍ତିକୁ ଏହା ମଧ୍ୟ ହଟେଇ ଦେଇଛି – ନା, ଆମେ କ୍ଷମା ମାଗୁଛୁ ଭାରତ ବନ୍ଧୁଙ୍କୁ, ବରଂ ଆମେ କହିବା ଉଚିତ ହେବ, ଅନିଶ୍ଚିତ ବୋଧହୁଏ ଆଜୀବନ ଅବଧିର ଗୋଟିଏ କୋହଳ ମନୋଭାବ । ଆଉ ଏକ ତତ୍ତ୍ୱର ପ୍ରଚଳନ ଏହା କରି ଦେଇଛି ଯାହାକୁ ଅନ୍ୟ ସକଳ ଦେଶମାନଙ୍କର ଦେଶପ୍ରେମୀମାନେ ଆସି ସାମନା କରନ୍ତି, କିନ୍ତୁ ତାହା ଆମ ମଥାରେ ପ୍ରଥମ ଥର ପାଇଁ ବସା ବାନ୍ଧିଛି, – ନିର୍ବାସନ ଦଣ୍ଡ । ସତ କହିବାକୁ ଗଲେ ଭାରତୀୟ ଦେଶଭକ୍ତମାନଙ୍କୁ ଦେଶାନ୍ତର ଦେବାହିଁ ଗୋଟିଏ ତଥା ଏକମାତ୍ର ଆତଙ୍କ । ଦେଶମାତୃକାର ମାଟି ପ୍ରତି ପ୍ରାଣଭରା ଆବେଗକୁ ଧରି ଜନନୀ ଓ ଜନ୍ମଭୂମି ଯେ ସ୍ୱର୍ଗର ନନ୍ଦନକାନନ ଅପେକ୍ଷା ଅଧିକ ବାଞ୍ଛନୀୟ, ଏଇ ଗଭୀର ଶ୍ରଦ୍ଧା ଭକ୍ତିପ୍ଳୁତ ଅନୁଭୂତିକୁ ଧରି ଭାରତୀୟ ମନୀଷା ଏଭଳି ଏକ ଦୁର୍ବାର ଶକ୍ତି ସହ ଏହି ଗୁରୁତର କ୍ଷତିକୁ ଅନୁଭବ କରିବ ଯାହାକୁ ବୋଧେ ଭାବପ୍ରବଣ ଉତ୍ତେଜନାରେ ଅତିଷ୍ଠ ଆବେଗ ଉଚ୍ଛ୍ୱାସମୟ ଇଟାଲୀୟମାନଙ୍କ ବ୍ୟତୀତ ୟୁରୋପରେ ଆଉ କୌଣସି ଜାତି ବୁଝିପାରିବ ନାହିଁ । ଜେଲ ଭିତରେ ଥାଇ ଯେଉଁ ଚଟାଣରେ ଆମେ ପଦଚାରଣା କରୁ ଅନ୍ତତଃ ତାହା ଭାରତୀୟ ମାଟିରେହିଁ ତିଆରି ହୋଇଛି । ଆମେ ଜେଲ ପ୍ରାଙ୍ଗଣରେ ମୁକ୍ତ ବାତାବରଣରେ କସରତ କଲା ସମୟରେ ଯେଉଁ ସମୀରଣ ଆମ ଚିବୁକକୁ ସ୍ପର୍ଶକରେ ତାହା ଭାରତୀୟ ସମୀରଣ; ଭାରତୀୟ ଆସ୍ପୃହାର ସ୍ପନ୍ଦନ, ଭାରତୀୟ ଭାବାବେଶ, ଭାରତୀୟ ଜୀବନଚର୍ଯ୍ୟା, ଭାରତୀୟ ଆନନ୍ଦ, ନିରାନନ୍ଦ ଆମ କାରାକୋଠରିର କାନ୍ଥରେ, ବାଡ଼ରେ ପିଟି ହୋଇଯାଏ ଆଉ ଆମ ଅନ୍ତରକୁ ପ୍ଲାବିତ କରିଦିଏ ତା'ର ଚୁମ୍ବକୀୟ ପ୍ରସାରଣ ନେଇ ଯାହା ଭରପୂର ହୋଇ ରହିଛି ଅଧିକ ପରିମାଣରେ ଭାରତର ଏଇ ପାଣି ପବନରେ, ଅନ୍ୟ ଯେକୌଣସି ଦେଶର ପାଣି ପବନ ଅପେକ୍ଷା । ନିହାତି ଏକ ସଂବେଦନଶୀଳ ପ୍ରସଙ୍ଗକୁ ନେଇ ବିଚକ୍ଷଣ ଢଙ୍ଗରେ ଆମକୁ ଆଘାତ କରି ପ୍ରଶାସନ ମସ୍ତବଡ଼ ଭୁଲ୍ କରି ବସିଲା

ଯେତେବେଳେ ଏହା ଲଜପତ୍ ରାୟଙ୍କୁ ନେଇ ତରବରରେ ଛାଡ଼ି ଦେଇ ଆସିଲା ପୃଥିବୀର କେଉଁ ଏକ ନିର୍ଜନ କୋଣରେ କେତେ କେତେ ଅପରିଚିତଙ୍କ ଗହଣରେ ଆଉ ଭାରତୀୟମାନଙ୍କ ଦୃଷ୍ଟି ସମ୍ମୁଖରୁ ଏବଂ ଭାରତୀୟର ଅନ୍ତର ସହିତ ସମସ୍ତ ପ୍ରକାରର ଯୋଗାଯୋଗରୁ ତାଙ୍କୁ ବିଚ୍ଛିନ୍ନ କରିଦେଇ । କିନ୍ତୁ ତା'ପରେ ହେଲା କ'ଣ ? ଏଇ ଗୋଟିକହିଁ କେବଳ ଯନ୍ତ୍ରଣା, ଏ ଯନ୍ତ୍ରଣା ଯେତିକି ଯେତିକି ବଢ଼ି ଯାଉଥିବ, ଯେତିକି ଗଭୀରରୁ ଗଭୀରକୁ ଭେଦି ଯାଉଥିବ, ସେହି ଅନୁପାତରେ ମହାନ୍ ହୋଇ ଉଠୁଥିବ ଆମର ଗୌରବ, ଆମର ପାରିତୋଷିକ ସେତିକି ହୋଇ ଯାଉଥିବ ନୈସର୍ଗିକ । ନେପଲସ୍ ସ୍ଥିତ ତାଙ୍କ ଅନ୍ଧକୂପ ଭିତରେ ପୋରିସ୍ (Poeris) କିଂବା ସିଲ୍‌ଭିଓ ପେଲ୍ଲିକୋ (Silvio Pellico) ତାଙ୍କର ଅଷ୍ଟ୍ରିଆସ୍ଥିତ ସୁରକ୍ଷିତ ଦୁର୍ଗ ଭିତରେ ଅବା ମାଜ୍ଜିନି (Mazzini) ତାଙ୍କ ଆଜୀବନ ନିର୍ବାସନ ଭିତରେ ଯେଉଁ ଯାତନା ଭୋଗ କରିଯାଇଛନ୍ତି ତା' ଅପେକ୍ଷା ଅଧିକ ନିର୍ଯାତନା ଆମକୁ ଭୋଗିବାକୁ ପଡ଼ିବ ନାହିଁ । ଏକ ରାଷ୍ଟ୍ରର ଶୋଣିତ ମଧ୍ୟରେ ପ୍ରଚ୍ଛନ୍ନ ରହିଥିବା ସବୁଠୁ ଶ୍ରେୟ ଓ ରୁଦ୍ଧ ଲୋତକ ତା'ର ବୀରପୁରୁଷମାନଙ୍କ ଅନ୍ତର ଭିତର ଦେଇ ନିଃସୃତ ହୋଇ ଆସିଲେ ସ୍ୱାଧୀନତାରୂପୀ ଦ୍ରୁମଟିରେ ଜଳର ସିଞ୍ଚନ ହୁଏ । ଆତ୍ମଦାନ ଯେତେ ଯେତେ ବିରାଟ ହୋଇ ଆସେ ସେତିକି ଶୀଘ୍ର ତା'ର ଫଳକୁ ଉପଭୋଗ କରାଯାଏ ।

ତେବେ ଏକଥା ମଧ୍ୟ ଅନସ୍ୱୀକାର୍ଯ୍ୟ ଯେ ନିର୍ବାସନ ଦଣ୍ଡର ଉଦ୍ଦେଶ୍ୟ ହେଲା ନରମପନ୍ଥୀମାନଙ୍କ ମନରେ ଆଘାତ ଦେବା ଆଉ ଚରମପନ୍ଥୀମାନଙ୍କ ମନରେ ବିସ୍ମୟକୁ ଭରି ଦେବା । ନରମପନ୍ଥୀଙ୍କୁ ଏକଥା ଆଘାତ କରିଥିଲା କାରଣ ଏହାର ସ୍ରଷ୍ଟା ଥିଲେ ସେମାନେ । ଶେଷରେ ମି. ଜନ୍ ମୋର୍ଲେ, ନତୁବା ସହାନୁଭୂତି ସମ୍ପନ୍ନ ଲର୍ଡ଼ ମିଣ୍ଟୋ ଯେ ସେମାନଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିବେ ଏହି ଧାରଣାଟିକୁ ସେମାନେ ମନ ମଧ୍ୟରୁ ପୋଛିଦେବା ପାଇଁ ସକ୍ଷମ ହୋଇ ପାରିଲେ ନାହିଁ । ସେଇ ଆଶାକୁ ପରିତ୍ୟାଗ କରିବା ଅର୍ଥ ନରମପନ୍ଥୀ ନୀତିର ମୂଳତତ୍ତ୍ୱକୁ ପ୍ରତ୍ୟାଖ୍ୟାନ କରିଦେବା ଆଉ ବିଗତ ୩୦ ବର୍ଷର ମୋହଭ୍ରାନ୍ତିରୁ ମୁହଁ ଫେରାଇ ନେବା । ଏପରିକି ନିର୍ବାସନର ମୁହୂର୍ତ୍ତ ପ୍ରାୟ ଆଗତ ହେଲା ପର୍ଯ୍ୟନ୍ତ 'ବେଙ୍ଗଲୀ' ଚିତ୍କାର କରି ଚାଲିଥିଲା ମି. ହ୍ୟାରେଙ୍କୁ ପ୍ରତ୍ୟାହୃତ କରିନେବା ପାଇଁ, ଆଉ ବେଶ୍ ଦମ୍ଭରେ ଆଶା ବାନ୍ଧି ବସିଥିଲା ଯେ ପୂର୍ବବଙ୍ଗରେ ଗଣ୍ଡଗୋଳ ସମୟରେ ତାଙ୍କର ଫୌଜଦାରୀ ନିଷ୍କ୍ରିୟତା ପାଇଁ ଜଣେ ନ୍ୟାୟପରାୟଣ କଲ୍ୟାଣକାମୀ ରାଜ୍ୟ ସଚିବଙ୍କ ଦ୍ୱାରା ଶାସ୍ତି ବିଧାନ କରାଯିବ । ଏ ପ୍ରକାର ମହତ୍ ପ୍ରତ୍ୟାଶା ପ୍ରତି ନିର୍ବାସନ ଥିଲା ଏକ ରୋକଠୋକ ଆଘାତ ଆଉ କିଛିକ୍ଷଣ ପାଇଁ ନରମପନ୍ଥୀ ଗୋଷ୍ଠୀକୁ ଏହା ହତବାକ୍ ଓ କିଂକର୍ତ୍ତବ୍ୟବିମୂଢ଼ କରି ପକାଇଲା । ଏହା ଫଳରେ ଏହି ଦଳକୁ ଯେଉଁ ଗୁରୁତର ଧକ୍କା ମିଳିଲା ତାହା ବିଚାର କରାଯାଇପାରେ 'ଇନ୍ଦୁପ୍ରକାଶ'ର ଆକସ୍ମିକ କ୍ରୋଧୋନ୍ମତ୍ତ ପ୍ରତିକ୍ରିୟାରୁ ଯାହା ଅନ୍ୟ ଯେତେ ଚରମପନ୍ଥୀ ପତ୍ରିକାଗୁଡ଼ିକୁ ପଛରେ ପକେଇ ଦେଇଥିଲା ନିଜର ପ୍ରଚଣ୍ଡ କୋପାନଳଜନିତ ଉକ୍ତିଗୁଡ଼ିକ ପ୍ରକାଶ କରି । ନରମପନ୍ଥୀ ଦଳର ବେପାର ଯେ ମାଡ଼ ଖାଇଗଲା ଏକଥାରେ ଆଉ ଲୁଚାଛପା ରହିଲା ନାହିଁ । ବ୍ରିଟିଶ ଶାସନ ଏପରି ଅଭ୍ରାନ୍ତ ଭାବେ ପରିଶେଷରେ ଅଲଙ୍ଘନୀୟ ରୀତିରେ ସ୍ୱୟଂ ନିଜକୁ ଗୋଟିଏ ନଗ୍ନ ଓ ନିର୍ଲଜ୍ଜ ଏକଛତ୍ରବାଦ ହିସାବରେ ଘୋଷଣା କଲା, ଯେଉଁ ଏକଛତ୍ରବାଦ ଅଧିକନ୍ତୁ କଠୋର ସଂକଳ୍ପରେ ବ୍ରତୀ ହୋଇଉଠିଲା ସ୍ୱେଚ୍ଛାଚାରୀ ହୋଇ ରହିବା ପାଇଁ,– ଏକ ସମ୍ବିଧାନକୁ ନେଇ ମନଗଢ଼ା କାହାଣୀ ଏମିତି ନିଦାରୁଣ ଭାବେ ତୁଚ୍ଛ ଉପହାସର ପାତ୍ର ହୋଇ ଯାଇଛି ଆଉ ତଦ୍ଦ୍ୱାରା ସାଂବିଧାନିକ ଆନ୍ଦୋଳନ ଗୋଟିଏ ଅତି ଖୋଲା କିଟିମିଟିଆ ଓ ହୃଦୟହୀନ ପ୍ରହସନରେ ପରିଣତ ହୋଇ ଯାଇଛି ଯେ ଯେପରିକି ସର୍ପଟି ଦୁଇଗଡ଼ ହେଲା ପରେ ମଧ୍ୟ ଠିକ୍ ଗୁଡ଼େଇ ତୁଡ଼େଇ ହେଲା ପରି ଏହା ଯଦି ବା ସେମିତି ତିଷ୍ଠି ରହିବ ତା'ହେଲେ ତା'ର ସମୁଦାୟ ଜୀବନଟିକୁ ହରେଇ ବସିଛି ଆଉ ତା' ସହିତ ଦେଶ ଭିତରେ ନିଜର ଗୁରୁତ୍ୱକୁ ବହନ କରିବାର ସମସ୍ତ ସୁଯୋଗଗୁଡ଼ିକ ମଧ୍ୟ ଏହାର ହାତଛଡ଼ା ହୋଇଯାଇଛି । 'ମାଡ୍ରାସ ଷ୍ଟାଣ୍ଡାର୍ଡ' ପରି ଏକ ଗୁରୁତ୍ୱପୂର୍ଣ୍ଣ ଓ ପ୍ରଭାବଶାଳୀ ଖବର କାଗଜ ଜୋର୍ ଦେଇ କହିଛି ଯେ ମାଡ୍ରାସ ସଭାରେ ଯେଉଁ ମିଜାଜ ପ୍ରକାଶ ପାଇଛି ତାହା ମୁଖ୍ୟତଃ ବୟସ୍କ ବ୍ୟକ୍ତିମାନଙ୍କ ଦ୍ୱାରା ସୁବିନ୍ୟସ୍ତ ହୋଇଛି କିନ୍ତୁ ଛାତ୍ରମାନଙ୍କ ଦ୍ୱାରା ନୁହେଁ; ଏଥିରୁ ରାଷ୍ଟ୍ରର ମିଜାଜ ଯେ ସମ୍ଭବତଃ କି ଭଳି ଆକାର ନେବ ତାହା ବାରି ହୋଇ ଯାଉଛି । ତେଣୁ ନରମପନ୍ଥୀ ରାଜନୀତିଜ୍ଞ ପାଇଁ ଦେଶାନ୍ତର ଏକ ଅଭିନବ ତଥ୍ୟର ଉନ୍ମୋଚନ କରିଛି । ତା'ର ଇଷ୍ଟମାନେ ତାକୁ ହତାଶ କରିଛନ୍ତି; ଯେଉଁ କଲ୍ୟାଣମୟ ହାତର ସ୍ପର୍ଶରୁ ସେ ଅନେକ କିଛି ଉପକାର ଆଶା କରି ବସିଥିଲା ଶେଷରେ ତା' ପାଇଁ ତାହା ବରଂ ଅନେକ ବୃଶ୍ଚିକର ଦଂଶନରେ ପରିଣତ ହୋଇଗଲା;

ଯେଉଁ ପଦ୍ମମୁଖକୁ ସେ ପୂଜାର୍ଚ୍ଚନା କରି ଚାଲିଥିଲା, ତା'ର ଅବଗୁଣ୍ଠନକୁ ଛିନ୍ନ କରି ସେ ପ୍ରକାଶିତ ହୋଇଛି ସାକ୍ଷାତ୍ ମୃତ୍ୟୁର ଏକ ବିକଟାଳ ରୂପରେ । ନରମ ଭାବ କ୍ଷତବିକ୍ଷତ ହୋଇ ପଡ଼ି ରହିଛି ମୃତବତ୍ । ଏଣିକି ଏହା ଆଉ ତିଷ୍ଠିପାରିବ ନାହିଁ, ଯଦି ବି ଏହା ବଞ୍ଚିବ, ତା'ହେଲେ ଏକ ବୃଥା ପ୍ରହସନରେ, ଏକ ମନୋବୃତ୍ତି ହିସାବରେ ବଞ୍ଚିରହିବ । ଜାତୀୟତାବାଦୀ ନିମନ୍ତେ ଦେଶାନ୍ତର ଆସିଥିଲା ଏକ ବିସ୍ମୟ ହୋଇ ବିଶେଷ ଘଟଣାର ଉପଲକ୍ଷ୍ୟେ, ଯାହା ପାଇଁ ଏହାକୁ ବିନିଯୋଗ କରାଗଲା । ଆମେ ଜାଣିଥିଲୁ କଲ୍ୟାଣକାରୀ ପ୍ରଶାସନ ତାଙ୍କ ଅସ୍ତ୍ରାଗାରରେ ଏହି ଅସ୍ତ୍ରଟିକୁ ରଖିଥିଲେ, ଥରେ ସେମାନେ ଏହାକୁ ବ୍ୟବହାର କରିଥିଲେ ଆଉ ପୁନରାୟ ମଧ ବ୍ୟବହାର କରିପାରନ୍ତି; କିନ୍ତୁ ଆମେ ଭାବି ନେଇଥିଲୁ ଯେ ପ୍ରଶାସନର ତା' ନିଜ ପ୍ରତିଷ୍ଠା ପ୍ରତି ଅଧିକ ଖାତିର ରହିଛି ଆଉ ପରିସ୍ଥିତିର ସେମିତି ଯଥେଷ୍ଟ ଗୁରୁତ୍ୱ ନଥିଲେ ଏହାକୁ ଅଯଥା ଅପଚୟ କରିବାର ଦୁର୍ବୁଦ୍ଧି ଅପେକ୍ଷା ତା'ର ସାଧାରଣ ଜ୍ଞାନ ଟିକିଏ ଅଧିକ ଥିବ ନିଶ୍ଚୟ । ନାଟୁ (Natus)ମାନଙ୍କୁ ଦେଶାନ୍ତରିତ କରାଯାଇଥିଲା କାରଣ ସେମାନେ ପୁନା ହତ୍ୟାକାଣ୍ଡ ପଶ୍ଚାତରେ ଥିଲେ ବୋଲି ଏବଂ ଖୋଦ୍ ସେଇ ସବୁ ଗୋପନ ହତ୍ୟାଗୁଡ଼ିକ ଏକ ସୁପରିକଳ୍ପିତ ମରହଟ୍ଟା ଷଡ଼ଯନ୍ତ୍ରର ଅଂଶ ବିଶେଷ ଥିଲା ବୋଲି ସନ୍ଦେହ କରାଯାଉଥିଲା । ପଞ୍ଜାବରେ କେବଳ ଦଙ୍ଗା ଛଡ଼ା ଆଉ ସେମିତି କିଛି ଘଟିନି; କାରଣ ସେମାନଙ୍କୁ ଯେ ନିରସ୍ତ୍ର କରିଦିଆ ଯାଇଛି ଏବଂ ୟୁରୋପୀୟମାନଙ୍କୁ ହତ୍ୟା କରାଯାଇଛି ବୋଲି ଲଗାମଛଡ଼ା ଜନରବ ପଛରେ କୌଣସି ପ୍ରକାର ବିଶ୍ୱାସଯୋଗ୍ୟ ପ୍ରମାଣ ହସ୍ତଗତ ହୋଇନି । ଜାତୀୟତାବାଦୀ ଆନ୍ଦୋଳନ ବିରୋଧରେ ଏଇ ଦେଶାନ୍ତରକୁ ଯେଭଳି ଉଦ୍ଦିଷ୍ଟ କରାଯାଇଛି ଏହା ଠିକ୍ ମହାଭାରତରେ କର୍ଣ୍ଣର ସେଇ କୁହୁକ ଆୟୁଧ ପରି ଯାହାକୁ ମାତ୍ର ଥରକ ପାଇଁ ପ୍ରୟୋଗ କରାଯାଇ ପାରୁଥିଲା; ସେଇଥିପାଇଁ ଏହାକୁ ସେମିତି ଚରମ ପରିସ୍ଥିତି ସକାଶେ ସାଇତି ରଖିବା ସେମାନଙ୍କ ପକ୍ଷେ ଉଚିତ ହୋଇଥାଆନ୍ତା ଯେଉଁ ସମୟ ମଧ୍ୟରେ ଅନ୍ତତଃ ଏକ ପ୍ରାରମ୍ଭିକ ବିଦ୍ରୋହ କିଂବା ପ୍ରଚଣ୍ଡ ସଶସ୍ତ୍ର ବିପ୍ଳବକୁ କିଛି ସମୟ ପାଇଁ ଏଡ଼ାଯାଇ ପାରିଥାଆନ୍ତା । ତା' ପରିବର୍ତ୍ତେ ଏହାର ପ୍ରୟୋଗ କରାଗଲା ଉଦ୍ଭଟ କାଳ୍ପନିକ ବିଦ୍ରୋହର ମୁକାବିଲା କରିବାର ଆତଙ୍କଗ୍ରସ୍ତ ମୁହୂର୍ତ୍ତରେ; ମହାନ୍ ଏକ ଆସନ୍ନ ବିଦ୍ରୋହର ଦୁର୍ଦ୍ଧର୍ଷ ଏବଂ ଅପରିହାର୍ଯ୍ୟ ନେତାଙ୍କ ବିରୋଧରେ ତ ଏହାର ପ୍ରୟୋଗ କରାହୋଇନି; ଏହାର କିନ୍ତୁ ପ୍ରୟୋଗ ହେଲା ଜଣେ ବାଲୁତ ବକ୍ତାଙ୍କ ବିରୋଧରେ ଆଉ ଜଣେ ବିଶେଷ ପ୍ରଭାବଶାଳୀ ଆଇନଜୀବୀଙ୍କ ବିରୋଧରେ ଯିଏ ସବୁଠୁ ଖରାପ ଦୃଷ୍ଟିରୁ କହିବାକୁ ଗଲେ ବିପ୍ଳବର ଅନେକ ପୟଗମ୍ବରମାନଙ୍କ ଭିତରୁ ମାତ୍ର ଜଣେ ଥିଲେ କିନ୍ତୁ ତା'ଠାରୁ ଅଧିକ କିଛି ନଥିଲେ । ଏହି ଅସ୍ତ୍ରଟି ଅର୍ଜୁନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା, କିନ୍ତୁ ପ୍ରୟୋଗ ହେଲା ଘଟୋତ୍କଚ ପ୍ରତି । ଏହି ଅପପ୍ରୟୋଗ ଯୋଗୁଁହିଁ ତା'ର ଉପଯୋଗିତା ନଷ୍ଟ ହୋଇଗଲା; କାରଣ ''ଏମ୍ପାୟାର୍'' ଚତୁର ଢଙ୍ଗରେ ଯାହା ଆଉ ଦିନେ ସୂଚନା ଦେଇଥିଲା ଦେଶାନ୍ତରର ଚାଲବାଜିକୁ କେବେବି ଦୁଇ ଥର ସଫଳତା ସହିତ ପ୍ରୟୋଗ କରିହେବ ନାହିଁ । ଦ୍ୱିତୀୟ ଥର ପାଇଁ ଯଦି ଏହାର ପ୍ରୟୋଗ ହୁଏ ତା'ହେଲେ ଦେଶ ଭିତରେ କ୍ରମେ ବଢ଼ି ଚାଲିଥିବା ବୈପ୍ଳବିକ ଶକ୍ତିମାନଙ୍କୁ ଏହା ପ୍ରତ୍ୟକ୍ଷ ଭାବେ ସାହାଯ୍ୟ କରିବ । ତେଣୁ ଜାତୀୟତା-ବାଦୀମାନଙ୍କ ପ୍ରତି ଦେଶାନ୍ତରର ଧମକ ପରିସ୍ଥିତି ଭିତରକୁ କିଛି ନୂଆ ତଥ୍ୟ ଆଣି ଦେଉନି, କେବଳ ଯେତେଦୂର ସମ୍ଭବ ଏହାଦ୍ୱାରା ସେମାନଙ୍କ କାର୍ଯ୍ୟ ସିନା ତ୍ୱରାନ୍ୱିତ ହେବ କିଂବା ନେତୃବୃନ୍ଦଙ୍କୁ ତଥା ସାଧାରଣ ସଭ୍ୟମାନଙ୍କୁ ସଙ୍କଟରୂପକ କଷଟି ପଥର ପାଖକୁ ନେଇ ଆସିବ ଯେଉଁଠାରେ ସେମାନଙ୍କର ଅସଲ ମୂଲ୍ୟକୁ ପରଖ କରାଯିବ ।

ଦେଶାନ୍ତରର ଅଭିନବ ତଥ୍ୟ, ତେଣୁ କରି ଯେତେଦୂର ପର୍ଯ୍ୟନ୍ତ ଏହାକୁ ଏକ ଅଭିନବ ତଥ୍ୟ ହିସାବରେ ବିବେଚନା କରାଯାଏ, ଜାତୀୟତାବାଦର କାର୍ଯ୍ୟକୁ କେବଳ ଏହାହିଁ ସୁଗମ କରି ଦେଇଛି । କୌଣସି ଗୋଟିଏ ଅପରିହାର୍ଯ୍ୟ ପ୍ରସଙ୍ଗ ସଂକ୍ରାନ୍ତରେ ଏହା କାହିଁକି ଯେ ଆମର କାର୍ଯ୍ୟାନୁଷ୍ଠାନକୁ ସଂଶୋଧନ କରିବ ତା'ର ସେଭଳି କିଛି କାରଣ ନାହିଁ । ଆମକୁ ଅବଶ୍ୟ ଏକଥା କୁହା ଯାଇପାରେ ଯେ ଯେଉଁମାନଙ୍କ ଉପରେ ଆନ୍ଦୋଳନର ଅଗ୍ରଗତି ନିର୍ଭର କରୁଛି ସେଇ ନେତୃବୃନ୍ଦଙ୍କୁ ଆମେମାନେ ଅଯଥା ବିପଦର ଘେର ଭିତରକୁ ଆଣିବା କଦାପି ସମୀଚୀନ ହେବ ନାହିଁ । ଆମେ ପ୍ରତ୍ୟୁତ୍ତର ଛଳରେ ଏଇୟା କହିବୁ ଯେ ନେତୃବର୍ଗଙ୍କର ସୁରକ୍ଷା ସମ୍ପର୍କରେ ନିର୍ଭର ପ୍ରତିଶ୍ରୁତି ମିଳିପାରିବ ଯଦି ଆନ୍ଦୋଳନର ଜୀବନୀ ଶକ୍ତି ଓ ପ୍ରଖରତାକୁ ଜଳାଞ୍ଜଳି ଦିଆଯାଏ, ଯାହାର ମୂଲ୍ୟ ଏତେ ପରିମାଣରେ ଅଧିକ ହେବ ଯେ ଶେଷକୁ ତାହାର ଭରଣା କରି ହେବନି । ଦ୍ୱିତୀୟତଃ, ଯେଉଁଠି ଉର୍ଦ୍ଧ୍ୱତର ମହାଶକ୍ତିର ସଂକଳ୍ପ ସକ୍ରିୟ ହୋଇଉଠିଛି ଏମିତି ଏକ ଜାଗୃତି ଭିତରେ, ସେଠାରେ କୌଣସି ବ୍ୟକ୍ତି

ବିଶେଷ ଆଉ ଅପରିହାର୍ଯ୍ୟ ହୋଇ ରହିବେ ନାହିଁ । ଲାଲା ଲଜପତ୍ ରାୟ ଚାଲିଗଲେ କିଂବା ଅଜିତ୍ ସିଂହ ଅଜ୍ଞାତ ବାସ କଲେ ମଧ୍ୟ କ'ଣ ଯାଏ ଆସେ, ଏହା ସତ୍ତ୍ୱେ କାହାରି ସାଧ୍ୟ ନାହିଁ ପଞ୍ଜାବରେ ଆନ୍ଦୋଳନକୁ ରୋକି ଦେବା ପାଇଁ । ଏହା ତଥାପି ଆଗେଇ ଚାଲିଛି Eppur si muove (and still it moves) – ''ଚରୈବେତି'' ତା'ର ବିଧିନିର୍ଦ୍ଦିଷ୍ଟ ଲକ୍ଷ୍ୟ ଅଭିମୁଖେ ।

[ବନ୍ଦେ ମାତରମ୍, ମେ ୨୩, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ✤

India has the key to the knowledge and conscious application of the ideal; what was dark to her before in its application, she can now, with a new light, illumine; what was wrong and wry in her old methods she can now rectify; the fences which she created to protect the outer growth of the spiritual ideal and which afterwards became barriers to its expansion and farther application, she can now break down and give her spirit a freer field and an ampler flight : she can, if she will, give a new and decisive turn to the problems over which all mankind is labouring and stumbling, for the clue to their solutions is there in her ancient knowledge.

(The Renaissance in India, CWSA, Vol. 20, pp. 39 - 40) – Sri Aurobindo

ଯଥାର୍ଥ ଜ୍ଞାନ ମଧ୍ୟକୁ ପ୍ରବେଶ କରିବାର ଉପାୟ ଓ ଆଦର୍ଶର ସଚେତନ ପ୍ରୟୋଗର ଧାରା କେବଳ ଭାରତବର୍ଷକୁ ଜଣାଅଛି; ଯାହାର ପ୍ରୟୋଗ ବିଷୟରେ ସେ ପୂର୍ବରୁ ଅନ୍ଧକାରମୟ ଅବସ୍ଥାରେ ଥିଲା ତଥା ସେ ବିଷୟରେ ସେ ପୂର୍ବରୁ ଅଜ୍ଞ ଥିଲା, ଏବେ ଏକ ନୂତନ ଆଲୋକର ସାହାଯ୍ୟରେ ସେ ସେହି ଅନ୍ଧକାରକୁ ଘୁଞ୍ଚାଇ ଦେଇ ଯଥାର୍ଥ ଜ୍ଞାନ ପ୍ରାପ୍ତ କରିପାରେ; ତାହାର ପୁରାତନ ପ୍ରକ୍ରିୟାରେ ଯାହାକିଛି ଭ୍ରମ ଓ ବିକୃତି ଥିଲା ସେସବୁକୁ ଏବେ ସେ ସଂଶୋଧନ କରିପାରେ; ଆଧ୍ୟାତ୍ମିକ ଆଦର୍ଶର ବହିର୍ବିକାଶକୁ ନିରାପଦ ଓ ସଂରକ୍ଷିତ କରି ରଖିବା ପାଇଁ ସେ ଯେଉଁସବୁ ବେଢ଼ା ଗଢ଼ି ତୋଳିଥିଲା ଓ ପରବର୍ତ୍ତୀ ସମୟରେ ଯାହାକି ସେହି ବିକାଶ ପଥରେ ଓ ପୁନଃ ପ୍ରୟୋଗ ଧାରାରେ ପ୍ରତିବନ୍ଧକ ହୋଇ ଠିଆ ହେଲା, ସେସବୁକୁ ସେ ଏବେ ଭାଙ୍ଗି ଦେଇପାରେ ଓ ତାହାର ଆତ୍ମା ପାଇଁ ଏକ ଅଧିକ ମୁକ୍ତ କ୍ଷେତ୍ର ଓ ଏକ ବିସ୍ତୃତତର ବିକାଶ ଆଣିଦେଇପାରେ : ଅବଶ୍ୟ ଯଦି ସେ ଚାହେଁ ତେବେ ମାନବସମାଜ ଏବେ ଯେଉଁସବୁ ସମସ୍ୟା ମଧ୍ୟରେ ଘାଣ୍ଟି ହେଉଛି ଓ ବାରଂବାର ସ୍ଖଳନର ସମ୍ମୁଖୀନ ହେଉଛି ସେସବୁର ଏକ ନୂତନ ଓ ଚୂଡ଼ାନ୍ତ ମୋଡ଼ ଦେଇପାରେ କାରଣ ସେସବୁର ସମାଧାନର ରହସ୍ୟ ତାହାର ପ୍ରାଚୀନ ଜ୍ଞାନ ମଧ୍ୟରେ ହିଁ ରହିଛି ।

— ଶ୍ରୀଅରବିନ୍ଦ

# ସମାନ ଆସ୍ପୃହା ଯେଉଁମାନଙ୍କର

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଶ୍ରୀଅରବିନ୍ଦଙ୍କର ସାଧନା ଓ ସିଦ୍ଧି ନିଜ ପାଇଁ ନୁହେଁ – ତାଙ୍କର ଅସ୍ତିତ୍ୱ ବି ନିଜ ସକାଶେ ନୁହେଁ – ତାହା ମାନବଜାତି ପାଇଁ । ମାନବଜାତି ବା ସମାଜ ଯେପରି ଏକ ନୂଆ ପଦବୀକୁ ଉନ୍ନୀତ ହୋଇପାରେ ଅଥବା ଭଗବାନଙ୍କ ପାଇଁ, ଯାହା ଫଳରେ ଭଗବାନଙ୍କର ଏକ ନୂଆ ପ୍ରକାଶ ପାର୍ଥିବ ଲୀଳାରେ ଧରାଦିଏ ।

ସୁତରାଂ ଆମେ ଯେଉଁମାନେ ଏ ପଥରେ ଚାଲିଛନ୍ତି, ସେମାନଙ୍କୁ ସମସ୍ତଙ୍କୁ ମନେ ରଖିବାକୁ ହେବ ଯେ ଆମର ବି ବ୍ୟକ୍ତିଗତ ସାଧନା ଓ ସିଦ୍ଧି ସେଇ ସମବେତ ସାଧନା ଓ ଜଗତ୍ ବ୍ୟାପୀ ପ୍ରୟାସର ତଥା ସିଦ୍ଧିର ଅଙ୍ଗୀଭୂତ; କାହାର ଏକାନ୍ତ ପୃଥକ୍ ସାର୍ଥକତା ନାହିଁ । ପକ୍ଷାନ୍ତରରେ ପ୍ରାଚୀନ ଓ ପୂର୍ବତନ ପ୍ରାୟ ସମସ୍ତ ସାଧନାର ଧାରାହିଁ ଥିଲା ମୁଖ୍ୟତଃ ବ୍ୟକ୍ତିଗତ – ବ୍ୟକ୍ତିଗତ ମୁକ୍ତି ଓ ସିଦ୍ଧିହିଁ ଥିଲା ଆଧ୍ୟାତ୍ମିକ ମଣିଷର ବ୍ରତ ଓ ଲକ୍ଷ୍ୟ । ଆଧ୍ୟାତ୍ମିକ ନେତା ବା ମହାପୁରୁଷମାନଙ୍କର ପ୍ରୟାସ ଦେଖି ଯେପରି ବହୁ ସଂଖ୍ୟାରେ ବ୍ୟକ୍ତି ଉଦ୍ଧାର ହୁଅନ୍ତି, ଯେତେ ବେଶୀ ସମ୍ଭବ ଲୋକେ ପରିତ୍ରାଣ ଦିଗରେ ଆଗୁସାର ହୁଅନ୍ତି, ତାହାହିଁ ଥିଲା ସେମାନଙ୍କର ଲକ୍ଷ୍ୟ । ଏଇ ସମସ୍ତ ମୁକ୍ତ ଜୀବମାନଙ୍କୁ ନେଇ ଗୋଟାଏ ସମାଜ, ସଂଘ ବା ଗୋଷ୍ଠୀର କଳ୍ପନା କେଉଁଠି କେଉଁଠି କରାହୋଇଛି, ମାତ୍ର ତା'ର ସ୍ଥାନ କରି ଦିଆଯାଇଛି ଆଉ ଗୋଟାଏ ଭୁବନରେ ବା ଜଗତରେ କିଂବା ଯଦିବା ଏଇ ପୃଥିବୀ ଭିତରେ କେଉଁଠି, ତା'ହେଲେ ବି ସାଧାରଣ ସମାଜର ବହିର୍ଭୂତ ଆୟତନ ବା ପ୍ରତିଷ୍ଠାନ ହିସାବରେ ।

ତା' ସତ୍ତ୍ୱେ ସମଗ୍ର ଓ ଅଖଣ୍ଡ ଦୃଷ୍ଟିକୋଣରୁ ଦେଖିବାକୁ ବସିଲେ ଆମେ ଦେଖୁ ଯେ ସମଗ୍ର ସାର୍ଥକତା ଓ କ୍ରମପରିଣତି ନିମନ୍ତେ ଏହାର ଦରକାର ଥିଲା, ଏବେ ବି ଯେ ନାହିଁ ତାହା ନୁହେଁ । ବ୍ୟକ୍ତି ହେଉଛି, କହିବାକୁ ଯଦି ଯାଉ, ଆଜିକାଲିକାର ସାମରିକ ଭାଷାରେ ବର୍ଚ୍ଛାଫଳକ (spear-head) – ତା'ର ଅର୍ଥ ସମଗ୍ର ସେନାବାହିନୀର ଅଗ୍ରଗତି ନିମନ୍ତେ ଯେଉଁମାନେ ସମସ୍ତଙ୍କ ଆଗେ ଆଗେ ଚାଲନ୍ତି, ବର୍ଚ୍ଛାଫଳକ ପରି ଶତ୍ରୁବ୍ୟୂହ ଭେଦ କରି ବାଧାବିପତ୍ତିକୁ ବିଦୀର୍ଣ୍ଣ କରି, ପଥ ଉନ୍ମୁକ୍ତ, ପ୍ରସାରିତ କରି ଚାଲନ୍ତି । ଆଧ୍ୟାତ୍ମିକ ଜଗତରେ ସିଦ୍ଧ ମହାପୁରୁଷମାନେ ବି ଠିକ୍ ଏଇ କାମ କରନ୍ତି – ଅଜ୍ଞାନର ବାଧାବିଘ୍ନର ଜଙ୍ଗଲକୁ କାଟି, ଊର୍ଦ୍ଧ୍ୱତର ଚେତନା ଭିତରେ ଉପରକୁ ଉଠିବା ପାଇଁ ରାସ୍ତା ତିଆରି କରନ୍ତି, ଶିଡ଼ି ବା ସୋପାନ ଗଢ଼ନ୍ତି, କାରଣ ପଛରେ ଯେଉଁମାନେ ଆସିବେ, ସେଇ ବୃହତ୍ତର ଲୋକସଂଘ ଯେପରି ସହଜରେ ଅନାୟାସରେ ଠିଆ ହୋଇପାରନ୍ତି, ଆଗେଇ ଯାଇପାରନ୍ତି । ସେଇ କାରଣରୁ ତ କୁହାଯାଇଛି 'ମହାଜନୋ ଯେନ ଗତଃ ସ ପନ୍ଥା', ମହାପୁରୁଷ ଯେଉଁଠି ଯେତେବେଳେ ଜନ୍ମ ହୋଇଛନ୍ତି, ସେମାନେ ସମଗ୍ର ମାନବ-ଚେତନାକୁହିଁ ଯେପରି ଟେକି ଧରିଛନ୍ତି – ଏବଂ ମାନବଜାତି ପକ୍ଷରେ ବ୍ୟଷ୍ଟିଗତ ଓ ସମଷ୍ଟିଗତ ଭାବରେ ଊର୍ଦ୍ଧ୍ୱତର ଚେତନାରୁ ଉତ୍ତୀର୍ଣ୍ଣ ହେବାର ସମ୍ଭାବନାକୁ ସହଜ କରି ଦେଇଛନ୍ତି, ଏମିତିକି ଅବଶ୍ୟମ୍ଭାବୀ ମଧ୍ୟ କରି ଦେଇଛନ୍ତି ।

ଅତୀତରେ, ପୂର୍ବତନ ଯୁଗରେ, ଦେଶଦେଶାନ୍ତରରେ ମହାପୁରୁଷମାନଙ୍କର ବ୍ୟକ୍ତିଗତ ତପସ୍ୟା ଏବଂ ତା' ସହିତ ପୁଣି ତାହା ଯୋଗୁଁ ମଧ୍ୟ ପ୍ରକୃତିରେ କ୍ରମ ପରିଣତି ଘଟିଲା । ପୁନଶ୍ଚ ଏଇ କ୍ରମ ପରିଣତି ଫଳରେ ଏବେ ମାନବଜାତିର ଚେତନାରେ ତଥା ବହିର୍ଜୀବନଧାରାରେ ଗୋଟିଏ ମୌଳିକ ବା ଆମୂଳ ପରିବର୍ତ୍ତନର ସମ୍ଭାବନା ଦେଖାଦେଇଛି । ଏଇ ଶୁଭ ସନ୍ଧିକ୍ଷଣରେ ଓ ସନ୍ଧିସ୍ଥଳରେ ଆମେ ଯେଉଁମାନେ ଏକାଠି ମିଳିତ ହୋଇଛେ, ଆମକୁ ଦେଖିବାକୁ ହେବ, ବୁଝିବାକୁ ହେବ ଯେ ଆମର ବ୍ୟକ୍ତିଗତ ସାଧନାର ଭିତର ଦେଇ ସମବେତ ମାନବ-ଚେତନାରହିଁ ସାଧନା ହେଉଛି; ଆମ ସତ୍ତାକୁ ଆଶ୍ରୟ କରି, ସତ୍ତା ଉପରେ ଭରା ଦେଇ ସମଗ୍ରଭାବରେ ମାନବସତ୍ତା ଊର୍ଦ୍ଧ୍ୱତର ପଦବୀକୁ ଉଠିଯିବା ସକାଶେ ସଚେଷ୍ଟ ହେଉଛି । ଆମ୍ଭମାନଙ୍କର ସାଧନାର ବୃହତ୍ତର ଉଦ୍ଦେଶ୍ୟ ଏହି ଦିଗରେ, ଆମ୍ଭମାନଙ୍କର କର୍ତ୍ତବ୍ୟ ଓ ବ୍ରତ ମଧ୍ୟ ଏଇ ଅଭିମୁଖରେ ।

ଯୋଗସାଧନା ଫଳରେ ଆମର ଯଦି କିଛି ବ୍ୟକ୍ତିଗତ ଲାଭ ହୋଇଥାଏ ବା ସାର୍ଥକତା ଆସିଥାଏ, ତେବେ ବୁଝିବାକୁ ହେବ ତାହା ମାନବଜାତିର – ମାନବଜାତିର ସାମୂହିକ ସତ୍ତାର ଓ ସାମୂହିକ ଚେତନାର ସାଧାରଣ ସମ୍ପତ୍ତି ରୂପେ ମିଳିଛି ଏବଂ ବ୍ୟକ୍ତିଗତ ଭାବରେ ଆମ୍ଭମାନଙ୍କର ଯାହା ଯେଉଁଠି ବ୍ୟର୍ଥତା ଓ

ସ୍ଖଳନ ହୋଇଛି, ବୁଝିବାକୁ ହେବ ଯେ ସେଇଟି ମଧ୍ୟ ମାନବ-ପ୍ରକୃତିର ସାଧାରଣ ଦୁର୍ବଳତା; ଆମ୍ଭମାନଙ୍କର ବ୍ୟକ୍ତିଗତ ଆସ୍ପୃହା, ସଜ୍ଞାନତା ଓ ସାମର୍ଥ୍ୟର ଭିତର ଦେଇ ସେଇ ଦୁର୍ବଳତା ଆପଣାକୁ ସଂଶୋଧନ କରିବାକୁ, ସବଳତାରେ ରୂପାନ୍ତରିତ ହେବାକୁ ଇଚ୍ଛା କରୁଛି ଓ ଚେଷ୍ଟା କରୁଛି। ଭଗବାନଙ୍କ ଶକ୍ତି ଓ କରୁଣା ସାଧାରଣ ଭାବରେ ନିଶ୍ଚୟ ସର୍ବତ୍ର ରହିଛି ଓ କାମ କରି ଚାଲୁଛି, ତେବେ ଏଇଟି ତ ନିତ୍ୟନୈମିତ୍ତିକ ଗତି, ଯାହା ସବୁବେଳେ ରହିଛି। କିନ୍ତୁ ଏହାଛଡ଼ା ଆଉ ଏକ ଗତି ବି ଅଛି ଏବଂ ଆସି ଯୁକ୍ତ ହୋଇପାରେ – ଏକ ବିଶେଷ ଧରଣର ଓ ଦୃଢ଼ତର ଗତି ଯାହାକୁ ଆଶୁ ତଥା ଆତ୍ୟନ୍ତିକ ପରିବର୍ତ୍ତନର ବେଗ ବୋଲି କହିଲେ ଠିକ୍ ହେବ। ଏଥି ନିମନ୍ତେ ବ୍ୟକ୍ତି-ବିଶେଷଙ୍କର ଆବିର୍ଭାବ – ଯଥା ମହାପୁରୁଷ ଓ ଅବତାରଙ୍କ ଆଗମନ, ସିଦ୍ଧ ଓ ସାଧକମଣ୍ଡଳୀ ବିଦ୍ୟମାନ ରହିବା ଆବଶ୍ୟକ ହୋଇଥାଏ।

ପ୍ରକୃତି ଭିତରେ କ୍ରମଗତି ହେତୁ ଯେମିତି ମାନବଜାତିର ଉଦ୍ଭବ ହୋଇଛି, ସେହିପରି ମାନବଜାତି ଭିତରେ, ତା'ର ସମବେତ ଚେତନା ମଧ୍ୟରେ ଏକ ସାମୂହିକ ପ୍ରୟାସ ଚାଲୁଅଛି, ଯାହାଫଳରେ ନୂଆ ଓ ଉଚ୍ଚସ୍ତରୀୟ ଏକ ପ୍ରଣାଳୀରେ ମନୁଷ୍ୟ ନିଜ ଜୀବନକୁ ଢାଳି ଦେଇପାରେ; ତେବେ ସେଇ ପ୍ରୟାସ ଅଜ୍ଞାନାବୃତ, ବିଘ୍ନବହୁଳ ଓ ମନ୍ଥର। ଏଇ ସର୍ବସାଧାରଣ ପରିବେଶ ମଧ୍ୟରେ ପୁଣି ସଜ୍ଞାନ-ବ୍ୟକ୍ତି ଗୋଷ୍ଠୀର, ସାଧକମଣ୍ଡଳୀର ଉଦ୍ଭବ ହୋଇଛି। ସୁତରାଂ ଏଇ ମଣ୍ଡଳୀ ବା ଗୋଷ୍ଠୀର ଅନ୍ତର୍ଗତ ବ୍ୟଷ୍ଟିର, ଅର୍ଥାତ୍ ପ୍ରତ୍ୟେକ ସାଧକର ସାଧନା ଓ ପ୍ରୟାସର ଅସଲ ମୂଲ୍ୟ ଓ ସାର୍ଥକତା ସର୍ବମାନବ-ସାଧାରଣଙ୍କର ପ୍ରତିନିଧି ହିସାବରେ।

ପ୍ରତ୍ୟେକଙ୍କର ଉଦ୍ୟମ ଅପର ବ୍ୟକ୍ତିର ଉଦ୍ୟମ ସହିତ ସଂଯୁକ୍ତ, ଏହି କାରଣରୁ ଆମେ ସମସ୍ତେ ଏକହିଁ ମାନବ ପ୍ରକୃତିର ଅଙ୍ଗୀଭୂତ ଏବଂ ତା' ଭିତରେ ଏକହିଁ ଊର୍ଦ୍ଧ୍ୱତନ ଶକ୍ତି କାମ କରି ଚାଲୁଛି। ତେଣୁ କେହି ଅତ୍ୟଧିକ ଦୂରକୁ ଆଗେଇ ଯାଇପାରେ ନାହିଁ, କିଂବା ଅତିରିକ୍ତ ପଛରେ ବି ପଡ଼ିଯାଇ ପାରେ ନାହିଁ। କେହି ଯଦି ଟିକିଏ ଆଗକୁ ଆଗେଇ ଯିବାକୁ ଚାହୁଁଥାଏ, ତେବେ ତା'ର ଗତି ହେବ ନିର୍ବାଣ ଦିଗରେ ଏବଂ କେହି ଯଦି ଖୁବ୍ ପଶ୍ଚାତରେ ପଡ଼ି ରହିବାକୁ ଭଲ ପାଉଥାଏ, ତା'ର ଗତି ହେବ ଆଉ ଏକପ୍ରକାର ନିର୍ବାଣ ଭିତରେ – ଯାହାକୁ ପ୍ରାକୃତ ଲୟ କହିଲେ ଚଳିବ – ନିର୍ବାଣର ସମ୍ପୂର୍ଣ୍ଣ ବିପରୀତ ଧରଣର ନିର୍ବାଣ। ଆମ୍ଭମାନଙ୍କ ସାଧନାରେ ଦୁଇଟି ପ୍ରଶସ୍ତ ଧାରାକୁ ଆମକୁ ଲକ୍ଷ୍ୟ କରିବାକୁ ହେବ। ପ୍ରଥମଟି ହେଉଛି ଯେଉଁଠି ଆମର ଏକାନ୍ତ ମାନୁଷୀଭାବ ବ୍ୟକ୍ତିଗତ ଭାବରେ ଦେଖାଦେଉଛି, ସେଠାରେ ଆମକୁ ନିଜ ଭିତରେ ବହୁବିଧ ଦୁର୍ବଳତାକୁ ଆବିଷ୍କାର ଓ ସାକ୍ଷାତ୍କାର କରିବା, ସେଗୁଡ଼ିକ ଯେ ଖାଲି ପ୍ରକାରଭେଦ ଦୃଷ୍ଟିରୁ ବହୁବିଧ, ତାହା ନୁହେଁ, ସେଗୁଡ଼ିକର ମାତ୍ରା ବି ଚରମ; ଏସବୁ ପାଇଁ ଆମକୁ ପ୍ରସ୍ତୁତ ରହିବାକୁ ପଡ଼ିବ। ମାନବପ୍ରକୃତିର ଆମୂଳ, ଚରମ ପରିବର୍ତ୍ତନ ଯେତେବେଳେ ଆମର ଲକ୍ଷ୍ୟ, ସେତେବେଳେ ତା'ର ମୂଳସ୍ଥ ଆତ୍ୟନ୍ତିକ ସବୁ ଦୁର୍ବଳତାକୁ ଧରି ବାହାରକୁ ଟାଣି ଆଣିବା ଦରକାର, ଯଦ୍ୱାରା ସେଗୁଡ଼ିକର ଉଚ୍ଛେଦ ବା ପ୍ରତିକାର କରାଯାଇପାରିବ; ଯଦି ଆମେ ସେଗୁଡ଼ିକୁ ବାହାରକୁ ବାହାରିବାକୁ ଦେବା ନାହିଁ, ଲୁଚାଇ ରଖିବାକୁ ପ୍ରୟାସ କରିବା, ତେବେ ବଦଳିବାର ସମ୍ଭାବନା ଆସିବ କେମିତି ବା ସେଗୁଡ଼ିକୁ ବଦଳିବାକୁ ସୁଯୋଗ ମିଳିବ କେମିତି ? ତେଣୁ ଅପ୍ରତ୍ୟାଶିତ ଦୁର୍ବଳତାର ଆବିର୍ଭାବରେ ସାଧକ ଯେ ଆତଙ୍କିତ ହୋଇଉଠନ୍ତି, ସେହିପରି ହେବାର କୌଣସି କାରଣ ନାହିଁ – ଏଇଟି ହେଉଛି ଗୋଟାଏ ଦିଗର କଥା। ଅପର ଦିଗଟି ହେଉଛି – ତୁମ ଭିତରେ ଯେଉଁ ଅଙ୍ଗଟି ସବଳ, ସେଇ ଅଙ୍ଗ ସହିତ ସଂଯୋଗ ସ୍ଥାପନ କରିବାକୁ ହେବ, ତାକୁ ପରିପୁଷ୍ଟ କରିବାକୁ ହେବ। ଏଇ ସବଳ ବସ୍ତୁଟି ହେଉଛି ବ୍ୟକ୍ତି ଆଧାରରେ ତୁମର ଚୈତ୍ୟସତ୍ତା। ଯାହା ଅନ୍ତରତମ ଓ ଦିବ୍ୟ ଏବଂ ନିଶ୍ଚିତ ରୂପେ ତୁମର ଯଥାର୍ଥ ଭାଗବତ ସ୍ୱରୂପ, ଏଥିରେ ସନ୍ଦେହ ନାହିଁ। କିନ୍ତୁ ଖାଲି ସେତିକି ନୁହେଁ ଏହା ସଙ୍ଗେ ସଙ୍ଗେ ଯେଉଁ ଅନ୍ତର୍ଯାମୀ ଭଗବାନ୍ ଏବଂ ଯେଉଁ ଭାଗବତୀ ଶକ୍ତି ପଶ୍ଚାତରୁ ତଥା ତୁମ ସତ୍ତାର ଗଭୀରତମ ପ୍ରଦେଶରୁ ତୁମ ସ୍ୱରୂପଟିକୁ ଧାରଣ କରିଛନ୍ତି, ସମର୍ଥ ଓ ପ୍ରଜ୍ୱଳ କରି ଗଢ଼ିଛନ୍ତି, ତାହାଙ୍କ ସହିତ ସମ୍ବନ୍ଧ ରଖିବା ଓ ସମ୍ପୂର୍ଣ୍ଣ ଏକୀଭୂତ ହେବା।

ଏବଂ ପରିଶେଷରେ ଏଇ ଆନ୍ତର ଦିବ୍ୟସତ୍ତା ଓ ଏଇ ନିଭୃତ ଭଗବାନ୍ ବାହାରେ ମୂର୍ତ୍ତ ହୋଇଛନ୍ତି ଯୁଗ-ବିଭୂତି ବା ଜଗଦ୍‌ଗୁରୁ ରୂପରେ; ତାହା ବି ସେଇ ଚୈତ୍ୟସତ୍ତାଙ୍କର ଏକ ଦିବ୍ୟରୂପ। ପାର୍ଥିବ ଲୀଳା କ୍ଷେତ୍ରରେ ସାଧାରଣ ମାନବଚେତନା ଯେପରି ତୁମ ଭିତରେ, ମୋ ଭିତରେ ବ୍ୟକ୍ତିଗତ ଆକାର ନେଇ ସଶରୀରୀ ହୋଇଛନ୍ତି, ସେହିପରି ଅସୀମ ଅନନ୍ତ ଭାଗବତ ଚେତନା ମଧ୍ୟ ସ୍ଥୂଳବ୍ୟକ୍ତି ମଧ୍ୟରେ ଦେହ ଧାରଣ

କରିବାର ପ୍ରୟୋଜନ ଅଛି – ଏ ବିଷୟ ଆମେ ଅନ୍ୟତ୍ର ଆଲୋଚନା କରିଛୁ ।

ଗୋଟିଏ ଦିଗରେ ତୁମେ ଯେପରି ଅଜ୍ଞାନର ଆକାର, ଦୁର୍ବଳତାର ଭଣ୍ଡାର, ସେହିପରି ଅନ୍ୟ ଦିଗରେ ତୁମେ ଚିନ୍ମୟ ସର୍ବଶକ୍ତିମୟ ଭାଗବତ ଜୀବ । ମାନବ ଆଧାରରେ, ମଣିଷର ବ୍ୟଷ୍ଟି-ଚେତନାରେ ଏହି ଦୁଇଟି ପ୍ରାନ୍ତର ସଂଯୋଗ ହୋଇଛି, ସଂଗମ ଘଟିଛି, ଯାହାଫଳରେ ନିମ୍ନତମ ବା ପ୍ରାକୃତ ପ୍ରକୃତିଟି ପରିଶୁଦ୍ଧ ଓ ପରିବର୍ତ୍ତିତ ହେବ ଓ ଊର୍ଦ୍ଧ୍ୱତନ ପ୍ରାନ୍ତର ଅର୍ଥାତ୍ ଦିବ୍ୟପ୍ରକୃତିର ସାରୂପ୍ୟ ଓ ସାଧର୍ମ୍ୟ ଗୁଣକୁ ଲାଭ କରିବ । ପରିଣାମରେ ମାନବ ଉଦ୍ଧାର – ଭଗବାନଙ୍କ ଯନ୍ତ୍ର ଓ ଦେବତାର ବିଗ୍ରହ ହୋଇଉଠିବ । ଆଉ ଏ କାମ ମଧ୍ୟ ସମ୍ଭବ ହେବ, ଏକଥା ଆମେ ପ୍ରଥମରୁ କହିଛୁ – ବ୍ୟକ୍ତିଗତ ଆଧାର ଭିତରେ ବ୍ୟକ୍ତିଗତ ସଜ୍ଞାନ ପ୍ରୟାସ ଓ ସାଧନା ବଳରେ ଏବଂ ବ୍ୟକ୍ତି ଭାଗବତ ଶକ୍ତିର କେନ୍ଦ୍ର ଓ ଯନ୍ତ୍ର ହୋଇଯିବା ଫଳରେ ଏହା ସମ୍ଭବ ହେବ ।

ପ୍ରକୃତି ସ୍ତରରେ, ସାଧାରଣ ଚେତନାରେ ଆମ୍ଭମାନଙ୍କର ବ୍ୟକ୍ତିତ୍ୱ ହେଉଛି ସାର୍ବଭୌମିକ ପ୍ରକୃତିର ଅଙ୍ଗ ଓ ଅଂଶ, ତାହାରହିଁ ଏକ ତରଙ୍ଗ ଓ ବୁଦ୍‌ବୁଦ । କେହି କାହାଠାରୁ ପୃଥକ୍ ନୁହେଁ, ପରସ୍ପର ମଧ୍ୟରେ କିଛି ପ୍ରାଚୀର ବା ବାଡ଼ବତା ନାହିଁ, ଅଛି ଗୋଟିଏ ସାର୍ବଭୌମିକ ମନ, ସାର୍ବଭୌମିକ ପ୍ରାଣ, ପୁଣି ରହିଛି ଏକ ସାର୍ବଭୌମିକ ଦେହାୟତନ । ଏକହିଁ ବୃହତ୍ ଧାରା ବହି ଚାଲିଛି ସର୍ବତ୍ର, ସମସ୍ତଙ୍କ ଭିତର ଦେଇ । ଗୋଟିଏ ଧାରାର ଗୋଟିଏ ଅଂଶକୁ କାଟି ବା ବାଦ୍ ଦେଇ ଯେତେବେଳେ ଆମେ କହୁ ଏଇ ଗୋଟିକ ମୋର ଏକାନ୍ତ ଆପଣାର ବୃତ୍ତି, ସେତେବେଳେ ବୁଝିବାକୁ ହେବ ଯେ ତାହା ଖାଲି କହିବାର ଗୋଟିଏ ଢଙ୍ଗ, ଏପରିକି ଦେଖିବାର ଗୋଟିଏ ଦିଗ – ଯାହାକୁ ଭୁଲ୍ କୁହାଯାଇପାରେ । କିନ୍ତୁ ଭାଗବତ ଚେତନାର କ୍ରମରେ ଯେତେବେଳେ ଊର୍ଦ୍ଧ୍ୱକୁ ଉଠୁ ବା ଉଠିବାକୁ ଚେଷ୍ଟା କରୁ, ସେତେବେଳେ ଆମେ ବୁଝିପାରୁ, ଦେଖିବାକୁ ପାଉ ସେହି ଏକହିଁ ସତ୍ୟ ସର୍ବତ୍ର ବିଦ୍ୟମାନ । ସବୁ ଲୋକଙ୍କ ଭିତରେ, ପୃଥକ୍ ଭାବରେ ହେଉ ବା ସମବେତ ଭାବରେ ହେଉ, ସେହି ଏକହିଁ ଭାଗବତୀ ଦିବ୍ୟଶକ୍ତି ରହିଅଛି – ପରାଶକ୍ତିର ଚେତନା, ତାହାର ତରଙ୍ଗରହିଁ ନାନା ରୂପାୟଣ ହୋଇଛି – 'ଦେହ ନାନାସ୍ତି କିଞ୍ଚନ' । ଏଠାରେ ବି ପୃଥକ୍ ପୃଥକ୍ ବ୍ୟକ୍ତି ବା ବ୍ୟଷ୍ଟିସତ୍ତା ବୋଲି କିଛି ହେଲେ ନାହିଁ ବା ସେମାନଙ୍କର ପୃଥକ୍ ନିଜସ୍ୱ ମୂଲ୍ୟ ନାହିଁ କି ମର୍ଯ୍ୟାଦା ନାହିଁ । ପ୍ରତ୍ୟେକଙ୍କର ସାଧନା ଓ ସିଦ୍ଧି ଅନ୍ୟ ପ୍ରତ୍ୟେକଙ୍କର ସାଧନା ଓ ସିଦ୍ଧି ସହିତ ସଂଯୁକ୍ତ – ଏହାହିଁ ବିଶ୍ୱ ଯଜ୍ଞର ଧର୍ମ ।

ଆମ୍ଭମାନଙ୍କର ଏଇ ମହାବ୍ରତରେ ଏକ ଧରଣର ଚରମ ବିନମ୍ରତା ଓ ନୀତି ପ୍ରୟୋଜନ, ପୂର୍ଣ୍ଣ ନିରହଂକାର ଓ ଏକାନ୍ତ ଆତ୍ମବିଲୋପ ମଧ୍ୟ ପ୍ରୟୋଜନ । ବ୍ୟକ୍ତିଗତ ଲାଭ ସକାଶେ, ତାହା ଯଦି ବି ଆଧାତ୍ମିକ ଲାଭ ହୋଇଥାଏ, ସେଦିଗକୁ ଚାହିଁ ଆମେ କିଛି କରୁନା, କିଛି କରିବାର ଉପାୟ ବି ଆମ ହାତରେ ନାହିଁ । ଆମେ ହେଉଛୁ ନାରାୟଣୀ ସେନା, ଆମକୁ ଚାଲିବାକୁ ହେବ ସମାନ ତାଳରେ, ସମାନ ବେଗରେ – ବ୍ୟକ୍ତିଗତ ବିଶେଷ ସିଦ୍ଧି ବା ପଦବୀ ବା ମର୍ଯ୍ୟାଦାର ସ୍ଥାନ ଏଠାରେ ନାହିଁ । ଆମ୍ଭମାନଙ୍କର ମନ୍ତ୍ର ହେଉଛି – 'ଯଥା ନିଯୁକ୍ତୋଽସ୍ମି ତଥା କରୋମି' । ବ୍ୟକ୍ତିଗତ ସାର୍ଥକତାର ସ୍ପୃହାକୁ ମଧ୍ୟ ଅତିକ୍ରମ କରିଯିବାକୁ ପଡ଼ିବ, ଆମକୁ ଏକ ସର୍ବବ୍ୟାପୀ ମହାସତ୍ୟ ମଧ୍ୟରେ ଅଙ୍ଗୀଭୂତ ହୋଇଯିବାକୁ ପଡ଼ିବ ।

(ମୂଳ ବଙ୍ଗଳା 'ସମାନୀ ବ ଆକୂତି' ରଚନାଟିର ଅନୁବାଦ)

ଅନୁବାଦ : କୃଷ୍ଣା ଦେବୀ

ସବୁ ସମୟରେ ଭିତରର ଅଭୀପ୍ସା ଉପରେ ଜୋର୍ ଦିଅ; ତାହାହିଁ ହୃଦୟରେ ଗଭୀରତା ଓ ଦୃଢ଼ତା ଲାଭ କରୁ; ହୃଦୟର ପ୍ରେମ ଓ ଅଭୀପ୍ସାର ଅଭିବୃଦ୍ଧି ସଙ୍ଗେ ସଙ୍ଗେ ମନ ଓ ପ୍ରାଣର ବାହ୍ୟ ବାଧାବିଘ୍ନସବୁ ଆପେ ଆପେ ଅପସରି ଯିବ ।

– ଶ୍ରୀଅରବିନ୍ଦ

# ଆଜିର ସଙ୍କଟ : କ୍ରମ ବିକାଶରେ ଅନିବାର୍ଯ୍ୟ ?

## ଶ୍ରୀ ମନୋଜ ଦାସ

ଶହେ ବର୍ଷରୁ ଆଉ କିଛି ଅଧିକ କାଳ ତଳର କଥା । ଥିଲେ ଜଣେ ପ୍ରବୀଣ ଜ୍ଞାନପିପାସୁ ଅଧ୍ୟାପକ । ଦର୍ଶନ ତତ୍ତ୍ୱର ନାନାଦି ସମସ୍ୟା ଉପରେ ସେ ଅଧ୍ୟୟନ କରୁଥା'ନ୍ତି । ସେସବୁର ସମାଧାନ ଲିପିବଦ୍ଧ କରୁଥା'ନ୍ତି ତାଙ୍କ ଗବେଷଣାରତ ଛାତ୍ରମାନଙ୍କ ପାଇଁ । ଅଧ୍ୟାପକ ମହୋଦୟ ଗୋଟାଏ ସମସ୍ୟା ଉପରେ ଅଟକି ଯାଇଥିଲେ; ତା'ର ମୀମାଂସା କରିପାରୁ ନଥିଲେ । ପ୍ରଶ୍ନଟି ହେଲା, ଭଗବାନ୍ ଏକ ନା ବହୁ ?

### ସ୍ୱରୂପ ଏବଂ ରୂପ

ବଙ୍ଗଦେଶର ବୀରଭୂମ ଜିଲ୍ଲା ଅନ୍ତର୍ଭୁକ୍ତ ତାରାପୀଠରେ ଥିଲା ଏକ ବିଶାଳ ଶ୍ମଶାନ ଭୂମି । ତା'ର ଏକ ପ୍ରାନ୍ତରେ ଥିଲା ବହୁ ପ୍ରାଚୀନ କାଳରୁ ଦେବୀ ତାରାଙ୍କ ଆସ୍ଥାନ । ମନ୍ଦିର ଏବଂ ଶ୍ମଶାନ ଭିତରେ ବିଚରଣ କରୁଥା'ନ୍ତି ଜଣେ ଅଦ୍ଭୁତ ତାରାଭକ୍ତ । ମାଆ ବାପା ତାଙ୍କ ନାମ ଦେଇଥିଲେ ବାମାଚରଣ; କିନ୍ତୁ ସେ ପାଗଳ ଭଳି ଆଚରଣ କରୁଥିବା ହେତୁ ଜନସାଧାରଣରେ ବାମାକ୍ଷେପା ବୋଲି ପରିଚିତ ଥିଲେ (କ୍ଷେପା : ଉନ୍ମାଦ) । କିନ୍ତୁ ଯେଉଁମାନେ ତାଙ୍କ ସାନ୍ନିଧ୍ୟ ଲାଭର ସୁଯୋଗ ପାଇଥିଲେ ସେମାନେ ଜାଣିଥିଲେ ସେ ଜଣେ ଯୋଗୀ ତଥା ତନ୍ତ୍ର-ସିଦ୍ଧ ପୁରୁଷ । ସେ ରହୁଥିଲେ ପ୍ରାୟ ବିବସ୍ତ୍ର; ତାଙ୍କ ସହ ଏକତ୍ର ଭୋଜନ କରୁଥା'ନ୍ତି ଦଳେ କୁକୁର ।

ଅଧ୍ୟାପକ ମହୋଦୟ ଦିନେ ତାରାପୀଠ ଯାଇ ବାମାକ୍ଷେପାଙ୍କୁ ପ୍ରଶ୍ନ କଲେ, ''ଭଗବାନ୍ ଏକ ନା ବହୁ ?'' ବାମାକ୍ଷେପା ଦେଲେ ଉତ୍ତର, ''ଏଥିରେ ଧନ୍ଦି ହେବାର ଅଛି କ'ଣ ବାବା ? ଭଗବାନ୍ ତାଙ୍କ ସ୍ୱରୂପରେ ଏକ; ରୂପରେ ବହୁ ।''

ଅଧ୍ୟାପକଙ୍କ ଚିନ୍ତାକାଶରେ ସେଦିନ ହୋଇଥିଲା ଏକ ନୂତନ ସୂର୍ଯ୍ୟୋଦୟ ।

ଅଧ୍ୟାପକ ମହୋଦୟ ଥିଲେ ଜ୍ଞାନୀ; କିନ୍ତୁ ବାମାକ୍ଷେପା ଥିଲେ ପ୍ରଜ୍ଞାବାନ୍ । ପ୍ରଜ୍ଞା, ଜ୍ଞାନ, ଧୀ, ବୁଦ୍ଧି, ଚାତୁର୍ଯ୍ୟ, ଏସବୁ ଭିତରେ ଅନେକେ ପାର୍ଥକ୍ୟ ଦେଖନ୍ତି ନାହିଁ । ବିଶେଷତଃ ପ୍ରଜ୍ଞା (wisdom) ଏବଂ ଜ୍ଞାନ (knowledge)କୁ ବହୁ ସମୟରେ ଆମେ ସମାନାର୍ଥରେ ବ୍ୟବହାର କରୁଁ । ମୋଟାମୋଟି କୁହାଯାଇପାରେ ପ୍ରଜ୍ଞା ସାଧନାରୁ ବା ଦିବ୍ୟ-କରୁଣାରୁ ଆସିଥାଏ । ଜ୍ଞାନ ଜଣେ ଅନୁଶୀଳନ ମାଧ୍ୟମରେ ପାଇପାରେ । ବୁଦ୍ଧି (intelligence), ଧୀ (intellect) ଏବଂ ଚାତୁର୍ଯ୍ୟ (cleverness) ଆମ ମନର ଏକ ଏକ ଗୁଣ । କିନ୍ତୁ ବୁଦ୍ଧି, ଧୀ ବା ଚାତୁର୍ଯ୍ୟ, ଏସବୁ ଆମକୁ ବିବେକୀ କରି ପାରିବେ ନାହିଁ କିଂବା ଜୀବନରେ ଯେଉଁ ଶାନ୍ତି ଓ ସନ୍ତୋଷ ଆମର ସର୍ବଦା କାମ୍ୟ, ଆମ ପାଇଁ ସେସବୁ ଆଣିଦେଇ ପାରିବେ ନାହିଁ । ଏପରିକି ଜଣେ ପଣ୍ଡିତ ବା ଜ୍ଞାନୀ ହେଲେ ମଧ୍ୟ ପ୍ରବୁଦ୍ଧ ହୋଇପାରିବ, ଶାନ୍ତି ଓ ସନ୍ତୋଷ ଆୟତ୍ତ କରିପାରିବ ସେଭଳି ପ୍ରତିଶ୍ରୁତି କେହି ଦେଇପାରିବେ ନାହିଁ । ଅବଶ୍ୟ ଜ୍ଞାନ ପଛରେ ଯଦି ପ୍ରଜ୍ଞା ଥିବ, ତାହା ଭିନ୍ନ କଥା । କିନ୍ତୁ ପୃଥିବୀରେ ହାରାହାରି ଜନସାଧାରଣଙ୍କୁ ପରିଚାଳିତ କରେ ବୁଦ୍ଧି । ପ୍ରଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନ୍‌ଷ୍ଟାଇନ୍ ତାଙ୍କ ଜୀବନର ଶେଷ ବହି 'Out of My Later Years'ରେ ଦେଇଛନ୍ତି ଏହି ଚେତାବନୀ : ''ନିଜର ବୁଦ୍ଧି ବା ଧୀ ଉପରେ ବିଶ୍ୱାସ ରଖ ନାହିଁ । ତା'ର ବଳ ଅଛି; କିନ୍ତୁ ବିବେକ ନାହିଁ ।''

ଏ ମନ୍ତବ୍ୟର ବ୍ୟାଖ୍ୟା ନିଷ୍ପ୍ରୟୋଜନ । ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ରାଜନୀତି, ବ୍ୟବସାୟ, ଦୁର୍ନୀତି – ସବୁଥିରେ ବୁଦ୍ଧିର ପ୍ରାଚୁର୍ଯ୍ୟ ଜାଜ୍ୱଲ୍ୟମାନ । ମଣିଷକୁ ଏହା ଅଧିକ ସୁଖୀ କରିଛି ନା ଅଧିକ ଉଦ୍‌ବିଗ୍ନ ଓ ଆତଙ୍କିତ କରିଛି, ତାହା ସଭିଙ୍କ ଅନୁଭବର ବିଷୟ ।

ତେବେ କ୍ରମବିକାଶ ବା ବିବର୍ତ୍ତନର ଯେଉଁ ସ୍ତରରେ ଆମେ ରହିଛୁଁ, ତାହା ବୁଦ୍ଧି-ନିର୍ଭର ସ୍ତର । ନୂଆ ପିଢ଼ିର ପିଲାଏଁ ଅଧିକରୁ ଅଧିକ ବୁଦ୍ଧିମାନ୍, ଏ ତଥ୍ୟ ଉପରେ ପୁରୁଣା ପିଢ଼ିର ନରନାରୀଙ୍କ ବିସ୍ମୟ ତଥା ଗର୍ବର ଅନ୍ତ ନାହିଁ । ଅର୍ଥାତ୍, ମଣିଷ-ଜାତିର ବୁଦ୍ଧି ଅଧିକରୁ ଅଧିକ ପ୍ରଖର ହେଉଛି ବୋଲି ଆମର ଧାରଣା ।

କିନ୍ତୁ ଏ ସ୍ଥିତ ବିଶ୍ୱାସକୁ ଦୋହଲାଇ ଦେଉଛି ଷ୍ଟାନ୍‌ଫୋର୍ଡ଼ ବିଶ୍ୱବିଦ୍ୟାଳୟର ଏକ ଗବେଷଣା । ଡ: ଜେରାଲ୍‌ଡ଼୍ କ୍ରାବ୍‌ଟ୍ରିଙ୍କ ଦିଗ୍‌ଦର୍ଶନରେ ପରିଚାଳିତ ଗବେଷଣାର ବିବରଣୀ ପ୍ରକାଶ

ପାଇଛି 'Trends in Genetics' ପତ୍ରିକାରେ । ଗବେଷଣାର ସିଦ୍ଧାନ୍ତ : ସାମୂହିକ ସ୍ତରରେ ମଣିଷର ବୁଦ୍ଧି ତଥା ଆବେଗର ମାତ୍ରା କ୍ରମେ ନିମ୍ନଗାମୀ ହେବାକୁ ଆରମ୍ଭ କରିଛି । Genetics Mutations ଇତ୍ୟାଦିର ଧାରା ଅନୁସରଣ କରି ସେ ଗବେଷକମାନେ ଏ ସିଦ୍ଧାନ୍ତରେ ପହଞ୍ଚିଛନ୍ତି । ଏହାର ମନସ୍ତାତ୍ତ୍ୱିକ ଓ ସାମାଜିକ ପରିଣତିର ବିଚାରଭାର ସେମାନେ ଆପଣମାନଙ୍କ ଭଳି ବୁଦ୍ଧିମାନ୍ ଓ ଧୀମାନ୍‌ବର୍ଗଙ୍କ ଉପରେ ନ୍ୟସ୍ତ କରିଛନ୍ତି ।

## ବୁଦ୍ଧି ଏକ ନୀତି-ନିରପେକ୍ଷ ଶକ୍ତି

ମନ ଏବଂ ତା'ର ଅସ୍ତ୍ର ବୁଦ୍ଧିର କୌଣସି ନୈତିକ ଚରିତ୍ର ନାହିଁ । ତାହାକୁ ବ୍ୟବହାର କରିବ ଆମ ଚେତନା । ଆଣବିକ ଶକ୍ତି ବୁଦ୍ଧିର ଆବିଷ୍କାର । କିନ୍ତୁ ତା'ର ଦୁରୁପଯୋଗ ବା ସୁଉପଯୋଗ ନିର୍ଭର କରିବ ବ୍ୟବହାରକାରୀର ଚେତନାର ଗୁଣ ଉପରେ । ସେ ଯାହାହେଉ, ମନ ଯେ ଜଣେ ସାଧାରଣ ମଣିଷର ସର୍ବ ନିମ୍ନ କାମ୍ୟ ସୁଖ, ଶାନ୍ତି ଓ ସନ୍ତୋଷ ସକାଶେ ନିର୍ଭର-ଯୋଗ୍ୟ ମାଧ୍ୟମ ନୁହେଁ, ଏ କଥା ବେଶ୍ କିଛି ବର୍ଷ ହେଲା ସ୍ୱାସ୍ଥ୍ୟ ଏବଂ ମାନସିକ ଚିକିତ୍ସା ବିଜ୍ଞାନର ଗବେଷକମାନେ ଉପଲବ୍ଧି କଲେଣି । ଧରନ୍ତୁ ଦୁଇଜଣ ଯୁବକ ଏକାପ୍ରକାର ମାନସିକ ବୈକଲ୍ୟ ଭୋଗୁଛନ୍ତି । ଦୁହିଙ୍କ ବୟସ, ସ୍ୱାସ୍ଥ୍ୟ, ସାମାଜିକ ଓ ସାଂସ୍କୃତିକ ପଟଭୂମି ସମାନ; ଶିକ୍ଷାଦୀକ୍ଷା ମଧ୍ୟ ସମାନ । ଉଭୟଙ୍କୁ ଏକହିଁ ଆରୋଗ୍ୟ ନିକେତନରେ ଚିକିତ୍ସା କରାଯାଉଛି । ସେମାନଙ୍କ ଦେହ, ଆବେଗ ଏବଂ ମନ ଉପରେ ଚିକିତ୍ସାର ପ୍ରଭାବ ନିୟମିତ ଅନୁଧ୍ୟାନ କରାଯାଉଛି ଏବଂ ପ୍ରଭାବ ଉଭୟ କ୍ଷେତ୍ରରେ ସମାନ ବୋଲି ଦେଖାଯାଉଛି । ହଠାତ୍ କିନ୍ତୁ ଦୁହିଙ୍କ ଭିତରୁ ଜଣେ ପୂରା ଆରୋଗ୍ୟ ହୋଇଗଲେ । ସୂକ୍ଷ୍ମ ଅନୁଧ୍ୟାନରୁ ତା'ର କୌଣସି ହେତୁ ବୁଝା ପଡ଼ିଲା ନାହିଁ । ଏମନ୍ତ ଅନେକ ଅନୁଧ୍ୟାନରୁ ଏହି ପ୍ରଶ୍ନ ଆସିଲା : ଦେହ, ଆବେଗ ଓ ମନର ପ୍ରତିକ୍ରିୟା ଉଭୟ କ୍ଷେତ୍ରରେ ସମାନ ହେବା ସତ୍ତ୍ୱେ ଜଣେ ଆରୋଗ୍ୟ ଲାଭ କଲା, ଅନ୍ୟ ଜଣକ କଲା ନାହିଁ । ଏଥିରୁ କ'ଣ ବୁଝାଯିବ ଯେ ପ୍ରଥମ କ୍ଷେତ୍ରରେ ଦେହ, ଆବେଗ ଏବଂ ମନଠୁଁ ଭିନ୍ନ ଅନ୍ୟ କୌଣସି ସତ୍ତା ଚିକିତ୍ସା ପ୍ରତି ହେଉ ବା ପରିବେଶରେ ଥିବା ଅନ୍ୟ କୌଣସି ପ୍ରଭାବ ପ୍ରତି ହେଉ ସମ୍ବେଦନଶୀଳ ହୋଇ ବୈକଲ୍ୟରୁ ଉତ୍ତୀର୍ଣ୍ଣ ହୋଇଗଲା ? କ'ଣ ତେବେ ସେହି ଅଜଣା ସତ୍ତାର ପରିଚୟ ?

ବିଶ୍ୱସ୍ୱାସ୍ଥ୍ୟ ସଂଗଠନ (WHO) ବେଶ୍ କେତେ ବର୍ଷ ଏହି ପ୍ରଶ୍ନ ଉପରେ ଆଲୋଚନା କରିବା ଅନ୍ତେ ୧୯୮୩ ମସିହା ବିଶ୍ୱ ସମ୍ମିଳନୀରେ ଯେଉଁ ପ୍ରସ୍ତାବ ଗ୍ରହଣ କଲେ, ତା'ର ମର୍ମ ହେଲା ଖାଲି ଦେହ, ମନ, ଆବେଗ-ପ୍ରବେଗ ଓ ପରିବେଶ ନୁହେଁ, ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟର ସଂଜ୍ଞା ଭିତରେ ଜଣକର ଆଧ୍ୟାତ୍ମିକ ସତ୍ତା, ସେ ଦିଗରେ ତା'ର ବିଶ୍ୱାସ ଏବଂ ସେ ବିଶ୍ୱାସର ଭୂମିକା ମଧ୍ୟ ବିଚାର୍ଯ୍ୟ ।

## ଆତ୍ମାର ଛଦ୍ମନାମ !

WHOର ଅନୁରୋଧ କ୍ରମେ ଭାରତ ସରକାରଙ୍କ ତତ୍କାଳୀନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡଃ. ଦେଶବନ୍ଧୁ ବିଷ୍ଟ୍ ଏବଂ ବାଙ୍ଗାଲୋରସ୍ଥିତ ମାନସିକ ଏବଂ ସ୍ନାୟୁଗତ ଗବେଷଣା ଓ ଚିକିତ୍ସା ଦିଗରେ ମୁଖ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡଃ. ଜି.ଏନ୍. ରେଡ୍ଡୀଙ୍କ ଆବାହନରେ ୧୯୮୫ ଫେବ୍ରୁଆରୀରେ ଗୋଟିଏ ବିଶେଷ ଏବଂ ବିରଳ ଧରଣର ଆଲୋଚନାଚକ୍ର ଅନୁଷ୍ଠିତ ହେଲା । ୪୦ ଜଣ ସରିକି ଭାରତର ପ୍ରଖ୍ୟାତ ଚିକିତ୍ସକ, ମନୋବୈଜ୍ଞାନିକ, ଆଇନ ବିଶାରଦ, ସମାଜତତ୍ତ୍ୱବିତ୍ ଏବଂ ଦୁଇ, ତିନିଜଣ ଆଧ୍ୟାତ୍ମିକତାର ଛାତ୍ର ଏଥିରେ ଅଂଶ ଗ୍ରହଣ କରିଥିଲେ । (ଶେଷୋକ୍ତ ଶ୍ରେଣୀର ଆଲୋଚକଙ୍କ ଅନ୍ତର୍ଭୁକ୍ତ ଥିଲେ ଏହି ଲେଖକ ।)

ଏ ଆଲୋଚନାଚକ୍ରକୁ ପ୍ରଚାରିତ କରାଯାଇ ନଥିଲା; କିନ୍ତୁ ଆଲୋଚନାର ମାନ ଥିଲା ଖୁବ୍ ଉଚ୍ଚ, ନିଷ୍ପାପର ତଥା ଖୁବ୍ ଆନ୍ତରିକ । ସର୍ବସମ୍ମତ ସିଦ୍ଧାନ୍ତର ସାରାଂଶ : ସମୟ ଆସିଛି ଯେତେବେଳେ ମଣିଷର ସ୍ୱାସ୍ଥ୍ୟ ଓ ସ୍ୱାଭାବିକତା ନିରୂପଣ କରିବାର ମାପକାଠିରେ ତା' ଚେତନାର ଗଭୀରରେ ଥିବା କୌଣସି ସତ୍ତାର ଭୂମିକା ସ୍ୱୀକାର କରାଯିବା ଆବଶ୍ୟକ । ମଣିଷର ମନ ଭିତରେ ବହୁ ଦ୍ୱନ୍ଦ୍ୱ ଥାଏ, ପୁଣି ମନ ଏବଂ ପ୍ରାଣ ଭିତରେ (ଅର୍ଥାତ୍ ବୁଦ୍ଧି ସହ ପ୍ରାଣଗତ ଆବେଗ ପ୍ରବେଗର) କଳହ ଲାଗି ରହିଥାଏ । ଏସବୁ ସତ୍ତ୍ୱେ ମଣିଷ ଯେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଏ ନାହିଁ, ତା'ର ହେତୁ ତା'ର ସମଗ୍ର ଚେତନାକୁ ଧାରଣ କରୁଥିବା କୌଣସି ଶକ୍ତି ବା ସତ୍ତା ସ୍ଥିର ରହିଥାଏ । ଭାରତର ବିପୁଳ ଆଧ୍ୟାତ୍ମିକ ପରମ୍ପରା ତାହାକୁ ଆତ୍ମା ବୋଲି ଅଭିହିତ କରିଥାଏ । କିନ୍ତୁ ଦେଶ ବିଦେଶର ହେତୁବାଦୀ, ବିଜ୍ଞାନମୁଖୀ ସୁଧୀସମାଜ ପାଇଁ ହୁଏତ ସେ ଶବ୍ଦ ପ୍ରହେଳିକା ସୃଷ୍ଟି କରିବ, ସେଥିପାଇଁ ତାକୁ କୁହାଗଲା Factor X ।

ମନ ଓ ବୁଦ୍ଧିର ଶକ୍ତି ସ୍ତିମିତ ହୋଇ ଆସୁଛି – ଏହାର ତାତ୍ପର୍ଯ୍ୟ କ'ଣ ? କ୍ରମବିକାଶରେ ମନ ତା'ର ବିପୁଳ ଭୂମିକା ତୁଲାଇ ସାରିଛି । ମନଠାରୁ ମହତ୍ତର ଏକ ଶକ୍ତି ହୁଏତ ଆଜି ଆମ ଚେତନାର ଗଭୀରରୁ ଉପରକୁ ଆସିବାକୁ ଉଦ୍ୟତ । ମନ ହୁଏତ ତାକୁ ସେ ସୁଯୋଗ ଦେଉ ନାହିଁ । କିଏ କହିବ ଆଜି ବହୁଧରଣର ମାନସିକ ବୈକଲ୍ୟ ଏହି ଦ୍ୱନ୍ଦ୍ୱ-ଭିତ୍ତିକ ନୁହେଁ !

## ସତ୍ୟ ଓ ସ୍ୱାସ୍ଥ୍ୟ

ଇତିମଧ୍ୟରେ ନୋତ୍ର ଦାମ୍ (Notre Dame) ବିଶ୍ୱ-ବିଦ୍ୟାଳୟର ମନସ୍ତତ୍ତ୍ୱ ଅଧ୍ୟାପକ ଅନିତା କେଲି ଏବଂ ଲିଜୁଆନ୍ ୟଙ୍ଗ୍‌ଙ୍କର ଅନ୍ୟ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଗବେଷଣାର ବିବରଣୀ ପ୍ରକାଶ ପାଇଛି । ସିଦ୍ଧାନ୍ତ ହେଲା, ଯେଉଁମାନେ ମିଛ କହନ୍ତି ନାହିଁ, ସେମାନଙ୍କ ସ୍ୱାସ୍ଥ୍ୟ ଅପେକ୍ଷାକୃତ ନିରାପଦ ରହେ । ଅନେକ ସମୟରେ ଆମେ ଅଭ୍ୟାସବଶତଃ ଅନାବଶ୍ୟକ ମିଛ କହିଥାଉଁ । ଅତିରଞ୍ଜନ ମଧ୍ୟ ଏହି ମିଥ୍ୟାକଥନର ଅନ୍ତର୍ଭୁକ୍ତ । ପରୀକ୍ଷା କରି ଦେଖାଗଲା ଯେଉଁମାନେ ସଚେତନ ଭାବରେ କିଛିଦିନ ସକାଶେ ମିଛ କହିବାରୁ ସମ୍ପୂର୍ଣ୍ଣ ବିରତ ରହିଲେ, ଅନେକଗୁଡ଼ିଏ ସ୍ୱାସ୍ଥ୍ୟଗତ ଅସ୍ୱସ୍ତି ବଳେ ବଳେ ସେମାନଙ୍କଠାରୁ ବିଦାୟ ନେଲେ ।

ଏହା କୌଣସି ବିଦ୍ୟାଳୟର ନୈତିକ ପାଠ ନୁହେଁ । ଏହା ଏକ ସାଧାରଣ ସତ୍ୟ । ଆମେ ଜାଣୁଁ ଯେ ଆମେ ମିଛ କହିବାବେଳେ ଆମ ଚେତନାର ଗୋଟିଏ ସୂକ୍ଷ୍ମ ଅଂଶ ବିଦ୍ରୋହ କରେ । ପୋଲିଗ୍ରାଫ୍ (Polygraph) ବା ଆମ ବିବୃତିର ସତ୍ୟ-ମିଥ୍ୟା ତଉଲିବା ଯନ୍ତ୍ର ତାହା ଦେଖାଇଦିଏ । ଯଦି ଆମ ସ୍ନାୟୁ ଆମ ଚେତନାର ସେ ଅସଂହତିକୁ ଗ୍ରହଣ କରୁ ନାହିଁ, ତେବେ କ୍ରମାଗତ ମିଥ୍ୟାଭ୍ୟାସ ଯେ ସ୍ନାୟୁସବୁକୁ ନିପୀଡ଼ିତ କରିବହିଁ କରିବ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । କଥା ହେଲା ଆମ ଚେତନାର ସ୍ୱାଭାବିକ ଧର୍ମହିଁ ସତ୍ୟ, ସୌନ୍ଦର୍ଯ୍ୟ, ସାଧୁତା ଓ ସାହସ ଇତ୍ୟାଦିର ଉପାସନା । ସେଥିପାଇଁ ଆମେ ଅଚେତନ ଭାବରେ ବି କୌଣସି ଭଲ ମଣିଷ ସମ୍ପର୍କରେ କହି ପକାଉଁ –''ବାସ୍ତବିକ କେଡ଼େ ମହତ୍ ସାଧୁ ଲୋକଟାଏ !'' ବା ''କେଡ଼େ ସାହସୀଟିଏ !'' ଆମେ କେବେ ବି ଭାବବିଗଳିତ ହୋଇ କହୁଁନା, ''ଆହା ! କେଡ଼େ ମହତ୍ ଅସାଧୁଟିଏ !'' ''ବାଃ, କେଡ଼େ ପ୍ରଶଂସନୀୟ ଭୀରୁଟାଏ !''

ଆମ ଭିତରେ ଥିବା ଏହି ସ୍ୱତଃସିଦ୍ଧ-ସତ୍ୟ ବିବର୍ତ୍ତନରେ ଆତ୍ମପ୍ରକାଶ କରିବାକୁ ଉନ୍ମୁଖ । ତାକୁ ଚାପିରଖିବା ନିମନ୍ତେ ବିବର୍ତ୍ତନୀ ଶକ୍ତିର ଅନ୍ଧ ଶତ୍ରୁମାନେ ଆଜି ପୃଥିବୀରେ ମଣିଷକୁ ଅଧିକ ଦୁର୍ନୀତିପରାୟଣ ଏବଂ ହିଂସା-ପ୍ରମତ୍ତ କରିଛନ୍ତି ବୋଲି ଧାରଣା ହୁଏ ।

## ବିବର୍ତ୍ତନର ନବଦିଗନ୍ତ

ଶ୍ରୀଅରବିନ୍ଦ ସ୍ପଷ୍ଟ ଭାବରେ କହିଛନ୍ତି, ''ବର୍ତ୍ତମାନ ମାନବଜାତି ଏକ ବିବର୍ତ୍ତନଗତ ସଙ୍କଟ ଭିତର ଦେଇ ଯାଉଛି – ଯହିଁ ଭିତରେ ଲୁଚି ରହିଛି ତା'ର ଭବିତବ୍ୟ ନିର୍ଦ୍ଧାରଣ; କାରଣ ସେ ପହଞ୍ଚିଛି ଏମିତି ଏକ ପର୍ଯ୍ୟାୟରେ ଯେତେବେଳେ କେତୋଟି ଦିଗରେ ମଣିଷର ମନ ପ୍ରଚଣ୍ଡ ବିକାଶ ସାଧନ କରିଛି – କିନ୍ତୁ ଅନ୍ୟ ଦିଗମାନଙ୍କରେ ତାହା ରହିଛି ସ୍ଥାଣୁ, କିଂକର୍ତ୍ତବ୍ୟବିମୂଢ଼ ତଥା ଦିଗ୍‌ଭ୍ରାନ୍ତ ।''

ଶ୍ରୀଅରବିନ୍ଦ ଅବଶ୍ୟ ସଙ୍ଗେ ସଙ୍ଗେ ଏହା ମଧ୍ୟ କହିଛନ୍ତି ଯେ ମଣିଷର ଚେତନା ଭିତରେ ଲୁଚି ରହିଥିବା ଦିବ୍ୟତା ଆପଣାକୁ ବିକଶିତ କରିବ ଏବଂ ମଣିଷ ଯଦି ଯଥାର୍ଥ ଆସ୍ପୃହା ପୋଷଣ କରେ, ତେବେ ମନ ତୁଳନାରେ ବହୁ ଗୁଣ ଗରୀୟାନ୍ ଏବଂ ମହତ୍ ଏକ ଚେତନା ତାକୁ ଏକ ରୂପାନ୍ତରିତ ଜାତିରେ ପରିଣତ କରିଦେବ ।

ଥରେ ଜଣେ ବିବର୍ତ୍ତନ-ବିଶେଷଜ୍ଞ ଅଧ୍ୟାପକ ସଭ୍ୟତା ଓ କ୍ରମବିକାଶ ସମ୍ପର୍କରେ ଭାଷଣ ଦେଇ ଶ୍ରୀଅରବିନ୍ଦଙ୍କ ଏହି ଆଶା ଓ ଆସ୍ଥାଧର୍ମୀ ଭବିଷ୍ୟତ୍ ବାଣୀର ଉଲ୍ଲେଖ କରନ୍ତେ କେହି କେହି ଶ୍ରୋତା ସଭା ପରେ ତାଙ୍କୁ ବଧେଇ ଜଣାଇବା ସଙ୍ଗେ ସଙ୍ଗେ କହିଲେ, ''ଶ୍ରୀଅରବିନ୍ଦଙ୍କ ବାଣୀ ହେଲେ ସଫଳ ହୁଅନ୍ତା ! କିନ୍ତୁ ଆଜିର କଳୁଷିତ, କର୍ଦ୍ଦମାକ୍ତ ମଣିଷର ମନ ବିଷୟରେ ଚିନ୍ତା କଲେ ସନ୍ଦେହ ହୁଏ, ଏ ମନ ଭିତରୁ ପୁଣି ବିକଶିତ ହେବ ଦିବ୍ୟ-ଚେତନା ?''

ଜଣେ ଅବସର ପ୍ରାପ୍ତ ଗ୍ରାମ୍ୟ ପ୍ରାଥମିକ ଶିକ୍ଷକ ଦେଇ ଥିଲେ ତାଙ୍କ ମୃଦୁ ମନ୍ତବ୍ୟ : ''ଯେତେବେଳେ ମୁଁ ଦେଖେ ସୂର୍ଯ୍ୟକିରଣର ଆଶୀର୍ବାଦ ଫଳରେ କର୍ଦ୍ଦମ ଭିତରୁ ବିକାଶ ଲଭୁଛି ପଦ୍ମ, ସେତେବେଳେ ମୋ ଭିତରେ ଫୁଟିଉଠେ ଏହି ବିଶ୍ୱାସ : ମଣିଷର କର୍ଦ୍ଦମାକ୍ତ ମନ ଭିତରୁ କିଆଁ ବିକଶିତ ନହେବ ଅତିମାନସ – ଦିବ୍ୟଶକ୍ତିର ଆଶୀର୍ବାଦ ଯୋଗେ ?''

# କୃଷ୍ଣ

## ଶ୍ରୀଅରବିନ୍ଦ

ଜାଣିଲି ମୁଁ ଏତେ ଦିନେ କେଉଁ ଅର୍ଥେ ଆତ୍ମାର ଜନମ
ଏହି ବିଶ୍ୱଭୂମେ, ଯାହା ମଧୁମୟ ଏବଂ ଭୀଷଣ,
ଅନ୍ତରେ ଜାଣିଛି ମୁଁ ଯେ ଧରିତ୍ରୀର କ୍ଷୁଧିତ ମରମ
ଧାଇଁଛି ଲଭିବ ବୋଲି ସ୍ୱର୍ଗ ପାରେ କୃଷ୍ଣଙ୍କ ଚରଣ ।

କରିଛି ମୁଁ ସନ୍ଦର୍ଶନ ମୃତ୍ୟୁହୀନ ନୟନ-ସୁଷମା
ଉଚ୍ଚାଟନ ବଂଶୀସ୍ୱନ ଶୁଣିଛି ମୁଁ ପ୍ରେମମୟଙ୍କର,
ଜାଣିଛି ବି ମୃତ୍ୟୁହୀନ ଆନନ୍ଦର ଆଶ୍ଚର୍ଯ୍ୟ ମହିମା
ନୀରବ ଅନ୍ତରେ ତେଣୁ ଚିରତରେ ଆରତି ଶୋକର ।

ନିକଟୁ ନିକଟତର ହୁଏ ଏବେ ସେ ସ୍ୱରମୂର୍ଚ୍ଛନା
ଅପୂର୍ବ ରଭସବଶେ ପ୍ରାଣ ଏବେ ଉଠଇ ଶିହରି
ପ୍ରସାରିତା ପ୍ରୀତିଦଗ୍ଧା ପ୍ରକୃତି ଯେ କରଇ ବାଞ୍ଛନା
ପରଶି, ଆଶ୍ଳେଷ ଦେଇ ବଲ୍ଲଭ ତା' ହେବେ ତା'ରି ସରି ।

ଏହି ଏକ କ୍ଷଣ ପାଇଁ ପ୍ରତୀକ୍ଷାରେ ଯୁଗ ଯୁଗ ଜିଇ;
ବସୁଧା ନନ୍ଦିତା ଏବେ ମୋହଠାରେ ପରିପୂର୍ଣ୍ଣା ହୋଇ ।

[ଶ୍ରୀଅରବିନ୍ଦଙ୍କ ରଚିତ '**Krishna**'
କବିତାର ଭାଷାନ୍ତର]
ଅନୁବାଦ : ଶ୍ରୀ ରବୀନ୍ଦ୍ର କୁମାର ପାଢ଼ୀ ✤

କୃଷ୍ଣ ପ୍ରକୃତରେ ଏକ ମନୁଷ୍ୟ ଶରୀରରେ ପୃଥିବୀରେ ବାସ କରୁଥିଲେ କି ନାହିଁ, ସେହି କଥାଟିର କେବଳ ଏକ ଗୌଣ ମହତ୍ତ୍ୱ ରହିଛି (ସଂପୂର୍ଣ୍ଣ ଭାବରେ ଏକ ଐତିହାସିକ ଦୃଷ୍ଟିକୋଣରୁ ଅବଶ୍ୟ ଏପରି କୁହାଯାଇ ପାରିବ ନାହିଁ), କାରଣ କୃଷ୍ଣ ହେଉଛନ୍ତି ଏକ ପ୍ରକୃତ, ଜୀବନ୍ତ ଏବଂ ସକ୍ରିୟ ସତ୍ତା; ଏବଂ ପୃଥିବୀର ଅଗ୍ରଗତି ତଥା ରୂପାନ୍ତରୀକରଣର ଇତିହାସରେ ତାଙ୍କର ପ୍ରଭାବ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ନିୟାମକ ରୂପେ କାର୍ଯ୍ୟ କରିଆସିଛି ।

[On Thoughts and Aphorisms (37)] — ଶ୍ରୀମା
(୮ ଜୁନ୍, ୧୯୬୦)

# ଅତିମାନବର ଶରୀର

## ମମତା ଦାଶ

ଶ୍ରୀମା ତାଙ୍କର ପାର୍ଥିବ ଜୀବନର ଶେଷ ପର୍ଯ୍ୟାୟରେ, ଅତିମାନବ ଶରୀର ରୂପାନ୍ତରର ପ୍ରକ୍ରିୟାରେ ଗଭୀର ଭାବରେ ମଗ୍ନ ରହିଥିଲେ । ଏହି ଶରୀର ରୂପାନ୍ତରର ମୂଳ କଥା ହେଉଛି ବର୍ତ୍ତମାନର ମାନବ ଶରୀରରେ ରହିଥିବା ଜୀବକୋଷମାନଙ୍କ ଉପରେ କ୍ରିୟା କରିବା; ଯେପରିକି ସେମାନେ କିଛି ପରିମାଣରେ ସଚେତନ ହୋଇ ଜନ୍ମ-ଜନ୍ମାନ୍ତରେ ଅତିମାନସ ପ୍ରଜାତିରେ ପରିଣତ ହେବେ ।

ଅତିମାନସ ଚେତନାକୁ ଧାରଣ କରୁଥିବା ଶରୀର କିପରି ହୋଇଥିବ ? କେଉଁ ଉପାଦାନରେ ତାହା ଗଠିତ ହୋଇଥିବ ? ଅତିମାନବର ରୂପାନ୍ତରିତ ଶରୀର ଆମକୁ ହଠାତ୍ ଦୃଶ୍ୟ ହେବ କି ? ଏ ସମ୍ବନ୍ଧରେ ଶ୍ରୀମା ଅନେକ ଆଲୋଚନା କରିଛନ୍ତି, କେତେ ସୂକ୍ଷ୍ମ ଦର୍ଶନ(Vision) କରିଛନ୍ତି ଓ କେତେ ସୂକ୍ଷ୍ମ ଜଗତରେ ବାସ୍ତବ ଭାବରେ ବି ଏହାକୁ ଦେଖିଛନ୍ତି । ଏପ୍ରିଲ ୧୭, ୧୯୬୫ର ଏଜେଣ୍ଡାରେ ମା' କହିଥିଲେ, ଅତିମାନବର ଶରୀର ସମ୍ବନ୍ଧରେ ତାଙ୍କ ମନରେ ଦୁଇଟି ପ୍ରଶ୍ନ ଆସୁଛି, ଯାହାର ଉତ୍ତର ସେ ପାଉ ନାହାନ୍ତି । ଗୋଟିଏ ହେଉଛି, ପୃଥିବୀପୃଷ୍ଠରେ ପ୍ରଥମ ଅତିମାନସିକ ଶରୀର କିପରି ହେବ, ଅର୍ଥାତ୍ ମଣିଷ ବର୍ତ୍ତମାନ ଯେଉଁଭଳି ଅଛି, ସେଠାରୁ ଅତିମାନସିକ ଶରୀର ଆଡ଼କୁ କେଉଁ ପର୍ଯ୍ୟାୟ ଦେଇ ଗତି କରିବ ? ଯେମିତି ପଶୁ ପରେ ମଣିଷ ପର୍ଯ୍ୟନ୍ତ, ମଧ୍ୟବର୍ତ୍ତୀ କାଳରେ ଗୋଟିଏ ପର୍ଯ୍ୟାୟ ଆସିଥିଲା ଯାହା ଉଭେଇ ଯାଇଥିଲା । ଅନ୍ୟ ପ୍ରଶ୍ନଟି ହେଲା (ତାହା ଏକ ବ୍ୟକ୍ତିଗତ ପ୍ରଶ୍ନ) ମା'ଙ୍କର ଏହି ଶରୀର କ'ଣ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବଞ୍ଚି ରହିବ, ଅତିମାନସିକ ଶରୀର ଗଠିତ ହେବା ପର୍ଯ୍ୟନ୍ତ ରହିପାରିବ ? କିଂବା ଯେଉଁ ଜୀବକୋଷମାନଙ୍କ ଉପରେ କାମ କରାଯାଉଥିବ, ସେମାନେ ଆଂଶିକ ଭାବରେ ନଷ୍ଟ ହୋଇଯିବେ ? ଏ ପ୍ରଶ୍ନ ଦୁଇଟିର ଉତ୍ତର ମା'ଙ୍କ ନିକଟରେ ନ ଥିଲା । ତାଙ୍କୁ ବେଳେ ବେଳେ ଲାଗୁଥିଲା ଯେ ସେ ଗୋଟିଏ ପ୍ରାଚୀର ସାମନାରେ ରହିଛନ୍ତି, ତାହା ଅବଶ୍ୟ ଖୋଲି ଖୋଲି ଯାଉଛି । ପୂର୍ବରୁ ମନେ ହେଉଥିଲା ତା' ବାହାରକୁ ଯିବାକୁ ତାଙ୍କୁ ଅନୁମତି ଦିଆଯାଇ ନାହିଁ । କିନ୍ତୁ ପରେ ପରେ ସେ ପ୍ରାଚୀର ଅପସାରିତ ହୋଇ ଯାଉଛି । ବେଳେବେଳେ ଶ୍ରୀମା କହୁଥିଲେ ଯେ ଏମିତି ବି ହୋଇପାରେ ଗୋଟିଏ ଚେତନା ଯାହା ଅତିମାନସ ଯୁକ୍ତ ହୋଇ ସାରିଛି, କିନ୍ତୁ ତା'ର ଶରୀର ତାକୁ ଧାରଣ କରିବାକୁ ସମର୍ଥ ନୁହେଁ, ତେବେ ଶାରୀରିକ ଶିକ୍ଷା ଦ୍ୱାରା ଉନ୍ନତ ହୋଇଥିବା ଶରୀର ଭିତରେ ତାହା ଅନୁପ୍ରବେଶ କରିପାରିବ । ଅତିମାନସ ଚେତନାକୁ ଧାରଣ କରୁଥିବା ଶରୀରରେ ଚାରିଟି ଗୁଣ ରହିବ – ନମନୀୟତା (Plasticity), ତିତିକ୍ଷା (Endurance), ସମତୁଲତା (Balance) ଓ ସଂହତି (Harmony) ।

ଯଦି ଏଭଳି ହୋଇପାରିବ ତେବେ ପ୍ରତି ଥର ମୃତ୍ୟୁ ଫଳରେ ଜୀବକୋଷମାନଙ୍କ ଭିତରେ ଯେଉଁ ସଙ୍କୋଚନ ଓ ପଚନଶୀଳତା ଆସୁଛି, ତାହା ରହିବ ନାହିଁ । ଶ୍ରୀମା ଏଭଳି ଗୋଟିଏ ସମ୍ଭାବନା ସମ୍ବନ୍ଧରେ ଚିନ୍ତା କରୁଥିଲେ; କିନ୍ତୁ ଏହା ସହଜ କଥା ନୁହେଁ ବୋଲି ଜାଣିଥିଲେ । କାରଣ ଏଥିନିମିତ୍ତ ଅନେକ କାଳ ପର୍ଯ୍ୟନ୍ତ ବଞ୍ଚି ରହିଥିବା ଗୋଟିଏ ଶରୀର ଆବଶ୍ୟକ ହେବ ।

ପଶୁଠାରୁ ମଣିଷ ପର୍ଯ୍ୟନ୍ତ ଆସିବା ପାଇଁ ଯେଉଁ ରାସ୍ତାଟି ଥିଲା, ମଣିଷଠାରୁ ଅତିମାନବ ପର୍ଯ୍ୟନ୍ତ ଯିବାର ରାସ୍ତା ତାହାଠାରୁ କଷ୍ଟତର । ମଣିଷ ଓ ଅତିମାନବ ମଧ୍ୟରେ ଅନେକ ମଧ୍ୟବର୍ତ୍ତୀକାଳୀନ ସତ୍ତା ନିଶ୍ଚୟ ରହିବ; ଯେମିତି କି ଗରିଲା, ଓରାଂଓଟାଂ, ବଣ ମଣିଷ, ମାଙ୍କଡ଼ ଇତ୍ୟାଦି ଅନେକ ମଧ୍ୟବର୍ତ୍ତୀକାଳୀନ ପ୍ରଜାତିଙ୍କ ପରେ ସମ୍ପୂର୍ଣ୍ଣ ମନୁଷ୍ୟର ଆକାର ସମ୍ଭବ ହୋଇଥିଲା, ସେହିପରି ମଣିଷ ଓ ଅତିମାନବ ମଧ୍ୟରେ କେତେକ ପ୍ରଜାତି ଆସିବେ ଯେଉଁମାନଙ୍କର ଶରୀର ଉନ୍ନତତର ହୋଇଥିବ ।

ଶ୍ରୀଅରବିନ୍ଦଙ୍କୁ ଜାଣିବା ପୂର୍ବରୁ ଶ୍ରୀମା ତାଙ୍କର ଅଲୌକିକ ଦର୍ଶନ ମଧ୍ୟରେ ଏପରି ଗୋଟିଏ ଆକାର ଦେଖିଥିଲେ ଯାହା ପୁରୁଷ ନୁହେଁ କି ନାରୀ ନୁହେଁ, କିନ୍ତୁ ତାହା ମଣିଷ ଭଳି । ଶ୍ରୀମା ପରେ ଜାଣିଥିଲେ ଯେ ଏହା ଅତିମାନବର ଶରୀର । ଏପରି ଗୋଟିଏ ସମୟ ମଧ୍ୟ ଆସିଥିଲା ଯେତେବେଳେ ଜଣେ ନାରୀ କିଂବା ଜଣେ ପୁରୁଷ ଜନ୍ମ ନହୋଇ ସିଧାସଳଖ ପୃଥିବୀରେ ରହିଥିଲେ । ଖୁବ୍ ସୁନ୍ଦର ପ୍ରକୃତି, ହୁଏତ ଶ୍ରୀଲଙ୍କା ବା ଉଷ୍ଣ ଦେଶରେ ସେମାନେ ଏକ ଆଲୋକିତ ପାଶବିକତା ଭିତରେ ଥିଲେ । ଏହାକୁ ଆମେ ନନ୍ଦନକାନନ ବୋଲି କହି ପାରିବା ।

ଏହା ପରେ 'ମନ'ର ଆବିର୍ଭାବ ଘଟିଥିଲା ଓ ସେମାନେ ଅନ୍ତର୍ହିତ ହୋଇଥିଲେ ।

ଜୁନ୍ ୧୮, ୧୯୬୫ ମସିହାରେ ଶ୍ରୀମା ପୁଣି ଏହି ଅତିମାନସିକ ଶରୀର ସମ୍ବନ୍ଧରେ କହିଥିଲେ । ମଣିଷ ଓ ଅତିମାନବ ମଝିରେ ଏକ ପ୍ରଜାତି ନିଶ୍ଚୟ ଆସିବ; ତା'ର ଶରୀର ଦୃଢ଼, ସବଳ, ରୋଗମୁକ୍ତ ହୋଇଥିବ – ତା'ର ମାଂସପେଶୀ ସୁଦୃଢ଼ ହୋଇଥିବ । ପୂର୍ବଦିନ ରାତିରେ ମା'ଙ୍କ ସହିତ ଶ୍ରୀଅରବିନ୍ଦ ପଦଚାଳନା କରୁଥିଲେ, ପ୍ରତିଦିନ ସେମାନେ ଏକତ୍ର ଚଲାବୁଲା କରନ୍ତି, ନିଃଶବ୍ଦରେ କଥାବାର୍ତ୍ତା କରନ୍ତି ମଧ୍ୟ । ସେହି ରାତିରେ ଶ୍ରୀଅରବିନ୍ଦ ପ୍ରତୀକଧର୍ମୀ ଭାବରେ ଶ୍ରୀମାଙ୍କୁ ବୁଝାଇ ଦେଇଥିଲେ ଯେ ମଣିଷ ଶରୀର ଧୀରେ ଧୀରେ ରୂପାନ୍ତରିତ ହେବ; ମଧ୍ୟବର୍ତ୍ତୀକାଳୀନ ପ୍ରଜାତିସବୁ ରହିବେ । ଶ୍ରୀଅରବିନ୍ଦ ନିଜେ ଅତିମାନସିକ ଶରୀର ଧାରଣ କରିଥିଲେ, ସେ ସ୍ୱତନ୍ତ୍ର ଭାବରେ ବାହ୍ୟ ବସ୍ତ୍ର ପରିଧାନ କରି ନଥିଲେ, ତାଙ୍କର ଦେହ ସହିତ ତାଙ୍କର ବସ୍ତ୍ର ସଂଯୁକ୍ତ ହୋଇ ରହିଥିଲା । ଶରୀରର ଉପାଦାନ ଆଲୋକିତ ଥିଲା, ସୁବର୍ଣ୍ଣ ଆଲୋକରେ ସ୍ପନ୍ଦିତ ହେଉଥିଲା । ଶେଷରେ ସେ ବେଶ୍ ଲମ୍ବା ହୋଇ ଯାଇଥିଲେ, ଦୀର୍ଘ ଦେହ ଓ ପତଳା ଥିଲେ ।

ଏହି ଜଡ଼ ପଦାର୍ଥ ଆମର ବର୍ତ୍ତମାନ ଶରୀରକୁ ଗଠନ କରୁଥିବା ଜଡ଼ପଦାର୍ଥଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବ, ଯଦିଓ ତାହା ଆଖିକୁ ଦୃଶ୍ୟ ହେବ । ଏହା ତରଳ ସିମେଣ୍ଟ ପରି ହେବ, ଏବେକାର ଜଡ଼ ପଦାର୍ଥଠାରୁ ଘନତର (Denser) ହେବ । ଏହା ଇଲାଷ୍ଟିକ୍ (Elastic) ପରି ଟାଣି ହୋଇଯିବ ମଧ୍ୟ । ଶ୍ରୀମା ଥରେ ଏପରି ଏକ ଅଞ୍ଚଳରେ ପ୍ରବେଶ କରିଥିଲେ, ଯେଉଁଠାରେ ଏହି ଜଡ଼ ପଦାର୍ଥ ତିଆରି ହେଉଛି । ସେଠାରେ ଗୋଟିଏ ବିରାଟ ସ୍ନାନାଗାର (Spa) ରହିଛି । ତାହା ଭିତରେ ଧୂସର ମୁକ୍ତା (Pearl Grey) ରଙ୍ଗର କାଦୁଅ ରହିଛି । ଏହା ଅଠାଳିଆ, ଚୁଇଙ୍ଗମ୍ ଭଳି ଏହାକୁ ଟଣାଯାଇ ପାରିବ । ଅନେକ ଲୋକ ସେଠାକୁ ସ୍ନାନ କରିବାକୁ ଆସୁଛନ୍ତି । ସେମାନେ ଆନନ୍ଦରେ ସେହି କାଦୁଅ ଭିତରେ ଗୁରୁଣ୍ଡୁଛନ୍ତି, ଦେହରେ କାଦୁଅକୁ ବୋଳୁଛନ୍ତି, ଏହା ସର୍ବତ୍ର ରହିଛି । ଜଣେ ମହିଳା ଶ୍ରୀମାଙ୍କର ଯତ୍ନ ନେଉଛନ୍ତି ଓ ତାଙ୍କୁ ଗୋଟିଏ ଧଳା କପଡ଼ା ଉପରେ ନାଲିଛାପ ଥିବା ପୋଷାକ ପିନ୍ଧାଇ ଦେଇଛନ୍ତି, ଫଳରେ ମା'ଙ୍କ ଦେହରେ କାଦୁଅ ଲାଗି ରହୁ ନାହିଁ । ମା' ସବୁ ଲକ୍ଷ୍ୟ କରୁଥିଲେ । ଦେଖିଲେ ଏ. ବି. ପୁରାଣୀ (ଯେ କି ପରେ, ଡିସେମ୍ବର ୧୧, ୧୯୬୫ରେ ଚାଲିଗଲେ) ମଧ୍ୟ ସେହି କାଦୁଅ ଭିତରେ ଆନନ୍ଦରେ ସ୍ନାନ କରୁଛନ୍ତି । ତାଙ୍କ ଦେହରୁ କାଦୁଅ ବୋହି ଯାଉଛି, ଧୂସର ମୁକ୍ତା ରଙ୍ଗର ଅଠାଳିଆ ଏ କାଦୁଅ । ଶ୍ରୀମା ଜାଣି ପାରିଲେ ଯେ ଏହି ଜଡ଼ ପଦାର୍ଥ ଅତିମାନସ ଚେତନାକୁ ଧାରଣ କରିବା ନିମିତ୍ତ ପ୍ରସ୍ତୁତ ହେଉଛି । ଶ୍ରୀମା ଯେଉଁ ପୋଷାକ ପିନ୍ଧିଥିଲେ ତାହା ସେହି ଶକ୍ତିର ପ୍ରତୀକ, ଯାହା ସେହି ପଦାର୍ଥକୁ ଗ୍ରହଣଶୀଳ (Receptive) କରିବ, ଏହି ପଦାର୍ଥକୁ ଚେତନା ବ୍ୟବହାର କରିବାକୁ ଶିଖିବ । ଆମେ ଜେଲି ମାଛଠାରୁ ଆରମ୍ଭ କରି ଏ ପର୍ଯ୍ୟନ୍ତ ଏକାପରି ଶାରୀରିକ ଉପାଦାନରେ ରହି ନାହୁଁ, ଅନେକ ପରିବର୍ତ୍ତନ ହୋଇଛି । ଏ କ୍ଷେତ୍ରରେ ମଧ୍ୟ ତାହାହିଁ ହେବ ।

ଶ୍ରୀମା ଶେଷରେ କହିଥିଲେ ଯେ ଶ୍ରୀଅରବିନ୍ଦ ସୂକ୍ଷ୍ମ ଅତିମାନସିକ ଗଠନ ଭିତରେ ରହିଛନ୍ତି । ଉଦାହରଣସ୍ୱରୂପ, ସେ ଯେତେବେଳେ ଗତି କରୁଛନ୍ତି, ଜଣା ଯାଉଛି ଆମେ ଯେଉଁ ନିୟମ ଅନୁସରଣ କରୁଛୁ ସେ ତାହା ଅନୁସରଣ କରୁ ନାହାନ୍ତି । ସେ ଏକା ସମୟରେ ବିଭିନ୍ନ ସ୍ଥାନରେ ରହି ପାରୁଛନ୍ତି । ତାଙ୍କୁ ସେହି ଭାବରେ ଅନ୍ୟ କେହି ଦେଖି ପାରୁ ନାହାନ୍ତି ।

ଆମେ ଆଶା କରିବା ଯେ ୧୯୬୨ରୁ ଆଜି ପର୍ଯ୍ୟନ୍ତ ଅତିମାନବର ଶରୀରକୁ ଗଠନ କରିବାର ଜଡ଼ ପଦାର୍ଥ ସମ୍ପୂର୍ଣ୍ଣ ଭାବରେ ପ୍ରସ୍ତୁତ ହୋଇ ସାରିବଣି । ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ କରୁଣାରୁ ମଧ୍ୟବର୍ତ୍ତୀକାଳୀନ ପ୍ରଜାତି ଶୀଘ୍ର ଏ ପୃଥିବୀରେ ସମ୍ଭବ ହେବେ । ❖

ତୁମ ଭିତରେ ଦିବ୍ୟକୃପାକୁ କ୍ରିୟା କରିବା ପାଇଁ ଛାଡ଼ି ଦେବା ହେଉଛି ସର୍ବୋତ୍ତମ ସମ୍ଭାବ୍ୟ ପଥ । କେବେହେଲେ ଏହାର ବିରୋଧ କର ନାହିଁ, ଏହା ପ୍ରତି ଅକୃତଜ୍ଞ ହୁଅ ନାହିଁ ବା ଏଥିପ୍ରତି ବିମୁଖ ହୁଅ ନାହିଁ – ଦିବ୍ୟ-ଆଲୋକ, ଶାନ୍ତି, ଐକ୍ୟ ଓ ଆନନ୍ଦର ଲକ୍ଷ୍ୟରେ ପହଞ୍ଚିବା ପର୍ଯ୍ୟନ୍ତ ଏହାର ଅନୁସରଣ କରିଚାଲ ।

– ଶ୍ରୀଅରବିନ୍ଦ

# ସ୍ୱଦେଶ ପ୍ରେମର କବି ଶ୍ରୀଅରବିନ୍ଦ


## ଶ୍ରୀ ବିମଳ ପ୍ରସନ୍ନ ଦାସ


ଅଗଷ୍ଟ ୧୫, ୧୮୭୨ ମସିହା ହେଉଛି ମହାଯୋଗୀ ଶ୍ରୀଅରବିନ୍ଦଙ୍କର ପବିତ୍ର ଜନ୍ମତିଥି । ସେହି ଆକାଂକ୍ଷିତ ଦିବସ ୧୯୪୭ରେ ଆମ ଦେଶ ସ୍ୱାଧୀନତା ଲାଭ କରିଥିଲା । ଏହା କେତେ ଲୁହ ଓ ଲହୁର ଅଭୁଲା ସ୍ମୃତିର ସ୍ମାରକୀ । ସ୍ୱାଧୀନ ଭାରତ ତା'ର ୭୬ତମ ପବିତ୍ର ଜୟନ୍ତୀ ଆଜି ପାଳନ କରୁଛି । ଏହି ଦିନର ତାତ୍ପର୍ଯ୍ୟ ବୁଝାଇବାକୁ ଯାଇ ଶ୍ରୀଅରବିନ୍ଦ କହିଥିଲେ ''ମୋ ଜନ୍ମ ଦିନରେ ଭାରତ ସ୍ୱାଧୀନତା ଲାଭ କରିବା ଏକ କାକତାଳିକ ଘଟଣା ନୁହେଁ, ଏହା ବିଧାତାର ବିଧାନ ।'' ବିଦେଶୀ ଶାସନର ବିଲୁପ୍ତି ଥିଲା ତାଙ୍କ ତ୍ୟାଗ ଓ ତପସ୍ୟାର ପ୍ରଥମ ଓ ପ୍ରଧାନ ପ୍ରୟାସ । ସେ ସମ୍ପର୍କରେ କେତୋଟି ଐତିହାସିକ ଘଟଣା ଉଲ୍ଲେଖ କରିବା ଏ ଆଲେଖ୍ୟର ଉଦ୍ଦେଶ୍ୟ ।

୧୯୦୮ ମସିହା ଶୁକ୍ରବାର ମେ ପହିଲା । ଐତିହାସିକ ''ବନ୍ଦେ ମାତରମ୍'' ଆନ୍ଦୋଳନର ବିଖ୍ୟାତ ଆଲିପୁର ବୋମା ମକଦମାରେ ଦୁଇଜଣ ୟୁରୋପୀୟ ମହିଳାଙ୍କର ମୃତ୍ୟୁ ହେବାରୁ ଶ୍ରୀଅରବିନ୍ଦଙ୍କୁ ଏହି ହତ୍ୟା ତଥା ଆନ୍ଦୋଳନର ମୁଖ୍ୟ ଅପରାଧୀ ଭାବରେ ପୋଲିସର ମିଥ୍ୟା ଅଭିଯୋଗ ଫଳରେ ଗିରଫ କରାଗଲା । ଉକ୍ତ ମିଥ୍ୟା ଅଭିଯୋଗର ବିଚାର ଆଲିପୁର ଦୌରା-ଜଜଙ୍କ ଅଦାଲତରେ ହେବା ସମୟରେ ଶ୍ରୀଅରବିନ୍ଦଙ୍କ ତରଫରୁ ବାରିଷ୍ଟର ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ ବଳିଷ୍ଠ ଯୁକ୍ତି ଉପସ୍ଥାପନା କରି କହିଥିଲେ – ''ଶ୍ରୀଅରବିନ୍ଦ କେବଳ ଏହି ବିଚାରାଳୟ ସମ୍ମୁଖରେ ନୁହେଁ, ଇତିହାସର ବିଚାରାଳୟ ସମ୍ମୁଖରେ ଆଜି ଦଣ୍ଡାୟମାନ । ଆଜିର ଏହି ବାଦ ପ୍ରତିବାଦ ନୀରବ ହୋଇଯିବାର ବହୁତ ଦିନ ପରେ, ଏହି ଉତ୍ତେଜନା, ଏହି ବିକ୍ଷୋଭ ଶାନ୍ତ ହୋଇଯିବା ପରେ, ସ୍ୱୟଂ ପୃଥିବୀପୃଷ୍ଠରୁ ବିଦାୟ ନେବାର ବହୁତ ଦିନ ପରେ, ସେ (ଶ୍ରୀଅରବିନ୍ଦ) ଏ ଦେଶରେ ପୂଜା ପାଇବେ ସ୍ୱଦେଶ ପ୍ରେମର କବି, ଜାତୀୟତାର ବାର୍ତ୍ତାବହ ଏବଂ ମାନବ ସମାଜର ଗଭୀର ପ୍ରେମିକ ହିସାବରେ । ତାଙ୍କ ତିରୋଧାନର ବହୁତ ଦିନ ପରେ ତାଙ୍କର ବାଣୀ କେବଳ ଭାରତରେ ନୁହେଁ, ସାଗର, ମହାସାଗର ଅତିକ୍ରମ କରି ଦେଶ ବିଦେଶରେ ଧ୍ୱନିତ ଓ ପ୍ରତିଧ୍ୱନିତ ହେବାକୁ ଲାଗିବ ।''

"He stands not only before the bar of this Court, but before the bar of the High Court of History ... long after this controversy is hushed in silence, long after this turmoil, this agitation ceases, long after he is dead and gone, he will be looked upon as the poet of patriotism, as the prophet of nationalism and the lover of humanity. Long after he is dead and gone his words will be echoed and re-echoed not only in India, but across distant seas and lands."

(Ref. Life and Times of the Mahayogi, p. 533, Manoj Das)

ଶ୍ରୀଅରବିନ୍ଦଙ୍କର ବାଣୀ ସାରା ବିଶ୍ୱରେ ଏବେ ଧ୍ୱନିତ ଓ ପ୍ରତିଧ୍ୱନିତ ହୋଇଛି । ବନ୍ଦିଶାଳାରୁ ମୁକ୍ତ ହୋଇ ଭାରତର ଏହି ପ୍ରାଣପୁରୁଷ, ତ୍ରାଣକର୍ତ୍ତା, ସତ୍ୟଦ୍ରଷ୍ଟା, ବିପ୍ଳବୀ, ସ୍ୱଦେଶ ପ୍ରେମର କବି, ଜାତୀୟତାର ବାର୍ତ୍ତାବହ ଓ ଗଭୀର ମାନବବାଦୀ ମହାଯୋଗୀ ଶ୍ରୀଅରବିନ୍ଦ ପଣ୍ଡିଚେରୀରେ ପଦାର୍ପଣ କଲେ ତା ୦୪.୦୪.୧୯୧୦ରେ । ଆରମ୍ଭ ହେଲା ନୂତନ ମାନବଜାତିର ପ୍ରତିଷ୍ଠା ପାଇଁ ତାଙ୍କ ଯୋଗ ସାଧନାମୟ ଜୀବନର ଏକାନ୍ତ ଗଭୀର ସାଧନା । ତାଙ୍କ ଜନ୍ମତିଥି ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତର ସ୍ୱାଧୀନତାକୁ ସେ ଏକ ଐଶ୍ୱରିକ ସମନ୍ୱୟ ବୋଲି ଅଭିହିତ କରିଛନ୍ତି ।

ସମଗ୍ର ମଣିଷଜାତିର ଭବିଷ୍ୟତ୍ ଓ ସାରା ବିଶ୍ୱରେ ଭାରତର ଆଧ୍ୟାତ୍ମିକ ଭୂମିକା ସମ୍ପର୍କରେ ତାଙ୍କର ବାର୍ତ୍ତାସବୁ ବିପୁଳ ସମ୍ଭାବନା, ମହାନ୍ ଭରସା ଓ ପରମ ଆଶ୍ୱାସନା ବହନ କରିଛି । ଏହି ପରିପ୍ରେକ୍ଷୀରେ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କୁ ୧୯୨୨ ମସିହାରେ ଶ୍ରୀଅରବିନ୍ଦ ଲେଖିଥିବା ପତ୍ର ଗଭୀର ତାତ୍ପର୍ଯ୍ୟପୂର୍ଣ୍ଣ ।

''... ...ସମ୍ଭବତଃ ଆପଣ ଜାଣିଥିବେ ମୋର ବର୍ତ୍ତମାନର ଆଦର୍ଶ କ'ଣ ? ଆଉ ତଦନୁଯାୟୀ ଜୀବନ ଓ କର୍ମ ପ୍ରତି ମୋର ମନୋଭାବ କ'ଣ ? ଗୋଟିଏ ଧାରଣା ମୋ ଭିତରେ ବଦ୍ଧମୂଳ ହୋଇଛି, ଯାହା ଆଗରୁ ବି ରହିଥିଲା ... ତେବେ ଏତେ ସ୍ପଷ୍ଟ ହୋଇ ନଥିଲା – ଦିନକୁ ଦିନ ସେହି

ଜିନିଷଟି ଅଧିକ ସ୍ପଷ୍ଟ ହୋଇ ଯାଉଛି, ଯାହା କଥା ମୁଁ ଏଠାରେ କହିବାକୁ ଯାଉଛି । ଜୀବନ ତଥା କର୍ମ ସମୂହର ଯଥାର୍ଥ ଆଧାର ଯାହାକୁ ଖାଲି ଯୋଗସାଧନା ଦ୍ୱାରାହିଁ ବିକଶିତ କରାଯାଇ ପାରିବ । ଉତ୍ତରୋତ୍ତର ଏଇ ଜିନିଷଟି ମୋ ଆଗରେ ସ୍ପଷ୍ଟ ହୋଇ ଯାଉଛି ଯେ ମଣିଷଜାତି ଖାଲି ବ୍ୟର୍ଥତା ଭିତରେ ଅନବରତ ଚକାଭଉଁରୀ ଭଳି ଘୂରୁଛି । ଯେପର୍ଯ୍ୟନ୍ତ ଏ ଜାତି ଗୋଟିଏ ନୂଆ ପ୍ରତିଷ୍ଠା ଖୋଜି ନ ପାଇଛି, ଅର୍ଥାତ୍ ଏକ ନୂତନ ସ୍ତରର ଚେତନା ମଧ୍ୟକୁ ଉତ୍ତୋଳିତ ହୋଇ ସେଠାରେ ସେ ନିଜର ଆସ୍ଥାନ ଜମାଇ ନ ପାରିଛି, ସେପର୍ଯ୍ୟନ୍ତ ସେହି ପୁରୁଣା ଗୁଳା ଭିତରେ ପଡ଼ି ଚକାଭଉଁରୀ କାଟିବାହିଁ ତା'ର ସାର ହେବ । ମୋର ସମ୍ପୂର୍ଣ୍ଣ ବିଶ୍ୱାସ ଯେ ସାରା ସଂସାର ପାଇଁ ଭାରତ ବର୍ଷହିଁ ସେହି ମହାବ୍ରତ ସମ୍ପନ୍ନ କରିବ – ସେହି ମହାନ୍ ବିଜୟ ସେ ଲାଭ କରିବ ଉପର ସ୍ତରକୁ ଉଠିଯାଇ ।... ମାତ୍ର ମୁଁ ଯେଉଁ ମହତ୍ତର ଚେତନାର କଥା କହୁଛି, ତା'ର କାର୍ଯ୍ୟକାରୀ ଶକ୍ତିର ଠିକ୍ ଠିକ୍ ରୂପରେଖ କ'ଣ ? କେଉଁ କେଉଁ ସର୍ତ୍ତ ମାନି ସେଇ ଚେତନା ବାସ୍ତବ ରୂପ ନେଇ ଆମକୁ ସାହାଯ୍ୟ କରିବ, ପୁଣି କିପରି ଭାବରେ ତାହାକୁ ତଳକୁ ଓହ୍ଲାଇ ଅଣାଯାଇ ପାରିବ ଓ ତାହା କେଉଁ ଧାରା ଅନୁଯାୟୀ କାର୍ଯ୍ୟ କରିବାକୁ ଲାଗିବ ଏବଂ ସର୍ବୋପରି ମାନବ ଜୀବନ ଉପରେ ତା'ର କି ପ୍ରଭାବ ପଡ଼ିବ, କେଉଁ ପ୍ରକାରରେ ଆମେ ଆମର ବର୍ତ୍ତମାନର ଉପାଦାନ ଓ କାରଣଗୁଡ଼ିକୁ ଯଥା : ମନ, ବୁଦ୍ଧି, ପ୍ରାଣ ଓ ଶରୀରକୁ ଏଇ ମହାନ୍ ରୂପାନ୍ତର ବଳରେ ସେଗୁଡ଼ିକର ସତ୍ୟ-ସ୍ୱରୂପକୁ ସୁସିଦ୍ଧ ଆଧାରରେ ପରିଣତ କରି ପାରିବା ? ଏଇସବୁ ସମସ୍ୟାର ସମାଧାନ ମୁଁ ନିଜର ଅନୁଭୂତି ଦ୍ୱାରା ପାଇବାକୁ କେବେଠାରୁ ପ୍ରୟାସ କରୁଛି ଏବଂ ମୁଁ ଏବେ ଗୋଟିଏ ନିଶ୍ଚିତ ଆଧାରକୁ ଓ ପ୍ରଶସ୍ତ ନିଗୂଢ଼ ଜ୍ଞାନକୁ ପାଇ ସାରିଛି । ଏଇ ନିଗୂଢ଼ ରହସ୍ୟର ଭେଦ ଅନେକାଂଶରେ ଆୟତ୍ତ କରି ନେଇଛି । ଅବଶ୍ୟ ଏବେ ବି ସମ୍ପୂର୍ଣ୍ଣରୂପେ ଓ ଅବ୍ୟର୍ଥ ଶକ୍ତିରେ ମୁଁ ତାହା ଲାଭ କରି ନାହିଁ । ଅତଏବ ଏବେ ବି ମୋତେ କର୍ମକ୍ଷେତ୍ରରୁ ଅଲଗା ରହିବାକୁ ପଡୁଛି । କାରଣ ମୁଁ ଦୃଢ଼ ପ୍ରତିଜ୍ଞା କରିଛି ଯେ ଯେତେବେଳ ଯାଏ ବାହାରର କର୍ମରେ ନିଜକୁ ମିଶାଇ ନାହିଁ, ତା' ଭିତରେ ପଶିବି ନାହିଁ; ମୋ ଆଧାରକୁ ନିର୍ଦ୍ଦୋଷ ଓ ସୁସିଦ୍ଧ ନ କରିବା ଯାଏ ମୁଁ କୌଣସି ନୂତନ କାମ କରିବି ନାହିଁ ।''

ଶ୍ରୀଅରବିନ୍ଦ ଏହି ଚିଠି ନଭେମ୍ବର ୧୮ ତାରିଖ ୧୯୨୨ ମସିହାରେ ଲେଖିଥିଲେ । ସେହି ସମୟରେ ନୂଆ କର୍ମଶକ୍ତି ଓ ଆଦର୍ଶ ଉପରେ ତାଙ୍କର ପ୍ରଭୁତ୍ୱ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଥିଲା ଏବଂ ଏହି ତପସ୍ୟାର ସିଦ୍ଧି ଦିଗରେ ସେ ସମ୍ପୂର୍ଣ୍ଣ ନିମଗ୍ନ ହୋଇଥିଲେ । ତାଙ୍କର ସେହି କର୍ମ ଓ ତପସ୍ୟାର ଲକ୍ଷ୍ୟ ହେଉଛି ସମଗ୍ର ଜୀବନକୁ ଗ୍ରହଣ କରିବା । ସକଳ କ୍ରିୟାକଳାପକୁ ଅଧ୍ୟାତ୍ମ ଭାବାପନ୍ନ କରିବା, ଅଥଚ କୌଣସି କର୍ମକୁ ତ୍ୟାଗ ନ କରିବା । ଶ୍ରୀଅରବିନ୍ଦଙ୍କର ଦୃଢ଼ ବିଶ୍ୱାସ ଯେ ଏକ ନବୀନ ଓ ଉଦାର ମାର୍ଗରେ ଆପଣାର ମହାନ୍ ଅଧ୍ୟାତ୍ମ ଆଦର୍ଶକୁ ଅନୁସରଣ କରିବା ଏବଂ ସେହି ଆଦର୍ଶ ଜଗତକୁ ଉଦ୍ଧାର କରିବ । ପାର୍ଥିବ କ୍ରମ ବିକାଶ ଭିତରେ ଶ୍ରୀଅରବିନ୍ଦଙ୍କ ସମଗ୍ର ଜୀବନ ଏକ ଗଭୀର ତପସ୍ୟା ।

୧୯୨୪ ମସିହା ନଭେମ୍ବର ୨୬ ତାରିଖ, ଶ୍ରୀଅରବିନ୍ଦଙ୍କ ଯୋଗ ସାଧନାମୟ ଜୀବନରେ ମହାସିଦ୍ଧିର ବିଜୟ ବାର୍ତ୍ତା ଉଦ୍‌ଘୋଷିତ ହେଲା – ''ଏଇ ଭାରତରେ ମହାମାନବର ସାଗର ତୀରେ ।'' ଏହାର ଅବ୍ୟବହିତ ପରେ ୧୯୨୮ ମସିହାରେ ବିଶ୍ୱକବି ରବୀନ୍ଦ୍ର ନାଥ ମହାଯୋଗୀ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରିଛନ୍ତି । ଭାରତର ପ୍ରାଣ-ପୁରୁଷ, ତ୍ରାଣକର୍ତ୍ତା, ସିଦ୍ଧସାଧକ, ମହାଯୋଗୀ, ମହାନ୍ ବିପ୍ଳବୀ, ସତ୍ୟଦ୍ରଷ୍ଟାଙ୍କ ପ୍ରତି ଅନ୍ତରର ଗଭୀର ଶ୍ରଦ୍ଧାଞ୍ଜଳି ନିବେଦନ କରି କବିଗୁରୁ କହିଛନ୍ତି : '' 'ଭାରତ ଆତ୍ମାର ବାଣୀ ମୂର୍ତ୍ତି ତୁମେ' । ମୋ ମନ କହିଲା ସେହିଁ ତାଙ୍କ ଅନ୍ତରର ଆଲୋକ ଦେଇ ବାହାରେ ଆଲୋକ ଜଳାଇବେ । ସେଥିପାଇଁ ତାଙ୍କର ମୁଖଶ୍ରୀରେ ଶାଶ୍ୱତ ଦୀପ୍ତି ଓ ଉଜ୍ଜ୍ୱଳ ଆଭା । ମୁଁ ତାଙ୍କୁ କହି ଆସିଲି ଆତ୍ମାର ବାଣୀ ବହନ କରି ଆପଣ ଆମ୍ଭମାନଙ୍କ ମଧ୍ୟକୁ (ବାହାର ଜଗତକୁ) ଆସିବେ, ଏହି ଅପେକ୍ଷାରେ ରହିଲୁ । ସେହି ବାଣୀରେ ଭାରତର ପଞ୍ଚଜନ୍ୟ ନିନାଦିତ ହେବ । 'ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ' । ଏହାହିଁ ଥିଲା 'ଅରବିନ୍ଦ ରବୀନ୍ଦ୍ରର ଘେନ ନମସ୍କାର' ।''

ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ଆଧ୍ୟାତ୍ମିକତାର ଅର୍ଥ ହେଉଛି ଏକ ନୂତନ ଚେତନା, ଯାହାର ସ୍ଥାନ ମନର ଊର୍ଦ୍ଧ୍ୱରେ । ଯୋଗ ସାଧନା ବ୍ୟତିରେକେ କେହି ତାକୁ ପାଇବା ସମ୍ଭବ ନୁହେଁ । କେବଳ ମାନସିକ ଓ ନୈତିକ ସଂଯମ ଦ୍ୱାରା ଆଧ୍ୟାତ୍ମିକ ଚେତନା ମିଳେ ନାହିଁ । ନୈତିକତା ପ୍ରକୃତିକୁ ଆଧ୍ୟାତ୍ମିକ ରାସ୍ତାକୁ ଆଣିବାରେ କେବଳ ସହାୟକ ହୋଇଥାଏ । ଧର୍ମ ବିଷୟରେ ମଧ୍ୟ ସେହି ଯୁକ୍ତି ସତ୍ୟ । ସାଧାରଣତଃ ଧର୍ମ କହିଲେ ଆମେ ବୁଝୁ ବାହ୍ୟ ପ୍ରକ୍ରିୟାର ବିଧିବଦ୍ଧ ଅନୁଷ୍ଠାନ । ମାତ୍ର ଆଧ୍ୟାତ୍ମିକତା କୌଣସି କାଇଦା କାନୁନ ଠାରୁ ସମ୍ପୂର୍ଣ୍ଣ ପୃଥକ୍ । ଏହା ଆତ୍ମ

ଚେତନା ଠାରୁ ସ୍ୱତଃ ପ୍ରବାହିତ ଏକ ଜୀବନଧାରା ଯାହା ଆମ ଅନ୍ତରତମ ପ୍ରଦେଶରୁ ନିସୃତ ହୋଇ ବାହାରର ସବୁ ଭାବ ଓ କ୍ରିୟାକୁ ଚାଳିତ କରିପାରେ । ଧର୍ମ ଓ ଆଧାତ୍ମିକତା ବିଷୟରେ ମଣିଷ ମନରେ ଯେତେ ପ୍ରକାର ପ୍ରଶ୍ନ ଓ ସଂଦେହ ଉଠିପାରେ ସେସବୁକୁ ଅପୂର୍ବ ଓ ଅକାଟ୍ୟ ଯୁକ୍ତିରେ ''ଦିବ୍ୟ ଜୀବନ'' ଗ୍ରନ୍ଥରେ ଶ୍ରୀଅରବିନ୍ଦ ସମାଧାନ କରିଛନ୍ତି । ଯେଉଁମାନେ ଦୁଇଟି ଯାକର ପାର୍ଥକ୍ୟକୁ ବିଚାର ନକରି ଆଧାତ୍ମିକତାର ବିରୋଧ କରିବେ, ସେମାନେ ସତ୍ୟକୁ ଗ୍ରହଣ କରି ପାରିବେ ନାହିଁ । ସେମାନେ ଆପଣାର ମନଗଢ଼ା ବା ଅନ୍ୟର ଜ୍ଞାନକୁ ଧରିନେଇ ସଂକୀର୍ଣ୍ଣ ରାସ୍ତାରେ ଚାଲିବାକୁ ଯାଉଛନ୍ତି ବୋଲି ବୁଝିବାକୁ ହେବ । ତଦ୍ୱାରା ଆତ୍ମୋନ୍ନତି ତ ହେବ ନାହିଁ କେବଳ ଆତ୍ମତୃପ୍ତିହିଁ ମିଳିବ ।

ଏହି ଦୃଷ୍ଟିରୁ ଆମର ଅବସ୍ଥା ଏବେ କସ୍ତୁରୀ ମୃଗ ପରି ହୋଇଛି । ନିଜ ନାଭିର ସୁଗନ୍ଧରେ ଆମୋଦିତ ହୋଇ ଦୌଡ଼ା ଦୌଡ଼ି କରୁଛୁ – କେବେ ଏପଟକୁ ତ କେବେ ସେପଟକୁ । ମାତ୍ର ଦୁଃଖର କଥା ମଣିଷ ନିଜ ଭିତରକୁ ନିଜେ ଦେଖିବାକୁ ଅସମର୍ଥ । ସମସ୍ତ ଜ୍ଞାନ ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ମଣିଷ ନିଜକୁ ପୂର୍ଣ୍ଣଭାବେ ଆବିଷ୍କାର କରି ପାରି ନାହିଁ । ନିଜକୁ ଜୟ କରି ପାରି ନାହିଁ । ତା' ଜୀବନର ଲକ୍ଷ୍ୟ ତା' ପାଖରେ ପରିସ୍ଫୁଟ ହୋଇ ନାହିଁ । ମଣିଷ ଆଶୁ ସୁଖର ପଛରେ ଧାଇଁଛି; ମାତ୍ର ବାସ୍ତବ ଆନନ୍ଦର ଅନୁଭୂତି ଠାରୁ ବହୁତ ଦୂରେଇ ଯାଇଛି ।

ସମଗ୍ର ମାନବଜାତିର ତୀର୍ଥକ୍ଷେତ୍ର ଭାରତ ଭୂମି – ଭାରତୀୟ ସଂସ୍କୃତି – ବହୁ ଧର୍ମ ଓ ସଂସ୍କୃତିର ଧାରା ଏହି ସଂସ୍କୃତିର ମହୋଦଧିରେ ଆସି ମିଶି ଯାଇଛି । ଯୁଗେ ଯୁଗେ ଭାରତୀୟ ସଂସ୍କୃତି ଆହ୍ୱାନ ଦେଇଛି କ୍ଷୁଦ୍ରତାକୁ ଫିଙ୍ଗି ଦେବା ପାଇଁ, ସମସ୍ତଙ୍କ ମଧ୍ୟରେ ଭାଗବତ ସତ୍ତା ଉପଲବ୍ଧ କରି ଭେଦର ପ୍ରାଚୀରକୁ ଭାଙ୍ଗିଦେବା ପାଇଁ । ଭେଦ-ବ୍ୟାଧିର ମହୌଷଧି ଅଭେଦ । ହିଂସା, ଦ୍ୱେଷଜନିତ ବିଷର ପ୍ରତିକାର କେବଳ ସ୍ନେହ, ପ୍ରେମ ଓ ସହୃଦୟତାର ଅମୃତ ଦେଇ କରାଯାଇ ପାରିବ । ଏହି ସତ୍ୟକୁ ଆର୍ଯ୍ୟ ଋଷିଗଣ ଗୋଟିଏ ବାକ୍ୟରେ ଜଣାଇ ଦେଇଛନ୍ତି, ''ଶୃଣ୍ୱନ୍ତୁ ସର୍ବେ ଅମୃତସ୍ୟ ପୁତ୍ରାଃ'' । ଏହି ଭାରତୀୟ ସଂସ୍କୃତିର ଭିତ୍ତିଭୂମି ହେଲା ତ୍ୟାଗ ଓ ତପସ୍ୟା, ସିଦ୍ଧି ଓ ଜ୍ଞାନ ଏବଂ ସର୍ବୋପରି ନିଃସ୍ୱାର୍ଥ ତଥା ନିଷ୍କାମ ଈଶ୍ୱର ନିଷ୍ଠା ।

ଶ୍ରୀମଦ୍ ଭଗବଦ୍ ଗୀତା ଏହି ସମସ୍ୟାର ଶ୍ରେଷ୍ଠ ସମାଧାନ କରିଛି । ସଂସାରକୁ ତ୍ୟାଗ କରି ସନ୍ନ୍ୟାସୀ ହୋଇ ଯିବାର ଆବଶ୍ୟକତା ନାହିଁ, ବରଂ ସନ୍ନ୍ୟାସୀ ହୋଇ ସଂସାରରେ ରହିବା ଗୀତାର ଶାଶ୍ୱତ ବାର୍ତ୍ତା । ଶ୍ରୀରାମକୃଷ୍ଣ ମଧ୍ୟ ଏହି କଥା କହିଛନ୍ତି । ପଙ୍କ ମଧ୍ୟରେ ପଙ୍କୁଆ ମାଛ ଯେପରି ରହେ ସେହିପରି ତୁମେ ରୁହ – ସେ ପଙ୍କୁଆ ମାଛ ପଙ୍କରେ ରହେ – ତା' ଦେହରେ ପଙ୍କ ଲାଗେ ନାହିଁ । ଈଶ୍ୱରଙ୍କଠାରେ ଲୟ ରଖି ସମର୍ପଣ କରି ସବୁ କାମ କର । ଅନୁରୂପ ଶ୍ରୀଅରବିନ୍ଦଙ୍କ ନିରାସକ୍ତ ସମର୍ପିତ ଚେତନା ।

ଗୀତା ତଥା ଶ୍ରୀରାମକୃଷ୍ଣଙ୍କ ନିର୍ଦ୍ଦେଶ ପାଶ୍ଚାତ୍ୟ ଚିନ୍ତା ଓ ଚେତନାକୁ ମଧ୍ୟ ଗଭୀର ଭାବେ ପ୍ରଭାବିତ କରିଛି । ଏକ ପ୍ରାଣହୀନ, ସ୍ପନ୍ଦନହୀନ ବୈଷୟିକ ସଂସ୍କୃତିର ସର୍ବଗ୍ରାସୀ ଦାବାନଳରୁ ରକ୍ଷା ପାଇବା ଲକ୍ଷ୍ୟରେ ପାଶ୍ଚାତ୍ୟବାସୀ ଯେତେବେଳେ ଭାରତୀୟ କୃଷ୍ଣଭକ୍ତିର ମହାସମୁଦ୍ରରେ ଝାସ ଦେଇଛନ୍ତି ସେତେବେଳେ ଆମେ କମ୍ପ୍ୟୁଟର ସଂସ୍କୃତିର ଦାସତ୍ୱ ଗ୍ରହଣ କରିବା ପାଇଁ ଅହରହ ଚେଷ୍ଟିତ, ବ୍ୟାକୁଳ ଓ ବିବ୍ରତ । ବାସ୍ତବିକ ଏହା ଏକ ବିସ୍ମୟକର ବିଡ଼ମ୍ବନା । ଏହି ଉକ୍ତିର ଜ୍ୱଳନ୍ତ ପ୍ରମାଣ ହେଉଛି ବିଖ୍ୟାତ ଔପନ୍ୟାସିକ ସମରସେଟ୍ ମମ୍‌ଙ୍କର କ୍ରାନ୍ତିକାରୀ ଉପନ୍ୟାସ, ''ଦି ରେଜରସ୍ ଏଜ୍'' (କ୍ଷୁରସ୍ୟ ଧାର) । ଏହି ଉପନ୍ୟାସର ନାୟକ ପ୍ରଥମ ୟୁରୋପୀୟ ମହାଯୁଦ୍ଧ ପରେ ଜୀବନ-ସମସ୍ୟାର ସମାଧାନ କରିବା ପାଇଁ ବ୍ୟଗ୍ର ଓ ବ୍ୟଥିତ ହୋଇ ଉଠିଛି ଏବଂ ଚିକାଗୋରୁ ବାହାରି ବହୁ ଦେଶ ଭ୍ରମଣ କରି ସମାଧାନର ଅନ୍ୱେଷଣ କରିଛି । ଚୀନ ଦେଶ ପରେ ସେ ଭାରତର ଦକ୍ଷିଣାଞ୍ଚଳରେ ପହଞ୍ଚିଛି । କୌଣସି ସାଧୁଙ୍କ ଆଶ୍ରମରେ କିଛିକାଳ ଅତିବାହିତ କରିଛି । ସେଠାରେ ଆଧାତ୍ମିକ ସାଧନା ପରେ ଅନୁଭୂତି ଲାଭ କରି ଏକ ପ୍ରକାର ସମାଧାନର ସନ୍ଧାନ ପାଇଛି । ତା' ପରେ ସେ ପ୍ୟାରିସ ହୋଇ ଆମେରିକା ଫେରି ଯାଇ ଜୀବନ ସ୍ରୋତ ମଧ୍ୟକୁ ଝାମ୍ପ ଦେଇଛି । କିନ୍ତୁ ଏଥର ଜୀବନ ଯାତ୍ରାରେ ସମ୍ପୂର୍ଣ୍ଣ ପୃଥକ୍ ଚେତନା ଓ ଦୃଷ୍ଟିଭଙ୍ଗୀର କୈଫିୟତ୍ ସେ ନିଜେ ଦେଇଛି ।

"It was not for me to leave the world and retire to a cloister but to live in the world and love the objects of the world, not indeed for themselves but for the Infinite that is in them. To live with calmness, forbearance, compassion, selflessness and confidence."

ଏହି ସମସ୍ୟାର ସମାଧାନ ମହାଯୋଗୀ ଶ୍ରୀଅରବିନ୍ଦ ଦେଇଛନ୍ତି । ତାଙ୍କ ନିର୍ଦ୍ଦେଶିତ ଲକ୍ଷ୍ୟ ଓ ପଥ ଆମକୁ ପରିଚାଳିତ

କରୁ, ଅଭିମନ୍ତ୍ରିତ କରୁ – ଏତିକି ପ୍ରାର୍ଥନା । ମଣିଷ ଯେଉଁ ସ୍ତରରେ ଅଛି ସେଠାରେ ସମନ୍ୱୟ ହୋଇ ପାରିବ ନାହିଁ – ସେଠି ରହି ଆନ୍ତର ସନ୍ନ୍ୟାସ ଓ ବହିଃକର୍ମ ଦୁଇଟି ମଧ୍ୟରେ ସମନ୍ୱୟ ରଖିବା ସମ୍ଭବ ନୁହେଁ । ତେଣୁ ମଣିଷକୁ ଆହୁରି ଏକ ସ୍ତରକୁ ଉଠିବାକୁ ହେବ ଯେଉଁଠି ଅହଂକାରରୁ ମୁକ୍ତ ହୋଇ ଦିବ୍ୟ ଚେତନାରେ କର୍ମ କରାଯାଇ ପାରିବ । ମଣିଷକୁ ସେହି ଉଚ୍ଚସ୍ତରକୁ ନେଇଯିବା ସକାଶେ ଉଚ୍ଚତର ଶକ୍ତିର ଅବତରଣ ଆବଶ୍ୟକ । ସେହି ଅଭିନବ ଶକ୍ତି ହେଉଛି ''ଅତିମାନସ ଶକ୍ତି'' – ଶ୍ରୀଅରବିନ୍ଦଙ୍କର ଜୀବନ ବ୍ୟାପୀ ତପସ୍ୟାର ପରିଣତି । ଶ୍ରୀମାଙ୍କ ଭାଷାରେ ''ଅତିମାନସ ଶକ୍ତି ଆଉ ପ୍ରତିଶ୍ରୁତିର କଥା ନୁହେଁ – ଏହା ଏକ ବାସ୍ତବ ସତ୍ୟ, ଜୀବନ୍ତ ଘଟଣା । ଦିନ ଆସିବ ଯେତେବେଳେ କି ସବୁଠୁ ଅନ୍ଧ, ସବୁଠୁ ଅଚେତନ, ଏପରିକି ସବୁଠୁ ଅନିଚ୍ଛୁକ ବ୍ୟକ୍ତି ମଧ୍ୟ ଏହା ସ୍ୱୀକାର କରିବାକୁ ବାଧ୍ୟ ହେବେ ।''

ଅତିମାନସର ଶାଶ୍ୱତ ମନ୍ତ୍ର ସମଗ୍ର ଜଗତ୍ ଓ ଜୀବନକୁ ଅଭିମନ୍ତ୍ରିତ କରୁ ଓ ମଣିଷ ଅମରତ୍ୱର ଅନାସ୍ୱାଦିତ ଅମୃତର ସନ୍ଧାନ କରିବା ପାଇଁ ପ୍ରସ୍ତୁତ ହେଉ – ମହାଯୋଗୀଙ୍କ ୧୫୧ ତମ ପବିତ୍ର ଜୟନ୍ତୀରେ ଏହାହିଁ ଅପ୍ରତିହତ ଆହ୍ୱାନ । ❖

### ଭାରତର ଜାଗ୍ରତ୍ ଶକ୍ତି :

ଯୁଗ-ଯୁଗର ଭାରତ ମୃତ ନୁହେଁ କିଂବା ସେ ତାହାର ଅନ୍ତିମ ସୃଜନୀ ବାଣୀ ପ୍ରକାଶ କରିସାରିଛି ଏହା ମଧ୍ୟ ନୁହେଁ; ସେ ଜୀବନ୍ତ ଏବଂ ନିଜ ପାଇଁ ତଥା ମାନବସମାଜ ପାଇଁ ତା'ର କିଛି କରିବାର ଅଛି । ଏବଂ ବର୍ତ୍ତମାନ ଜାଗ୍ରତ୍ ହେବା ପାଇଁ ତାକୁ ଯେଉଁ ଆଦର୍ଶ ସନ୍ଧାନ କରିବାକୁ ହେବ ତାହା ଏକ ଇଂରାଜୀଭାବାପନ୍ନ ପ୍ରାଚ୍ୟ ମାନବ ନୁହେଁ, ପାଶ୍ଚାତ୍ୟର ଆଜ୍ଞାଧୀନ ଛାତ୍ର ନୁହେଁ, ଏବଂ ପାଶ୍ଚାତ୍ୟର ସଫଳତା ଓ ବିଫଳତାର ଭାଗ୍ୟଚକ୍ରକୁ ପୁନରାବୃତ୍ତି କରି ଚାଲିବା ତାହା ସକାଶେ ବିଧିନିର୍ଦ୍ଦିଷ୍ଟ ନୁହେଁ, ବରଂ ଅଦ୍ୟାପି ତାହାର ପ୍ରାଚୀନ ସ୍ମରଣାତୀତ ଶାଶ୍ୱତୀ ଶକ୍ତିର ଗଭୀରତମ ଆତ୍ମା ପୁନରୁତ୍‌ଥିତ ହେଉଛି, ଜ୍ୟୋତିଃ ଓ ଶକ୍ତିର ପରମ-ଉତ୍ସ ଦିଗରେ ତାହାର ମସ୍ତକ ଉତ୍ତୋଳନ କରୁଛି ଏବଂ ତାହାର ସନାତନ ଧର୍ମର ସମ୍ପୂର୍ଣ୍ଣ ଅର୍ଥ ଓ ବୃହତ୍ତର ସ୍ୱରୂପକୁ ଆବିଷ୍କାର କରିବା ନିମିତ୍ତ ପ୍ରବୃତ୍ତ ହେଉଛି ।

(*The Foundation of Indian Culture*)

### ଭାରତ-ଭାଗ୍ୟାକାଶର ଉଦୀୟମାନ ସୂର୍ଯ୍ୟ :

ଭାରତୀୟମାନଙ୍କର ଏହି ଦୃଢ଼ବିଶ୍ୱାସ ରହିବା ଆବଶ୍ୟକ ଯେ ଭାରତର ଉତ୍‌ଥାନ ହେବ ଏବଂ ଏହା ମହାନ୍ ହୋଇ ଉଠିବ । ଯାହାକିଛି ଘଟି ଯାଇଛି,– ପ୍ରତ୍ୟେକ ବାଧାବିଘ୍ନ, ପ୍ରତ୍ୟେକ ଓଲଟ-ପାଲଟ – ସେସବୁ ସହାୟକ ହେବ ଏବଂ ପରିଣାମ ଦିଗରେ ଅଗ୍ରସର କରାଇବ । ପ୍ରବୃତ୍ତି ଊର୍ଦ୍ଧ୍ୱମୁଖୀ ହୋଇଛି ଏବଂ କ୍ଷୟମୁଖୀ କାଳର ଅବସାନ ଘଟିଛି । ପ୍ରଭାତ ଆସନ୍ନ ଏବଂ ଆଲୋକ ଦୃଶ୍ୟମାନ । ପୁନଶ୍ଚ ରାତ୍ରିର ଆଗମନ ଅସମ୍ଭବ । ଅତି ଶୀଘ୍ର ଉଷା ଅତୀତ ହେବ ଏବଂ ଦିଗ୍‌ବଳୟରେ ସୂର୍ଯ୍ୟର ଉଦୟ ହେବ । ଭାରତ-ଭାଗ୍ୟାକାଶର ସୂର୍ଯ୍ୟ ଶୀଘ୍ର ଉଦିତ ହୋଇ ତାହାର ଆଲୋକ ଦ୍ୱାରା ସମଗ୍ର ଭାରତକୁ, ଏସିଆକୁ ତଥା ସମଗ୍ର ଜଗତକୁ ପ୍ଲାବିତ କରିବ । ପ୍ରତ୍ୟେକ ମୁହୂର୍ତ୍ତ ଭଗବତ୍ ନିର୍ଦ୍ଧାରିତ ଦିବସର ଉଜ୍ଜ୍ୱଳତାକୁ ନିକଟତର କରାଇବ ।

(*Speeches*) – ଶ୍ରୀଅରବିନ୍ଦ

# ଜୀବନର ଦିଶାରୀ

## ଶ୍ରୀ ଲଳିତମୋହନ ଘୋଷ

ଯିଶୁଖ୍ରୀଷ୍ଟଙ୍କ ଦ୍ୱାରା ପ୍ରଚାରିତ ଧର୍ମ ଖ୍ରୀଷ୍ଟୀୟ; ମହମ୍ମଦଙ୍କ ପ୍ରଚାରିତ ଧର୍ମ ମହମ୍ମଦୀୟ । କିନ୍ତୁ ହିନ୍ଦୁ ଧର୍ମର ପ୍ରବର୍ତ୍ତକ କିଏ ? ଭାରତବର୍ଷକୁ କାଳକ୍ରମେ ଯେତେ ପ୍ରକାର ଧର୍ମମତ ଆସିଛି, ସେସବୁର ସମନ୍ୱୟରେ ରୂପ ନେଇଛି 'ହିନ୍ଦ୍'ରୁ ହିନ୍ଦୁଧର୍ମ । ''ହିନ୍ଦ୍'' ଶବ୍ଦର ଅର୍ଥ ''ଭାରତ'' । ହିନ୍ଦୁଧର୍ମର ଅର୍ଥ **ଭାରତୀୟ ଧର୍ମ** । ଏହି ଧର୍ମ କୌଣସି ଦଳ ବା ସମ୍ପ୍ରଦାୟ ବିଶେଷର ମତବାଦ ନୁହେଁ । ଭାରତର ମଧ୍ୟଯୁଗର ସାଧକଗଣ ଏହାକୁ **ଭାରତ-ପନ୍ଥ** ନାମ ଦେଇଛନ୍ତି ।

ଋକ୍‌ବେଦର ଋଷି ଦୀର୍ଘତମା କହିଲେ – ''ଏକଂ ସଦ୍ ବିପ୍ରା ବହୁଧା ବଦନ୍ତି ।'' ସମସ୍ତଙ୍କର ଉପାସ୍ୟ ସେହି ଏକ । ସେହିଁ ପରମ ପୁରୁଷ । ଭାରତର ପ୍ରାଚୀନ ଯୁଗର ଭଗବଦ୍ ଭକ୍ତ ମହାପୁରୁଷଗଣ କିରାତ-ହୂଣ-ଅନ୍ଧ୍ର-ଯବନ-ଖସ ପ୍ରଭୃତିଙ୍କୁ ନିଜର କରି ନେଇ ଥିଲେ । ସେମାନଙ୍କ ମଧ୍ୟରେ ବହୁତ ସାଧକ ଶୈବ ଓ ବୈଷ୍ଣବ ହୋଇଥିବାରୁ ଭାରତୀୟ ହୋଇ ଅଛନ୍ତି । ତଥାପି ଯେଉଁମାନେ ଭାରତୀୟ ଧର୍ମ ଗ୍ରହଣ କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ ସେମାନଙ୍କୁ ଭୂ-ବୃତ୍ତି ଦାନ କରାଯାଇଥିଲା ଏବଂ ସେମାନେ ନିଜ ନିଜ ସାଧନାରେ ପ୍ରତିଷ୍ଠିତ ରହିବାର ସୁବିଧା ଓ ସୁଯୋଗ ପାଇଥିଲେ । ଭାରତୀୟ ଧର୍ମ ବା ହିନ୍ଦୁଧର୍ମର ଇତିହାସ ଏହି ଉଦାରତାର ଇତିହାସ । ଭାରତରେ ଚିରଦିନ ଅଧ୍ୟାତ୍ମ ସାଧନାର ସାମ୍ୟତନ୍ତ୍ର (Spiritual democracy) ଚଳି ଆସିଛି । ଏହାହିଁ ମାନବ ଜଗତରେ ଭାରତର ଲକ୍ଷ୍ୟ ଓ ସାଧନା । ଅଧ୍ୟାତ୍ମ ସାଧନାର ସାମ୍ୟତନ୍ତ୍ରକୁ ମାନବ ଜଗତରେ ପ୍ରତିଷ୍ଠିତ କରିବା ପାଇଁ ଭାରତ ଜୀବିତ ଅଛି ଓ ଥିବ ମଧ୍ୟ । ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଦୃଷ୍ଟିରେ ଏହି ଘଟଣା ଅନିବାର୍ଯ୍ୟ, କାରଣ ଏହା ପରମେଶ୍ୱରଙ୍କ ସିଦ୍ଧାନ୍ତ (decision of the Supreme) ।

ଧର୍ମ ନାମରେ ପ୍ରଭୁତ୍ୱ(autocracy) ଭାରତର ସ୍ୱଧର୍ମ ନୁହେଁ । ଧର୍ମ ନାମରେ ପ୍ରତିଷ୍ଠିତ ସଂକୀର୍ଣ୍ଣ 'ଇନ୍‌କୁଇଜିଶନ୍' (Inquisition) ଯୁଗରେ ଇଉରୋପରେ ଯେଉଁ ରକ୍ତନଦୀ ବହିଥିଲା ତାହା ଭାରତର ନୁହେଁ । ସେମେଟିକ୍ ଧର୍ମର ପର-ମତ ବିଦ୍ୱେଷ ଭାରତୀୟ ବସ୍ତୁ ନୁହେଁ । ଅନ୍ୟ ଦେଶର ନଜିର ଦେଖାଇ ଯଦି ଏ ଯୁଗରେ ପର-ଧର୍ମ ବିଦ୍ୱେଷ କରାହୁଏ, ତାହାହେଲେ ଭାରତ ତାହାର ସ୍ୱଧର୍ମ ହରାଇବ । କାଳକ୍ରମେ ବହୁ ମୁସଲମାନ ସାଧୁ ଭାରତରେ ସମାଦୃତ ହୋଇଅଛନ୍ତି । ଜୈନଗ୍ରନ୍ଥର ପୁରାତନ ପ୍ରବନ୍ଧରେ ଲିଖିତ ଅଛି ଯେ ମୁସଲମାନ ଭକ୍ତମାନଙ୍କ ପାଇଁ ଅନୁପମା ଦେବୀ ୮୦ଟି ମସଜିଦ ନିର୍ମାଣ କରାଇଥିଲେ । ପାର୍ଶୀମାନେ ଯେତେବେଳେ ପାରସ୍ୟ ଦେଶରେ ନିପୀଡ଼ିତ ହୋଇ ଭାରତରେ ଆଶ୍ରୟ ଚାହିଁଲେ ସେତେବେଳେ ଗୁଜୁରାଟର ଯଦୁରାଣା ସେମାନଙ୍କୁ ସ୍ୱାଗତ କରିଥିଲେ । ଖ୍ରୀଷ୍ଟିଆନ ଓ ଇହୁଦୀ ଭକ୍ତଗଣ ଭାରତରେ ଚିରଦିନ ସମାଦୃତ ହୋଇଛନ୍ତି । ପରଧର୍ମ ବିଧ୍ୱଂସର ପାପ ଭାରତବର୍ଷକୁ ସ୍ପର୍ଶ କରି ନାହିଁ । ପାଶ୍ଚାତ୍ୟ ଅନୁଦାରତାକୁ ସନାତନ ହିନ୍ଦୁଧର୍ମ ଅର୍ଥାତ୍ ଭାରତୀୟ ଧର୍ମ କଦାପି ଗ୍ରହଣ କରି ନାହିଁ ।

ଶ୍ୱେତାଶ୍ୱତର ଉପନିଷଦ୍ କହନ୍ତି – ସେହି ଏକ ପରମ ଦେବତାହିଁ ସର୍ବଭୂତରେ ଗୂଢ଼ଭାବେ ଅଧିଷ୍ଠିତ । – ''ଏକୋ ଦେବଃ ସର୍ବଭୂତେଷୁ ଗୂଢ଼ଃ ।'' ସେହି ଦେବତାହିଁ ସକଳ ଦେବତାଙ୍କର ପରମ ଦେବତା – ''ତମ୍ ଈଶ୍ୱରାଣାଂ ପରମଂ ମହେଶ୍ୱରମ୍'' । ''ଯତ୍ର ଜୀବଃ ତତ୍ର ଶିବଃ''– ଏହା ତ ଭାରତରେ ସର୍ବସାଧାରଣଙ୍କ କଥା । ଏହି ଉଦାରତା ଭାରତର ଚିରନ୍ତନ ଧର୍ମ । ମୈତ୍ରେୟ ଉପନିଷଦ୍ କହନ୍ତି – ''ଦେହମାତ୍ରହିଁ ଦେବାଳୟ, ଶିବସ୍ୱରୂପ ତହିଁରେ ସମାସୀନ''– ''ଦେହୋ ଦେବାଳୟଃ ପ୍ରୋକ୍ତଃ ସ ଜୀବଃ କେବଳଃ ଶିବଃ'' । ଏହି ଉପନିଷଦ୍ ଆହୁରି କହନ୍ତି – ''ଅଭେଦଦର୍ଶନଂ ଜ୍ଞାନଂ'' – ସମସ୍ତଙ୍କ ସଙ୍ଗେ ଅଭେଦ ଦର୍ଶନହିଁ ଜ୍ଞାନ । ମହାଭାରତରେ ଭୀଷ୍ମ କହିଛନ୍ତି – ''ଏକତା, ସମତା ଓ ସତ୍ୟତା ତୁଲ୍ୟ ବିତ୍ତ ଆଉ ନାହିଁ'' – ''ନୈତାଦୃଶଂ ବ୍ରାହ୍ମଣସ୍ୟାସ୍ତି ବିତ୍ତଂ; ଯଥୈକତା ସମତା ସତ୍ୟତା ଚ'' । ମହାଭାରତରେ ଦେଖାଯାଏ – କୌଣସି ଧର୍ମ ଯଦି ଅନ୍ୟ ଧର୍ମର ବିରୋଧିତା କରେ, ତେବେ ତାହା ଧର୍ମ ନୁହେଁ, ତାହା ମନୁଷ୍ୟର ଉପଯୁକ୍ତ ପଥ ନୁହେଁ – ''ଧର୍ମଂ ଯୋ ବାଧତେ ଧର୍ମୋ ନ ସ ଧର୍ମଃ କୁବର୍ମ୍ମ ତତ୍'' । ଅର୍ଥହୀନ ବାହ୍ୟ ଆଚାର ଧର୍ମ ନୁହେଁ, ଧର୍ମ ହେଲା ଅନ୍ତରର ବସ୍ତୁ, ଅନ୍ତରରେ ସମସ୍ତଙ୍କର କଲ୍ୟାଣ କାମନାହିଁ ଧର୍ମ । – ''ମାନସଂ

ସର୍ବଭୂତନାଂ ଧର୍ମମାହୁର୍ମନୀଷିଣଃ, ତସ୍ମାତ୍ ସର୍ବେଷୁ ଭୂତେଷୁ ମନସା ଶିବମାଚରେତ୍'' – ଶାନ୍ତିପର୍ବ । ଯେଉଁ ଲୋକ ପ୍ରକୃତ ଧାର୍ମିକ, ସେ ସମସ୍ତଙ୍କର ସୁହୃଦ୍ ଓ ସମସ୍ତଙ୍କର ହିତରେ ରତ । – ''ସର୍ବେଷାଂ ସ ସୁହୃନ୍ନିତ୍ୟଂ ସର୍ବେଷାଂ ଚ ହିତେ ରତଃ'' । ମହାଭାରତ କହେ – ତୁମର ଧର୍ମ ତୁମର ନିଜ ଅନ୍ତରର ବସ୍ତୁ, ଧ୍ୱଜା ପରି ଧର୍ମକୁ ଦେଖାଇ ବୁଲ ନା, ଧର୍ମର ଧ୍ୱଜା ଦେଖାଇ ସୁବିଧା ସଂଗ୍ରହ କରନା – ''ଏକ ଏବ ଚରେଦ୍ଧର୍ମଂ ନ ଧର୍ମଧ୍ୱଜିକୋ ଭବେତ୍'' । ବନବାସକ୍ଲିଷ୍ଟ ଯୁଧିଷ୍ଠିର ଦ୍ରୌପଦୀଙ୍କୁ କହିଥିଲେ – ''ଧର୍ମର ଧ୍ୱଜା ତୋଳି ସୁବିଧା ଆଦାୟ କରିବା ପରି ଜଘନ୍ୟ ହୀନତା ଆଉ କିଛି ନାହିଁ'' – ''ଧର୍ମବାଣିଜ୍ୟକୋ ହୀନୋ ଜଘନ୍ୟୋ ଧର୍ମବାଦିନାମ୍'' – ବନପର୍ବ । ଶିବମହିମ୍ନ ସ୍ତୋତ୍ରରେ ଅଛି – ''ରୁଚୀନାଂ ବୈଚିତ୍ର୍ୟାଦୃଜୁକୁଟିଳନାନା ପଥଜୁଷାଂ ନୃଣାମେକୋ ଗମ୍ୟସ୍ତମସି ପୟସାମର୍ଣ୍ଣବ ଇବ ॥'' ଅର୍ଥାତ୍, ରୁଚିର ବୈଚିତ୍ର୍ୟବଶତଃ କାହାରି ପଥ ସିଧା, କାହାରି ବା ସାମାନ୍ୟ ବଙ୍କା ହୋଇଥାଏ; କିନ୍ତୁ ସମସ୍ତଙ୍କର ଏକମାତ୍ର ଲକ୍ଷ୍ୟ, ହେ ଭଗବାନ୍, ସେ ହେଉଛନ୍ତି ତୁମ୍ଭେ । ସକଳ ନଦୀ ନାନା ପଥରେ ପ୍ରବାହିତ ହୋଇ ଯେପରି ପରିଶେଷରେ ସାଗରରେ ପତିତ ହୁଏ, ସେହିପରି ସମସ୍ତେ ସର୍ବଶେଷରେ ତୁମ୍ଭ ସହିତ ଯୁକ୍ତ ହେବେ । ବିଭିନ୍ନ ପ୍ରଦୀପରେ ଭିନ୍ନ ଭିନ୍ନ ତୈଳ ଓ ଭିନ୍ନ ଭିନ୍ନ ସଳିତା ଥାଇପାରେ, କିନ୍ତୁ ଜଳିବା ସମୟରେ ଅଗ୍ନିଶିଖା ଓ ଆଲୋକ ପ୍ରତ୍ୟେକ ପ୍ରଦୀପରେ ପ୍ରକାଶିତ ହୁଏ ।

"We are divided in the outward forms of our life in God, but we believe that a deeper understanding of the different forms will lead to a united comprehension of the truth of spiritual life ...

... The indifference, if not contempt, which many of us have for religions other than our own, is due to ignorance and incomprehension."

(Recovery of Faith, p. 200) – Radhakrishnan

ଭାରତରେ ଶ୍ରୀକୃଷ୍ଣ ଯେଉଁ ଦିନ କହିଥିଲେ – ''ଯେ ଯେଉଁ ଭାବରେ ଡାକେ, ସେହି ଭାବରେ ଭଗବାନ୍ ତାହାକୁ ସ୍ୱୀକାର କରନ୍ତି'' । ସେହି ସମୟରେ ଭାରତରେ ସାଧକଗଣ ସର୍ବବିଧ ସାଧନା ପ୍ରତି ଶ୍ରଦ୍ଧାବାନ୍ ଥିଲେ । ଆଧୁନିକ ଯୁଗରେ ମଧ୍ୟ ଏହିସବୁ ମହାସତ୍ୟ ଓ ସମଦୃଷ୍ଟିର ବାଣୀକୁ ରାଜା ରାମମୋହନ, ମହର୍ଷି ଦେବେନ୍ଦ୍ରନାଥ, କେଶବଚନ୍ଦ୍ର, ଦୟାନନ୍ଦ, ଶ୍ରୀରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ରମଣ ମହର୍ଷି, ରବୀନ୍ଦ୍ରନାଥ, ମହାତ୍ମାଗାନ୍ଧୀ ଅତୀବ ଗୁରୁତ୍ୱ ଅର୍ପଣ କରିଅଛନ୍ତି । ଶ୍ରୀଅରବିନ୍ଦ ଆଧୁନିକ ଯୁଗର ଧର୍ମ ସମ୍ବନ୍ଧରେ କହିଛନ୍ତି –

"How much hatred and stupidity men succeed in packing up decorously and labelling 'Religion' !"

(Gems from Sri Aurobindo, p. 164)

ଭାରତର ଆକାଶରେ ବିଧାତାଙ୍କର ଯେଉଁ ଆଦେଶ ବାଣୀ ତାଙ୍କର ଡକାରେ ନିତ୍ୟ ଧ୍ୱନିତ ହେଉଅଛି, ତାହାହେଲା ସକଳ ସାଧନାର ସମନ୍ୱୟବାଣୀ ଓ ମାନବ ପ୍ରକୃତିର ଆଧ୍ୟାତ୍ମିକ ରୂପାନ୍ତର । ଧର୍ମର ମୁଖ୍ୟ ବସ୍ତୁ ହେଲା ତାହାର ଆଧ୍ୟାତ୍ମିକ ସ୍ୱରୂପ । ଧର୍ମର ଲକ୍ଷ୍ୟ ହେଲା ଆତ୍ମନ୍‌ର ସନ୍ଧାନ ଓ ଉପଲବ୍ଧି । ଭାରତୀୟ ଧର୍ମର ଏହାହିଁ ହେଲା ଯଥାର୍ଥ ଦୃଷ୍ଟିକୋଣ । ଏହି ଧର୍ମ ଭାରତରେ ମନୁଷ୍ୟର ବିଶ୍ୱସ୍ତ ଚାଳକ ଓ ନିୟନ୍ତା ହୋଇଛି । ମାନବ ଜୀବନର ସକଳ କର୍ମରେ – ସମାଜନୀତି, ଅର୍ଥନୀତି, ରାଷ୍ଟ୍ରନୀତି ସକଳ ବିଷୟରେ ଏହି ସତ୍ୟଧର୍ମ ଯଥାର୍ଥ ପରିଚାଳକ । ଏହାହିଁ ଭାରତୀୟ ସଂସ୍କୃତିର ବିଶେଷତ୍ୱ ।...

... ... ଭାରତରେ ମଧ୍ୟଯୁଗର ସନ୍ଥଗଣ ସମ୍ପ୍ରଦାୟଗତ ଭେଦ ଦୃଷ୍ଟିକୁ ସ୍ୱୀକାର କରି ନଥିଲେ । ସେମାନେ କହିଛନ୍ତି – ''ଦେହରା ମଜିଦ ସୋଇ ପୂଜା ନିମାଜ ଉ ଇ ।''

ଦେବାଳୟ ଓ ମସଜିଦ ମଧ୍ୟରେ ଫରକ ନାହିଁ; ପୂଜା ଯାହା, ନମାଜ ସେଇଆ । ହିନ୍ଦୁ-ମୁସଲମାନ-ଇହୁଦୀ-ପାର୍ଶୀ ସମସ୍ତେ ଏକ ଜାତି, ଏକ ପରିଚୟ ।

''ହିନ୍ଦୁ ତୁରୁକ କୋଉ ରାଫଜୀ ଇରାନଶାହୀ
ମାନୁଷକୀ ଜାତି ସବୈ ଏକୈ ପହଚାନରେ ॥''

ମହାପୁରୁଷ କବୀର କହିଛନ୍ତି – ହିନ୍ଦୁ ତୁରୁକ ବା କରତା ଏକୈ – ହିନ୍ଦୁ ମୁସଲମାନଙ୍କର ଈଶ୍ୱର ଏକ । ସେ କହିଛନ୍ତି – ''ପଖା ପଖୀକେ ପେଖଣେଁ ସବ ଜଗତ୍ ଭୁଲାନା'' । ଦଳାଦଳିରେ ମତ୍ତ ହୋଇ ସାରା ଜଗତ୍ ରହିଲା ସବୁ ପାସୋରି । ଦାଦୁ ଆସି କହିଲେ – ହିନ୍ଦୁ ତୁରକ ଭେଦ କୁଛ ନାହିଁ – ଅର୍ଥାତ୍ ହିନ୍ଦୁ, ମୁସଲମାନ ଭେଦ କିଛି ନାହିଁ । ସେ ଆହୁରି କହିଛନ୍ତି –

''ଅଲହ କହୌ ଭାରେ ରାମ କହୌ,
ଡାଲ ତଜୌ ସାବ ମୂଲ ଗହୌ ।''

(ଆଲ୍ଲା କହ ବା ରାମ କହ – ଡାଳ ଛାଡ଼ି ମୂଳକୁ କର ଆଶ୍ରୟ ।)

ତୁଳସୀ ସାହେବ ହଥରସୀ କହିଛନ୍ତି – ହୃଦୟ ମନ୍ଦିର ନିର୍ମଳ କର ପ୍ରିୟତମଙ୍କର ଆଗମନ ପାଇଁ । ସୃଷ୍ଟିର ଶାସ୍ତ୍ରରେ ଲେଖା ଅଛି ମହାପ୍ରଭୁଙ୍କ ପାଇଁ ଏହି ହୃଦୟ ମନ୍ଦିର ରଚିତ । ଉତ୍ତର ଭାରତର ମହାଗୁରୁ କବୀର କହିଛନ୍ତି –

''ପୂରିବ ଦିଶା ହରି କା ବାସା,
ପଛିମ ଅଲହ ମୁକାମା;
ଦିଲ ହୀ ଖୋଜି ଦିଲୈ ଦିଲ,
ଭିତରି ଇଁହା ରାମ ରହିମାନା ॥''

ଅର୍ଥାତ୍, ହାୟ ପୂର୍ବ ଆଡ଼େ ହରିଙ୍କର ବାସ ଏବଂ ପଶ୍ଚିମ ଆଡ଼େ ଆଲ୍ଲାଙ୍କର ମୋକାମ ! ଆରେ ଖୋଜି ଦେଖ ହୃଦୟ ମଧ୍ୟରେ, ସେହିଠାରେ ରାମ ରହିମ ।

ଧର୍ମସାଧନାର ଏହି ସମନ୍ୱୟକୁ ମହାତ୍ମା କବୀର ଭାରତର ତପସ୍ୟା କହିଛନ୍ତି । ମହାତ୍ମା କବୀରଙ୍କର ''ଭାରତପନ୍ଥ'' ଆଜି ମଧ୍ୟ ସମ୍ପୂର୍ଣ୍ଣ ସାଧିତ ହୋଇ ନାହିଁ । ରାଜା ରାମମୋହନ, ଶ୍ରୀରାମକୃଷ୍ଣ, ବିବେକାନନ୍ଦ, ରବୀନ୍ଦ୍ରନାଥ, ମହାତ୍ମା ଗାନ୍ଧି ପ୍ରଭୃତି ମହାପୁରୁଷ ଏହି 'ଭାରତପନ୍ଥ'ର ସେବାରେ ଜୀବନ ଉତ୍ସର୍ଗ କରିଯାଇଛନ୍ତି । କିନ୍ତୁ ଜଣେ ଜଣେ ମହାପୁରୁଷଙ୍କ ପ୍ରଭାବରେ କିଛି କାଳ ପାଇଁ ଗୋଟିଏ ଅପୂର୍ବ ଜାଗରଣ ଆସିଥିଲେ ସୁଦ୍ଧା, ପରବର୍ତ୍ତୀ କାଳରେ ଅବସାଦ ଓ ଅବନତି ଦେଖା ଦେଇଛି । ଗୋଟିଏ ପରେ ଗୋଟିଏ ଧର୍ମମତ ଜଗତକୁ ଆସିଥିବା ସତ୍ତ୍ୱେ ମାନବଜାତିର ଊର୍ଦ୍ଧ୍ୱଭୂମିକୁ ଉତ୍‌ଥାନ ଘଟି ନାହିଁ । ବରଂ ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ କଳହ ଓ ସଂଘର୍ଷ ଫଳରେ ମନୁଷ୍ୟ ବାରଂବାର ପଶୁ ସ୍ତରକୁ ଖସି ପଡ଼ିଛି । ପୃଥିବୀରେ ଏହାର ଉଦାହରଣର ଅଭାବ ନାହିଁ । ଏହାର କାରଣ କ'ଣ ?

ଆନୁଶାସନିକ ଧର୍ମ ବ୍ୟକ୍ତିଜୀବନର ଅନ୍ତରର ଉନ୍ନତି ବିଧାନ କରିବାର ଉପାୟ ଦେଖାଇ ପାରେ କିନ୍ତୁ ଆଜି ପର୍ଯ୍ୟନ୍ତ ଧର୍ମାନୁମୋଦିତ ଏବଂ ଧର୍ମଶାସିତ ସମାଜ ମାନବ ଜୀବନ ଓ ମାନବ ସମାଜର ରୂପାନ୍ତର ସାଧନ କରି ପାରି ନାହିଁ । ଆନୁଶାସନିକ ଧର୍ମ ମନୁଷ୍ୟକୁ କେବଳ କୌଣସି ଧର୍ମମତ ମାନି ଚଳିବାର, ଧର୍ମ ଓ ନୀତିର ଆଦର୍ଶକୁ ଲୌକିକ ଭାବେ ସ୍ୱୀକାର କରିବାର, ବିଶେଷ ଆଚାର-ଅନୁଷ୍ଠାନ, ବିଧି-ନିଷେଧ ପାଳନ କରିବାର ଦାବି ଜଣାଇଛି । ଏହି ଧରଣର ଧର୍ମ ସମାଜର ବହିର୍ଜୀବନରେ ନୀତି ଓ ଧର୍ମ ଉପରେ ଗୋଟିଏ ଅଲଗା ରଙ୍ଗ ଲଗାଇଛି; କିନ୍ତୁ ଜାତିର, ପ୍ରକୃତିର ପୂର୍ଣ୍ଣ ରୂପାନ୍ତର ସାଧନ କରିବାକୁ ଅଥବା ମାନବ ଜୀବନରେ ଏକ ନୂତନ ତତ୍ତ୍ୱ ବିକଶିତ କରିବାରେ ସମର୍ଥ ହୋଇ ନାହିଁ । ମନୁଷ୍ୟର ଅହଂଭାବର ଆତ୍ମପ୍ରତିଷ୍ଠା ପୂର୍ବେ ଯେପରି ଥିଲା ସେହିପରି ରହିଛି । ମନୁଷ୍ୟର ଅହଂ ଏବଂ ପ୍ରାଣର ନିମ୍ନତର ବୃତ୍ତିସମୂହର ଶକ୍ତି ଏତେ ପ୍ରବଳ ଯେ ଧର୍ମଭାବ ମନୁଷ୍ୟର ମନ ଉପରେ କ୍ରିୟା କରୁଥିଲେ ସୁଦ୍ଧା ମନ ସାହାଯ୍ୟରେ ମନୁଷ୍ୟ ନିମ୍ନତର ବୃତ୍ତିର ବାଧାଗୁଡ଼ିକୁ ଅତିକ୍ରମ କରି ପାରି ନାହିଁ । ମନୁଷ୍ୟର ଏହା ଗୋଟିଏ ବିଷମ ସଙ୍କଟ । ଧର୍ମ ଦ୍ୱାରା ମାନବ ସମାଜର ଯାବତୀୟ ସମସ୍ୟାର ସମାଧାନ ହୋଇ ନାହିଁ । ଆମ୍ଭମାନଙ୍କର ପ୍ରକୃତି ଓ ଆମ୍ଭମାନଙ୍କର ଚେତନା ଏପରି ଗୋଟିଏ ସ୍ତରରେ ରହିଅଛି ଯାହା ସାହାଯ୍ୟରେ ଆମ୍ଭେମାନେ ପରସ୍ପରଠାରୁ ପୃଥକ୍, ଆମ୍ଭମାନଙ୍କ ମଧ୍ୟରେ ଗୋଟିଏ ବିବିକ୍ତ ଅହଂବୋଧ ରହିଅଛି, ଅଥଚ ଅବିଦ୍ୟା (Ignorance) ଦ୍ୱାରା ଆଚ୍ଛନ୍ନ ଅନ୍ୟାନ୍ୟ ମନୁଷ୍ୟ ସହିତ କୌଣସି ନା କୌଣସି ପ୍ରକାର ସମ୍ବନ୍ଧ ସ୍ଥାପନର ଚେଷ୍ଟା ନ କରିବା ଛଡ଼ା ଆମ୍ଭମାନଙ୍କର କୌଣସି ଉପାୟ ନାହିଁ । ଏହା ଫଳରେ ଯେଉଁ ସାମାଜିକ ମିଳନ ଗଢ଼ିଉଠେ ବା ସାମାଜିକ ସମ୍ବନ୍ଧ ସ୍ଥାପିତ ହୁଏ ତାହା ସର୍ବଦା କ୍ଷତବିକ୍ଷତ ହୋଇଥାଏ । କାରଣ ଗଣଚିତ୍ତରେ ସହାନୁଭୂତିର ସ୍ୱଳ୍ପତା, ପରସ୍ପରକୁ ଜାଣିବାର ବା ବୁଝିବାର ଅପୂର୍ଣ୍ଣତା, ପରସ୍ପର ସମ୍ବନ୍ଧେ ଭ୍ରମାତ୍ମକ ଧାରଣା, ପରସ୍ପର ମଧ୍ୟରେ ବିରୋଧ, ସଂଘାତ ଓ ଅଶାନ୍ତି ବଜାୟ ରହିଥାଏ । ଏକ ସମାଜଗତ ଅହମିକା ସଙ୍ଗେ ଅନ୍ୟ ସମାଜଗତ ଅହଂର ବିବାଦ ଓ ସଂଘର୍ଷ ଲାଗି ରହିଥାଏ । ନିୟତ ଚେଷ୍ଟା ଦ୍ୱାରା ସମାଜ-ବ୍ୟବସ୍ଥାର ଯେତେ ଅଦଳବଦଳ ଆମ୍ଭେମାନେ କରୁନା କାହିଁକି ଏକ ଅପୂର୍ଣ୍ଣ ସାମାଜିକ ଜୀବନ ଅପେକ୍ଷା ଆଜି ପର୍ଯ୍ୟନ୍ତ ଉତ୍କୃଷ୍ଟତର କିଛି ଗଢ଼ାଯାଇ ନାହିଁ । ଆଇନ ଓ ଆଚାର ଦ୍ୱାରା ଜୋର୍ କରି ବ୍ୟକ୍ତିଗତ ସ୍ୱାର୍ଥ ଏବଂ ଅହଂସମୂହକୁ ଢାଳି ପକାଇ ମିଳାଇବା ଦ୍ୱାରା ଗୋଟିଏ କୃତ୍ରିମ ସମାଜ-ବ୍ୟବସ୍ଥା କୌଣସି ପ୍ରକାରେ ଚଳେ; କିନ୍ତୁ ବ୍ୟକ୍ତିର ଅହଂ ଭାବର ଲୋପ ହୁଏ ନାହିଁ । ଆମ୍ଭମାନଙ୍କର ପ୍ରକୃତି ବର୍ତ୍ତମାନ ଯାହା ଅଛି ତାହାର ଆଉ କୌଣସି ପରିବର୍ତ୍ତନ ହୁଏ ନାହିଁ । ଆନୁଶାସନିକ ଧର୍ମର ଗଡ୍ଡାଳିକା ପ୍ରବାହ ଚାଲିଥାଏ । ଆତ୍ମା ଓ ଆତ୍ମଶକ୍ତିକୁ ଆବିଷ୍କାର କରିବା ତଥା ତାହାକୁ କାର୍ଯ୍ୟକାରୀ କରିବାର କୌଣସି ଆବଶ୍ୟକତା ଅଛି ବୋଲି ଉପଲବ୍ଧି ହୁଏ

ନାହିଁ । ତେଣୁ ନାନା ଧର୍ମର ମହାସତ୍ୟ ଓ ଆଦର୍ଶସମୂହ ସତ୍ତ୍ୱେ ମନୁଷ୍ୟ ମନର ଯନ୍ତ୍ରମୂଢ଼ତା ଏବଂ ପ୍ରାଣ ପ୍ରକୃତିର ଅବିଦ୍ୟା ଓ ଯାବତୀୟ ବିଶୃଙ୍ଖଳାର କାରସାଦି ବରାବର ବଜାୟ ରହିଛି ।

ତାହାହେଲେ ପ୍ରାଣ ବା ମନ ଯେ ମନୁଷ୍ୟର ଉଦ୍ଧାର ସାଧିତ କରି ପାରିବ ନାହିଁ, ଏଥିରେ ସନ୍ଦେହ ନାହିଁ । ପ୍ରାଣ ଓ ମନ ମନୁଷ୍ୟକୁ ଅହମିକାର କବଳରୁ ମୁକ୍ତ କରିପାରିବ ନାହିଁ । ମନୁଷ୍ୟର ମନ ଚିରଦିନ ଅନିଶ୍ଚିତ ଓ ଅର୍ଦ୍ଧ ସତ୍ୟ ମଧ୍ୟରେ ବୁଲିବ । ତଥାପି ଏହା ମଧ୍ୟ ସତ୍ୟ ଯେ ଅଧା-ଆଲୁଅ ଓ ଅଧା-ଅନ୍ଧାର ମଧ୍ୟରେ ମାନବ-ମନର, ମାନବ-ପ୍ରାଣର ସକଳ କର୍ମ, ସକଳ ଭାବନା, ସକଳ ଆବେଗ, ସକଳ ଅନୁଭୂତିର ପଶ୍ଚାତରେ ନିଗୂଢ଼ ରହିଛି ତାହାର ଚିରଦୀପ୍ତ ଅତିମାନସ ତତ୍ତ୍ୱ । ସେହି ତତ୍ତ୍ୱହିଁ ମନ-ପ୍ରାଣ-ଦେହର ମଧ୍ୟଦେଇ ସନାତନ ସତ୍ୟକୁ ଯଥାସମ୍ଭବ ପ୍ରକଟ କରୁଅଛି । ପରମ ପ୍ରଭୁ ଶ୍ରୀଅରବିନ୍ଦ ଓ ଦିବ୍ୟ ଜନନୀ ଶ୍ରୀମାଙ୍କ ଦ୍ୱାରା ପ୍ରବର୍ତ୍ତିତ କ୍ରମବିକାଶର ଏହି ରହସ୍ୟ ତଥା ଅତିମାନସ ତତ୍ତ୍ୱ ବର୍ତ୍ତମାନ ମାନବ ସମାଜ ବୁଝିବାକୁ ଚେଷ୍ଟା କରୁଅଛି । ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଗୋଟିଏ ଆଦର୍ଶର ପ୍ରେରଣା ଅଛି, ଗୋଟାଏ ଇଷ୍ଟାର୍ଥ(value)ର ବୋଧ ଅଛି । ଏହି ବୋଧ ଆମ୍ଭମାନଙ୍କର ମନ ଓ ପ୍ରାଣକୁ ଶାସନ କରେ, ଚରିତ୍ର ଓ ବ୍ୟବହାରକୁ ନିୟନ୍ତ୍ରିତ କରେ । ଏହି ବୋଧ ଯେତେବେଳେ ଦୃଢ଼, ଅଟଳ ଓ ସୁସ୍ପଷ୍ଟ ହୁଏ ସେତେବେଳେ ମନୁଷ୍ୟ ତାହାର ଗୋଟିଏ ମହତ୍ତର ସତ୍ତାର ସନ୍ଧାନ ପାଏ । ଏହାହିଁ ମନୁଷ୍ୟର ଯଥାର୍ଥ 'ମୁଁ', ଯଥାର୍ଥ 'ଆମ୍ଭେ' । ଏହାହିଁ ମନୁଷ୍ୟର 'ଚୈତ୍ୟ ପୁରୁଷ', — ଜୀବନର ଦିଶାରୀ । ଏହି ପୁରୁଷର ଅନୁଭବକୁ ଚେତନାରେ ପ୍ରଜ୍ୱଳ ଏବଂ ସକ୍ରିୟ କରି ତୋଳିବା ହେଲା ମନୁଷ୍ୟର ପ୍ରାଥମିକ ସାଧନ କ୍ରିୟା । ବୁଦ୍ଧି ଦ୍ୱାରା ଆଦର୍ଶର ଗୋଟିଏ ଧାରଣା କରିପାରିଲେ ମଧ୍ୟ ତାହାକୁ ବାସ୍ତବ ଜୀବନରେ କ୍ରିୟାଶୀଳ କରିବା ସହଜ ନୁହେଁ । ଚେତନାରେ ଚୈତ୍ୟ ପୁରୁଷଙ୍କ ବୋଧ ଜାଗ୍ରତ୍ ହେଲେ ଦେହ-ପ୍ରାଣ-ମନର ଆବିଳତା ଦୂର କରିବା ସହଜ ହୁଏ । ଏହା ଫଳରେ ଯାହାକିଛି ସତ୍ୟ, ଶିବ ଓ ସୁନ୍ଦର, ଯାହାକିଛି ସୂକ୍ଷ୍ମ, ଶୁଚି ଓ ମହତ୍ ତାହାକୁ ହୃଦୟର ଅଭୀପ୍ସା ଦ୍ୱାରା ବରଣ କରିବାକୁ ମନୁଷ୍ୟ ସମର୍ଥ ହୁଏ । ମିଥ୍ୟାଚାର ଓ ଆତ୍ମପ୍ରବଞ୍ଚନା ଦୂରୀଭୂତ ହୁଏ । ଏହାହିଁ ପ୍ରକୃତ ମନୁଷ୍ୟତ୍ୱ ଲାଭ କରିବାର ମୂଳଭିତ୍ତି । ଏହି ଭିତ୍ତିସ୍ଥାପିତ ନ ହେବା ପର୍ଯ୍ୟନ୍ତ ଅନ୍ଧାରରେ ବାଡ଼ି ବୁଲାଇବାରୁ ଫୁରୁସତ ମିଳେ ନାହିଁ । ଏହି ଭିତ୍ତି ଉପରେହିଁ ଆଧ୍ୟାତ୍ମିକ ଜୀବନ ଗଠିତ ହୁଏ । ❖

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି,
ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା
**Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର
PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ
ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ତୀର୍ଥ ଦର୍ଶନ

## ଶ୍ରୀ ଚିତ୍ତରଞ୍ଜନ ଦାସ

[ବହୁବିଧ ପ୍ରତିଭାର ଅଧିକାରୀ ପ୍ରଜ୍ଞା ପୁରୁଷ ପ୍ରଫେସର ଚିତ୍ତରଞ୍ଜନ ଦାସଙ୍କର ଚଳିତ ବର୍ଷ ଜନ୍ମ ଶତବାର୍ଷିକୀ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ମନକୁ ଛୁଏଁ ତାଙ୍କର 'ନବଜ୍ୟୋତି ପ୍ରକାଶନ' ପ୍ରତି ଅପୂର୍ବ ମହାର୍ଘ ଅବଦାନ । ସେ ଥିଲେ ଜଣେ ଉଚ୍ଚମାନର ସାହିତ୍ୟିକ, ଭାଷାବିଦ୍ ଏବଂ ଅଙ୍ଗୀକାରବଦ୍ଧ, ଅଶ୍ରୁତପୂର୍ବ ଅନୁବାଦକ । 'ନବଜ୍ୟୋତି ପ୍ରକାଶନ'ର କର୍ମକର୍ତ୍ତାଙ୍କ ଅନୁରୋଧ କ୍ରମେ ଦିବ୍ୟ ଜନନୀଙ୍କର ଆଶୀର୍ବାଦ ପ୍ରାପ୍ତ 'ଚିତ୍ତଭାଇ' ୧୯୭୨ ମସିହାରେ ଶ୍ରୀଅରବିନ୍ଦଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ 'ଶ୍ରୀଅରବିନ୍ଦ ସାହିତ୍ୟ ସଂଗ୍ରହ'ର କେତେକ ପ୍ରମୁଖ ଗ୍ରନ୍ଥର ଅନୁବାଦ କରିବା ସହ ସମୟକ୍ରମେ ମାତୃରଚନାବଳିର ୧୭ଟି ଯାକ ଗ୍ରନ୍ଥ ଅନୁବାଦ କରିଛନ୍ତି । ଏଥିପାଇଁ କେବଳ 'ନବଜ୍ୟୋତି ପ୍ରକାଶନ' ନୁହେଁ ସମଗ୍ର ମାତୃପ୍ରେମୀ ଉତ୍କଳୀୟମାନେ ତାଙ୍କ ନିକଟରେ ଗଭୀର କୃତଜ୍ଞ ।

ଏହି ଅବସରରେ ତାଙ୍କର 'ନବଜ୍ୟୋତି' ପତ୍ରିକାରେ ୧୯୫୮ ମସିହା, ଅଗଷ୍ଟ ୧୫ ସଂଖ୍ୟାରେ ପ୍ରକାଶିତ ପ୍ରଥମ ନିବନ୍ଧଟି ଉପସ୍ଥାପନ କରୁଛୁ । ଆଶା ପାଠକମାନଙ୍କୁ ଏହି ଭିନ୍ନ ସ୍ୱାଦର ପ୍ରବନ୍ଧଟି କିଛିଟା ଦିଗ୍‌ଦର୍ଶନ ଦେବ । — ସମ୍ପାଦନା]

ସେଦିନ ବଡ଼ି ଭୋରରୁ ପଣ୍ଡିଚେରୀ ଷ୍ଟେସନରେ ଓହ୍ଲାଇଲି । ସମୁଦ୍ରର ପବନ ଘୁ' ଘୁ' ହୋଇ ଆସି ଦେହରେ ବାଜୁଥାଏ । ଦେହଟାକୁ ଭାରି ହାଲୁକା କରି ଦେଉଥାଏ । ମନ୍ଦିର ଭିତରକୁ ପଶିଗଲା ବେଳକୁ ଠିକ୍ ଯେମିତି ହାଲୁକା ଲାଗେ, ସେମିତି । କିନ୍ତୁ ଯେଉଁ ମନ୍ଦିରର ଉପରେ କୌଣସି ପତାକା ନାହିଁ, ଯେଉଁଠି ପୂଜାରୀକୁ ତା'ର ଚିତାପଇତାର ପୂଜା-ବଟି ଦେଇ ଚିହ୍ନିବାକୁ ମଣିଷର ଜୁ ନାହିଁ, ସେଠି ମୁଁ ମନ୍ଦିର ପାଇବି କିପରି ? ବାଟ ପଚାରି କେବଳ ଆଗକୁ ଯାଉଥାଏ । ଯାହାକୁ ପଚାରୁଥାଏ ସମସ୍ତଙ୍କଠାରୁ ସେଇ ଗୋଟାଏ ଆଶ୍ୱାସବାଣୀ ଶୁଣିବାକୁ ପାଉଥାଏ — 'ହେଇ ଆଗକୁ' । ଏମିତି ପ୍ରାୟ ଅଧ ଘଣ୍ଟାଏ ବାଟ ଚାଲିବା ପରେ ହଠାତ୍ ଗୋଟାଏ ଜାଗାରେ ଅଟକି ଗଲି । ମନକୁ ମନ ଚୁପ୍ ହୋଇଗଲି । ସେଠି ଅନେକ ଲୋକ ଜମା ହୋଇଥାଆନ୍ତି । ସମସ୍ତଙ୍କ ମୁଖ ଆନତ କିନ୍ତୁ ଧ୍ୟାନ ଉପରକୁ । କେଉଁଠି କୌଣସି ତରତର ନାହିଁ କି ତତ୍ପରତା ନାହିଁ । କେବଳ ନିମଗ୍ନ ହୋଇ ଯିବାର ସକ୍ରିୟତା ରହିଛି, କେବଳ ଆତ୍ମ-ନିବେଦନର ଅବଗାହିବା ରହିଛି । ମୁଁ ବି ଚୁପ୍ ହୋଇଗଲି । ସାନ୍ନିଧ୍ୟର କରାମତି ଏ ! ସେଇଥିପାଇଁ ଜୀବନରେ ଗୋଟାଏ ଗୋଟାଏ କ୍ଷଣରେ ମଣିଷ ହଠାତ୍ ଚୁପ୍ ହୋଇଯାଏ, ହଠାତ୍ ଆପଣା ଭିତରେ ସେସବୁ ସଂଶୟର ଅଡୁଆ ତୁଟାଇ ଦିଏ । ହଠାତ୍ ସବୁ ପାଏ ଓ ଧନ୍ୟ ହୁଏ । ଦୂରରେ ଥିବା କୌଣସି ଶ୍ରେୟଃ-ସମ୍ପଦ ସତେ ଅବା ତା'ର ଅତି ସନ୍ନିଧାନକୁ ଚାଲିଆସେ । ମୁହୂର୍ତ୍ତକ ପାଇଁ ହେଲେ ମଧ୍ୟ ମନ ଭିତରର ସବୁ ମଳିଧୂଳି ପୁଣ୍ୟ ହୋଇଯାଏ । ମୁହୂର୍ତ୍ତକ ପାଇଁ ହେଲେ ମଧ୍ୟ ସବୁଦିନ ଲାଗି ବାଟ ଦିଶିଯାଏ, ସେଦିନ ହଠାତ୍ ସେ ମେଳରେ ଅଟକି ଯାଇ ସେମିତି ଲାଗିଲା ।

ଆଶ୍ରମର ଶ୍ରୀମା'ଙ୍କର ପ୍ରାତଃ-ଦର୍ଶନ ବେଳ ସେ । ସବୁଦିନ ସକାଳେ ସେଠାରେ ଏମିତି ପ୍ରଶାନ୍ତ ସମ୍ମିଳନ ହୁଏ, ନୀରବ ଶକ୍ତି ଆହରଣ ହୁଏ । ଆପଣା ଭିତରେ ରହିଥିବା ମଣିକୁ ଚିହ୍ନି ମଣିଷ ଆଉ ସମସ୍ତଙ୍କୁ ଚିହ୍ନି ବାହାରେ । ଆମେ ସଂସାରର ନିତିଦିନ ଜଞ୍ଜାଳ ଭିତରେ ଅନେକ ଲୋକଙ୍କୁ ଭେଟୁ, ତଥାପି ଆମେ କାହାକୁ ଚିହ୍ନୁ ନାହିଁ, କାହାକୁ ଆମେ ଆପଣା ଭିତରକୁ ଡାକିଆଣି ପାରୁ ନାହିଁ, ନିଜକୁ ଚିହ୍ନିବା ତ ଆହୁରି ଦୁରୂହ କଥା । ଆପଣା ହୃଦୟ ଦ୍ୱାରକୁ କିଳି ରଖିଥିବା ଡାଙ୍କୁଣୀଟିକୁ ଖୋଲି ଦେଇ ଯିଏ ତୀର୍ଥ କରି ବାହାରେ, ସେଇ ଚିହ୍ନେ, ସେଇ ପ୍ରବେଶ କରିପାରେ । ଏମିତି ଡାଙ୍କୁଣୀ ଖୋଲି ମଣିଷ, ମଣିଷ ଭିତରେ ଭେଟ ହେବା ଉଚିତ । ଏହି ମହିମମୟ ଭେଟର କଳ୍ପନା କରି ବୋଧହୁଏ ଦାର୍ଶନିକ ବୁବର (ଜେରୁଜେଲମ୍ ବିଶ୍ୱ-ବିଦ୍ୟାଳୟର ଅଧ୍ୟାପକ ଶ୍ରୀ ମାର୍ଟିନ ବୁବର) କହିଛନ୍ତି ଯେ ମଣିଷ, ମଣିଷ ସହିତ ଭେଟିଲେ ଇତିହାସ ସଂଘଟିତ ହୁଏ, ନୂତନର ସଂଘଟନ ହୁଏ । ମହାପୁରୁଷଙ୍କ ସାନ୍ନିଧ୍ୟ ମୋତେ ଏଇ ଭେଟିବା କଥା ଚେତାଇ ଦିଏ, ମୋତେ ଚିଆଁଇ ଦେଇଯାଏ । ମହାନ୍‌ର ସ୍ପର୍ଶ ପାଇ ଆପଣା ଭିତରର ମହାନ୍‌କୁ ଭେଟିବା ଲାଗି ମୁଁ ବ୍ୟାକୁଳ

ହୋଇଉଠେ । ନିରାଟ ଶାସ୍ତ୍ରୀୟ ଭକ୍ତିକୁ ପଇଟାଇ ରଖିଥିବା ପଣ୍ଡିତମାନେ ହୁଏତ ଏଥିରେ ଆପତ୍ତି କରିବେ । କିନ୍ତୁ ଜଣେ କରୁଣା ପରବଶ ହୋଇ ଉପରୁ ଦେବ ଆଉ ଜଣେ ନ୍ୟୂନତାର ପରବଶ ହୋଇ ତଳୁ ଗ୍ରହଣ କରିବ – ଭକ୍ତି କହିଲେ ଏ ଆତୁର ବ୍ୟବସାୟଠାରୁ ମୁଁ ଅନେକ ଅଧିକ ବୋଲି ମନେକରେ । ସିଏ ଆଗ ଉପରୁ ଅବତରଣ କରିବ, କି ଆଗ ମୁଁ ତଳୁ ସଜ ହୋଇ ତାକୁ ଧରିବାକୁ ଯିବି – ବୌଦ୍ଧିକତାର ଏ ବାଦ ଭିତରେ ମୁଁ ପଶିବାକୁ ଯିବି ନାହିଁ । ତୋର ଦୁଆର ଖୋଲିବା ଓ ତା'ର ପ୍ରବେଶ କରିବା ଯେ ମାତ୍ର ଗୋଟିଏ ଅବିଭକ୍ତ ମୁହୂର୍ତ୍ତରେ ସଂଘଟିତ ହୁଏ, ଏକ୍‌ହାର୍ଟ୍ (ଜର୍ମାନୀର ମଧ୍ୟଯୁଗୀୟ ସନ୍ଥ Meister Eckhart)ଙ୍କର ଏହି କଥାଟିକୁ ଆମକୁ ଆପଣା ଜୀବନରେ ଅନୁଭବ କରିବାକୁ ହେବ ।

ସକାଳ ଆହାର ପରେ ଆଶ୍ରମର ବିଭିନ୍ନ ବିଭାଗକୁ ବୁଲି ବାହାରିଲୁ । ମୋ ସଙ୍ଗରେ ବାଲେଶ୍ୱର କଲେଜର ଜଣେ ଅଧ୍ୟାପକ ବନ୍ଧୁ ଥାଆନ୍ତି । ଆମକୁ ବୁଲାଇ ଦେଖାଇବାକୁ ଯିଏ ଆମ ସାଥିରେ ବାହାରିଲେ ସେ ମଧ୍ୟ ଯୁବକ । ବଙ୍ଗ ଦେଶାଗତ । ପଣ୍ଡିଚେରୀ ଆସିବା ପୂର୍ବରୁ ସୈନ୍ୟ ବିଭାଗରେ କୌଣସି କର୍ମଚାରୀ ଥିଲେ । ତାକୁ ପରିତ୍ୟାଗ କରି ଏଠାକୁ ଆସିଛନ୍ତି ଓ ଏହିଠାରେହିଁ ସମସ୍ତ ଜୀବନ ରହିବେ । ଆଶ୍ରମର ଗୋଟିଏ ଜିପ୍ ଗାଡ଼ିରେ ସେ ଆମକୁ ଧରି ବାହାରିଲେ । ବିଭିନ୍ନ ବିଭାଗ ଦେଖିବା ଲାଗି ପଣ୍ଡିଚେରୀ ସହରର ଏପାଖ ସେପାଖ ଯିବାକୁ ପଡ଼ିଲା । ଜୀବନର କର୍ମ-ସଂସ୍ଥାନ ଯେ ବହୁମୁଖୀ ତାହାରି ପରିଚୟ ମିଳିଲା । କେଉଁଠି ନିର୍ମାଣ ବିଭାଗରେ ଅତି-ଆଧୁନିକ ଉପାୟରେ ସିମେଣ୍ଟର ଇଟା (Hollow bricks) ତିଆରି ହେଉଛି, କେଉଁଠି କୃଷି ଫାର୍ମରେ ଫସଲ-ଫଳ ଯାଉଛି । ଆଶ୍ରମରେ କୁକୁଡ଼ା ପାଳନ ବିଭାଗ ଅଛି । ଗୋଶାଳା ମଧ ରହିଛି । ଅଟା ପେଷିବାଠାରୁ ରୁଟି ତିଆରି କରିବା ଲାଗି ଅତି ଆଧୁନିକ ବେକରୀ ମଧ୍ୟ ଦେଖିଲୁ । ଅତି ଆଧୁନିକ ଲଣ୍ଡ୍ରିରେ ଲୁଗା ବି ପରିଷ୍କାର କରାଯାଉଛି । ତା'ପରେ ହସ୍ତକର୍ମ ବିଭାଗ, ସିଲାଇ ବିଭାଗ, ବୁଣାଇ ବିଭାଗ ଓ କେତେ କ'ଣ । ସେଇଠୁ ଛାପାଖାନା ଆଶ୍ରମର ସବୁଠାରୁ ମହାନ୍ ଓ ସବୁଠାରୁ ପବିତ୍ର କଳ, ପୃଥିବୀର ଏପାଖ ଠାରୁ ସେପାଖ ଯାଏ ଆଶ୍ରମର ମହକକୁ ଚହଟାଇ ଦେଇ ପାରୁଛି, ଯେ କି ପୃଥିବୀର ବାର ସଂସର୍ଗରୁ ଏଠିକାର ଅମୂଲ୍ୟ ସଂସର୍ଗ ପାଇ ମଣିଷକୁ ଉଦ୍‌ବୁଦ୍ଧ କରି ନେଇ ଆସୁଛି ।

ଆଶ୍ରମର ଖେଳ ପଡ଼ିଆ ପ୍ରକୃତରେ ଏକ ତୀର୍ଥ ପରି ମନେ ହେଲା । ସଂସାରର ଜୀବନକୁ ବିଚିତ୍ର ଲୀଳା ବା କ୍ରୀଡ଼ାସ୍ଥଳ ବୋଲି ଅନୁଭବ କରୁଥିବା ମହାଯୋଗୀଙ୍କର ଯୋଜନାରେହିଁ ଏପରି ସୁନ୍ଦର ଓ ସୁଯତ୍ନ ସଂରକ୍ଷିତ ଖେଳ ପଡ଼ିଆ ସମ୍ଭବ ହୋଇ ପାରିବ । ଖେଳ, କୁସ୍ତି, ଡିଆଁ, ଦଉଡ଼ ସବୁଟି ଲାଗି ଚମତ୍କାର ବ୍ୟବସ୍ଥା ରହିଛି । ପହଁରିବା ପାଇଁ ପୋଖରୀ ଦେଖି ଅବାକ୍ ହୋଇଗଲି । ଭାରତବର୍ଷରେ ବା ଏସିଆରେ ଏ ଆଧୁନିକ ସଂଯୋଜନାରେ ସୁସମ୍ପନ୍ନ ହୋଇ ରହିଥିବା ସନ୍ତରଣ-ସ୍ଥାନ ଅଦ୍ୱିତୀୟ ବୋଲି ଶୁଣିଲି । ତା' ପାଖକୁ ଲାଗି କରି ଛୋଟ ପିଲାଙ୍କ ଲାଗି ଆଉ ଗୋଟିଏ ପୋଖରୀ । ପାଣି ଅଳ୍ପ – ଯେପରିକି ପିଲାମାନେ ଅନ୍ୟମାନଙ୍କ ପରି ସନ୍ତରଣ କ୍ରୀଡ଼ାରେ ଆନନ୍ଦ ପାଇବେ ଅଥଚ ବୁଡ଼ିଯିବେ ନାହିଁ ବା ସେମାନଙ୍କୁ ଆକସ୍ମିକ ବିପଦରୁ ରକ୍ଷା କରିବା ଲାଗି କୌଣସି ସତର୍କ ବୟସ୍କଙ୍କୁ ଜଗିବାକୁ ପଡ଼ିବ ନାହିଁ । ସେଇଠୁ ଆମେ ଆସିଲୁ ବିଦ୍ୟାଳୟକୁ । ବିଦ୍ୟାଳୟ ବୋଇଲେ ଏଠି ପ୍ରାରମ୍ଭିକ ସୋପାନଠାରୁ ଆରମ୍ଭ କରି କଲେଜ ଓ କଲେଜ ପର ଗବେଷଣାକୁ ବୁଝାଏ । ଗତ କେତେ ବର୍ଷ ହେଲା ଏକ ଆନ୍ତର୍ଜାତିକ ବିଶ୍ୱ-ବିଦ୍ୟାଳୟ ପ୍ରତିଷ୍ଠିତ ହୋଇ ଏଠାକାର ସ୍ୱତନ୍ତ୍ର ଶିକ୍ଷା ସାଧନାର ବ୍ୟବସ୍ଥା କରୁଛି । ବିଶ୍ୱ-ବିଦ୍ୟାଳୟ କହିଲେ ତ ଖାଲି ବେଞ୍ଚ, ଚୌକି, ଚକ୍ଷମା-ଦିଆ କିରାଣି, ଆଉ ମାଷ୍ଟରଙ୍କୁ ବୁଝାଏ ନାହିଁ – ଯେଉଁଠି ଖୁସି ଅଛି, ଯେଉଁଠି ମଣିଷ ଯେତିକି ପାଉଛି, ଆପଣାକୁ ସେତିକି ଦରିଦ୍ର ବୋଲି ଅନୁଭବ କରି ଆହୁରି ଧାଉଁଛି, ଆହୁରି ଖୋଜୁଛି; ଯେଉଁଠି ପିଲା ଓ ଶିକ୍ଷକ ଏକାଠି ଖୋଜୁଛନ୍ତି, ସେଇଠି ବିଦ୍ୟାଳୟ ରହିଛି ବୋଲି ମୁଁ କହିବି । ପଣ୍ଡିଚେରୀରେ ତାହା ଅଛି, ଏଠି ବହୁତ ଜ୍ଞାନୀ ଶିକ୍ଷକ ଅଛନ୍ତି, ଆଗ୍ରହର ସହିତ ପଢ଼ାଉଛନ୍ତି । ଛାତ୍ର ମଧ ଅନେକ ଖୁସି ଓ ଅନେକ ଆଗ୍ରହରେ ପଢୁଛି । ଏଠି ଜ୍ଞାନ, ବିଜ୍ଞାନ ଓ ଆତ୍ମଜ୍ଞାନ ସବୁଟି ଲାଗି ସ୍ଥାନ ଅଛି । ଜାତି, ଧର୍ମ ବା ବାଦ ନେଇ କୌଣସି ଉତ୍ତେଜନା ନାହିଁ । ଜ୍ଞାନର କୌଣସି ଦହନ ଏଠି ନାହିଁ, ଜ୍ୟୋତିଃ ଅଛି । ପାଇବାର କୌଣସି ଦମ୍ଭ ନାହିଁ, ଅନୁସନ୍ଧାନ କରିବାର ପ୍ରସନ୍ନତା ରହଛି ।

ତା' ପରେ ଗ୍ରନ୍ଥାଳୟ । ଇଂରାଜୀ ଓ ଫରାସୀ ଭାଷାରେ ଅଧିକ ଗ୍ରନ୍ଥ ଅଛି । ତଥାପି ଅନ୍ୟାନ୍ୟ ଭାଷାରେ କମ୍ ମଧ ନାହିଁ । ସବୁରି ସଂଗ୍ରହ-ପାତ୍ରରେ ଖାଦ୍ୟ ଦେଉଛି ଏଇ ଗ୍ରନ୍ଥାଳୟ । ସବୁ କର୍ମ ଭିତରେ କର୍ମାତୀତ ପ୍ରସାରର ସ୍ପର୍ଶ ଦେଉଛି ଏଇ

ଗ୍ରନ୍ଥାଳୟ । ସବୁଠି ଗ୍ରନ୍ଥାଳୟ ପାଖରେ ମୁଣ୍ଡ ନଇଁ ପଡ଼େ । କୌଣସି ଗୋଟିଏ ଭାରି ଶକ୍ତିମାନ୍‌ର ସମ୍ମୁଖରେ ଆସି ଠିଆ ହୋଇଗଲା ପରି ମନେହୁଏ । ବିନୋବା ଏହି ଶକ୍ତିକୁ ଶବ୍ଦ-ଶକ୍ତି ବୋଲି କହନ୍ତି । ଏ ଶକ୍ତି ସରସ୍ୱତୀଙ୍କ ଶକ୍ତି, ସର୍ବ ଶୁଭ ହେବାର ଶକ୍ତି, ସକଳ ଜଡ଼ତାକୁ ଅପହରଣ କରି ନେବାର ଶକ୍ତି ।

ସେଇଠୁ ଭୋଜନର ସମୟ ହେଲା । ପ୍ରାୟ ବାରଶହ ପିଲା, ଯୁବକ ଓ ପ୍ରୌଢ଼ ମଣିଷ ଯେଉଁଠି ଖାଆନ୍ତି ସେଠି କାହାରି ପାଟି ଶୁଭେ ନାହିଁ କି କେଉଁଠି ଟିକିଏ ଝଣ୍ କରି ହୁଏ ନାହିଁ । ପରିବେଷଣ ପ୍ରଣାଳୀ ଲଣ୍ଡନ ବିଶ୍ୱ-ବିଦ୍ୟାଳୟର ଭୋଜନ-ବିଭାଗ ପରି । ଜର୍ମାନୀ ବିଶ୍ୱ-ବିଦ୍ୟାଳୟମାନଙ୍କର ଛାତ୍ର ଭୋଜନଶାଳା (Metsah)ରେ ଏହିପରି ଦେଖିଥିଲି । କିନ୍ତୁ ବ୍ୟବସ୍ଥା ସିନା ଏକା, ଏ ଶାନ୍ତ ସମାହିତ ବାତାବରଣ ଯେପରି ଏଠାକାର ନିଜସ୍ୱ । ପେଟପୂଜା ବ୍ରହ୍ମର ପୂଜାଠାରୁ କମ୍ ପବିତ୍ର ନୁହେଁ । ଖାଇବା ବେଳେ ମଧ୍ୟ ଆପଣାକୁ ପ୍ରସ୍ତୁତ କରିବାକୁ ପଡ଼ିବ, ସମର୍ପଣ କରିବାକୁ ପଡ଼ିବ । ଖାଇବା ପରେ ଅଇଁଠା ବାସନ ଧୋଇବା ରୀତି ମଧ୍ୟ ଅତି ଚମତ୍କାର । ନିଖୁଣ, ଅଥଚ ନିରାଡ଼ମ୍ବର ଭାବରେ ସମର୍ପିତ ମନ ନେଇ କାମ କଲେ ସଂସାରର ତଥାକଥିତ ହୀନତମ କାମରେ ଯେ ଯଥେଷ୍ଟ କଳା ଫୁଟି ଉଠି ପାରିବ ତାହାରି ନିଦର୍ଶନ ଏଠି ପାଇଲି !

ଖରାବେଳେ ବିଶ୍ରାମ ନେଇ ପ୍ରାୟ ଚାରିଟା ବେଳକୁ ସମୁଦ୍ରକୂଳକୁ ଗଲୁ । ସେଠି ଶ୍ରୀମା ସବୁଦିନ ଏତିକି ବେଳେ ଟେନିସ୍ ଖେଳନ୍ତି । ଖରା କ୍ରମେ କମି ଆସୁଥାଏ, ଶରୀର-ଚର୍ଚ୍ଚା ପାଇଁ ଆଶ୍ରମବାସୀମାନେ ବାହାରି ପଡ଼ିଲେ । କିଏ ଆସନ କଲେ ତ କିଏ ପ୍ରାଣାୟାମ କଲେ, କିଏ ବଡ଼ ଗଦା, ମୁଷଳ ପ୍ରଭୃତି ନେଇ ପାଶ୍ଚାତ୍ୟ ଧରଣର ବ୍ୟାୟାମ କଲେ । ସମୁଦ୍ରକୂଳରେ ଦଉଡ଼ିବା ଲାଗି ମଧ୍ୟ କେତେକେ କାର୍ଯ୍ୟକ୍ରମ ରଖିଛନ୍ତି । ଖେଳ ପରେ ଶ୍ରୀମା'ଙ୍କ କ୍ଲାସ । ତା'ପରେ ପ୍ରାୟ ସନ୍ଧ୍ୟା ସାତଟା ବେଳକୁ ପରେଡ଼ । ଶ୍ରୀମା ଭାରତର ମାନଚିତ୍ରକୁ ପଛରେ ରଖି ଠିଆ ହେବେ । ପିଲାମାନେ ପରେଡ଼ କରି ତାଙ୍କ ଆଗରେ ଚାଲିଯିବେ । ତା'ପରେ ସାନ୍ଧ୍ୟ ଭୋଜନ ହେଲା । ମୁଁ ତ ଯିବାକୁ ତରତର ହେଉଥାଏ । ତୀର୍ଥକାକ କ'ଣ ତୀର୍ଥର ସବୁ ଦେଖିପାରେ ? ହୁଏତ କେବଳ ଦୃଶ୍ୟହିଁ ଦେଖେ । ଅଦୃଶ୍ୟଟାକୁ ଦେଖିପାରେ ନାହିଁ । ଅତିଥିଶାଳାକୁ ଗଲି । ଅତିଥି-ଶାଳା ଆଶ୍ରମର ଏକ ମହନୀୟ ସମ୍ପତ୍ତି । ଏବେ ତିଆରି ହୋଇଥିବା ସୁଠାମ ଓ ସୁନିପୁଣ କାରିଗରୀପୂର୍ଣ୍ଣ ଗୋଲକୁଣ୍ଡା ନିବାସ ଆଗ ଆଖିରେ ପଡ଼ିଯାଏ । ତା'ପରେ ତ ସାଧାରଣ ଅତିଥିଶାଳାମାନ ରହିଛି । ପ୍ରାୟ ରାତି ନ'ଟାବେଳେ ପୁଣି ଷ୍ଟେସନକୁ ଧାଇଁଲି । ବନ୍ଧୁମାନେ ଅଧବାଟରେ ବିଦାୟ ନେଇଗଲେ ।

ଆଶ୍ରମର ଗଛ ଆଉ ଫୁଲ ମୋତେ ସବୁଠାରୁ ଭଲ ଲାଗିଲା । ମଣିଷ ହାତ ନ ବାଜି ଥିବା ସୁନ୍ଦର ପ୍ରକୃତି ଅନେକ ଜାଗାରେ ଦେଖିଛି । କିନ୍ତୁ ମନୁଷ୍ୟର ହାତ ବାଜି ମଧ୍ୟ ଯେ ପ୍ରକୃତି ଏପରି ସୁନ୍ଦର ଓ ପ୍ରାକୃତିକ ହୋଇପାରେ, ଧ୍ୟାନ ଲାଗି ଏପରି ବିସ୍ତାର ଯୋଗାଇ ଦେଇପାରେ, ଏଠିକି ଆସିବା ପୂର୍ବରୁ ମୁଁ ତାହା କଳ୍ପନାହିଁ କରି ନ ଥିଲି । ପ୍ରତ୍ୟେକଟି ଗଛ ଓ ପ୍ରତ୍ୟେକଟି ଡାଳ ଏଠି ସ୍ନେହରେ ସତେଜ ହୋଇ ଉଠିଛି । ପ୍ରତ୍ୟେକଟି ଫୁଲର ପାଖୁଡ଼ା ସତେଅବା ହୃଦୟକୁ କେତେ ଧନରେ ଧନୀ କରି ଦେଇ ଯାଇଛି । ଯୁଆଡ଼କୁ ଚାହିଁବ ସିଆଡ଼େ ଫୁଲ, ସିଆଡ଼େ ମନୋହର ରଙ୍ଗ, ସିଆଡ଼େ ମନୋଭିରାମ ଗଛଛାଇ । କେବଳ ସ୍ନେହୀ ମନୁଷ୍ୟର ଯତ୍ନ ଓ ହାତ ବାଜିଲେ ଗଛ ଓ ଫୁଲ ଏତେ ସୁନ୍ଦର ଦିଶେ । ସବୁ ବଗିଚାର ମାଳୀ ସମାନ ନୁହନ୍ତି । ସେଥିପାଇଁ ଜଣେ ମାଳୀର ଫୁଲ ଭିତର ଦେଇ କେବଳ ତାହାର ଦମ୍ଭ ଓ ଆଡ଼ମ୍ବରଟା ପ୍ରକାଶ ପାଏ । ଆଉ ଜଣେ ଜଣେ ମାଳୀର ହାତ ଯେଉଁଠି ବାଜିଥାଏ, ସେଠି ଖାଲି ଆଖି ପାଇଁ ଭୋଜ୍ୟ ମିଳେ ନାହିଁ, ସେଠି ହୃଦୟ ଲାଗି ମଧ୍ୟ ଅନେକ ପ୍ରସାଦ ମିଳେ । ପଣ୍ଡିଚେରୀ ଆଶ୍ରମରେ ଗଛ ଓ ଫୁଲର ଶୋଭା ପ୍ରଧାନତଃ ହୃଦୟ ଲାଗି,— ଆଖି ଲାଗି ତ ନିଶ୍ଚୟ ।

ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ସାଧନା ଓ ସାଧନାପୀଠ ବିଶ୍ୱ-ବିଦିତ । ଆଧୁନିକ ଧର୍ମ ଓ ଦର୍ଶନ କାହାଣୀରେ ଏହାର ଏକ ଗୌରବମୟ ଅଧ୍ୟାୟ ଅବଶ୍ୟ ରହିଛି । ମୁଁ ଏଠି ତାହାର ଆଲୋଚନା କରିବି ନାହିଁ । ଗୋଟାଏ ତୀର୍ଥକୁ ଉଣେଇଶ ବୋଲି କହି, ଅନ୍ୟ ଗୋଟାଏ ବିଶ୍ ବୋଲି କହିବାର ଲୋଭରେ ମୁଁ ପଡ଼ିବି ନାହିଁ । ଏମିତି ତଉଲିବାର ଦମ୍ଭ ଦ୍ୱାରା ମଣିଷ-ଜୀବନର ଅନେକ ଆନନ୍ଦକୁ ନଷ୍ଟ କରି ଦିଆଯାଉଛି । ସାଧନାର ଅମୃତରେ ଘୃଣା ଓ ଗ୍ଲାନିର ବିଷ ମିଶାଇ ଦିଆଯାଉଛି । ମୁଁ ତାହା କରିବି ନାହିଁ । ମୁଁ କହିବି ପଣ୍ଡିଚେରୀ ଆଶ୍ରମରେ ଜୀବନର କୌଣସି ଦିଗକୁ ବାଦ୍ ଦିଆଯାଇ ନାହିଁ । ଏ ଯୋଗକୁ ସମଗ୍ର-ଯୋଗ ବୋଲି କହିବାକୁ ହେବ । ଭାଗବତ ଘର ବୋଲି ଖଣ୍ଡେ ଅଲଗା କରି ରଖି ଆଉ ଅନେକ ଜାଗାରେ ଆପଣାର ସାଂସାରିକ ଘର

ଜମାଇ ଥିବ, ମଝିରେ ଥରେ ଭାଗବତ ଘରେ ମୁଣ୍ଡିଆଟିଏ ମାରିଦେଇ ଆସିବ – ଏ ଦୁର୍ନୀତି ପଣ୍ଡିଚେରୀରେ ନାହିଁ । ଏଠି ଖାଇବା ଘର ଓ କାରଖାନା ଘର, ଖେଳ ଘରକୁ ଓ ବହି ଘରକୁ ମଧ୍ୟ ଭାଗବତ ଘର କରି ରଖିବାର ପ୍ରୟାସ କରାଯାଇଛି । ସମର୍ପିତ ମନ ଯେଉଁଠି ପ୍ରବେଶ କରେ ସେ ସେଠି ଭାଗବତ-ଘର ସମ୍ଭବ କରେ । ଏହାହିଁ କର୍ମଯୋଗର ଅସଲ କଥା; ଏହି ସମର୍ପଣ ଭୂମି ଉପରେହିଁ କର୍ମ, ଜ୍ଞାନ ଓ ଭକ୍ତିର ସଂଶୟ ତୁଟିଯାଏ । ପ୍ରତ୍ୟେକଟି ପ୍ରତ୍ୟେକ ଲାଗି ବାଟ ଛାଡ଼ିଦିଏ । ମଣିଷର ଜୀବନକୁ ତିନି ଖଣ୍ଡିଆ କରି ରଖିବା ଲାଗି, କୌଣସି କୁସଂସ୍କାର ଲାଗି ଅବକାଶ ଆଉ ରହେ ନାହିଁ ।

ପଣ୍ଡିଚେରୀଠାରୁ ରାତ୍ରି ଗାଡ଼ି ଧରି ମାନ୍ଦ୍ରାଜ ଆସିଲି । ତା' ପୂର୍ବଦିନ ରାତ୍ରିରେ କାଞ୍ଚିପୁରମ୍ ଓ ପକ୍ଷିତୀର୍ଥମ୍ ଦେଖି ପଣ୍ଡିଚେରୀ ଯାଇଥିଲି । ଦୁଇଦିନର ତୀର୍ଥ ଦର୍ଶନରେ ରହିଥିବା ବିରୋଧ ବିଷୟରେ ଖାଲି ମୁଁ ଭାବୁଥାଏ । କାଞ୍ଚିପୁରମ୍ ବିଷ୍ଣୁ ମନ୍ଦିରରେ ମଣିଷ ଯନ୍ତି ହୋଇ ଯାଉଥା'ନ୍ତି,– ମଣିଷକୁ ସମ୍ଭାଳିବାକୁ ଛାଟ ଧରି ପୋଲିସ ରହି ଥାଆନ୍ତି । ଏତିକି ବେଳେ ଝାଳ-ଗନ୍ଧ ଓ ମଣିଷ ପାଟିର ଅସ୍ୱସ୍ତି ଭିତରେ ଭଗବାନଙ୍କ ପହଡ଼ ଖୋଲିଲା । ସବୁଆଡୁ ଭକ୍ତମାନଙ୍କର ଚିତ୍କାର ଶୁଭିଲା । ସେ କୋଳାହଳ ମଧ୍ୟରୁ ମୋର ବାହାରି ପଳାଇ ଆସିବାକୁ ତର ସହିଲା ନାହିଁ । ପକ୍ଷିତୀର୍ଥମ୍‌ରେ ମଧ୍ୟ ସେଇଆ । ଆମ ଘର ପାଖରେ ପୁରୀ ବା କପିଳାସରେ ମଧ୍ୟ ଠିକ୍ ସେଇ କଥା । କେବଳ କୋଳାହଳ, କେବଳ ଆତୁରତା, ଜୀବନକୁ ଭୁଲି ଦଣ୍ଡେ ଆପଣା ମନରେ ଦେବତାର ଭୂତ ଲଗାଇ ଦେବାର ଆର୍ତ୍ତନାଦ, ଏହାକୁ ମୁଁ ଭକ୍ତିର ରାଜସିକ ବିକ୍ଷେପ ବୋଲି କହିବି । ଭାରତରେ ଧର୍ମ ଖୋଜିବାକୁ ଯାଇ ଅନେକ ତୀର୍ଥରେ ଏହି ବିକ୍ଷେପଟାହିଁ ହୃଦୟକୁ ବିଚଳିତ କରିପକାଏ । ପଣ୍ଡିଚେରୀର ଭକ୍ତିକୁ ମୁଁ ସାତ୍ତ୍ୱିକ ବୋଲି କହିବି ନାହିଁ । ସାତ୍ତ୍ୱିକରେ ମଧ୍ୟ ଦମ୍ଭ ରହିପାରେ, ଆତୁରତା ଆସିପାରେ, ପଳାଇବାର ଲାଳସା ଆସିପାରେ । ମୁଁ ତାକୁ ମାନବିକ ଭକ୍ତି ବୋଲି କହିବି, ଐଶ୍ୱରିକ ଭକ୍ତି ବୋଲି କହିବି । ଯେଉଁଠି ପ୍ରାୟ ଦେଢ଼ ହଜାର ମଣିଷଙ୍କର କାରବାର ଚାଲିଛି ଅଥଚ କୌଣସି କୋଳାହଳ ନାହିଁ, ସାଧନା ଚାଲିଛି ଅଥଚ କୌଣସି ବିରକ୍ତି ନାହିଁ; ସେଇଠାରେହିଁ ଐଶ୍ୱରିକ ଭକ୍ତିର ଅନୁଭୂତି ମିଳେ । ଶ୍ରୀଅରବିନ୍ଦଙ୍କ ସମାଧି-ପୀଠରେ ପହଞ୍ଚିବା କ୍ଷଣି, ସେଇଥିଲାଗି ଆପଣା ଭିତରେ ସବୁ ଶାନ୍ତ ହୋଇଯାଏ; ଆପଣାର ଅଗାଧ ଅନୁଭୂତି ଭିତରେ ଆପେ ବୁଡ଼ିଗଲା ପରି ଲାଗେ । ପଣ୍ଡିଚେରୀ ଧ୍ୟାନ ଭକ୍ତିର ପ୍ରତୀକ, ଜୀବନର ସବୁଟିକୁ ଧ୍ୟାନ ଦ୍ୱାରା ଭାଗବତ-ସ୍ତରକୁ ଉଠାଇ ନେବାର ପ୍ରଚେଷ୍ଟା ।

ଆମେ କେହି ଏ ସଂସାର ସାଗରରେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହିଥିବା ଦ୍ୱୀପ ନୋହୁଁ । ଡେନ୍‌ମାର୍କର ପଲ୍ ଲା କୁର୍ (Paul la Cour)ଙ୍କର ଏହି କଥାଟି ଭାରି ମନେ ପଡୁଛି । ଆମ ସମସ୍ତଙ୍କର ଉଦାର ସମ୍ମିଳନରେହିଁ ଆମର ପରିତ୍ରାଣ ହେବ; ଆମର ରାତି ପାହିବ । ଆପଣା ଭିତରେ ମହାନ୍‌ର ସନ୍ଧାନ ପାଇବାକୁ ହେଲେ ଆପଣାକୁ ଅତିମାନସର ସ୍ତରକୁ ଉଠାଇବାକୁ ସବୁରି ସହିତ ମିଶି ସନ୍ଧାନ କରିବାକୁ ହେବ । ଅତି ସ୍ୱାଭାବିକ ଓ ସହଜ ଜୀବନରେ ସବୁରି ସହିତ ଏକତ୍ରିତ ହୋଇ ଉଠିବାକୁ ହେବ । ପଣ୍ଡିଚେରୀ ଏହିପରି ଏକ ଉଦ୍ୟମ କରୁଛି । ଭାରତରେ ଏପରି ଗୋଟିଏ ଆସ୍ଥାନ ରହିଛି, ଯାହା ଆମ ସମସ୍ତଙ୍କର ଗୌରବ । ଗାନ୍ଧି, ରବୀନ୍ଦ୍ର ନାଥ, ଶ୍ରୀଅରବିନ୍ଦ, ମହର୍ଷି ରମଣ, ବିନୋବା ଓ କୃଷ୍ଣମୂର୍ତ୍ତି ସମସ୍ତେ ଭାରତର ଅତି ଆପଣାର ତଥାପି ପ୍ରତ୍ୟେକଙ୍କର ପଥ ବିଚିତ୍ର । ତାହାହିଁ ଭାରତର ସବୁଠାରୁ ବଡ଼ ମହିମା । ପୁରୁଣା ଧର୍ମକୁ ନେଇ ଆଜି ମଧ୍ୟ ଏ ଦେଶରେ ଅନେକ ଧର୍ମ-ହାନି ହେଉଛି । ନାନା ରାଜସିକ ଉପଚାରରେ ଆଜି ମଧ୍ୟ ଏ ଦେଶରେ ଧର୍ମ-ଜିଜ୍ଞାସୁର ଜ୍ଞାନକୁ ବଧିର କରି ଧର୍ମାଚାରର ଘଣ୍ଟ ଢାଉଁ ଢାଉଁ ବାଜୁଛି । କିନ୍ତୁ ଭାରତୀୟ ଧର୍ମର ଏସବୁ ଅସ୍ଥାୟୀ ଦିଗ ବୋଲି କହିବାକୁ ହେବ । ଏଠି ହୃଦୟ ପ୍ରବେଶ କରି ନାହିଁ । ସେତିକିବେଳେ ଭାରତରେ ଯେଉଁ କେତୋଟି ଜାଗାରେ ହୃଦୟ ପ୍ରବେଶ କରେ, ଯେତେ ଜାଗାରେ ହୃଦୟ ଶାନ୍ତ ହୋଇଯାଏ; ସେଇଠି ଭାରତର ସ୍ଥାୟୀ ଧର୍ମର ମୂଳଦୁଆ ପଡୁଛି ବୋଲି କହିବାକୁ ହେବ । ପଣ୍ଡିଚେରୀ ଏହିପରି ଏକ ସ୍ଥାୟୀ ମୂଳଦୁଆ ପକାଇବାର ଉଦ୍ୟମ କରୁଛି । ଏ ଯୁଗରେ ପଣ୍ଡିଚେରୀ ବିଷୟରେ ଏହାହିଁ ସବୁଠାରୁ ବଡ଼ ସତ୍ୟ ବୋଲି ମୁଁ କହିବି । ❖

ସାଧନା-ପରମ୍ପରା :

# ଯୋଗବାଶିଷ୍ଠ ରାମାୟଣ

[ସଂସ୍କୃତ ଭାଷାରେ ବତିଶ ହଜାର ଶ୍ଳୋକ ବା ଚଉଷଠି ହଜାର ପଂକ୍ତି ସମ୍ବଳିତ ଏହି 'ଯୋଗବାଶିଷ୍ଠ ରାମାୟଣ' ଗ୍ରନ୍ଥଟି ବେଦାନ୍ତ ଦର୍ଶନ ଉପରେ ଆଧାରିତ । ବିଷୟବସ୍ତୁକୁ ଏହିପରି ଏକ ଆଖ୍ୟାନ ଅବଲମ୍ବନରେ ଉପସ୍ଥାପିତ କରାଯାଇଛି : ଯୁବରାଜ ରାମଚନ୍ଦ୍ରଙ୍କର ବୈରାଗ୍ୟ ଉଦୟ ଫଳରେ ଯେତେବେଳେ ସେ ରାଜକାର୍ଯ୍ୟ ଓ ସଂସାରର ଅନ୍ୟାନ୍ୟ କର୍ମ, ଭୋଗ, ସମ୍ପଦ ଓ ଐଶ୍ୱର୍ଯ୍ୟ ଆଦି ପ୍ରତି ଉଦାସୀନ ଓ ବୀତଶ୍ରଦ୍ଧ ହୋଇ ବିମର୍ଷ ହୋଇ ପଡ଼ିଲେ ସେତେବେଳେ ମହାରାଜା ଦଶରଥଙ୍କ ଅନୁରୋଧ କ୍ରମେ ମହର୍ଷି ବଶିଷ୍ଠ ତାଙ୍କ ଭିତରେ ବିମର୍ଷତା ଦୂରକରି ସବୁକିଛି ସମ୍ପର୍କରେ ଯଥାର୍ଥ ମନୋଭାବ ଓ ସତ୍ୟଦୃଷ୍ଟି ଆଣି ଦେବା ପାଇଁ ତାଙ୍କ ଆଗରେ ଅଜସ୍ର ଉପଦେଶ, ଗଳ୍ପ, ଆଖ୍ୟାୟିକା ଓ ତାତ୍ତ୍ୱିକ ବ୍ୟାଖ୍ୟା ଆଦି ବାଢ଼ି ଆତ୍ମଜ୍ଞାନ ଓ ନିର୍ବାଣ ବା ମୁକ୍ତିକୁ ଜୀବନର ଲକ୍ଷ୍ୟ ରୂପେ ଉପସ୍ଥାପିତ କଲେ ଓ ଯଥାର୍ଥ ସତ୍ୟଦୃଷ୍ଟି ଥିଲେ ଏହି ଲକ୍ଷ୍ୟ ଲାଭରେ ସଂସାରର କୌଣସି କର୍ମ ବାଧାସ୍ୱରୂପ ହୁଏ ନାହିଁ ବୋଲି ବୁଝାଇ ଦେଲେ ।

ଏହି ଗ୍ରନ୍ଥଟି 'ମହାରାମାୟଣ', 'ଆର୍ଷ ରାମାୟଣ', 'ଜ୍ଞାନବାଶିଷ୍ଠ', 'ବାଶିଷ୍ଠ ରାମାୟଣ' ବା କେବଳ 'ବାଶିଷ୍ଠ' ନାମରେ ମଧ୍ୟ ପରିଚିତ । ଏହାର ରଚନାକାଳ ସମ୍ପର୍କରେ ନାନା ମତପାର୍ଥକ୍ୟ ରହିଥିଲେ ମଧ୍ୟ ଏହା ଆନୁମାନିକ ଷଷ୍ଠ ଖ୍ରୀଷ୍ଟାବ୍ଦରେ ରଚିତ ବୋଲି ଅନେକଙ୍କର ମତ ।]

## ଶ୍ରୀ ହୃଦାନନ୍ଦ ରାୟଙ୍କ ଦ୍ୱାରା ରଚିତ 'ଯୋଗବାଶିଷ୍ଠ ରାମାୟଣ' ଗ୍ରନ୍ଥର ଏକ ସଂକ୍ଷିପ୍ତ ଭୂମିକା (ଉପୋଦ୍‌ଘାତ)

ସଂସ୍କୃତ ଭାଷାରେ ରଚିତ ଯୋଗବାଶିଷ୍ଠ ରାମାୟଣ ଏକ ସୁବିପୁଳ ମହାନ୍ ଗ୍ରନ୍ଥ । ଏହା ଏକାଧାରରେ ଦାର୍ଶନିକ ଜ୍ଞାନୈଶ୍ୱର୍ଯ୍ୟର ଗନ୍ତାଘର ଓ ଲଳିତ କବିତାର ଉର୍ମିଳ ମହୋଦଧି । ମନନପୂର୍ବକ ଅଧ୍ୟୟନ କଲାବେଳେ ତାହା ପାଠକର ବୁଦ୍ଧି ଓ ହୃଦୟକୁ ନିଜସ୍ୱ ମହିମାରେ ଅଭିଭୂତ କରେ । ଦର୍ଶନ ଓ କବିତା ଉଭୟ ରାଜ୍ୟରେ ତାହା ବେଳେ ବେଳେ ଦୁସ୍ତର ବୋଲି ବୋଧ ଜନ୍ମାଏ । ଦାର୍ଶନିକ ଚିନ୍ତାରେ ପର୍ବତାରୋହଣ ପରି ଦୁଷ୍କର ବୋଧ ହେଉଥିଲା ବେଳେ କବିତାରେ ପ୍ରଖର ଗିରିନଦୀ ସନ୍ତରଣର ଅନୁଭୂତି ଆଣିଦିଏ । ପାଠକ ତହିଁରେ ଆକ୍ରାନ୍ତ ବୋଧ କରେ; କିନ୍ତୁ ଯେତିକି ଯେତିକି ସେ ଅଗ୍ରସର ହୁଏ, ସେତିକି ସେତିକି ବାଣୀ ଭଣ୍ଡାରର ଅମୂଲ୍ୟ ରତ୍ନ ଲାଭ କରି ସେ କୃତାର୍ଥ ଓ କୃତକୃତ୍ୟ ହୋଇଯାଏ । ସ୍ୱୟଂ ଅନୁଭବ ନ କଲେ ଏ କଥାର ସତ୍ୟତା ହୃଦୟଙ୍ଗମ କରି ହୁଏ ନାହିଁ । ଏ ଗ୍ରନ୍ଥର ଯଥାର୍ଥ ପ୍ରଶଂସା କରି କୁହାଯାଇଛି, ''ଅତୀତରେ ଏପରି ଗ୍ରନ୍ଥ ନଥିଲା କି ଭବିଷ୍ୟତରେ ହେବା ସମ୍ଭବ ହେବ ନାହିଁ ।'' ଦାର୍ଶନିକ ଓ ସାହିତ୍ୟିକ ରାଜ୍ୟରେ ଏହା ଏକ ବିସ୍ମୟ । ଆତ୍ମୋନ୍ନତି ଲାଗି ଅଧ୍ୟୟନ (ସ୍ୱାଧ୍ୟାୟ), ଆଲୋଚନା ତଥା ଗମ୍ଭୀର ଗବେଷଣା ଲାଗି ଏ ଗ୍ରନ୍ଥ ପର୍ଯ୍ୟାପ୍ତ ସୁଯୋଗ ଆଣି ଦେଇଥାଏ । ଯେଉଁମାନେ ବାଣୀ ସାଧନା ଲାଗି ଉତ୍କଣ୍ଠିତ ସେମାନଙ୍କ ପାଇଁ ଦିବ୍ୟ ସୁଯୋଗର ସଦା ଉନ୍ମୁକ୍ତ କ୍ଷେତ୍ର ହେଉଛି ଯୋଗବାଶିଷ୍ଠ ରାମାୟଣ । ଆଧୁନିକ ଯୁଗରେ ଗବେଷଣା ଲାଗି ଯେଉଁ ତତ୍ପରତା ପ୍ରକାଶ ପାଇଛି, ମନନଶୀଳ ଗବେଷକମାନଙ୍କ ପାଇଁ ଭୂମି ବିହାର ଲାଗି ଏହି ଗ୍ରନ୍ଥ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି । ମୋ ନିଜ ଅନୁଭବରୁ କହୁଛି, ହିମାଳୟ ସନ୍ଦର୍ଶନ କଲା ପରି ଏ ଗ୍ରନ୍ଥ ପ୍ରବେଶ କଲା ବେଳେ ''ଅସ୍ମିତା ବିସ୍ମୟେ ହୁଏ ନିମଗନ''; 'ମୁଁ ଅଛି' ଏହି ଜ୍ଞାନ ବିସ୍ମୟରେ ବୁଡ଼ିଯାଏ, ପାଠକ ନିଜକୁ ଭୁଲି ଯାଏ ।

ମୂଳ ଗ୍ରନ୍ଥର ଶ୍ଳୋକ ସଂଖ୍ୟା ହେଉଛି ବତିଶ ହଜାର । ଏଭଳି ସୁବିପୁଳ ଗ୍ରନ୍ଥକୁ କିଏ କେବେ ରଚନା କଲେ ତାହା ଏପର୍ଯ୍ୟନ୍ତ ନିର୍ଣ୍ଣିତ ହୋଇ ନାହିଁ । କେତେକଙ୍କ ମତରେ ଆଚାର୍ଯ୍ୟ ଶଙ୍କରଙ୍କ ଆବିର୍ଭାବ (ଅଷ୍ଟମ ଶତାବ୍ଦୀ) ପୂର୍ବରୁ ଏ ଗ୍ରନ୍ଥ ରଚିତ ହୋଇଅଛି ତ, ଆଉ କେହି କହନ୍ତି ଆଚାର୍ଯ୍ୟ ଶଙ୍କରଙ୍କ ଆବିର୍ଭାବ ପରେ ଏ ଗ୍ରନ୍ଥ ରଚିତ ହୋଇଅଛି । କିନ୍ତୁ ଏ ଗ୍ରନ୍ଥ ଜଣେ ଲେଖକଙ୍କ ଦ୍ୱାରା ଏକକାଳୀନ ଲେଖା ଯାଇଛି କିଂବା ବହୁ ଲେଖକଙ୍କ ଦ୍ୱାରା କାଳକ୍ରମେ ଏହାର ଅଙ୍ଗପୁଷ୍ଟି ଘଟିଛି ତାହା ମଧ୍ୟ ନିର୍ଣ୍ଣୟ କରାଯାଇ ପାରି ନାହିଁ । ଯଦି ବିଭିନ୍ନ ଲେଖକ ବିଭିନ୍ନ ସମୟରେ ଏ ଗ୍ରନ୍ଥରେ ଲେଖନୀ ଚାଳନ କରିଥା'ନ୍ତି, ତେବେ ଆଚାର୍ଯ୍ୟ ଶଙ୍କରଙ୍କ 'ବିବେକଚୂଡ଼ାମଣି'ରୁ ଉଲ୍ଲିଖିତ

ଶ୍ଲୋକମାନ ଏ ଗ୍ରନ୍ଥରେ ସ୍ଥାନିତ ହେବାରେ କିଛି ଅସୁବିଧା ନାହିଁ । ହୋଇପାରେ ଯେ ଏହି ଗ୍ରନ୍ଥ ଏକ ବାଙ୍ମୟ ମହାପ୍ରବାହ ଓ ଏଥିରେ ବିଭିନ୍ନ କାଳରେ ବିଭିନ୍ନ ଲେଖକ ପରିପୂରକ ଶ୍ଲୋକମାନ ସଂଯୋଜନା କରିଛନ୍ତି । କେଉଁ ଏକ ଅଜ୍ଞାତ ଗିରିକନ୍ଦରରୁ ନିଃସୃତ ହୋଇ କାଳକ୍ରମେ ପରିବର୍ଦ୍ଧିତ ହୋଇଥିବା ଏହି ସାରସ୍ୱତ ମହାପ୍ରବାହରେ ସ୍ନାନ-ମଜ୍ଜନ କରି ଆମ୍ଭେମାନେ କୃତାର୍ଥ ହେବାର ସୁଯୋଗ ଓ ସୌଭାଗ୍ୟ ଆସି ପହଞ୍ଚିଛି; ସେତିକି ଜ୍ଞାନ ଓ ରସ-ଲିପ୍ସୁ ପାଠକମାନଙ୍କ ପାଇଁ ଯଥେଷ୍ଟ ।

ପାରମ୍ପରିକ ବିଶ୍ୱାସ ଦ୍ୱାରା ଏହା ଅନୁମୋଦିତ ହୋଇଛି ଯେ ଏ ଗ୍ରନ୍ଥର ରଚୟିତା ହେଉଛନ୍ତି ରାମାୟଣର ମହର୍ଷି ବାଲ୍ମୀକି । ରାମାୟଣରେ ମହାନାୟକ ଶ୍ରୀରାମଚନ୍ଦ୍ରଙ୍କ ସହିତ ସୂର୍ଯ୍ୟକୁଳଗୁରୁ ମହର୍ଷି ବଶିଷ୍ଠଙ୍କ କଥୋପକଥନ ରୂପେ ପ୍ରକଟିତ 'ଯୋଗବାଶିଷ୍ଠ' ବିଷୟବସ୍ତୁକୁ ଲିପିବଦ୍ଧ କରିଛନ୍ତି ମହର୍ଷି ବାଲ୍ମୀକି । ଏହା ଏକ ସୁଦୀର୍ଘ କଥୋପକଥନ । ଏହାକୁ 'ଶ୍ରୀରାମ-ବଶିଷ୍ଠ ସମ୍ବାଦ' ଆଖ୍ୟା ଦିଆ ଯାଇପାରେ । ଆଦ୍ୟ-ଯୌବନ କାଳରେ ଜୀବନର ଜଟିଳତା, ଶୋଚନୀୟତା, ବ୍ୟର୍ଥତାକୁ ତୀବ୍ର ଭାବରେ ଅନୁଭବ କରି ଶ୍ରୀରାମ ବିଚଳିତ ହୋଇ ଯେଉଁ ସ୍ଥିତିବାଦୀ ପ୍ରଶ୍ନମାନ ଉତ୍ଥାପନ କରିଛନ୍ତି, ଜ୍ଞାନଘନ-ମହର୍ଷି ବଶିଷ୍ଠ ସେ ପ୍ରଶ୍ନମାନଙ୍କର ଉତ୍ତର ଦେଇଛନ୍ତି ଏ ଗ୍ରନ୍ଥରେ । ବଶିଷ୍ଠ କହିଛନ୍ତି, ''ହେ ଶ୍ରୀରାମ ! ତୁମ୍ଭର ଏହି ଦୁର୍ଲଭ ପ୍ରଶ୍ନର ଉତ୍ତର ଯଦି ପୁଣ୍ୟଭୂମି ଭାରତରେ ସଞ୍ଚିତ ହୋଇ ନ ରହେ, ତା'ହେଲେ ମୁନିଜୀବନ ଓ ସାଧନଭଜନ ବିଫଳ ହୋଇଗଲା ବୋଲି ବୁଝିବାକୁ ହେବ ।'' ଶ୍ରୀରାମଚନ୍ଦ୍ରଙ୍କ ପ୍ରଶ୍ନଗୁଡ଼ିକ ଅଳସ ପ୍ରଶ୍ନ ନ ଥିଲା, ତାହା ଜୀବନର ସାର୍ବକାଳୀନ ସତ୍ୟରେ ଆଧାରିତ ଶାଣିତ ପ୍ରଶ୍ନ ଥିଲା । ବଞ୍ଚିବାର ବିଫଳତାକୁ ମର୍ମେ ମର୍ମେ ଅନୁଭବ କରି ତୀକ୍ଷ୍ଣବୁଦ୍ଧି ଶ୍ରୀରାମ କହିଥିଲେ, ''କାହିଁକି, ମୁଁ କେଉଁ କର୍ମ କରିବି ? କାହିଁକି ବା ବଞ୍ଚି ରହିବି ?'' କର୍ମ କରିବା, ବଞ୍ଚି ରହିବାର ସାର୍ଥକତା କେଉଁଠି ? ଏହି ମର୍ମାନ୍ତିକ ସ୍ଥିତିବାଦୀ ପ୍ରଶ୍ନ ସମୀକ୍ଷିତ ହୋଇଛି ଯୋଗବାଶିଷ୍ଠରେ । ଶ୍ରୀରାମଙ୍କ ଭଳି ବିଲକ୍ଷଣ ଜିଜ୍ଞାସୁ ଯୁବମାନସର ପ୍ରଶ୍ନକୁ ଉତ୍ତର କରିଛନ୍ତି ପ୍ରାଜ୍ଞପୁରୁଷ କୁଳଗୁରୁ ବଶିଷ୍ଠ; ଲିପିବଦ୍ଧ କରିଛନ୍ତି ତପୋଧନ ବାଲ୍ମୀକି ।

ଥରେ ଜଣେ ଆମେରିକୀୟ ବିଦ୍ୱାନ୍ ମୋତେ କହିଥିଲେ ଯେ, ଅଧୁନା ଆମେରିକାର ଯୁବମାନସର ପ୍ରଥମ ପ୍ରଶ୍ନ ହେଉଛି – ''ମୁଁ କେଉଁ କାର୍ଯ୍ୟ କରିବି ତାହା ମୋର ଗୁରୁଜନମାନେ ନିର୍ଦ୍ଧାରଣ କରି କହନ୍ତୁ ।'' ଏହା ପ୍ରତ୍ୟେକ ଆମେରିକୀୟ ଯୁବକ ତା'ର ପ୍ରୌଢ଼ ଅଭିଭାବକଙ୍କୁ ପ୍ରତିଦିନ ପ୍ରଶ୍ନ କରି ଚାଲିଛି । କିନ୍ତୁ ଭାରତରେ ସେ ପ୍ରଶ୍ନ କାହିଁ ? କାହିଁ ସେ କର୍ମ ଜିଜ୍ଞାସା ? ମୁଁ ତାଙ୍କୁ କହିଥିଲି ଯେ, ଭାରତୀୟ ଯୁବମାନସର ପ୍ରଶ୍ନ ବହୁ ଯୁଗରୁ ଯୁବକ ଶ୍ରୀରାମଙ୍କ ତୁଣ୍ଡରୁ ଲିପିବଦ୍ଧ ହୋଇଛି । ସେ ପ୍ରଶ୍ନଟି ହେଉଛି – 'କ'ଣ କରିବି ନୁହେଁ, କାହିଁକି କ'ଣ କରିବି ?' ଏହା ଆମେରିକୀୟ ଯୁବମାନସର ପ୍ରଶ୍ନଠାରୁ ଅଧିକ ମୌଳିକ ପ୍ରଶ୍ନ ନୁହେଁ କି ! 'କ'ଣ କରିବାକୁ ହେବ' ଏହା ବିଚାର କରିବା ପୂର୍ବରୁ ସ୍ଥିର କରିବାକୁ ପଡ଼ିବ, ''କ'ଣ କରିବି, କାହିଁକି ?'' ଏହି ପ୍ରଶ୍ନର ସମୁଚିତ ଉତ୍ତର ଲାଗି ବତିଶ ହଜାର ଶ୍ଲୋକର ଅବତାରଣା ।

ଭାରତର ଆଉ ଏକ ପ୍ରସିଦ୍ଧ ଗ୍ରନ୍ଥ ଶ୍ରୀମଦ୍ ଭଗବଦ୍ ଗୀତାରେ ରଣଭୂମିରେ ଅର୍ଜୁନଙ୍କ ପ୍ରଶ୍ନ ହେଉଛି, ''ନିଜ ସ୍ୱଜନମାନଙ୍କ ରକ୍ତରେ ହସ୍ତ ରଞ୍ଜିତ କରି ମୁଁ ଯୁଦ୍ଧ ରୂପକ ଘୋର କର୍ମରେ ପ୍ରବୃତ୍ତ ହେବି କାହିଁକି ?'' ଶ୍ରୀମଦ୍‌ଭାଗବତ ମହାପୁରାଣରେ ମହାରାଜ ପରୀକ୍ଷିତଙ୍କ ପ୍ରଶ୍ନ ହେଉଛି – ''ଆସନ୍ନ ମୃତ୍ୟୁ ସମ୍ମୁଖରେ ମୋର କର୍ତ୍ତବ୍ୟ କ'ଣ ? ମ୍ରିୟମାଣ ଅବସ୍ଥାରେ ଜୀବର ଉଚିତ କର୍ମ କ'ଣ ?'' ଟିକିଏ ଚିନ୍ତା କରି ଦେଖିଲେ ଜଣାଯିବ ଯେ ଏସବୁ ପ୍ରଶ୍ନ ହେଉଛି ଦେହଧାରୀ ଜୀବମାନଙ୍କ ପାଇଁ ସାର୍ବକାଳୀନ ପ୍ରଶ୍ନ । ଏଥିପାଇଁ ସହସ୍ର ସହସ୍ର ପୃଷ୍ଠା ବିନିଯୋଗ କରାଯାଇଛି । ଯୋଗବାଶିଷ୍ଠରେ ଉତ୍ଥାପିତ ପ୍ରଶ୍ନର ଉତ୍ତର ଦେଇଛନ୍ତି ମହର୍ଷି ବଶିଷ୍ଠ, ଶ୍ରୀମଦ୍ ଭଗବଦ୍ ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ, ଶ୍ରୀମଦ୍ ଭାଗବତରେ ଉତ୍ତର ଦେଇଛନ୍ତି ଶୁକଦେବ । ଏ ସମସ୍ତ ପ୍ରଶ୍ନ ହେଉଛି କର୍ମ-ଜିଜ୍ଞାସା । କର୍ମ କ'ଣ, କର୍ମର ରହସ୍ୟ କ'ଣ, କ'ଣ ପାଇଁ କର୍ମ କରଣୀୟ ତାହାର ଉତ୍ତର ଏହି ମହାନ୍ ଗ୍ରନ୍ଥମାନଙ୍କରେ ସନ୍ନିବେଶିତ ହୋଇଅଛି ।

ଏହି ପ୍ରଶ୍ନମାନଙ୍କରେ କର୍ମ-ଜିଜ୍ଞାସା ରହିଥିଲେହେଁ ବସ୍ତୁତଃ ଏହି ଶାସ୍ତ୍ରମାନଙ୍କରେ ବ୍ରହ୍ମ-ଜିଜ୍ଞାସା ବ୍ୟାପକ ସ୍ଥାନ ଅଧିକାର କରିଅଛି । ଜୀବ ଓ ଜଗତର ସମ୍ପର୍କରୁ କର୍ମର ଉଦ୍ଭବ ହୋଇଥାଏ । ଜୀବ ଓ ଜଗତର ସ୍ୱରୂପଗତ ରହସ୍ୟ ଉଦ୍‌ଘାଟିତ ନ ହେବା ପର୍ଯ୍ୟନ୍ତ କର୍ମ-ରହସ୍ୟ ଉଦ୍‌ଘାଟିତ ହୋଇପାରେ ନାହିଁ । ତେଣୁ କର୍ମ-ଜିଜ୍ଞାସା ସ୍ୱ-ପରିଣତିରେ ବ୍ରହ୍ମ-ଜିଜ୍ଞାସାରେ ପର୍ଯ୍ୟବସିତ ହୋଇଥାଏ । ଜୀବର ସ୍ୱରୂପ କ'ଣ ? ପ୍ରକୃତିର ସ୍ୱରୂପ କ'ଣ ? ଜୀବ କାହିଁକି ପ୍ରକୃତି ଦ୍ୱାରା ପରିବେଷ୍ଟିତ ହୋଇ କର୍ମ କରିବାକୁ ପ୍ରବୃତ୍ତ ହୁଏ ? ଏସବୁ ସମସ୍ୟାର ସମାଧାନର

ଆଶୁ ପ୍ରୟୋଜନ ରହିଛି । ଯୋଗବାଶିଷ୍ଠରେ କର୍ମ-ଜିଜ୍ଞାସା ଓ ବ୍ରହ୍ମ-ଜିଜ୍ଞାସା ଉଭୟ ସ୍ଥାନିତ ହୋଇଅଛି ।

ଯୋଗବାଶିଷ୍ଠରେ ଛଅଟି ପ୍ରକରଣ ରହିଅଛି । ତାହା ହେଉଛି – ବୈରାଗ୍ୟ ପ୍ରକରଣ, ମୁମୁକ୍ଷୁ ବ୍ୟବହାର ପ୍ରକରଣ, ଉତ୍ପତ୍ତି ପ୍ରକରଣ, ସ୍ଥିତି ପ୍ରକରଣ, ଉପଶମ ପ୍ରକରଣ ଏବଂ ନିର୍ବାଣ ପ୍ରକରଣ ।

ଯୋଗବାଶିଷ୍ଠ ରଚନା ଶୈଳୀର ଗୋଟିଏ ବିଶେଷ ବିଷୟ ହେଉଛି ପୁନରୁକ୍ତି । ସେହି ଏକ କଥାକୁ ବାରଂବାର ବିଭିନ୍ନ ଉପମା ଓ ଉତ୍‌ପ୍ରେକ୍ଷା ମାଧ୍ୟମରେ ପ୍ରକାଶ କରିବା ଜନିତ ପୁନରୁକ୍ତି ଦ୍ୱାରା ଗ୍ରନ୍ଥର କଳେବର ବୃଦ୍ଧି ପାଇଛି । ପୁଣି ବିଭିନ୍ନ ସ୍ଥାନରେ ବାରଂବାର ସେହି ଏକ କଥାକୁ ଉତ୍ଥାପନ କରିବା ଦ୍ୱାରା ଅଧିକ ପୃଷ୍ଠା ବିନିଯୋଗ କରିବାର ଆବଶ୍ୟକତା ପଡ଼ିଛି । ପ୍ରଥମ ପୁନରୁକ୍ତି କବିତା ଅନୁରୋଧରେ ଘଟିଥିଲା ବେଳେ ଦ୍ୱିତୀୟ ପୁନରୁକ୍ତି ଦାର୍ଶନିକ ଜଟିଳତାକୁ ସୁଗମ ଓ ସୁବୋଧ କରିବା ଉଦ୍ୟମରୁ ଘଟିଛି । କେହି କେହି ଆଲୋଚକ କହନ୍ତି, ଏହି ବ୍ୟାପକ ପୁନରୁକ୍ତିମାନଙ୍କରୁ ସୂଚିତ ହୁଏ ଯେ ଏହି ଗ୍ରନ୍ଥରେ ବିଭିନ୍ନ ଲେଖକ ବିଭିନ୍ନ କାଳରେ ନିଜ ନିଜ ଶ୍ଳୋକମାନ ସଂଯୋଜନ କରିଛନ୍ତି, ତେଣୁ ନିଷ୍ପ୍ରୟୋଜନ ପୁନରୁକ୍ତିମାନ ଘଟିଛି ଓ ଗ୍ରନ୍ଥ କଳେବର ଅଯଥା ବୃଦ୍ଧି ପାଇଛି । ପୁନରୁକ୍ତିମାନଙ୍କରୁ ନିସ୍ତାର ପାଇବା ପାଇଁ ଯୋଗବାଶିଷ୍ଠର ଏକାଧିକ ସଂକ୍ଷିପ୍ତିକରଣର ପ୍ରୟୋଜନୀୟତା ବୋଧ ହୋଇଛି । ଏହି ଗ୍ରନ୍ଥର ମର୍ମ ଅବଧାରଣ କରିବା ପାଇଁ ଭାଷ୍ୟ ଓ ଟୀକା ରଚନାର ପ୍ରୟୋଜନ ପଡ଼ିଲା ପରି ସାରାଂଶ ଉପସ୍ଥାପନ କରିବା ଲାଗି ସଂକ୍ଷିପ୍ତିକରଣର ଆବଶ୍ୟକତା ପଡ଼ିଛି । ସଂସ୍କୃତ ଭାଷାରେ ଉଭୟ କାର୍ଯ୍ୟ ସମାହିତ ହୋଇଅଛି । ଭାରତୀୟ ବିଭିନ୍ନ ଭାଷାରେ ଉଭୟ ସମ୍ପୂର୍ଣ୍ଣ ଯୋଗବାଶିଷ୍ଠ ରାମାୟଣର ଉପାଦେୟ ଅନୁବାଦ କରାଯାଇଛି । ଓଡ଼ିଆ ଭାଷାରେ ସଂକ୍ଷିପ୍ତ ଯୋଗବାଶିଷ୍ଠର ଅନୁବାଦ କରିଛନ୍ତି ନାରାୟଣ ବୀରବର ସାମନ୍ତ । ପ୍ରଥମ ସଂସ୍କରଣର ମୁଖବନ୍ଧରେ ପ୍ରକାଶକ ଲେଖିଛନ୍ତି – ''ନବମ ଶତାବ୍ଦୀରେ ଯୋଗବାଶିଷ୍ଠକୁ ସଂକ୍ଷେପିତ ରୂପ ଦେଇଥିଲେ ଗୌଡ଼ ଅଭିନନ୍ଦ । 'ଯୋଗବାଶିଷ୍ଠ ସାର' ନାମରେ ତାହା ପଣ୍ଡିତ ସମାଜରେ ସୁବିଦିତ । ବେଦାନ୍ତ ଦର୍ଶନର ମର୍ମସମ୍ବଳିତ ଏହି ମହାନ୍ ସୁପ୍ରାଚୀନ ସଂସ୍କୃତ ଗ୍ରନ୍ଥ ଓଡ଼ିଆ ପାଠକମାନଙ୍କ ପାଖରେ ପରିବେଷଣ କରି ଆମେ ଆନନ୍ଦିତ । ଏହି ପ୍ରବୀଣ ଅନୁବାଦକ ସ୍ୱାଧୀନତା ସଂଗ୍ରାମୀ, ତ୍ୟାଗବୀର ଓ ତତ୍ତ୍ୱନିଷ୍ଠ ଶ୍ରୀଯୁକ୍ତ ନାରାୟଣ ବୀରବର ସାମନ୍ତ ।''

ଏହି 'ଯୋଗବାଶିଷ୍ଠ ରାମାୟଣ' ଗ୍ରନ୍ଥର ପ୍ରଥମ ସଂସ୍କରଣ ୧୯୭୭ରେ, ଦ୍ୱିତୀୟ ସଂସ୍କରଣ ୧୯୮୧ରେ ଏବଂ ପରିମାର୍ଜିତ ନୂତନ ସଂସ୍କରଣ ୧୯୯୫ରେ ପ୍ରକାଶକ ଶ୍ରୀ ମନୋଜ କୁମାର ମହାପାତ୍ରଙ୍କ ଦ୍ୱାରା ଗ୍ରନ୍ଥମନ୍ଦିର, ବିନୋଦବିହାରୀରୁ ପ୍ରକାଶିତ ହୋଇଅଛି । ଏବେ ୨୦୦୦ ମସିହାରେ ସେହି ଗ୍ରନ୍ଥର ଆଉ ଏକ ସଂସ୍କରଣ ପ୍ରକାଶିତ ହେବାକୁ ଯାଉଥିବା ଅବସରରେ ଉପୋଦ୍‌ଘାତ ରୂପେ ଦୁଇଚାରି ଧାଡ଼ି ଲେଖି ଦେବା ପାଇଁ ପ୍ରକାଶକ ମହୋଦୟ ମୋତେ ଅନୁରୋଧ କରିଥିବାରୁ ମୁଁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରୁଛି ଓ ପୁଣ୍ୟକର୍ମା ନାରାୟଣ ବୀରବର ସାମନ୍ତଙ୍କ ଏହି ଜନପ୍ରିୟ ଅନୁବାଦର ବହୁଳ ପ୍ରସାର କାମନା କରୁଛି । ଓଡ଼ିଆ ପାଠକମାନଙ୍କ ପାଇଁ ଯୋଗବାଶିଷ୍ଠ ପ୍ରବେଶ ଲାଗି ଏହି ଅନୁବାଦ ଗ୍ରନ୍ଥ ଅପୂର୍ବ ସୁଯୋଗ ସୃଷ୍ଟି କରିଛି । ଓଡ଼ିଶାରେ ବେଦାନ୍ତ ଦର୍ଶନର ବିସ୍ତାର ଘଟୁଥିବା ବେଳେ ଏହି ଅନୁବାଦ ଗ୍ରନ୍ଥ ଯେ ଜନସାଧାରଣ ତଥା ବିଶ୍ୱବିଦ୍ୟାଳୟ ସ୍ତରରେ ବିଦଗ୍ଧ ମଣ୍ଡଳୀଙ୍କର ବିଶେଷ ଦୃଷ୍ଟି ଆକର୍ଷଣ କରିବ ଏହା ନିଃସନ୍ଦେହ ।

(ନିମ୍ନରେ **'ଯୋଗବାଶିଷ୍ଠ ରାମାୟଣ'**ର ଏକ ସଂକ୍ଷିପ୍ତ ଆଲୋଚନା ଉପସ୍ଥାପନ କରାଯାଉଛି ।)

## ଅବିଦ୍ୟା ଓ ଆତ୍ମଜ୍ଞାନ

ରାମ କହିଲେ – ହେ ବ୍ରହ୍ମନ୍ ! ଯାହା କିଛି ଦେଖା ଯାଉଛି ସବୁ ତ ଅବିଦ୍ୟା । ଆତ୍ମ-ଭାବନାରେ ଏ ଅବିଦ୍ୟାର ବିନାଶ ହୁଏ, ଏହା ମଧ ବୁଝିଲି । କିନ୍ତୁ ଆତ୍ମା କି ପ୍ରକାର, ଏହା ବର୍ତ୍ତମାନ କୁହନ୍ତୁ ।

ବଶିଷ୍ଠ କହିଲେ – ବିଷୟ ରୂପ ବ୍ୟାପ୍ତିଶୂନ୍ୟ ଏବଂ ଅବିଦ୍ୟାର ଆବରଣବିହୀନ ସର୍ବତ୍ରର ଯେଉଁ ଚିଦ୍ ବସ୍ତୁ, ସେ ହେଉଛନ୍ତି ଆତ୍ମା । ସେହି ଆତ୍ମାଙ୍କୁ ପରମେଶ୍ୱର କୁହାଯାଏ । ହେ ଅନଘ ! ତୁଚ୍ଛ ତୃଣରୁ ଆରମ୍ଭ କରି ବିରାଟ ବ୍ରହ୍ମାଣ୍ଡ ପର୍ଯ୍ୟନ୍ତ ଏହି ଯେଉଁ ବିଶାଳ ଜଗତ୍, ତାହା ଆତ୍ମା ନାମରେ କଥିତ ହୁଅନ୍ତି । ଏହାଙ୍କ ମଧ୍ୟରେ ଅବିଦ୍ୟା ନାମକ କୌଣସି ପଦାର୍ଥର ଅସ୍ତିତ୍ୱ ନାହିଁ । ତାହା ସମସ୍ତ ନିତ୍ୟ ଓ ଅଖଣ୍ଡ ଚିନ୍ମୟ ବ୍ରହ୍ମ ।

ଏହାଙ୍କ ମଧ୍ୟରେ ମନ ନାମକ କୌଣସି କଳ୍ପିତ ବସ୍ତୁ ନାହିଁ । ଏହି ଜଗତରେ କାହାର କିଛି ଜନ୍ମ ବା ମୃତ୍ୟୁ ହେଉ ନାହିଁ । ବିକାରଶୀଳ ଦୃଶ୍ୟ ପଦାର୍ଥର କେଉଁଠାରେ କିପରି ଅସ୍ତିତ୍ୱ ମଧ୍ୟ ନାହିଁ । କେବଳ ପ୍ରକାଶ ସ୍ୱରୂପ ଅଖଣ୍ଡ ଚିନ୍ମାତ୍ରହିଁ ବିଦ୍ୟମାନ ଅଛନ୍ତି । ସେହି ନିତ୍ୟ, ଶାନ୍ତ, ନିର୍ବିକାର ଭାବେ ସମୁଦିତ ପରମାତ୍ମାଙ୍କଠାରେ ଆବରଣଯୁକ୍ତ ଯେଉଁ ଚିତ୍, ତାହା ଦୃଶ୍ୟ କଳ୍ପନାପୂର୍ବକ ବିଚରଣଶୀଳ ରହିଛନ୍ତି – ସେହି ଆବରଣ ସମନ୍ୱିତ ଯେଉଁ ଚିତ୍, ତାଙ୍କୁ ମନ କୁହାଯାଏ । ଜଳ ମଧ୍ୟରୁ ଯେପରି ତରଙ୍ଗ ଉତ୍ଥିତ ହୁଏ, ସର୍ବଶକ୍ତିମାନ୍ ଏହି ପରମାତ୍ମା ଦେବଙ୍କଠାରୁ ସେହିପରି ଆତ୍ମାଙ୍କ ବିଭାଗକାରିଣୀ ବା ଖଣ୍ଡତ୍ୱ ବିଧାୟିନୀ ଶକ୍ତି ଉଦିତ ହୋଇଅଛି । ଯେହେତୁ ଶାନ୍ତ ଓ ବିସ୍ତୃତ ସେହି ପରମାତ୍ମାଙ୍କ ବ୍ୟତୀତ ଆଉ କିଛି ନାହିଁ, ସେଥିପାଇଁ ଏ ସଂସାର ସଂକଳ୍ପ ବଳରେ ତାଙ୍କଠାରେ ସତ୍ୟ ପରି ପ୍ରତିଭାତ ହୋଇଅଛି । ବାୟୁଠାରୁ ଉଦ୍ଭୂତ ହୋଇ ପୁଣି ବାୟୁ ଦ୍ୱାରା ଯେପରି ପ୍ରଦୀପାଗ୍ନି ନିର୍ବାପିତ ହୁଏ, ସଂକଳ୍ପ ସମୁଦ୍ଭୂତ ଏହି ସଂସାର ମଧ୍ୟ ସେହିପରି ପୁନରାୟ ସଂକଳ୍ପ ବଳ ଦ୍ୱାରା ବିନଷ୍ଟ ହୋଇଥାଏ । ବ୍ରହ୍ମାଙ୍କଠାରୁ ସ୍ୱାତନ୍ତ୍ର୍ୟ ସଂକଳ୍ପ ଦ୍ୱାରା ହିଁ ମନ ବଦ୍ଧ ହୁଏ, ପୁଣି ସବୁହିଁ ବ୍ରହ୍ମ, ଏପରି ସଂକଳ୍ପ ପ୍ରଭାବରେ ସେ ମୁକ୍ତ ହୁଏ । ସୁତରାଂ ସଂକଳ୍ପକୁ ଜୟ କରି ତୁମେ ଅଭୀଷ୍ଟ କାର୍ଯ୍ୟ ସମ୍ପନ୍ନ କର । ମୂଢ଼ ଲୋକସକଳ ଭବବନ୍ଧନ ଜନନୀ ଏହି ଅବିଦ୍ୟାକୁ ଅସୀମ ଦୁଃଖଭୋଗ ପାଇଁ କଳ୍ପନା କରନ୍ତି । ତାହା ଫଳରେ ମୁଁ କୃଶ, ମୁଁ ଦୁଃଖୀ, ମୁଁ ବଦ୍ଧ ଇତ୍ୟାଦି ଭାବନାବଳରେ ସେମାନେ ସେହି ସେହି ଆକାରରେ ପରିଣତ ହୁଅନ୍ତି । ପୁଣି ମୋର ଦେହ ନାହିଁ, ମୁଁ ଦୁଃଖୀ ନୁହେଁ, ଆତ୍ମାର ପୁଣି ବନ୍ଧନ କେଉଁଠି, ଏବଂବିଧ ଭାବନା ପ୍ରଭାବରେ ସେ ମୁକ୍ତ ହୋଇଥା'ନ୍ତି । ମୁଁ ଦେହରୁ ଏକାବେଳେ ପୃଥକ୍, ଏହିପରି ଦୃଢ଼ ନିଶ୍ଚୟଶୀଳ ପୁରୁଷର ନାମହିଁ କ୍ଷୀଣ-ବିଦ୍ୟା; ଅର୍ଥାତ୍ ତା'ର ଅବିଦ୍ୟା କ୍ଷୀଣ ହୋଇ ଯାଇଛି । ମୁଁ ଅଜ୍ଞ, ଏପରି ସଂକଳ୍ପ ଦୃଢ଼ ହୋଇ ଉଠିଲେ ଅବିଦ୍ୟାର ଉଦୟ ହୁଏ, ପୁଣି ଏପରି ସଂକଳ୍ପ ବିସ୍ମୃତ ହେଲେହିଁ ଅବିଦ୍ୟା ବିନଷ୍ଟ ହୁଏ । ଏହି ଜଗତ୍ ପ୍ରପଞ୍ଚର ଭାବନାରୂପିଣୀ ଯେ ବାସନା, ତାହାହିଁ ହେଲା ସର୍ବ-ଜୀବର ମୋହ-ଜନନୀ । ଆତ୍ମଦର୍ଶନ ନହେବା ପର୍ଯ୍ୟନ୍ତ ଦିନକୁ ଦିନ ଏହା ବର୍ଦ୍ଧିତ ହୋଇଥାଏ । ଆତ୍ମଦର୍ଶନ ହେବା ପରେ ଏହା ବିନଷ୍ଟ ହୁଏ । ମନ୍ତ୍ରିବର୍ଗ ଯେପରି ରାଜାଙ୍କ ଆଦେଶ ପାଳନ କରନ୍ତି, ଇନ୍ଦ୍ରିୟଗଣ ମଧ୍ୟ ସେହିପରି ମନର ଅଭିଳଷିତ ବିଷୟରେ ଧାବିତ ହୁଅନ୍ତି । ସୁତରାଂ ସତତ ବ୍ରହ୍ମ-ଭାବନା ଦ୍ୱାରା ଯେଉଁ ବ୍ୟକ୍ତି ମନର ବିଷୟାନୁସନ୍ଧାନ ନିବାରଣ କରିପାରେ ସେ ପୁରୁଷହିଁ ଶାନ୍ତି ଲାଭ କରେ । ଯାହା କିଛି ଦେଖା ଯାଉଅଛି, ସେ ସମସ୍ତ ହିଁ ବ୍ରହ୍ମ । ସୁତରାଂ ବ୍ରହ୍ମ ବ୍ୟତୀତ ମନନଯୋଗ୍ୟ ଅପର ପଦାର୍ଥ କେହି କେବେ ଦେଖିବାକୁ ଇଚ୍ଛା କରେ କି ? ସୁତରାଂ ଯତ୍ନ ସହକାରେ ଯଥାଯୋଗ୍ୟ ପୁରୁଷକାର ପ୍ରୟୋଗ କରି ଚିତ୍ତ ମଧ୍ୟରୁ ଭୋଗ ବିଷୟକ କାମନା ଏବଂ ଭାବନା ସମୂଳରେ ଉଚ୍ଛେଦ କର । ଜରା ଓ ମରଣର କାରଣ ସ୍ୱରୂପ ଯେଉଁ ପରମ ମୋହ ଉଦିତ ରହିଅଛି, ତାହାହିଁ ଆଶା-ସମାକୁଳ ବାସନା ଆକାରରେ ପ୍ରକାଶ ପାଏ ।

ହେ ରାମ ! ତୁମେ ବର୍ତ୍ତମାନ ଗୁହ୍ୟ ତତ୍ତ୍ୱ ପରିଜ୍ଞାତ ହୋଇଅଛ । ସମ୍ପ୍ରତି ତୁମର ଏହା ଚିନ୍ତନୀୟ ଯେ, ''ଏହି ସବୁ ପୁତ୍ର କଳତ୍ର ଗୃହାଦି ମୋର ଏବଂ ମୁଁ ମଧ୍ୟ ଏହି'' ଏପରି ଦ୍ୱିବିଧ ଦର୍ଶନ ଏକାବେଳେ କିଛି ନୁହେଁ । ଯାହା କିଛି ଦେଖା ଯାଉଅଛି, ସତ୍ୟ ସ୍ୱରୂପ ଆତ୍ମତତ୍ତ୍ୱ ବ୍ୟତୀତ ତାହା ଅନ୍ୟ କିଛି ନୁହେଁ । ପୃଥିବୀ, ଆକାଶ, ନଦୀ ଓ ପର୍ବତ ପ୍ରଭୃତି ପଦାର୍ଥ ସକଳ ଆତ୍ମାଙ୍କର ଦର୍ଶନ ଶକ୍ତି ଦ୍ୱାରା ସୃଷ୍ଟି ହୋଇଅଛି । ଦର୍ଶନ ମାତ୍ରେ ସୃଷ୍ଟିକାରିଣୀ ସେହି ଯେଉଁ ଅବିଦ୍ୟା, ସେ ନବ ନବ ଆକାରରେ କ୍ରୀଡ଼ାଶୀଳ ହେଉଅଛି । ତା'ରି ସଂକଳ୍ପହିଁ କାର୍ଯ୍ୟ ଆକାରରେ ଉଦିତ ହୁଏ ଏବଂ ଆତ୍ମସାକ୍ଷାତ୍କାରରେହିଁ ତା'ର ବିଲୟ ଘଟେ ।

ହେ ରାଘବ ! ଜ୍ଞାନସମ୍ପନ୍ନ ପୁରୁଷଙ୍କ ଦୃଷ୍ଟିରେ ଏହି ଅବିଦ୍ୟା ପ୍ରତିଭାତ ହୁଏନା; ତାଙ୍କ ନିକଟରେ ଏହା ମହିମା-ସମନ୍ୱିତ ବ୍ରହ୍ମ ରୂପେ ପର୍ଯ୍ୟବସାନ ପ୍ରାପ୍ତ ହୁଏ । ଅତଏବ ତୁମେ ଅଜ୍ଞ ହୋଇ ରୁହନା; ପ୍ରାଜ୍ଞ ହୋଇ ସଂସାର ବାସନା ବିଦୂରିତ କର । ଯାହା ଆତ୍ମା ନୁହନ୍ତି, ତହିଁରେ ଆତ୍ମାଭାବନା କରି କାହିଁକି ତୁମେ ଅଜ୍ଞ ପରି ବୃଥା ରୋଦନ କରୁଅଛ ?

ହେ ରାଘବ ! ତୁମେ ଯାହା ପାଇଁ ସୁଖ-ଦୁଃଖରେ ପରାଭୂତ ହେଉଅଛ, ସେହି ଜଡ଼ ଶରୀର ତୁମର କିଏ ? କାଷ୍ଠ ଓ ଜତୁ ଏକତ୍ର ମିଳିତ ହେଲେ ମଧ୍ୟ ଯେପରି ଏକ ବସ୍ତୁ ନୁହେଁ, ସେହିପରି ଶରୀର ଓ ଶରୀରୀ ଏକ ନୁହେଁ । ଶରୀର ବିନଷ୍ଟ ହେଲେ ମଧ୍ୟ ଆତ୍ମା କଦାପି ବିନଷ୍ଟ ହୁଅନ୍ତି ନାହିଁ ।

ହେ ରଘୁକୁଳ ଶ୍ରେଷ୍ଠ ! ମୁଁ ସୁଖୀ ଦୁଃଖୀ ଏପରି ଭ୍ରମଜ୍ଞାନକୁ ତୁମେ ପରିତ୍ୟାଗ କରି ସତ୍ୟସ୍ୱରୂପ ଏକମାତ୍ର ବ୍ରହ୍ମଙ୍କୁ ଆଶ୍ରୟ କର । ଅବିଦ୍ୟାକୁ ତୁମେ ଆଉ ବଢ଼ିବାକୁ ଛାଡ଼ ନାହିଁ ।

କାରଣ, ଚିତ୍ତ ଅବିଦ୍ୟାଭିଭୂତ ହେଲେ ଅସୀମ ଦୁଃଖରେ ନିପତିତ ହେବାକୁ ହୁଏ । ଅବିଦ୍ୟା ଯଦି ମନ ମଧ୍ୟରେ ସଂସାର ବାସନା ଉଦିତ ନକରେ, ତେବେ କାହୁଁ ଜାଗ୍ରତ୍ ଓ ସ୍ୱପ୍ନ, ଏହି ଉଭୟ କାଳୀନ ଆପଦଜାଲ ଆତ୍ମାଙ୍କ ଉପରେ ନିପତିତ ହୋଇ ପାରିବ ? ମିଥ୍ୟାଜ୍ଞାନ ଉଦିତ ହେଲେ ଉପବନ କ୍ଷେତ୍ରରେ ମଧ୍ୟ ରୌରବାଦି ନରକ ଯନ୍ତ୍ରଣା ଅନୁଭବ ହୋଇଥାଏ । ମନ ଯଦି ଅବିଦ୍ୟା କର୍ତ୍ତୃକ ବିଦ୍ଧହୁଏ, ତେବେ ମୃଣାଳ ସୂତ୍ର ମଧ୍ୟରେ ମଧ୍ୟ ସୁବିସ୍ତୃତ ସଂସାର-ସମୁଦ୍ର ଦୃଷ୍ଟ ହୁଏ ।

ହେ ରାମ ! ସୁତରାଂ ତୁମେ ଭବବନ୍ଧନ ଜନୟିତ୍ରୀ ବାସନା ପରିହାର କରି ସ୍ଫଟିକମଣି ପରି ସ୍ୱଚ୍ଛଭାବେ ଅବସ୍ଥିତ ହୁଅ । ତୁମେ ଯଦି 'ମୁଁ ବ୍ରହ୍ମ' ଏହି ଜ୍ଞାନ ଦ୍ୱାରା ନିଶ୍ଚୟ ସମ୍ପନ୍ନ ହୋଇ ତତ୍ତ୍ୱଜ୍ଞଗଣଙ୍କ ସହିତ ଅନାସକ୍ତଭାବେ ବ୍ୟବହାର କର, ତେବେ ତୁମର ଆଉ ଅବିଦ୍ୟାଜନିତ ଜନ୍ମମରଣାଦି ରୂପ ଭ୍ରମ ରହିବ ନାହିଁ ।

ବାଲ୍ମୀକି କହିଲେ – ଭଗବାନ୍ ବଶିଷ୍ଠ ଏସବୁ କଥା କହିବା ପରେ ପଦ୍ମପଲାଶଲୋଚନ ରାମ କୁସୁମ ପରି ପ୍ରସ୍ଫୁଟିତ ହୋଇ ଉଠିଲେ । ସେ ସମୟରେ ତାଙ୍କ ଅନ୍ତଃକରଣ ବିକଶିତ ହୋଇ ଉଠିଲା । ସୂର୍ଯ୍ୟୋଦୟରେ ଅନ୍ଧକାର ତିରୋହିତ ହେବା ପରେ ପଦ୍ମ ଯେପରି ଆମୋଦମୟୀ ଶୋଭା ଧାରଣ କରେ, ଏହିସବୁ ଉପଦେଶ-ବାକ୍ୟରେ ଆଶ୍ୱସ୍ତ ହୋଇ ସେ ମଧ୍ୟ ସେହିପରି ଶୋଭା ପ୍ରାପ୍ତ ହେଲେ ।

(ଶ୍ରୀ ନାରାୟଣ ବୀରବର ସାମନ୍ତଙ୍କ ଦ୍ୱାରା ଅନୁବାଦିତ ''ଯୋଗବାଶିଷ୍ଠ ରାମାୟଣ'' ପୁସ୍ତକରୁ ସଂଗୃହୀତ) ❖

Only one thing is important, it is to find the Divine.

For each one and for the whole world anything becomes useful if it helps to find the Divine.

(CWM Vol. 14, p. 3) – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

# ଅଦୃଶ୍ୟ ଜଗତ୍

## ଶ୍ରୀମା

*ପ୍ରଶ୍ନ : କେଉଁଗୁଡ଼ିକ 'ଅଦୃଶ୍ୟ ଜଗତ୍' ?*

**ଶ୍ରୀମା** : ଏହା ଏକ ପ୍ରଚଣ୍ଡ ପ୍ରଶ୍ନ !

ତୁମେ ଶୁଣିଛ ଏବଂ ପଢ଼ିଛ ଯେ ଆମ୍ଭେମାନେ ସତ୍ତାର ବିଭିନ୍ନ ଅବସ୍ଥା ନେଇ ଗଠିତ – ଦୈହିକ, ପ୍ରାଣିକ, ମାନସିକ, ଅନ୍ତରାତ୍ମିକ, ଆଧ୍ୟାତ୍ମିକ ଇତ୍ୟାଦି । ବେଶ୍, ସତ୍ତାର ଏହି ସମସ୍ତ ଆନ୍ତର ଅବସ୍ଥାର ଅନୁରୂପ ଓ ତା' ସହ ସଂଯୁକ୍ତ ଅଦୃଶ୍ୟ ଜଗତସବୁ ରହିଛି । ଏକ ସ୍ଥୂଳ ଦୈହିକ ଜଗତ୍ ରହିଛି, ଏକ ପ୍ରାଣିକ ଜଗତ୍ ରହିଛି, ଏକ ମାନସିକ ଜଗତ୍ ରହିଛି, ଏକ ଅନ୍ତରାତ୍ମିକ ଜଗତ୍ ରହିଛି, ଏବଂ ଅନେକ ଆଧ୍ୟାତ୍ମିକ ଜଗତ୍ ରହିଛନ୍ତି; ଅଧିକରୁ ଅଧିକ ସୂକ୍ଷ୍ମତର ଜଗତସବୁର ଏକ କ୍ରମବିନ୍ୟସ୍ତ ବିସ୍ତାର ପରମ ଭଗବାନଙ୍କ ଦିଗରେ ଅଧିକରୁ ଅଧିକ ସନ୍ନିହିତ ଓ ନିକଟତର ହୋଇ ରହିଛନ୍ତି । ତେଣୁ, ଯେହେତୁ ତୁମ ନିଜ ଭିତରେ, ଅନୁରୂପ ଓ ସେଗୁଡ଼ିକ ସହ ସଂଯୁକ୍ତ ଏକ କ୍ରମବିନ୍ୟସ୍ତ ବିସ୍ତାରକୁ ବହନ କରି ରହିଛି, ତେଣୁ ତୁମ ନିଜର ଆନ୍ତର ସତ୍ତାକୁ ଅଧ୍ୟୟନ କରି ତାହା ସଂପର୍କରେ ସଚେତ ହୋଇ ପାରିଲେ ତୁମେ ସେହି ଅଦୃଶ୍ୟ ଜଗତଗୁଡ଼ିକ ସଂପର୍କରେ ମଧ୍ୟ ସଚେତ ହେବା ଦିଗରେ ନିଜକୁ କ୍ରମଶଃ ସକ୍ଷମ କରିପାରିବ – ଉଦାହରଣସ୍ୱରୂପ ମନର କଥା ନିଆଯାଉ : ଯଦି ମନ ସଚେତ ଥାଏ, ସୁସଂହତ ଓ ସୁସଂଯତ ଆୟତ୍ତାଧୀନ ହୋଇ ରହିଥାଏ, ତେବେ ତାହା ମନର ଜଗତରେ ସ୍ୱଚ୍ଛନ୍ଦରେ ବିଚରଣ କରିପାରିବ, ଠିକ୍ ଯେପରି ଆମର ଶରୀର ଏହି ସ୍ଥୂଳ ଜଗତରେ ବିଚରଣ କରି ପାରୁଛି ଏବଂ ସେତେବେଳେ ସେ ଦେଖିପାରିବ ଏହି ମନ-ଜଗତର ରୂପ କିପରି, ସେଠାରେ କ'ଣ ସବୁ ଘଟୁଛି, ଏହାର ବିଶେଷ ଚରିତ୍ର କିପରି ଇତ୍ୟାଦି । ଏହି ଜଗତଗୁଡ଼ିକ ନିଜ ସ୍ୱରୂପରେ ଅଦୃଶ୍ୟ ନୁହନ୍ତି, ସେମାନେ ଆମର ଦୈହିକ ଚେତନା ଓ ଦୈହିକ ଇନ୍ଦ୍ରିୟ ପାଇଁ ଅଦୃଶ୍ୟ; କିନ୍ତୁ ଚେତନାର ଅନୁରୂପ ଆନ୍ତର ଅବସ୍ଥା ବା ଅନୁରୂପ ଆନ୍ତର ବୋଧ ପାଇଁ ଆଦୌ ଅଦୃଶ୍ୟ ନୁହନ୍ତି । କାରଣ ବିଧିବଦ୍ଧ ବିକାଶ କରାଇ ଏହି ଜଗତରେ ଅନୁରୂପ ଇନ୍ଦ୍ରିୟ-ବୋଧସବୁ ଅର୍ଜନ କରାଯାଇପାରେ ଏବଂ ସେତେବେଳେ ଭିନ୍ନ ଭାବ ସମନ୍ୱିତ ଏକ ଅନୁରୂପ ଜୀବନ ଯାପନ କରାଯାଇ-ପାରେ । ମୁଁ ଏହି ଅର୍ଥରେ କହୁଛି ଯେ ଯଦି ନିଜର ଯଥେଷ୍ଟ ବିକାଶ ସାଧନ କରାଯାଇପାରେ ତେବେ ଏହିସବୁ ଜଗତରେ ଏକ ବାସ୍ତବ ବିଷୟମୁଖୀ (objective) ଜୀବନ ଯାପନ କରାଯାଇପାରେ । ତା' ନହେଲେ ଆମ ସାଧାରଣ ଚେତନା ପାଇଁ ସେହିସବୁ ଜଗତର ଆଦୌ କୌଣସି ଅସ୍ତିତ୍ୱ ନାହିଁ । ଏହି ବିଶ୍ୱରେ ଯାହାସବୁ ରହିଛି ତାହା ସହିତ ସମ୍ବନ୍ଧଯୁକ୍ତ ଅନୁରୂପ କିଛି ଉପାଦାନ ଯଦି ଆମେ ନିଜ ଭିତରେ ବହନ କରୁ ନ ଥା'ନ୍ତୁ ତେବେ ଆମ ପାଇଁ ଏହି ବିଶ୍ୱର ମଧ୍ୟ କୌଣସି ଅସ୍ତିତ୍ୱ ନ ଥା'ନ୍ତା । ଏବଂ ଏହା ହେଉଛି ପ୍ରକୃତରେ ଏକ ବିଧିବଦ୍ଧ ଓ ପ୍ରଣାଳୀଗତ ବିକାଶର ବିଷୟ । ବିଭିନ୍ନ କାରଣରୁ କେତେକ ଲୋକଙ୍କର ଏହି ଧରଣର ବିକାଶ ସ୍ୱତଃସ୍ଫୂର୍ତ୍ତ ଭାବରେ ହୋଇଥାଏ, ସାଧାରଣତଃ ପୂର୍ବଜନ୍ମସବୁରେ ସୁଦୀର୍ଘ ପ୍ରସ୍ତୁତିର ଫଳସ୍ୱରୂପ ଏହା ହୋଇଥାଏ, ଆଉ କେତେକ କ୍ଷେତ୍ରରେ ବିଶେଷ ଭାବରେ ଅନୁକୂଳ ପରିସ୍ଥିତି ଯୋଗୁଁ ଏହି ବିକାଶ ହୋଇଥାଏ । ଏହି ଲୋକମାନେ ଏପରି ଏକ ପରିବେଶ ଭିତରେ ବଢ଼ି ଥାଆନ୍ତି, ଏପରି ମାତାପିତାମାନଙ୍କ ଦ୍ୱାରା ଲାଳିତ ହୋଇ ଥାଆନ୍ତି ଯେଉଁମାନେ କି ନିଜ ଭିତରେ ଏହି ଗୁଣଗୁଡ଼ିକର ବିକାଶ କରାଇ ଥାଆନ୍ତି ଓ ସେହି ମାତାପିତାଙ୍କଠାରୁ ସହାୟତା ପାଇ ସେହି ଲୋକମାନେ ପିଲାଦିନରୁ ଏହି ଗୁଣଗୁଡ଼ିକର ବିକାଶ କରାଇ ଥାଆନ୍ତି । ଅନ୍ୟ ଲୋକମାନଙ୍କୁ ଆନ୍ତର ସାଧନା ଦ୍ୱାରା ଏଗୁଡ଼ିକ ବିଧିବଦ୍ଧ ଭାବରେ ବିକାଶ କରାଇବାକୁ ପଡ଼ିବ । ଏଥିପାଇଁ ସମୟ ଲାଗେ, ବେଶ୍ ଦୀର୍ଘ ସମୟ ଲାଗେ, ତେବେ ଗୋଟିଏ ଶିଶୁର ମସ୍ତିଷ୍କ ଜଟିଳ ଗଣିତ ତତ୍ତ୍ୱକୁ ଠିକ୍ ଭାବରେ ଧରିପାରିବା ପାଇଁ ଯେତିକି ସମୟ ଲାଗେ ତା' ଅପେକ୍ଷା ଅଧିକତର ଦୀର୍ଘ ସମୟ ଲାଗେ ନାହିଁ । ସେଥିପାଇଁ ତ ବର୍ଷ ବର୍ଷ ସମୟ ଲାଗିଯାଏ ।

*ପ୍ରଶ୍ନ : ଏହି ଅଦୃଶ୍ୟ ଜଗତସବୁ ବିଶ୍ୱରେ କ'ଣ ଗୋଟିଏ ସ୍ଥିର-ନିର୍ଦ୍ଦିଷ୍ଟ ସ୍ଥାନରେ ରହିଛନ୍ତି ?*

**ଶ୍ରୀମା** : ଅବଶ୍ୟ ଏଗୁଡ଼ିକ ଜଗତର ଅଂଶବିଶେଷ

ହୋଇ ରହିଛନ୍ତି । ହଁ, କୁହାଯାଇପାରେ ଯେ ସେଗୁଡ଼ିକ ଏକ ସ୍ଥିର-ନିର୍ଦ୍ଦିଷ୍ଟ ସ୍ଥାନରେ ରହିଛନ୍ତି । କିନ୍ତୁ ତାହା ବୁଝିବାକୁ ହେଲେ, ଏହି ଜିନିଷଗୁଡ଼ିକୁ ବୁଝିବାକୁ ହେଲେ ଏପରି ଏକ ମନ ଆବଶ୍ୟକ ଯାହାକି ଆମର ଏହି ଭୌତିକ ବିସ୍ତାର କ୍ଷେତ୍ରଭୂମି (Dimension) ଠାରୁ ଭିନ୍ନ ଅନ୍ୟାନ୍ୟ ବିସ୍ତାର ଭୂମିସବୁକୁ ବୁଝିବା ପାଇଁ ସମର୍ଥ ହୋଇଥିବ । କାରଣ ତୁମକୁ ଯେତେବେଳେ କୁହାଯାଏ ଯେ ତୁମର ଚୈତ୍ୟପୁରୁଷ ତୁମ ଶରୀର ଭିତରେ ଅଛି ସେତେବେଳେ ତା'ର ଅର୍ଥ ଏପରି ନୁହେଁ ଯେ ଯଦି ତୁମ ଶରୀରଟିକୁ ଖୋଲି ଦିଆଯାଏ ତେବେ ତୁମେ ତା' ଭିତରେ ତୁମ ଚୈତ୍ୟପୁରୁଷଙ୍କୁ ଦେଖିପାରିବ । ଶରୀରଟିକୁ ଖୋଲିଦେଲେ ତୁମେ ତୁମର ହୃଦୟ, ପାକସ୍ଥଳୀ ଓ ଭିତରର ଅନ୍ୟାନ୍ୟ ସ୍ଥୂଳ ଅଙ୍ଗପ୍ରତ୍ୟଙ୍ଗସବୁକୁ ଦେଖିପାରିବ; କିନ୍ତୁ ଚୈତ୍ୟପୁରୁଷକୁ ନୁହେଁ । ତଥାପି ଏହା ତୁମ ଭିତରେ ରହିଛି ବୋଲି କହିଲେ ତାହା ଭୁଲ୍ ହେବ ନାହିଁ । ଏହା ମଧ୍ୟ ତୁମକୁ ଅତିକ୍ରମ କରି ବ୍ୟାପ୍ତ ହୋଇଛି, କିନ୍ତୁ ତାହା ଅନ୍ୟ ଏକ ବିସ୍ତାର ଭୂମିରେ । କୁହାଯାଇପାରେ ଯେତେ ସଂଖ୍ୟକ ଜଗତ୍ ରହିଛି, ସେତେ ସଂଖ୍ୟକ ବିସ୍ତାର ଭୂମି ମଧ୍ୟ ରହିଛି । ନିଶ୍ଚିତ ଭାବରେ ଏହିସବୁ ଅଦୃଶ୍ୟ ଜଗତ୍, ତଥାକଥିତ ଏହି ଅଦୃଶ୍ୟ ଜଗତସବୁ ଭୌତିକ ଜଡ଼ ବିଶ୍ୱ ଭିତରେହିଁ ଅବସ୍ଥାନ କରୁଛନ୍ତି ବୋଲି କୁହାଯାଇପାରେ । କିନ୍ତୁ ସେମାନେ ଅନ୍ୟାନ୍ୟ ଜଡ଼ବସ୍ତୁର ସ୍ଥାନ ଦଖଲ କରି ରହି ନାହାନ୍ତି । ଜିନିଷଟି ବୁଝିବା ପାଇଁ ଏକ ଚଳନୀୟ ତୁଳନା ନିଆଯାଇପାରେ,– କେବଳ ଏକ ତୁଳନା ହିସାବରେହିଁ ଏହା ଗ୍ରହଣୀୟ – ତୁମ ମସ୍ତିଷ୍କ ଭିତରେ ଅଗଣିତ ଧାରଣା ବା ଚିନ୍ତାସବୁ ସ୍ଥାନ ପାଇ ଥାଆନ୍ତି, କିନ୍ତୁ ସେଥିପାଇଁ ତ ତୁମକୁ ଏପରି ଲାଗେ ନାହିଁ ଯେ ଗୋଟିଏ ଚିନ୍ତାକୁ ସ୍ଥାନ ଦେବା ପାଇଁ ଅନ୍ୟ ଚିନ୍ତାଟିକୁ ବହିଷ୍କାର କରିଦେବାକୁ ପଡୁଛି, ଏପରି କରିବାକୁ ପଡୁଛି କି ? ସେହି ଦୃଷ୍ଟିରୁ ସେଗୁଡ଼ିକ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ଦଖଲ କରି ରହି ନ ଥା'ନ୍ତି ।

('ମା' ବହି ପ୍ରସଙ୍ଗରେ, ପୃଷ୍ଠା : ୩୪ - ୩୭) ✜


Be simple, sincere and faithful in front of the Grace which is constantly with you.

(CWM. Vol. 14, p. 157) – The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

ଶେଷ ପୃଷ୍ଠା :

# ସ୍ୱାଧୀନତା ଦିବସର ଅନୁଚିନ୍ତା

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

୧୯୪୮ରେ ଶ୍ରୀଅରବିନ୍ଦ ତାଙ୍କର ଜଣେ ଶିଷ୍ୟଙ୍କ ନିକଟକୁ ଆଶ୍ରମରେ ପ୍ରଦର୍ଶିତ ହେଉଥିବା ଏକ ନୃତ୍ୟ ସମ୍ପର୍କରେ ଶ୍ରୀମା'ଙ୍କ ବ୍ୟାଖ୍ୟାକୁ ଉଲ୍ଲେଖ କରି ନିମ୍ନ ପତ୍ରଟି ଲେଖିଥିଲେ :

''ତୁମ ପାଇଁ ଅନୁଙ୍କର[୧] ନୃତ୍ୟର ବିଷୟବସ୍ତୁ ସମ୍ପର୍କରେ ମା ଏହି ବ୍ୟାଖ୍ୟାଟି ଦେଇଛନ୍ତି । ଏଥିରେ ତିନୋଟି ଦୃଶ୍ୟ ରହିଛି ।

''ପ୍ରଥମ ଦୃଶ୍ୟରେ ପରଦା ଉଠିବା ବେଳକୁ ଭାରତକୁ ପରାଧୀନତା ଓ ଦାସତ୍ୱର ବନ୍ଧନରେ ପଡ଼ିଥିବା ଦେଖା ହୋଇଛି । ତା'ପରେ ସେ ଜାଗ୍ରତ୍ ହୋଇଛି ଏବଂ ପରାଧୀନତାର ସେହି ଶୃଙ୍ଖଳ ଛିନ୍ନ କରି ତହିଁରୁ ମୁକ୍ତ ହେବାକୁ ଚେଷ୍ଟା କରୁଛି, ତା' ଭିତରେ ସଂଗ୍ରାମର ପ୍ରେରଣା ବଢ଼ି ଚାଲିଛି ।

''ଦ୍ୱିତୀୟ ଦୃଶ୍ୟରେ ସ୍ୱାଧୀନତା ଆସିଛି, ସଙ୍ଗରେ ଆଣିଛି ଆନନ୍ଦ ଓ ସ୍ୱାଧୀନ ଦେଶବାସୀଙ୍କ କର୍ମୋତ୍ସାହ । କିନ୍ତୁ ଦେଶ ସମ୍ମୁଖୀନ ହୋଇଛି ସମସ୍ତ ପ୍ରକାର ସମସ୍ୟାର, ଯଥା – ଆର୍ଥିକ ସଙ୍କଟ, ବିଭେଦ, ଦୁର୍ନୀତି ଓ ନୈତିକ ଅଧଃପତନ ଇତ୍ୟାଦି । ସେ ଏସବୁର ସମାଧାନ ପାଇଁ ଚତୁର୍ଦ୍ଦିଗକୁ ଚାହୁଁଛି କିନ୍ତୁ ଉଦ୍ଧାରର କୌଣସି ପଥ ଦେଖୁ ନାହିଁ । ବିଭ୍ରାନ୍ତି ଓ ବିଭ୍ରାଟ ଦିନୁଦିନ ଅଧିକରୁ ଅଧିକ ବଢ଼ିବାରେ ଲାଗିଛି ।

''ତୃତୀୟ ଦୃଶ୍ୟରେ ଏହିସବୁ ବାଧାବିଘ୍ନର ସମ୍ମୁଖୀନ ହୋଇ ସେ ଏକ ମହାନ୍ ଅଭୀପ୍ସା ନେଇ ସର୍ବବ୍ୟାପୀ ଦିବ୍ୟଜନନୀଙ୍କର ଆତ୍ମା ସମ୍ପର୍କରେ ସଚେତ ହେଉଛି, ସେହି ଆତ୍ମା ସଙ୍ଗରେ ଏକ କ୍ରମବର୍ଦ୍ଧମାନ ମିଳନ ଓ ଏକତ୍ୱ ଅନୁଭବ କରୁଛି । ସେ ପୃଥିବୀରେ ନିଜର ଆଧ୍ୟାତ୍ମିକ ନେତୃତ୍ୱର ଭୂମିକା ସମ୍ପର୍କରେ ସଚେତ ହେଉଛି ଏବଂ ତାହାରି ଦ୍ୱାରାହିଁ ସିଦ୍ଧ ହେଉଛି ଦେଶର ସମ୍ପୂର୍ଣ୍ଣ ଏକତା । ଯେଉଁ ମୁହୂର୍ତ୍ତରୁ ସେ ନିଜ ଆତ୍ମା ସମ୍ପର୍କରେ ସଚେତ ହେଉଛି, ସେହି ମୁହୂର୍ତ୍ତରୁ ସମବେତ ସଙ୍ଗୀତର ଐକ୍ୟତାନ ଏକ ବିପୁଳ ଶକ୍ତି ଓ ଉତ୍ସାହ ନେଇ ଉତ୍ଥିତ ହେବାକୁ ଆରମ୍ଭ କରିଛି ।''[୨]

ଶ୍ରୀଅରବିନ୍ଦ ଏହି ଚିଠିଟି ଲେଖିଥିଲେ ଭାରତ ସ୍ୱାଧୀନ ହେବାର ଏକ ବର୍ଷ ପରେ । ଆମର ସ୍ୱାଧୀନତା ମିଳିବା ଆଜି ଆସି ୩୦* ବର୍ଷକୁ ପଡ଼ିଲାଣି କିନ୍ତୁ ଆମେ ନାଟକର ସେହି ଦ୍ୱିତୀୟ ଦୃଶ୍ୟରେହିଁ ରହିଛୁ । ଦେଶ ଓ ଦେଶବାସୀ ଦାରିଦ୍ର୍ୟ, ଶୋଷଣ, ଦୁର୍ନୀତି, ବିଭେଦ ଆଦି ନାନା ଦୁର୍ଭୋଗ ଓ ଅଧଃପତନ ଭିତରେ ନିରନ୍ତର ଶଢ଼ୁଛନ୍ତି । ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟାସବୁର ବିଫଳତା, ବିଭ୍ରାଟ ଓ ବିଭ୍ରାନ୍ତିର

---

[୧] ଆଶ୍ରମର ଜଣେ ସାଧିକା ଓ ନୃତ୍ୟ-ଶିକ୍ଷୟିତ୍ରୀ ।

[୨] "The Mother has given for your perusal an account of the theme of Anu's dance. It runs in three scenes :

"In the first the curtain rises showing India in slavery and bondage. Then she awakes and tries to throw off the yoke : the spirit of fight grows.

"In the second scene, the liberation has come and its joy and the action of a free people. But she is faced with all sorts of problems, such as : financial crisis, division, corruption and moral degradation, etc. She looks to every side for a solution, but finds no way out. The confusion grows worse and worse.

"In the third scene, faced with these difficulties she aspires and becomes conscious of the soul of all pervading Mother and feels a growing union with that soul. She finds out her spiritual mission in the World and by it realises the complete unity of the country. From the moment she becomes conscious of the soul, the chorus begins rising into a great force and enthusiasm."

* ଏ ପ୍ରବନ୍ଧଟିର ରଚନାକାଳ ୧୯୭୬ ମସିହା । ଅଧୁନା ଭାରତବର୍ଷ ସ୍ୱାଧୀନ ହେବାର ପଞ୍ଚସ୍ତରୀ ବର୍ଷ ପୂର୍ଣ୍ଣ ହୋଇଗଲାଣି ।

ଶୋଚନୀୟ ବୃଦ୍ଧି ଆଦି ଯେଉଁସବୁ ବିଷୟର ବର୍ଣ୍ଣନା ଦ୍ୱିତୀୟ ଦୃଶ୍ୟରେ ଦିଆଯାଇଛି, ସବୁଗୁଡ଼ିକ ଗୋଟି ଗୋଟି କରି ଘଟି ଚାଲିଛି; ମନେ ହେଉଛି ଯେପରି ଏଥିରୁ ନିଷ୍କୃତିର ଆଉ ବାଟ ନାହିଁ । ଦେଶ-ବିକାଶର ଧାରାକୁ ଠିକ୍ ବାଟରେ ଚଳାଇବା ପାଇଁ ଅର୍ଥନୈତିକ, ରାଜନୈତିକ ଓ ପ୍ରଶାସନିକ ଆଦି କ୍ଷେତ୍ରରେ, ଶିକ୍ଷା ଓ ସଂସ୍କୃତି ଆଦିର କ୍ଷେତ୍ରରେ ସରକାରୀ, ବେସରକାରୀ ନାନା ଉଦ୍ୟମ ହେଉଛି, ହୁଏତ ବେଳେ ବେଳେ କିଛି ସମୟ ପାଇଁ ସମାଧାନର କିଛି ବାଟ ଦିଶିଗଲା ପରି ମନେ ହେଉଛି କିନ୍ତୁ ଶେଷରେ ଦେଖା ଯାଉଛି ସେଗୁଡ଼ିକ ବ୍ୟର୍ଥ ହେଉଛି, ଦୁଇ ଚାରି ବୁନ୍ଦା ବର୍ଷା ଟୋପା ଛିଞ୍ଚି ଅଦିନ ମେଘଖଣ୍ଡ ପରି କୁଆଡ଼େ ମିଳାଇ ଯାଉଛି । ଜାତୀୟ ପୁନରୁତ୍ଥାନର ଶୁଷ୍କ ଧାରାରେ ପ୍ଲାବନର ଆଶା ସେଇ ଆଶାରେହିଁ ରହି ଯାଉଛି ।

ଦେଶର ସମୃଦ୍ଧି ଓ ବିକାଶ ସମ୍ପର୍କରେ ଗଣ ମାଧ୍ୟମରେ ଯେତେ ପ୍ରଚାର ଓ ଦୀର୍ଘ ଭାଷଣ ଶୁଣାଯାଉ ଥାଉନା କାହିଁକି, ସରକାରୀ ବିଜ୍ଞପ୍ତି ଓ କାଗଜପତ୍ରରେ ହିସାବକିତାବ ଦେଖାଇ ଅଗ୍ରଗତିର ଯେତେ ମନ ଭୁଲାଣିଆ ଚିତ୍ର ଦିଆ ଯାଉନା କାହିଁକି, କଠୋର ବାସ୍ତବତାର ଚିତ୍ରକୁ ତାହା ବଦଳାଇ ଦେଇ ପାରିବ ନାହିଁ । ଦେଶ ସ୍ୱାଧୀନ ହେଲା ବେଳେ ଆଶା, ଆନନ୍ଦ ଓ କର୍ମୋତ୍ସାହର ଯେଉଁ ସତେଜ ପ୍ରଫୁଲ୍ଲତା ଦେଶବାସୀଙ୍କ ମୁହଁରେ ଫୁଟି ଉଠିଥିଲା, ସେ ଦୀପ୍ତି ଆଉ ନାହିଁ । ସେ ଛାତ୍ର ହେଉ ବା ଶିକ୍ଷକ ହେଉ, ଶ୍ରମିକ, କୃଷକ ବା ମଧ୍ୟବିତ୍ତ ହେଉ, ଦେଶବାସୀଙ୍କ ମୁହଁରେ ଦେଖିବ ନୈରାଶ୍ୟ, ଦୁର୍ଭୋଗ, ଅବସାଦ ଓ ଅନିଶ୍ଚୟତାର ମଳିନ ଛାୟା ।

ଯେପର୍ଯ୍ୟନ୍ତ ମଳିନତାର ସେହି ଛାୟା ଅପସରି ଯାଇ ଦେଶବାସୀଙ୍କ ମୁହଁରେ ଆଶା, ଆନନ୍ଦ ଓ ସୃଜନଶୀଳ କର୍ମୋତ୍ସାହର ନୂଆ ଦୀପ୍ତି ଓ ସତେଜ ଉତ୍‌ଫୁଲ୍ଲତା ଫୁଟି ଉଠି ନାହିଁ ସେପର୍ଯ୍ୟନ୍ତ କୌଣସି ଆତ୍ମସନ୍ତୋଷ ଆତ୍ମପ୍ରବଞ୍ଚନାରେହିଁ ପର୍ଯ୍ୟବସିତ ହେବ ।

ଆମେ ଅବଶ୍ୟ ଏହା କହିବାକୁ ଯାଉ ନାହୁଁ ଯେ ଦେଶର କିଛି ଉନ୍ନତି ହୋଇ ନାହିଁ, କିନ୍ତୁ ସ୍ୱାଧୀନତା ଲାଭର ଏହି ସମୟ ସୀମା ଭିତରେ ଯାହା ହୋଇ ପାରି ଥାଆନ୍ତା, ଯାହା ହୋଇ ପାରିବାର ସମସ୍ତ ବାସ୍ତବ ସମ୍ଭାବନା ଓ ଶକ୍ତି ଆମ ଭିତରେ ଥିଲା ଓ ପ୍ରକୃତରେ ଆମେ ଯାହା ହୋଇଛୁ, ତାହା ଭିତରେ ଏଡ଼େ ବଡ଼ ଫାଙ୍କ, ଏଡ଼େ ବଡ଼ ବ୍ୟବଧାନ ରହିଛି ଯେ ତାହାକୁ ଚାହିଁଲେ ଭୟ ଲାଗେ, ଭୟାନକ ଆତ୍ମଗ୍ଲାନି ଆସେ ।

ଏଥିପାଇଁ ଯେ ଆମେ ଦେଶର କୌଣସି ନେତୃତ୍ୱକୁ, ସରକାର ବା କୌଣସି ଦଳକୁ ଦାୟୀ କରୁଛୁ, ତା' ଆଦୌ ନୁହେଁ । ଭୁଲ୍‌ଟା ଆମ ସମସ୍ତଙ୍କର, ସମଗ୍ର ଦେଶବାସୀଙ୍କର; ଆମ ସମସ୍ତଙ୍କୁହିଁ ଏକାଠି ମିଶି ଭୁଲ୍ ସଂଶୋଧନର ବାଟ, ସମସ୍ୟା ସମାଧାନର ବାଟ ବାହାର କରିବାକୁ ହେବ ।

ଆମର ମନେହୁଏ ଦେଶ ବିକାଶ ସମ୍ପର୍କରେ ଆମ ପଦକ୍ଷେପ ସବୁରେ ମୂଳରୁହିଁ ଆମେ ବାଟ ହୁଡ଼ିଛୁ । ଆମ ଦେଶର ସ୍ୱଧର୍ମ କ'ଣ, ପୃଥିବୀ ଓ ମାନବସମାଜ ପାଇଁ ତା'ର ଭୂମିକା କ'ଣ, କେଉଁ ବିଶେଷ ସତ୍ୟକୁ ମୂର୍ତ୍ତ ଓ ରୂପାୟିତ କରିବା ପାଇଁ ସେ ଏକ ମହାନ୍ ଦେଶ ଓ ଜାତି ରୂପେ ଜନ୍ମ ନେଇଛି – ଏସବୁ ବିଷୟରେ ଆମେ ଚିନ୍ତା ମଧ୍ୟ କଲୁ ନାହିଁ, ଯଦିଓ ଆମ ଦେଶର ସମସ୍ତ ବଡ଼ ବଡ଼ ମହାପୁରୁଷ ଆମକୁ ବାରଂବାର କହି ଯାଇଛନ୍ତି ଯେ ଆଧ୍ୟାତ୍ମିକତାହିଁ ଜାତି ହିସାବରେ ଆମ ଜନ୍ମ ଓ ଜୀବନ-ରହସ୍ୟର ମୂଳ ଚାବିକାଠି । ବର୍ତ୍ତମାନ ଆମ ଦେଶରେ ଯେଉଁସବୁ ଯୋଜନା ଓ ଅନ୍ୟାନ୍ୟ ଜନହିତକର କାର୍ଯ୍ୟ ଚାଲିଛି, ତାହା ସେତେବେଳେହିଁ ଅର୍ଥପୂର୍ଣ୍ଣ ଓ ସୁଦୃଢ଼ ହୋଇ ଉଠିବ ଯଦି ଆମ ରାଷ୍ଟ୍ରିୟ ସାମର୍ଥ୍ୟର ଏହି ମୂଳ ରହସ୍ୟକୁ ଭିତ୍ତି ବୋଲି ସ୍ୱୀକାର କରାଯାଏ । ଆମର ଉତ୍ଥାନ ଓ ଅଗ୍ରଗତି କେବଳ ଯେ ଅର୍ଥପୂର୍ଣ୍ଣ ହେବ ତାହା ନୁହେଁ, ବରଂ ରାଷ୍ଟ୍ର ହିସାବରେ, ଜାତି ହିସାବରେ ଭାରତବର୍ଷ ବଞ୍ଚି ରହିବାର ମହତ୍ତ୍ୱ ମଧ୍ୟ ପ୍ରତିପାଦିତ ହେବ ।

ସମାଧାନର ପ୍ରକୃତ ବାଟ ରହିଛି ଶ୍ରୀଅରବିନ୍ଦ ଯେଉଁ ତୃତୀୟ ଦୃଶ୍ୟ କଥା କହିଛନ୍ତି ତା'ର ତାତ୍ପର୍ଯ୍ୟ ଠିକ୍ ରୂପେ ବୁଝି ତାହାକୁ ପ୍ରୟୋଗ କରିବାରେ । ପ୍ରତ୍ୟେକ ଦେଶର ଏକ ଆତ୍ମା ରହିଛି । ତାହାହିଁ ସେହି ଦେଶ ବା ଜାତିର ଅନ୍ତର୍ନିହିତ ସତ୍ୟ । ସେହି ଆତ୍ମା ସହିତ ମିଳିତ ହୋଇ ପାରିଲେ, ତା' ସହିତ ସଂଯୋଗ ରଖି ପାରିଲେ ସେଇଠୁହିଁ ଆମେ ପାଇ ପାରିବୁ ଆମ ଜାତୀୟ ଅଭ୍ୟୁତ୍ଥାନର ସମସ୍ତ ଶକ୍ତି । କାରଣ ଚେତନାମୟୀ ବିଶ୍ୱ ପ୍ରକୃତି ଦିବ୍ୟଜନନୀଙ୍କ ଆତ୍ମାର ଅଂଶ ବିଶେଷ ହେଉଛି କୌଣସି ଦେଶ ବା ଜାତିର ଆତ୍ମା । ସେଇଥିପାଇଁ ତାହା ଅନନ୍ତ ଅକ୍ଷୟ ଶକ୍ତିର ଭଣ୍ଡାର । ଦେଶର ଯଥାର୍ଥ ଅଭ୍ୟୁତ୍ଥାନ, ସମୃଦ୍ଧି ଓ ବିକାଶର ସମସ୍ତ ଭାଗ୍ୟ ସେଇଠି ଲିପିବଦ୍ଧ ହୋଇ ରହିଛି ଚିରନ୍ତନ ଭାବରେ । କୌଣସି ଦେଶ ଯେତେବେଳେ ସଚେତ ଭାବରେ ନିଜର ସେହି ଭାଗ୍ୟଲିପି ପଢ଼େ ସେତେବେଳେ ସେ ଉଦ୍‌ବୁଦ୍ଧ ହୋଇ ଉଠେ ଏକ ନୂଆ ପ୍ରେରଣାରେ; ଏକ ନୂତନ

ଜାଗରଣ ଓ କର୍ମୋତ୍ସାହରେ ସେ ସକ୍ରିୟ ହୋଇ ଉଠେ, ଅଜେୟ ଶକ୍ତିର ବିପୁଳ ତରଙ୍ଗ ଖେଳିଯାଏ ତା'ର ସାରା ଅଙ୍ଗରେ । କୌଣସି ଦେଶ ପାଇଁ ଯେତେବେଳେ ଏହି ଅବସ୍ଥା ଆସେ, ଆମେ ସେତେବେଳେ ଦେଖୁ ଆୟତନରେ, ଜନ ସଂଖ୍ୟାରେ, ପ୍ରାକୃତିକ ସମ୍ପଦ ଆଦିରେ ସେ ଦେଶ ଯେତେ କ୍ଷୁଦ୍ର ଓ ଦୁର୍ବଳ ହୋଇ ଥାଉ ନା କାହିଁକି, ହଠାତ୍ ସେହି ଦେଶ ହୋଇଉଠେ ଏକ ଦୁର୍ବାର ଅଜେୟ ଶକ୍ତିର ପ୍ରତିନିଧି, ବିଶ୍ୱ ଦରବାରରେ ନିଜର ନିର୍ଦ୍ଧାରିତ ଆସନ ସେ ଗ୍ରହଣ କରେ ସମସ୍ତ ଆତ୍ମ ବିଶ୍ୱାସ ନେଇ ।

ଦେଶବାସୀଙ୍କ ଚେତନା ଭିତର ଦେଇହିଁ ଦେଶ ଉପଲବ୍ଧି କରେ ନିଜ ଆତ୍ମାର ସତ୍ୟକୁ, ସଂଯୁକ୍ତ ହୁଏ ଓ ଅଭିବ୍ୟକ୍ତ କରେ ସେହି ସତ୍ୟକୁ । ତେଣୁ ଆଜି ଯେଉଁମାନେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ବାଣୀ ଭିତର ଦେଇ ଭାରତ ଆତ୍ମାର ଅନ୍ତର୍ନିହିତ ସତ୍ୟ କଥା ଶୁଣିଛନ୍ତି, ତାହାକୁ ବିଶ୍ୱାସ କରିଛନ୍ତି, ସେମାନେ ଆଜି ନିଜେ ସେହି ସତ୍ୟକୁ ଉପଲବ୍ଧି କରିବା ପାଇଁ, ଦେଶବାସୀଙ୍କ ଚେତନାରେ ସେହି ସତ୍ୟର ସ୍ପନ୍ଦନ ଖେଳାଇ ଦେବା ପାଇଁ ଆଗେଇ ଆସନ୍ତୁ । ସେମାନଙ୍କୁ ନୂଆ କିଛି ସୃଷ୍ଟି କରିବାକୁ ହେବ ନାହିଁ । ସେମାନଙ୍କ ଚେତନାରେ, ଦେଶବାସୀଙ୍କ ଚେତନାରେ ସତ୍ୟର ଯେଉଁ ଅଗ୍ନି ବରାବର ରହି ଆସିଛି, ତାହା ଉପରୁ କେବଳ ବିଭ୍ରାନ୍ତିର ଆବରଣକୁ କାଢ଼ି ଦେବାକୁ ହେବ, ସେହି ସତ୍ୟର ପ୍ରକାଶ ପାଇଁ ଦିବ୍ୟଜନନୀଙ୍କର ଯେଉଁ ବିପୁଳ ଶକ୍ତି ବରାବର କ୍ରିୟାଶୀଳ ହୋଇ ଆସିଛି, ତାହାରହିଁ ସମର୍ପିତ ଓ ସଚେତ ଯନ୍ତ୍ର ହେବାକୁ ହେବ । ✤

*ପ୍ରଶ୍ନ : ତରୁଣମାନଙ୍କୁ ଶ୍ରୀଅରବିନ୍ଦଙ୍କ ଆହ୍ୱାନ କ'ଣ ?*

**ଶ୍ରୀମା :** ଅତିମାନସ ଚେତନାର ଆଲୋକରେ ଏକ ଶ୍ରେଷ୍ଠତର ଭବିଷ୍ୟତର ନିର୍ମାତା ହୋଇ ଉଠିବା ।

(୨୭ ନଭେମ୍ବର, ୧୯୭୧)


*ପ୍ରଶ୍ନ : ଆପଣଙ୍କର ୧୯୭୨ ଜାନୁଆରୀ ୨ର ବାର୍ତ୍ତାରେ ଆପଣ କହିଥିଲେ,*

''ତାଙ୍କର ଶତବାର୍ଷିକୀର ଏହି ବର୍ଷରେ ତାଙ୍କର ସହାୟତା ଆହୁରି ଦୃଢ଼ତର ହେବ । ସେଥିପ୍ରତି ଅଧିକ ଉନ୍ମୋଚିତ ହେବା ଓ ତାହାର ସୁଯୋଗ ଗ୍ରହଣ କରିବା ନିର୍ଭର କରେ ଆମ ଉପରେ ।
''ଯେଉଁମାନଙ୍କର ବୀରର ଆତ୍ମା ରହିଛି, ଭବିଷ୍ୟତ୍ ସେହିମାନଙ୍କରହିଁ ।''

*ଅନୁଗ୍ରହ କରି ଆପଣ ବୁଝାଇ ଦେବେ କି ଏହି ବାର୍ତ୍ତାରେ ଆପଣ କେଉଁ ଅର୍ଥରେ 'ବୀର' କଥା କହିଛନ୍ତି ?*

**ଶ୍ରୀମା :** ଜଣେ ବୀର କୌଣସି କିଛିକୁ ଭୟ କରେ ନାହିଁ, କୌଣସି ବିଷୟରେ ଅଭିଯୋଗ କରେ ନାହିଁ, ଏବଂ କେବେହେଲେ ନିଜର ସଙ୍କଳ୍ପ ଛାଡ଼ିଦିଏ ନାହିଁ ।

(୧୯୭୨)



କଲିକତାରେ ଶ୍ରୀଅରବିନ୍ଦ, ୧୯୦୬

ଶ୍ରୀମାଙ୍କ ଦ୍ୱାରା ନିର୍ବାଚିତ ଶ୍ରୀଅରବିନ୍ଦଙ୍କ ଫଟୋଗ୍ରାଫ୍‌ର ଏହି ତୈଳଚିତ୍ରଟିକୁ ୧୫ ଅଗଷ୍ଟ, ୧୯୫୯ରେ
ନୂଆ ଦିଲ୍ଲୀସ୍ଥ ରାଷ୍ଟ୍ରପତି ଭବନକୁ ଉପହାର ଦିଆଯାଇଥିଲା ।
(ଶିଳ୍ପୀ : ଆଶ୍ରମର ଅନ୍ତେବାସୀ ପ୍ରମୋଦ କୁମାର)

ଶ୍ରୀଅରବିନ୍ଦଙ୍କ କଲିକତା ଜୀବନର ସଂକ୍ଷିପ୍ତ ବିବରଣୀ ସହ ସେହି ସମୟସୀମା ଭିତରେ ତାଙ୍କର ଶ୍ରୀପାଦ ସ୍ପର୍ଶ କରିଥିବା
ବିଭିନ୍ନ ସ୍ଥାନ ଓ ନିକଟ ସାନ୍ନିଧ୍ୟ ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କର ଫଟୋଚିତ୍ରର ଏକ ସମାହାର ।
(ପ୍ରଥମ ପର୍ବ)



ତଦାନୀନ୍ତନ ହାଓଡ଼ା ଷ୍ଟେସନ

ଅବିନାଶ ଭଟ୍ଟାଚାର୍ଯ୍ୟଙ୍କର ଅନୁଜ ଉପେନ୍ଦ୍ର ଚନ୍ଦ୍ରଙ୍କର ସ୍ମୃତିକଥାରୁ ଉଦ୍ଧୃତି : ''... ଦିନେ, ୧୯୦୬ ମସିହାର ଜୁଲାଇ ପ୍ରାରମ୍ଭରେ କାନାଇଧର ଲେନ୍‌ରେ ଅବସ୍ଥିତ 'ଯୁଗାନ୍ତର କାର୍ଯ୍ୟାଳୟ'କୁ ଯାଇ ଶୁଣିବାକୁ ପାଇଲି ଯେ ଶ୍ରୀଅରବିନ୍ଦ ବରୋଦାରୁ ଚିର ବିଦାୟ ନେଇ ଆଜିହିଁ କଲିକତାକୁ ଆସୁଛନ୍ତି ଏବଂ ଦାଦା (ଅବିନାଶ) ଓ ବାରୀନ୍ ତାଙ୍କୁ ପାଛୋଟି ଆଣିବା ନିମିତ୍ତ ହାଓଡ଼ା ଷ୍ଟେସନକୁ ଯାଇଛନ୍ତି । ଖୁବ୍ ଅଳ୍ପ ସମୟ ପରେ ଏକ ଦ୍ୱିତୀୟ ଶ୍ରେଣୀର ଫିଟନ୍ ଘୋଡ଼ାଗାଡ଼ିରୁ ଦାଦା ଓ ବାରୀନ୍‌ଙ୍କ ସହିତ ଶ୍ରୀଅରବିନ୍ଦ ଓହ୍ଲାଇଲେ । ... ଶ୍ରୀଅରବିନ୍ଦ ଥିଲେ ପତଳା ଗଢ଼ଣର ଯୁବକ, ପୋଷାକ ଥିଲା ପ୍ୟାଣ୍ଟକୋଟ, ମଥାରେ ପଗଡ଼ି (ପିଲାରି) ଏବଂ ପାଦରେ ବୁଟ୍ ଜୋତା । ଉପସ୍ଥିତ ନେତୃସ୍ଥାନୀୟ ବ୍ୟକ୍ତିଗଣ (ଶ୍ୟାମସୁନ୍ଦର ଚକ୍ରବର୍ତ୍ତୀ, ବ୍ରହ୍ମବାନ୍ଧବ ଉପାଧ୍ୟାୟ, ସଖାରାମ ଗଣେଶ ଦେଓସ୍କର, ସୁରେଶଚନ୍ଦ୍ର ସମାଜପତି ପ୍ରମୁଖ ବ୍ୟକ୍ତିଗଣ)ଙ୍କ ସହିତ ଇଂରାଜୀରେ ଦୁଇ-ଚାରି ପଦ କଥା କହି ସେ ଉପର ମହଲାକୁ ଉଠିଗଲେ ।... ଜୋତା ଖୋଲୁ ଖୋଲୁ ସେ ଦାଦାଙ୍କୁ କିଛି କହିଲେ । ଦାଦା ତତ୍‌କ୍ଷଣାତ୍ ଟଙ୍କା ନେଇ ବଜାରକୁ ବାହାରିଗଲେ, ସାଥିରେ ମୁଁ ବି ଗଲି । ଦାଦା 'ଛାତ୍ର ଭଣ୍ଡାର'ରୁ ଯୋଡ଼ାଏ ଅହମଦାବାଦ୍ ମିଲ୍‌ର କୋରା ଧୋତି, 'କମଳାଳୟ'ରୁ ଯୋଡ଼ାଏ ଟୁଇଲ୍ ସାର୍ଟ ଏବଂ 'ଉତ୍କଳ ଟ୍ୟାନେରୀ'ରୁ ବ୍ରାଉନ୍ ରଙ୍ଗର ଦୁଇ ହଳ ଜୋତା (ହଳେ ଏଲ୍‌ବାର୍ଟ ସ୍ଲିପର୍ ଆଉ ହଳେ ଚଟି) ଆଣି ଶ୍ରୀଅରବିନ୍ଦଙ୍କୁ ଅର୍ପଣ କଲେ । ...'' (ଏହାହିଁ ହୋଇଉଠିଲା ପରବର୍ତ୍ତୀ କାଳରେ ଶ୍ରୀଅରବିନ୍ଦଙ୍କର କଲିକତାରେ ଅବସ୍ଥାନକାଳୀନ ଅଙ୍ଗବାସର ମୌଳିକ ରୂପରେଖ ।)



ଉପେନ୍ଦ୍ର ଚନ୍ଦ୍ର ଭଟ୍ଟାଚାର୍ଯ୍ୟ
(୧୮୯୨ – ୧୯୭୪)

ଇତିମଧ୍ୟରେ ରାଜା ସୁବୋଧ ଚନ୍ଦ୍ର ମଲ୍ଲିକ ନିଜ ବାସଭବନରେ ଶ୍ରୀଅରବିନ୍ଦଙ୍କର ବସବାସ ନିମନ୍ତେ ସୁବନ୍ଦୋବସ୍ତ କରି ନିଜର ଶାଳକ ଚାରୁଚନ୍ଦ୍ର ଦତ୍ତଙ୍କୁ ପଠାଇ ଶ୍ରୀଅରବିନ୍ଦଙ୍କୁ 'ଯୁଗାନ୍ତର କାର୍ଯ୍ୟାଳୟ'ରୁ ଘୋଡ଼ାଗାଡ଼ିରେ ନେଇ ଆସିଲେ । ଶ୍ରୀଅରବିନ୍ଦ ଏହି ବାସଭବନର ଏକେବାରେ ଉପର ମହଲାରେ ବେଶ୍ କିଛି ମାସ ରହିଥିଲେ । ଚାରୁ ଚନ୍ଦ୍ର ଦତ୍ତ ପ୍ରଥମେ ବମ୍ବେରେ ମାଜିଷ୍ଟ୍ରେଟ ଏବଂ ପରେ ଜଜ ଥିଲେ । ୧୯୦୪ରେ ଶ୍ରୀଅରବିନ୍ଦଙ୍କୁ ଭେଟି ଗୁପ୍ତ ବିପ୍ଳବୀ ସମିତିରେ ଯୋଗ ଦେଇଥିଲେ ।



୧୨ନଂ ୱେଲିଂଟନ୍ ଷ୍ଟ୍ରୀଟ, ରାଜା ସୁବୋଧ ଚନ୍ଦ୍ର ମଲ୍ଲିକଙ୍କର ବାସଭବନ



ଚାରୁ ଚନ୍ଦ୍ର ଦତ୍ତ, ଆଇ. ସି. ଏସ୍.
(୧୮୭୭ – ୧୯୫୨)

ଜାତୀୟ ବିଶ୍ୱବିଦ୍ୟାଳୟର ଅନ୍ୟତମ ଛାତ୍ର ଶ୍ରୀ ବଲାଇ ଦେବଶର୍ମାଙ୍କର ସ୍ମୃତିକଥାରୁ ଉଦ୍ଧୃତି : ''... ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ପ୍ରଥମ ଦିନରୁହିଁ ଆମ୍ଭେମାନେ ଛାତ୍ର ରୂପେ ଭର୍ତ୍ତି ହେଲୁ । ୧୯୧/୧ ନଂ. ବୌ ବଜାର ଷ୍ଟ୍ରୀଟ୍‌ର ଏକ ଭଡ଼ାଘରେ ଏହା ୧୪ ଅଗଷ୍ଟ, ୧୯୦୬ରେ ଉଦ୍‌ଘାଟିତ ହେଲା । ପରେ ଯେଉଁଠି 'ବସୁମତି କାର୍ଯ୍ୟାଳୟ' ହେଲା ସେଇଠିହିଁ ପ୍ରଥମ ଜାତୀୟ ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠା ହୋଇଥିଲା । ...

''ଏହି ୧୪ ତାରିଖ ଦିନ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ଖେଳ-କୌତୁକ କରୁ କରୁ ଦ୍ୱି-ମହଲାର ବାରଣ୍ଡାରୁ ରାସ୍ତା ଉପରେ ପଡ଼ି ଅଜ୍ଞାନ ହୋଇଗଲା । ଉପସ୍ଥିତ ସମସ୍ତ ଦର୍ଶକ କିଂକର୍ତ୍ତବ୍ୟବିମୂଢ଼ ହୋଇ ମୂର୍ଚ୍ଛିତ ବାଳକଟିକୁ ଘେରି ରହିଥିବା ବେଳେ ପଥଚାରୀ ଜନୈକ ଇଂରେଜ ସାହେବ ଏହା ଦେଖିବା ମାତ୍ରେ ପିଲାଟିକୁ ନିଜ ବାହୁରେ ତୋଳିଧରି ଗୋଟିଏ ଗାଡ଼ିରେ ସ୍ଥାନୀୟ ହସ୍‌ପିଟାଲକୁ ପ୍ରାଥମିକ ଚିକିତ୍ସା ପାଇଁ ନେଇଗଲେ ।



ତଦାନୀନ୍ତନ ବୌ ବଜାର ଷ୍ଟ୍ରୀଟ

''ଉପରୋକ୍ତ ଘଟଣାକୁ କେନ୍ଦ୍ର କରି ସେଦିନ ଶ୍ରୀଅରବିନ୍ଦ କଲେଜର ଅଧ୍ୟାପକ ଓ ବିଦ୍ୟାର୍ଥୀଗଣଙ୍କୁ ଏକ ସଂକ୍ଷିପ୍ତ ଭାଷଣ ଦେଇଥିଲେ । ସେହି ଭାଷଣରେ ସେ ଦେଶୀୟ ଓ ଇଉରୋପୀୟ ଚରିତ୍ରର ତୁଳନାତ୍ମକ ସମାଲୋଚନା କରି ଏହି ମର୍ମରେ କହିଥିଲେ ଯେ ଏହି ଯେଉଁ କର୍ମନିଷ୍ଠା — ଏହାହିଁ ଇଂରେଜ ଜାତିକୁ ବିଶ୍ୱରେ ପ୍ରତିଷ୍ଠିତ କରିଅଛି । ଏହି ପ୍ରଚଣ୍ଡ କର୍ମଶକ୍ତି ଯେଉଁଦିନ ଭାରତୀୟ ଆଧ୍ୟାତ୍ମିକତା ସହିତ ସମ୍ମିଳିତ ହେବ ସେହିଦିନ ଆମମାନଙ୍କ ଜାତୀୟ ଚରିତ୍ରର ଯେଉଁ ବିକାଶ ଘଟିବ ତାହା ହେବ ଜଗତରେ ଅତୁଳନୀୟ । ...''




୧୯୧/୧ ନଂରେ ଥିବା 'ବସୁମତି କାର୍ଯ୍ୟାଳୟ'

ଏହି ୧୪ ଅଗଷ୍ଟ, ୧୯୦୬ରେହିଁ 'ନ୍ୟାସନାଲ୍ କାଉନ୍‌ସିଲ୍ ଅଫ୍ ଏଜୁକେଶନ୍'ର ପରିଚାଳନାରେ କଲିକତାର 'ଟାଉନ୍ ହଲ୍'ରେ ବିପୁଳ ସୁଧୀଜନଙ୍କ ସମାବେଶରେ ଏକ ଉଦ୍‌ବୋଧନୀ ସମ୍ମେଳନ ପାଳିତ ହୋଇଥିଲା ।



ତଦାନୀନ୍ତନ କଲିକତାର 'ଟାଉନ୍ ହଲ୍'

ଅବିନାଶଙ୍କର ସ୍ମୃତିକଥାର ଭାବାନୁବାଦ : (ଇତିପୂର୍ବରୁ ୧୯୦୫ରେ ବରୋଦାରୁ) ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶ ମୁତାବକ ତାଙ୍କର 'No Compromise' ପ୍ରବନ୍ଧକୁ ରାତାରାତି କ୍ଷୁଦ୍ର ପୁସ୍ତିକାକାରରେ ଛପାଇ ମୁକ୍ତ ହସ୍ତରେ ଜନସାଧାରଣରେ ଅବାଧରେ ବଣ୍ଟନ କଲୁ । ମୁଁ ଏବଂ ବାରୀନ୍ ତା'ପରେ ସୁରେନ୍ଦ୍ର ନାଥ ବାନାର୍ଜୀଙ୍କୁ ଅର୍ପଣ କରିବା ସକାଶେ ତାଙ୍କ ଅଫିସକୁ ଗଲୁ ।... ସେ ପୁସ୍ତିକାଟିକୁ ଏକାଗ୍ର ଚିତ୍ତରେ ସମ୍ପୂର୍ଣ୍ଣ ରୂପେ ପଢ଼ିନେଇ ଏକେବାରେ ସ୍ତମ୍ଭିତ ହୋଇଗଲେ ଏବଂ କିଏ ଏହାର ଲେଖକ ବୋଲି ପଚାରିଲେ । ସଙ୍ଗେ ସଙ୍ଗେ କହି ଉଠିଲେ ଯେ କୌଣସି ଭାରତୀୟ, ଏମିତିକି କୌଣସି ବଙ୍ଗାଳୀଙ୍କ ପକ୍ଷରେ ଏ ଧରଣର ଇଂରାଜୀ ଲେଖିବା ଏବଂ ଏମିତି ଯୁକ୍ତିପୂର୍ଣ୍ଣ ତଥ୍ୟ ପ୍ରଦର୍ଶନ କରିବା ଏକେବାରେ ଅସମ୍ଭବ । ଶ୍ରୀଅରବିନ୍ଦ ଏହାର ଲେଖକ ବୋଲି ଜାଣିବା ମାତ୍ରେ ସେ କହିଲେ ଯେ – ହଁ, ଏକମାତ୍ର ତାଙ୍କ ଛଡ଼ା ଆଉ କାହାରି ପକ୍ଷରେ ଏ ଧରଣର ଲେଖା ସମ୍ଭବ ନୁହେଁ ।



ସୁରେନ୍ଦ୍ର ନାଥ ବାନାର୍ଜୀ
'The Bengalee' ପତ୍ରିକାର ସମ୍ପାଦକ



କଲିକତାର ପ୍ରେସିଡେନ୍‌ସି
କଲେଜର ଛାତ୍ର ନଳିନୀକାନ୍ତ ଗୁପ୍ତ

ଏହାର ଠିକ୍ ପରେ ପରେ 'ବଙ୍ଗ-ଭଙ୍ଗ ଆଇନ ଅମାନ୍ୟ ଆନ୍ଦୋଳନ' ସମଗ୍ର ଜନସମାଜରେ ଏକ ବିଶେଷ ରୂପ ନେଇ ଦିନକୁ ଦିନ ଅକଳ୍ପନୀୟ ଭାବରେ ବଢ଼ି ଚାଲିଲା ।

ତଦାନୀନ୍ତନ ଜନୈକ କଲେଜ ଛାତ୍ର ନଳିନୀକାନ୍ତ ଗୁପ୍ତଙ୍କ ବର୍ଣ୍ଣନାର ଭାବାନୁବାଦ : ...ଶହ ଶହ ବର୍ଷ ଧରି ଦେଶର ବିରାଟ ବିପୁଳ ଅତିକାୟ ଜନରାଶି କୁମ୍ଭକର୍ଣ୍ଣ ସଦୃଶ ପଡ଼ି ରହିଥିଲା । ୧୯୦୫ ମସିହାର ଭାରତୀୟ ସ୍ୱଦେଶୀ ଆନ୍ଦୋଳନର ସୂତ୍ରପାତ ହେବା ମୁହୂର୍ତ୍ତରୁ ଗୋଟିଏ ଦିନରେ, ପ୍ରାୟ ରାତାରାତି ସମସ୍ତ ଅତୀତର ତମୋରାଶି ଝାଡ଼ି ଫୋପାଡ଼ି ଦୃପ୍ତ ବେଗରେ 'ଉଠି ଛିଡ଼ା ହେଲେ ଜନନୀ' । ... ପ୍ରାକୃତିକ ପ୍ରକୋପ ସଦୃଶ ଏହା ଥିଲା ଯେପରି ଆକସ୍ମିକ, ସେମିତି ଦୁର୍ବାର; ଅତ୍ୟାଶ୍ଚର୍ଯ୍ୟ ଏବଂ ଅଲୌକିକ । ... ଥିଲୁ ଅତି ସାଧାରଣ, ଅତି ଅଜ୍ଞ, ତାମସ ଜୀବ; ପ୍ରାୟ ରାତାରାତି ଭିତରେ ହୋଇଉଠିଲୁ ସତର୍କ, ସଚେତନ – ଜୀବନରେ ଦେଖାଦେଲା ଉଦ୍ଦେଶ୍ୟ, ଲକ୍ଷ୍ୟ, ତାତ୍ପର୍ଯ୍ୟ ।...

୧୯୦୫ ମସିହା ଅଗଷ୍ଟ ୭ ତାରିଖ; ଅପରାହ୍ଣ ୫ ଘଟିକା । 'ବୟକଟ' ପ୍ରସ୍ତାବକୁ ଅବିସମ୍ବାଦିତ ଭାବେ ଗୃହୀତ ହେବା ନିମନ୍ତେ କଲିକତାର 'ଟାଉନ୍ ହଲ୍'ରେ ଏକ ସଭାର ଆୟୋଜନ ହୋଇଥିଲା ।

ଟାଉନ୍ ହଲ୍ ଲୋକାରଣ୍ୟ । ପ୍ରଥମ ମହଲା, ଦ୍ୱିତୀୟ ମହଲା, ଏପରିକି ସମ୍ମୁଖସ୍ଥ ବିସ୍ତୃତ ମଇଦାନରେ ତିଳ ପକାଇବାକୁ ଜାଗା ନଥିଲା । ଏହି ଜନସମାବେଶରୁ ହଠାତ୍ ଏକ ଗଗନଭେଦି ଚିତ୍କାର ଶୁଣାଗଲା : 'ବନ୍ଦେ ମାତରମ୍' । ମୁହୂର୍ତ୍ତକରେ



'ଟାଉନ୍ ହଲ'



ତଦାନୀନ୍ତନ ବାରାଣସୀର ଏକ ଦୃଶ୍ୟ



ତଦାନୀନ୍ତନ ବରିଶାଲର ଏକ ଦୃଶ୍ୟ

ସମବେତ ଜନତା ଭିତରେ ଉଚ୍ଚାରିତ ଏହି ଧ୍ୱନି ହୋଇଉଠିଲା ଏକ ରଣ-ହୁଙ୍କାର । ସ୍ୱଦେଶୀ ଆନ୍ଦୋଳନର ଉଦ୍ୟୋଗ ପର୍ବ ହିସାବରେ ବଙ୍ଗଳାର ରାଜନୈତିକ ଇତିହାସରେ ଏହି ସଭା ଅବିସ୍ମରଣୀୟ ହୋଇ ରହିଗଲା ।

ପରେ ୧୯୦୭ରେ ଏହି ୭ ଅଗଷ୍ଟ ସମ୍ବନ୍ଧେ ଶ୍ରୀଅରବିନ୍ଦ ଉଲ୍ଲେଖ କରିଥିଲେ : ''୭ ଅଗଷ୍ଟ ହେଉଛି ଭାରତର ସ୍ୱାଧୀନତା ଦିବସ । ... ଗୋଟିଏ ଜାତିର ସ୍ୱାଧୀନତା ଦିବସ ସେଇ ଦିନଟିକୁ ବୁଝାଇବ ନାହିଁ ଯେଉଁଦିନ ଶାସନ କ୍ଷମତାର ପରିବର୍ତ୍ତନ ଘଟେ, ... କିନ୍ତୁ ସେହି ଦିବସଟିହିଁ ଯଥାର୍ଥ ସ୍ୱାଧୀନତା ଦିବସ ଯେତେବେଳେ ନିଜର ଆତ୍ମାରେ ସେହି ଜାତି ଉପଲବ୍ଧି କରେ ଯେ ସେ ସ୍ୱାଧୀନ ଏବଂ ନିଶ୍ଚୟ ସ୍ୱାଧୀନ ରହିବ । ୭ ଅଗଷ୍ଟ ହେଉଛି ଭାରତର ଜାତୀୟତାର ଜନ୍ମଦିବସ । ... ଏହି ଦିନହିଁ ନୂତନ ଭାରତୀୟ ଜାତୀୟତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା ।''

୧୯୦୫ର ଡିସେମ୍ବର ଶେଷରେ ଶ୍ରୀଅରବିନ୍ଦ ବରୋଦାରେ ରହି 'ବାରାଣସୀ ଜାତୀୟ କଂଗ୍ରେସ'ରେ ବପୁଳ ଜନସମାବେଶ ମଧ୍ୟରେ (ଅପ୍ରକାଶ୍ୟରେ) ଉପସ୍ଥିତ ରହି ବରୋଦାକୁ ଫେରି ଆସିଥିଲେ ।

୧୯୦୬ର ମାର୍ଚ୍ଚ ପହିଲାରୁ ଶ୍ରୀଅରବିନ୍ଦ ଦୁଇ ମାସ ଛୁଟି ନେଇ ବେଙ୍ଗଲକୁ ଆସିଲେ । ୧୪ ଏପ୍ରିଲରେ ପୂର୍ବବଙ୍ଗର ବରିଶାଲରେ ବଙ୍ଗୀୟ ପ୍ରାଦେଶିକ ସମ୍ମିଳନୀର ଅଧିବେଶନରେ ଶ୍ରୀଅରବିନ୍ଦ ଅନ୍ୟାନ୍ୟ ବରେଣ୍ୟ ନେତାଙ୍କ ମଧ୍ୟରେ ପ୍ରକାଶ୍ୟରେ ଉପସ୍ଥିତ ଥିଲେ ।



ବିପିନ ଚନ୍ଦ୍ର ପାଲ
(୧୮୫୮ - ୧୯୩୨)

ଏହି ସମ୍ମିଳନୀ ପରେ ଶ୍ରୀଅରବିନ୍ଦଙ୍କୁ ସାଥିରେ ନେଇ ବିପିନ ଚନ୍ଦ୍ର ପାଲ ପୂର୍ବବଙ୍ଗର ବିଭିନ୍ନ ଜିଲ୍ଲାକୁ ରାଜନୈତିକ ଗସ୍ତରେ ଗଲେ । ମୁଖ୍ୟତଃ ଏହି ଗସ୍ତକ୍ରମରେ ବିପିନ ଚନ୍ଦ୍ର ମାତୃଭାଷାରେ ଭାଷଣ ଦେଉଥିଲେ ।

'ବଙ୍ଗଭଙ୍ଗ' ହେବାର ଚୂଡ଼ାନ୍ତ ସିଦ୍ଧାନ୍ତ ଘୋଷିତ ହେବା ପୂର୍ବରୁ ବପିନ ଚନ୍ଦ୍ର ଥିଲେ ଜଣେ ରାଜଭକ୍ତ ପ୍ରଜା; କିନ୍ତୁ ଏହାର ପର ମୁହୂର୍ତ୍ତରେ ହୋଇ ଉଠିଥିଲେ 'ଜାତୀୟତାବାଦୀ ଦଳ'ର ସର୍ବୋତ୍ତମ ଜନପ୍ରିୟ ବକ୍ତାଗଣଙ୍କ ମଧ୍ୟରେ ଅନ୍ୟତମ ।

ଇତି ପୂର୍ବରୁ ଶ୍ରୀଅରବିନ୍ଦ ଥରେ ଛୁଟିରେ କଲିକତାକୁ ଆସିଥିବା ବେଳେ ଭାଗଲପୁର ଯାଇଥିଲେ । ସେତେବେଳେ ତାଙ୍କର ଜଣେ କକା (ବାମାଚରଣ) ଭାଗଲପୁର କମିଶନରଙ୍କ ଅଫିସରେ ହେଡ୍ କ୍ଲର୍କ ଥିଲେ । ତାଙ୍କୁ ସେ ସେଠାରେ ସାକ୍ଷାତ୍ କରିଥିଲେ ।




ପୁରାତନ ଭାଗଲପୁର ସହରର ଏକ ଦୃଶ୍ୟ

ବିଭିନ୍ନ ସମ୍ପ୍ରଦାୟର ଯୁବଗୋଷ୍ଠୀଙ୍କ ମଧ୍ୟରେ ବିପ୍ଳବବାଦର ସମ୍ପ୍ରସାରଣ ନିମିତ୍ତ ଶ୍ରୀଅରବିନ୍ଦଙ୍କ ସମ୍ମତିକ୍ରମେ ବାରୀନ୍ ପ୍ରଭୃତି ଦେଶପ୍ରେମୀ ୧୨ ମାର୍ଚ୍ଚ ୧୯୦୬ରେ ପ୍ରକାଶ କଲେ ବେଙ୍ଗଲୀ ସାପ୍ତାହିକ ପତ୍ରିକା 'ଯୁଗାନ୍ତର' । କଲିକତାର ତଦାନୀନ୍ତନ କାନାଇଧର ଲେନ୍‌ରେ ରହିଲା 'ଯୁଗାନ୍ତର କାର୍ଯ୍ୟାଳୟ' । ଶ୍ରୀଅରବିନ୍ଦ ଏହି ପତ୍ରିକାରେ ପ୍ରାରମ୍ଭିକ ସଂଖ୍ୟାରେ ପ୍ରବନ୍ଧମାନ ଲେଖୁଥିଲେ । ... ଦେଶରେ ବୈପ୍ଳବିକ ମନୋଭାବ ଉଦ୍ରେକ କରାଇବା – ଏହାହିଁ ଥିଲା ପତ୍ରିକାଟିର ମୌଳିକ ଉଦ୍ଦେଶ୍ୟ ।

ପ୍ରଥମେ ସତର, ଅଠର ଖଣ୍ଡରୁ ବେଶୀ 'ଯୁଗାନ୍ତର' ବିକ୍ରୀ ହେଉ ନ ଥିଲା । ବାକିସବୁ ବିତରଣ କରି ଦିଆ ଯାଉଥିଲା ।... ହୁ ହୁ କରି ଦିନ ପରେ ଦିନ 'ଯୁଗାନ୍ତର'ର ଗ୍ରାହକ ସଂଖ୍ୟା ବଢ଼ି ବର୍ଷକ ଭିତରେ କୋଡ଼ିଏ ହଜାରରେ ପହଞ୍ଚିଲା ।

ସେତେବେଳେ କଲିକତାରେ 'ନରମପନ୍ଥୀ' ଦଳର ମୁଖପତ୍ର ଥିଲା 'The Bengalee', ଦୈନିକ ଇଂରାଜୀ ପତ୍ରିକା, ସମ୍ପାଦକ ସୁରେନ୍ଦ୍ରନାଥ । ମତିଲାଲ ଘୋଷଙ୍କ ଦ୍ୱାରା ସମ୍ପାଦିତ 'ମଧ୍ୟମପନ୍ଥୀ' ଦଳର ମୁଖପତ୍ର ଥିଲା ଦୈନିକ ଇଂରାଜୀ ପତ୍ରିକା 'Amrita Bazar Patrika' ।


'যুগান্তরে'র স্বরাজ-সাধনা ১৫৭

যুগান্তর

প্রচ্ছদপটের এই ছবিটির নীচে বাঁ ধারে প্রথম কলমের উপরে গীতার একটি সংস্কৃত শ্লোক থাকত, যথা :—

যদা যদাহি ধর্মস্য গ্লানির্ভবতি ভারত ।
অভ্যুত্থানমধর্মস্য তদাত্মানং সৃজাম্যহম্ ।
পরিত্রাণায় সাধুনাং বিনাশায় চ দুষ্কৃতাম্
ধর্ম সংস্থাপনার্থায় সম্ভবামি যুগে যুগে ॥

'যুগান্তর' পত্রিকা প্রকাশের ব্যাপারে যাঁরা ছিলেন বিশেষ উৎসাহী ও উদ্যোগী, তাঁদের মধ্যে বারীন ঘোষ, ভূপেন দত্ত ও অবিনাশ ভট্টাচার্যের নাম পূর্বেই উল্লিখিত হয়েছে। এই সঙ্গে আর এক ব্যক্তির নামও অবশ্য স্মরণীয়, তাঁর নাম ধীরেন্দ্রনাথ ঘোষ। 'যুগান্তরের' প্রকাশ সম্পর্কে এপর্যন্ত যে সকল পুস্তক ও প্রবন্ধাদি ছাপা হয়েছে, তার মধ্যে ধীরেন্দ্রনাথ ঘোষের নাম পাই না। অথচ 'যুগান্তরে' (১৬ই অগ্রহায়ণ, ১৩১৩ বা ২রা ডিসেম্বর, ১৯০৬) ধীরেন্দ্রনাথ ঘোষের মৃত্যু (মঙ্গলবার, ২৭শে নভেম্বর, ১৯০৬) উপলক্ষে যে সংবাদ

১১

'ଯୁଗାନ୍ତର'ର ପ୍ରଚ୍ଛଦପଟ



କଲିକତାର ଏକ ସଦର ରାସ୍ତା

ପୁନଶ୍ଚ ବିପିନ ଚନ୍ଦ୍ର ପାଲଙ୍କ ଦ୍ୱାରା ପରିଚାଳିତ ଏବଂ ଯଥାର୍ଥ ଜନପ୍ରିୟ ଦଳ ଯାହାକି ପୁଣେରେ ଥିବା ତିଳକଙ୍କ ଦଳର ଅନୁରୂପ ଥିଲା । ବିପିନ ଚନ୍ଦ୍ର ନିଜ ଆଦର୍ଶର ପ୍ରଚାର ନିମିତ୍ତ ଏକ ଇଂରାଜୀ ସାପ୍ତାହିକ ମୁଖପତ୍ର 'New India' ଆରମ୍ଭ କରିଥିଲେ । କିନ୍ତୁ ଅର୍ଥାଭାବ ଯୋଗୁଁ କହିବାକୁ ଗଲେ ଏହି ନୂତନ ଦଳଟିର କୌଣସି ମୁଖପତ୍ର ନଥିଲା ।

ଶ୍ରୀଅରବିନ୍ଦଙ୍କ ସହାୟତାରେ ବିପିନ ଚନ୍ଦ୍ର ଓ ତିଳକ ଏକତ୍ର ହୋଇ 'ଜାତୀୟତାବାଦୀ ଦଳ' ଗଠନ କଲେ; ତିଳକ ରହିଲେ ମୁଖ୍ୟ ପରିଚାଳକ । ଏବଂ ଏହାର ମୁଖପତ୍ର ହିସାବରେ ଇଂରାଜୀ ଦୈନିକ 'Bande Mataram' ପ୍ରକାଶ କରିବାର ବ୍ୟବସ୍ଥା ହେଲା । ଏହାର ପ୍ରଥମ ପ୍ରକାଶନ ଘଟିଲା ୬ ଅଗଷ୍ଟ ୧୯୦୬ । ଏବଂ ବିପିନ ଚନ୍ଦ୍ରଙ୍କର ଆନ୍ତରିକ ଅନୁରୋଧରେ ଶ୍ରୀଅରବିନ୍ଦ ପ୍ରତ୍ୟହ ଏଥିରେ ଏକ ପ୍ରବନ୍ଧ ଲେଖି ଦେବାକୁ ନିର୍ଭର ପ୍ରତିଶ୍ରୁତି ଦେଲେ ।

ଉଦାତ୍ତ କଣ୍ଠରେ ଅବସାଦକ୍ଲାନ୍ତ ଜାତିକୁ 'ବନ୍ଦେ ମାତରମ୍' ଆହ୍ୱାନ ଜଣାଇଲା – ଉତ୍ତିଷ୍ଠ ! ଉଠି ଛିଡ଼ା ହୁଅ । ଦେଶମୁକ୍ତି ସକାଶେ ଅଫୁରନ୍ତ ଦୁଃଖବରଣ ଓ ତ୍ୟାଗ ସ୍ୱୀକାର କର । – ଏହି ଭାବରେ ଜାତୀୟ ଜୀବନରେ ଆବିର୍ଭୂତ ହେଲା ନବ ରୂପାୟନ, ଆରମ୍ଭ ହେଲା 'ପୂର୍ଣ୍ଣ ସ୍ୱରାଜ' ନିମିତ୍ତ ନୂତନ ସଂଗ୍ରାମ ।


Bande Mataram.
A Daily Organ of Indian Nationalism.

ଦୈନିକ 'Bande Mataram'ର ପ୍ରଚ୍ଛଦପଟ

୫ ଅଗଷ୍ଟ ୧୯୦୬ରେ କିନ୍ତୁ ନୈଷ୍ଠିକ ଦେଶପ୍ରେମୀ ଓ ଶ୍ରୀଅରବିନ୍ଦଙ୍କର ଅତ୍ୟନ୍ତ ଗୁଣମୁଗ୍ଧ ବ୍ରହ୍ମବାନ୍ଧବ ଉପାଧ୍ୟାୟ ସ୍ୱ-ସମ୍ପାଦିତ 'ସନ୍ଧ୍ୟା' ପତ୍ରିକାରେ 'ମାନସ-ସରୋବରରେ ଶ୍ରୀଅରବିନ୍ଦ' ଶିରୋନାମାରେ ପ୍ରବନ୍ଧଟିଏ ପ୍ରକାଶ କଲେ । ତହିଁରୁ କିଛି ଉଦ୍ଧୃତି :

''ଅମଳ-ଶୁଭ୍ର ଅରବିନ୍ଦଙ୍କୁ ଦେଖିଛ କି ? ଭାରତ ମାନସ-ସରୋବରର ପ୍ରସ୍ଫୁଟିତ ଶତଦଳ !... ଆମର ଏଇ ଅରବିନ୍ଦ ଜଗତ୍-ଦୁର୍ଲଭ । ହିମଶୁଭ୍ର ବର୍ଣ୍ଣରେ ସାତ୍ତ୍ୱିକତାର ଦିବ୍ୟଶ୍ରୀ ! ବୃହତ୍ ଓ ମହତ୍ । ହୃଦୟର ପ୍ରସାରଣରେ ବୃହତ୍, ହିନ୍ଦୁର ସ୍ୱଧର୍ମ ମହିମାରେ ମହତ୍ !!... ଦେଶ-ମାତୃକାର ଶୃଙ୍ଖଳ ମୋଚନ ସକାଶେ ଇଏ ଫିରିଙ୍ଗି ସଭ୍ୟତାର ମାୟାପାଶ ଛିନ୍ନ କରି, ଇହଲୋକର ସୁଖ-ସ୍ୱାଚ୍ଛନ୍ଦ୍ୟକୁ ବିସର୍ଜନ ଦେଇ ମାଆର ସନ୍ତାନ ଅରବିନ୍ଦ 'ବନ୍ଦେ ମାତରମ୍' କାଗଜ ସମ୍ପାଦନାରେ ବ୍ରତୀ ହୋଇଛନ୍ତି । ଇଏ ଋଷି ବଙ୍କିମଙ୍କର ଭବାନନ୍ଦ, ଜୀବାନନ୍ଦ, ଧୀରାନନ୍ଦ ସ୍ୱାମୀ ।...''


ବ୍ରହ୍ମବାନ୍ଧବ ଉପାଧ୍ୟାୟ

ବ୍ରହ୍ମବାନ୍ଧବଙ୍କ ସଦୃଶ ଅନ୍ୟତମ ନୈଷ୍ଠିକ ଦେଶପ୍ରେମୀ ଓ ଶ୍ରୀଅରବିନ୍ଦଙ୍କର ଅତ୍ୟନ୍ତ ଗୁଣମୁଗ୍ଧ ଥିଲେ 'ସାହିତ୍ୟ' ପତ୍ରିକାର ସମ୍ପାଦକ ସୁରେଶ ଚନ୍ଦ୍ର ସମାଜପତି ।

ଦୀନେନ୍ଦ୍ର କୁମାରଙ୍କ ଉକ୍ତିରେ : ''... ଥରେ ଶ୍ରୀଅରବିନ୍ଦ କଲିକତାକୁ ଆସିଥିବା ବେଳେ ତାଙ୍କୁ ସାଥିରେ ନେଇ ସମାଜପତି ମହାଶୟଙ୍କ ଘରକୁ ଯାଇଥିଲି । ହରି ଘୋଷ ଷ୍ଟ୍ରୀଟ୍‌ରେ ଥିଲା ତାଙ୍କର ବାସସ୍ଥାନ ଓ ସ୍ୱ-ସମ୍ପାଦିତ 'ସାହିତ୍ୟ' ପତ୍ରିକାର କାର୍ଯ୍ୟାଳୟ । ପ୍ରଥମ ପରିଚୟରେ ଶ୍ରୀଅରବିନ୍ଦଙ୍କର ଦୁଇ ଚାରି ପଦ କଥା ଶୁଣି ସମାଜପତି ମହାଶୟ ମୁଗ୍ଧ ହୋଇ ଉଠିଥିଲେ, ବୁଝିଥିଲେ ଶ୍ରୀଅରବିନ୍ଦଙ୍କ ହୃଦୟ କି ଉପାଦାନରେ ଗଢ଼ା । ...''


କଲିକତାର ଅନ୍ୟ ଏକ ସଦର ରାସ୍ତା


ସୁରେଶ ଚନ୍ଦ୍ର ସମାଜପତି
(୧୮୭୦ – ୧.୧.୧୯୨୧)

ଏହି ସୁରେଶ ଚନ୍ଦ୍ରଙ୍କର ତୀବ୍ର ଉତ୍ସାହ ଓ ପ୍ରେରଣାରେ ଦୀନେନ୍ଦ୍ର କୁମାର 'ସାହିତ୍ୟ' ପତ୍ରିକାରେ ଧାରାବାହିକ ଭାବରେ ଶ୍ରୀଅରବିନ୍ଦଙ୍କର ବରୋଦା ଜୀବନର କାହାଣୀ 'ଅରବିନ୍ଦ ପ୍ରସଙ୍ଗ' ଶିରୋନାମାରେ ପ୍ରକାଶ କଲେ ।

ବୌ ବଜାର ଷ୍ଟ୍ରୀଟ୍‌ର ୧୯୧/୧ ନଂ. ବାସଭବନରେ (ଶ୍ରୀଅରବିନ୍ଦଙ୍କ ୩୪ତମ ଜନ୍ମତିଥି) ୧୫ ଅଗଷ୍ଟ ୧୯୦୬ରେ ଜାତୀୟ ବିଶ୍ୱବିଦ୍ୟାଳୟର ଶିକ୍ଷାଦାନ ଆରମ୍ଭ ହେଲା । କିନ୍ତୁ ଅଳ୍ପ ଦିନ ଭିତରେ ଜାତୀୟ ଶିକ୍ଷା ସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କ ଦୃଷ୍ଟିଭଙ୍ଗୀ ସହିତ ପରିଷଦର ସଦସ୍ୟଗଣଙ୍କର ମତଦ୍ୱୈଧ ଦେଖା ଦେଲା । ପରିଷଦର ଅଧିକାଂଶ ସଦସ୍ୟ ନରମପନ୍ଥୀ ଥିବାରୁ ସରକାରଙ୍କୁ ଅସନ୍ତୁଷ୍ଟ କରି କିଛି ଅଭିନବ କାର୍ଯ୍ୟ କରିବାକୁ ବିମୁଖ ହୋଇ ଉଠିଲେ ଏବଂ ଏତେ ଦୂର ଅଗ୍ରସର ହୋଇଗଲେ ଯେ ଏହି ଶିକ୍ଷାକେନ୍ଦ୍ର ସ୍ଥାପନ କରିବାର ପ୍ରଧାନ ଉଦ୍ଦେଶ୍ୟରୁ ବିଚ୍ୟୁତ ହୋଇ ଉଠିଲେ । ଶ୍ରୀଅରବିନ୍ଦ ଏଥିରେ ମର୍ମାହତ ହୋଇଥିଲେ । କିନ୍ତୁ ବିଶ୍ୱବିଦ୍ୟାଳୟରେ ସେ ତାଙ୍କର ଯଥାର୍ଥ ସକ୍ରିୟତା ଓ ଦକ୍ଷତା ପ୍ରଣୟନରେ ତୀବ୍ର ଭାବରେ ବାଧାପ୍ରାପ୍ତ ହୋଇ ମଧ୍ୟ ଏହାର ପ୍ରଥମ ଅଧକ୍ଷ ହିସାବରେ ନିଜର ପ୍ରଶାସନିକ ଦାୟିତ୍ୱ ତୁଲାଇ ପ୍ରାୟ ବର୍ଷେ କାଳ ଇଂରାଜୀ, ଫ୍ରେଞ୍ଚ୍ ଏବଂ ଇତିହାସ ବିଷୟରେ ଅଧ୍ୟାପନା କାର୍ଯ୍ୟ କରିଥିଲେ ଏବଂ ଇତି ମଧ୍ୟରେ 'ବନ୍ଦେ ମାତରମ୍' ପତ୍ରିକା ପ୍ରକାଶନରେ ଘନିଷ୍ଠ ଭାବରେ ସମ୍ପୃକ୍ତ ହୋଇ ଉଠିଥିଲେ ।


ତଦାନୀନ୍ତନ ବୌ ବଜାର ଷ୍ଟ୍ରୀଟ୍

'ବନ୍ଦେ ମାତରମ୍' ଖୁବ୍ ଶୀଘ୍ର ଜନପ୍ରିୟ ହୋଇ ଉଠିଲା । ପ୍ରଥମ ଦୁଇ ମାସ ୧୯୩ ନଂ. କର୍ଣ୍ଣୱାଲିସ୍ ଷ୍ଟ୍ରୀଟ୍‌ରେ ଥିବା 'ସନ୍ଧ୍ୟା ଅଫିସ'ରୁ ଏହା ପ୍ରକାଶ ପାଇଥିଲା । କିନ୍ତୁ ତ୍ରୁଟିପୂର୍ଣ୍ଣ ପରିଚାଳନା ଯୋଗୁଁ ଏହା ଖୁବ୍ ଶୀଘ୍ର ଅର୍ଥାଭାବର ସମ୍ମୁଖୀନ ହେଲା । ତେଣୁ ଶ୍ରୀଅରବିନ୍ଦଙ୍କର ସର୍ବପ୍ରଥମ କର୍ତ୍ତବ୍ୟ ହୋଇ ଉଠିଲା ପତ୍ରିକାଟିକୁ ଏକ ଅଭିନବ ରାଜନୈତିକ ଦଳର ମୁଖପତ୍ର ହିସାବରେ ଗଠନ କରିବା । ୧୯୦୬ର ଅକ୍‌ଟୋବର ମାସରେ 'ଚରମପନ୍ଥୀ' ('Extremist') ଦଳର ସୃଷ୍ଟି ହେଲା । ଏବଂ 'ବନ୍ଦେ ମାତରମ୍' ପ୍ରକାଶନର ମୂଳଧନ ସଞ୍ଚୟ ନିମିତ୍ତ ଏକ



କର୍ଣ୍ଣୱାଲିସ୍ ଷ୍ଟ୍ରୀଟ୍

'ଯୌଥ କମ୍ପାନୀ' ଗଠନ କରିବା ଫଳରେ ଅର୍ଥାଭାବ ଦୂର ହୋଇ ପାରିଲା । ଶ୍ରୀଅରବିନ୍ଦ ଏହି କମ୍ପାନୀର ପରିଚାଳନା ଭାର ନେଲେ ।

'ବନ୍ଦେ ମାତରମ୍'ର ନିଜସ୍ୱ ଅଫିସ ହୋଇ ଉଠିଲା : ୨/୧ କ୍ରୀକ୍ ରୋ, କଲିକତା । ନବଗଠିତ ଧାରାରେ ପହିଲା ନଭେମ୍ବର ୧୯୦୬ରୁ ଏହି ଅଫିସରୁ 'ବନ୍ଦେ ମାତରମ୍' ପ୍ରକାଶ ପାଇବାକୁ ଲାଗିଲା । ଏହାର ସମ୍ପାଦକ ମଣ୍ଡଳୀ ମଧ୍ୟରେ ଶ୍ରୀଅରବିନ୍ଦ ଓ ବିପିନ ବାବୁଙ୍କ ସହିତ ଶ୍ୟାମସୁନ୍ଦର ଚକ୍ରବର୍ତ୍ତୀ, ହେମେନ୍ଦ୍ର ପ୍ରସାଦ ଘୋଷ ଓ ବିଜୟ କୁମାର ଚଟ୍ଟୋପାଧ୍ୟାୟ ପ୍ରମୁଖ ପ୍ରବୀଣ ଲେଖକମାନେ ଥିଲେ । ... ନୂତନ ଦଳର କାର୍ଯ୍ୟକ୍ରମ ଅନତି ବିଳମ୍ବେ ସାଫଲ୍ୟମଣ୍ଡିତ ହେଲା ଏବଂ ଭାରତବର୍ଷ ବ୍ୟାପୀ 'ବନ୍ଦେ ମାତରମ୍' ପତ୍ରିକାର ପ୍ରସାର ଘଟିଲା ।


'ବନ୍ଦେ ମାତରମ୍' ଅଫିସ, ୨/୧ ନଂ କ୍ରୀକ୍ ରୋ
(ଏହି ବାସଭବନଟି ସୁବୋଧ ମଲ୍ଲିକଙ୍କର ଥିଲା)

ଶ୍ରୀଅରବିନ୍ଦଙ୍କ ଶୈଳୀ ଦ୍ୱାରା ଶ୍ୟାମ ବାବୁ ଏତେ ପ୍ରଭାବିତ ହୋଇଉଠିଥିଲେ ଯେ ପାଠକବୃନ୍ଦ ଅନେକ ସମୟରେ ତାଙ୍କ ଲେଖାକୁ ଶ୍ରୀଅରବିନ୍ଦଙ୍କ ରଚନା ବୋଲି ମନେ କରୁଥିଲେ ।



ଶ୍ୟାମ ସୁନ୍ଦର ଚକ୍ରବର୍ତ୍ତୀ
(୧୮୬୯ – ୧୯୩୨)

କିଛି ମାସ ପରେ ବିପିନ୍ ପାଲଙ୍କ ସହିତ 'ବନ୍ଦେ ମାତରମ୍'ର ଅନ୍ୟ କେତେକ ଲେଖକ ଓ ପରିଚାଳକମାନଙ୍କର ମତାନ୍ତର ଘଟିଲା ।... ଫଳରେ ବିପିନ ବାବୁ ଏହି ପତ୍ରିକା ସହିତ ସମ୍ପର୍କ ତ୍ୟାଗ କଲେ । ଖୁବ୍ ସମ୍ଭବତଃ ଏହା ୧୯୦୬ ଡିସେମ୍ବର ମାସର ପ୍ରାରମ୍ଭରେ ଘଟିଥିଲା । ସେତେବେଳେ ଶ୍ରୀଅରବିନ୍ଦ ନିଜେ ଖୁବ୍ ଅସୁସ୍ଥ ଥିଲେ, କହିବାକୁ ଗଲେ ଏକେବାରେ ଶଯ୍ୟାଶାୟୀ ଥିଲେ ଏବଂ ସର୍‌ପେଣ୍ଟାଇନ୍ ଲେନ୍‌ରେ ଥିବା ତାଙ୍କ ଶ୍ୱଶୁରଙ୍କ ଘରେ ରହିଥିଲେ ଏବଂ ଉପରୋକ୍ତ ଘଟଣା ସମ୍ବନ୍ଧେ କିଛି ବି ଜାଣି ନଥିଲେ ।

ପୁନଶ୍ଚ ଶ୍ରୀଅରବିନ୍ଦଙ୍କ ଅନୁପସ୍ଥିତିରେ ଏବଂ ବିନା ଅନୁମତିରେ 'ବନ୍ଦେ ମାତରମ୍' ପତ୍ରିକାର ସମ୍ପାଦକ ରୂପେ ପରିଚାଳକ ମଣ୍ଡଳୀ ତାଙ୍କ ନାମ ବିଘୋଷିତ କଲେ । କିନ୍ତୁ ଗୋଟିଏ ଦିନ ପ୍ରକାଶ ପାଇବା ପରେ ଶ୍ରୀଅରବିନ୍ଦ ଏହା ତୁରନ୍ତ ବନ୍ଦ କରି ଦେଇଥିଲେ, କାରଣ ସେତେବେଳ ପର୍ଯ୍ୟନ୍ତ ସେ ବରୋଦା ଚାକିରିରେ ନିଯୁକ୍ତ ଥିଲେ ଏବଂ ସେ ନିଜ ନାମ ପ୍ରକାଶ କରିବାର ବିରୋଧୀ ଥିଲେ । କିନ୍ତୁ ଏହା ପରଠୁ କଲିକତାରେ ତାଙ୍କ ଦଳର ତଥା ପତ୍ରିକାର ସମସ୍ତ କାର୍ଯ୍ୟ ପଶ୍ଚାତରେ ରହି ତାଙ୍କୁ ତୁଲାଇବାକୁ ହୋଇଥିଲା ।



ତଦାନୀନ୍ତନ କଲିକତାର ବିହଙ୍ଗାବଲୋକନ


୧୯୦୬ ଡିସେମ୍ବର ୨୬ରୁ ୨୯ ପର୍ଯ୍ୟନ୍ତ କଲିକତାରେ 'ଜାତୀୟ କଂଗ୍ରେସ ଅଧିବେଶନ' ଆୟୋଜିତ ହୋଇଥିଲା । ଶ୍ରୀଅରବିନ୍ଦ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ନଥିଲେ ମଧ୍ୟ ଏଥିରେ ଯୋଗ ଦେଇଥିଲେ । ଏହି ଅଧିବେଶନରେ ଶ୍ରୀଅରବିନ୍ଦଙ୍କର (ଅର୍ଥାତ୍ 'ଚରମପନ୍ଥୀ' ଦଳର) ସର୍ବପ୍ରଥମ କାର୍ଯ୍ୟ ହେଲା ମୁକ୍ତ କଣ୍ଠରେ ଘୋଷଣା କରିବା ଯେ ଭାରତୀୟ ରାଜନୀତିର ଲକ୍ଷ୍ୟ ହେଉଛି ପରିପୂର୍ଣ୍ଣ ଏବଂ ଚୂଡ଼ାନ୍ତ ସ୍ୱାଧୀନତା । ଶ୍ରୀଅରବିନ୍ଦ ଥିଲେ ଭାରତର ସର୍ବପ୍ରଥମ ରାଜନୈତିକ ନେତା ଯେ କି ସାହସର ସହିତ ପ୍ରକାଶ୍ୟରେ ଏହି ଉଦ୍ଦେଶ୍ୟ ଘୋଷଣା କରିଥିଲେ । ତାଙ୍କର ଏହି ଘୋଷଣା ଅଚିରେ ସାର୍ଥକ ହୋଇ ଉଠିଥିଲା ।

ଏହି କଂଗ୍ରେସ ଅଧିବେଶନ ପରେ ସେ ତାଙ୍କର ସ୍ୱାସ୍ଥ୍ୟୋନ୍ନତି ନିମିତ୍ତ ୧୯୦୭ର ଜାନୁଆରୀରୁ ଏପ୍ରିଲ ପର୍ଯ୍ୟନ୍ତ ଦେଓଘରର ଅଜାଙ୍କ ଘରେ ବାସ କରିଥିଲେ । ଏବଂ ସେଠାରୁ ମଝିରେ ମଝିରେ 'ବନ୍ଦେ ମାତରମ୍' ପାଇଁ ପ୍ରବନ୍ଧମାନ ଲେଖି ପଠାଉଥିଲେ ।



ରାଜନାରାୟଣ ବସୁଙ୍କର ବାସଭବନ

ପୁନଶ୍ଚ ଦେଓଘରରେ ରହିଥିବା ବେଳେ ସେ ଅମିତ୍ରାକ୍ଷର ଛନ୍ଦରେ 'Prince of Edure' ନାଟକଟିଏ ମଧ୍ୟ ଲେଖିଥିଲେ ।



ଦେଓଘର ଇଲାକାର ଏକ ଦୃଶ୍ୟ



'ବନ୍ଦେ ମାତରମ୍' ଅଫିସ ସାମନାରେ ଗୋଇନ୍ଦା ପୁଲିସ ଦଳ

୨ ଜୁନ୍ ୧୯୦୭ରୁ 'ବନ୍ଦେ ମାତରମ୍' ପତ୍ରିକାର ସାପ୍ତାହିକ ସଂସ୍କରଣର ଆରମ୍ଭ ହେଲା ।

କିନ୍ତୁ ଏହି ବର୍ଷ ଆରମ୍ଭରୁ ସମଗ୍ର ଭାରତବର୍ଷରେ ପ୍ରକାଶିତ ଜାତୀୟତାବାଦୀ ଦଳର ପତ୍ରିକାସବୁ ଅଧିକରୁ ଅଧିକ ନିର୍ଭୀକ ଓ ସୁସ୍ପଷ୍ଟ ଭାବରେ ନିଜର ଲକ୍ଷ୍ୟ ସମ୍ବନ୍ଧେ ଘୋଷଣା କରି ଆସୁଥିଲେ ।...

ଜୁନ୍ ୮ ତାରିଖରେ ସରକାର କଲିକତାର ତିନୋଟି ପତ୍ରିକା ('ଯୁଗାନ୍ତର', 'ବନ୍ଦେ ମାତରମ୍' ଓ 'ସନ୍ଧ୍ୟା')କୁ ସତର୍କ କରାଇ ଦେଲେ ।... ପ୍ରଥମେ 'ଯୁଗାନ୍ତର' ମାମଲା ଆରମ୍ଭ ହେଲା, ବିଚାରରେ ସରକାର ହାରିଗଲେ ।


ତଦାନୀନ୍ତନ ଲାଲବଜାର ଷ୍ଟ୍ରୀଟ୍‌ର ସଦର ରାସ୍ତା

୩୦ ଜୁଲାଇ ୧୯୦୭, ମଙ୍ଗଳବାର ସନ୍ଧ୍ୟା ୭ଟାରେ ଗୋଇନ୍ଦା ପୋଲିସ ଦଳ 'ବନ୍ଦେ ମାତରମ୍ ଅଫିସ' ସାମନାରେ ହାଜର ହେଲେ । ଖାନ୍‌ତଲାସିର ୱାରେଣ୍ଟ ଦେଖାଇଲେ ।... ୨୭ ଜୁଲାଇରେ 'ବନ୍ଦେ ମାତରମ୍'ର ସମ୍ପାଦକ ହିସାବରେ ଶ୍ରୀଅରବିନ୍ଦଙ୍କ ବିରୋଧରେ ଗ୍ରେପ୍ତାରୀ ପରୱାନା ଜାରି କରାହେଲା ।... ଶ୍ରୀଅରବିନ୍ଦ ୧୯୦୭ ଅଗଷ୍ଟ ୧୬ ତାରିଖରେ ନିଜେ ଯାଇ କଲିକତାର ୬୪ ନଂ. ଲୋଆର୍ ସର୍କୁଲାର୍ ରୋଡ଼ରେ ଥିବା ପଦ୍ମପୁକୁର ଥାନାରେ ହାଜର ହେଲେ । ଗୋଟିଏ ରାତି ଥାନାରେ ରହି ତହିଁ ପରଦିନ ସକାଳେ ୫୦୦୦ ଟଙ୍କାର ଜାମିନରେ ନିଜ ବାସସ୍ଥାନକୁ ଫେରିଲେ ।


'ବନ୍ଦେ ମାତରମ୍' ମାମଲାର ଶୁଣାଣି ୨୬ ଅଗଷ୍ଟରେ ୧୮ ନଂ. ଲାଲବଜାର ଷ୍ଟ୍ରୀଟ୍‌ରେ ଥିବା କିଙ୍ଗ୍‌ସଫୋର୍ଡ଼ଙ୍କ କୋର୍ଟରେ ଆରମ୍ଭ ହେଲା ।


୧୨ ନଂ. ୱେଲିଙ୍ଗ୍‌ଟନ୍ ଷ୍ଟ୍ରୀଟ୍
(ଶ୍ରୀଅରବିନ୍ଦଙ୍କ ତଦାନୀନ୍ତନ ବାସସ୍ଥାନ)

ଇତିପୂର୍ବରୁ ବିଶେଷ ସୂତ୍ରରୁ ଶ୍ରୀଅରବିନ୍ଦ ୨ ଅଗଷ୍ଟରେ ଜାଣିବାକୁ ପାଇଥିଲେ ଯେ 'ବନ୍ଦେ ମାତରମ୍' ଉପରେ ହେବାକୁ ଯାଉଥିବା ରାଜଦ୍ରୋହମୂଳକ ମାମଲାରେ ତାଙ୍କୁ ଖୁବ୍ ଶୀଘ୍ର ଗ୍ରେପ୍ତାର କରା ହେବ । ତେଣୁ ସେହି ଦିନ ସେ ଜାତୀୟ କଲେଜର ପ୍ରିନ୍‌ସିପାଲ୍ ପଦରୁ ସ୍ୱୟଂ ଇସ୍ତଫା ଦେଲେ ଯଦ୍ୱାରା କଲେଜ କୌଣସି ଅସୁବିଧାଜନକ ପରିସ୍ଥିତିରେ ନପଡ଼େ ।

ଅଗଷ୍ଟ ୨୨ରେ କଲେଜର ସମସ୍ତ ଅଧ୍ୟାପକ ଓ ଛାତ୍ରବୃନ୍ଦଙ୍କ ତରଫରୁ ଶ୍ରୀଅରବିନ୍ଦଙ୍କ ସକାଶେ ଏକ ବିଦାୟ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । କଲେଜର ପ୍ରଥମ ପ୍ରିନ୍‌ସିପାଲ୍‌ଙ୍କ ସ୍ମରଣାର୍ଥେ କଲେଜ ହଲ୍‌ରେ ତାଙ୍କର ଏକ ଫଟୋଗ୍ରାଫ୍ ରଖିବା ନିମିତ୍ତ ଶ୍ରୀଅରବିନ୍ଦଙ୍କୁ ପୁଣି ଠିକ୍ ପରଦିନ କଲେଜ ପ୍ରାଙ୍ଗଣକୁ ଆସିବାକୁ ସମସ୍ତେ ଆହ୍ୱାନ ଜଣାଇ

ଥିଲେ । ୨୩ ତାରିଖରେ ସ୍କୁଲ ଓ କଲେଜର ଛାତ୍ରଗଣ ଧାଡ଼ି ଧରି ଜଣଙ୍କ ପରେ ଜଣେ ତାଙ୍କ ଗଳାରେ ମାଲ୍ୟାର୍ପଣ କରି ତାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ ।... ଛାତ୍ରମାନଙ୍କ ତରଫରୁ ଅଧ୍ୟାପକଗଣ ଛାତ୍ରମାନଙ୍କ ସକାଶେ କିଛି ଉପଦେଶ ଦେବାକୁ ଅନୁରୋଧ କରିଥିଲେ । ତାଙ୍କର ହୃଦୟସ୍ପର୍ଶୀ ଭାଷଣର ଶେଷାଂଶରୁ ଦୁଇ ପଦ : ''...ତୁମମାନଙ୍କୁ ମୋର ଏହି ଶେଷ କଥା,... ଭବିଷ୍ୟତରେ ମୁଁ ଯେତେବେଳେ ତୁମମାନଙ୍କର ଗୌରବମୟ କ୍ରିୟାକଳାପପୂର୍ଣ୍ଣ ଜୀବନର ଉନ୍ନତି-ସାଧନକୁ ଲକ୍ଷ୍ୟ କରିବି ସେତେବେଳେ ତୁମମାନଙ୍କର ସେହି ଉନ୍ନତ ଜୀବନର ପ୍ରସ୍ତୁତିରେ ଏବଂ ପ୍ରାରମ୍ଭରେ ମୋର କିଛି ଅବଦାନ ଥିଲା ବୋଲି ସ୍ମରଣ କରି ଗର୍ବ ଅନୁଭବ କରିବି ।''



୨୩ ଅଗଷ୍ଟ, ୧୯୦୭ରେ କଲେଜ ପ୍ରାଙ୍ଗଣରେ ଶ୍ରୀଅରବିନ୍ଦ

ସେତେବେଳେ କିଙ୍ଗସ୍‌ଫୋର୍ଡ଼ ଥିଲେ କଲିକତାର ଚିଫ୍ ପ୍ରେସିଡ଼େନ୍‌ସି ମାଜିଷ୍ଟ୍ରେଟ । ଏହି କୋର୍ଟରେ ମାମଲା ଚାଲିଥିବା ବେଳେ ଭାରତସ୍ଥ ଇଂରାଜୀ ପତ୍ରିକା 'ଷ୍ଟେଟ୍‌ସ୍ ମ୍ୟାନ୍'ର ଜନୈକ ସମ୍ପାଦକ ମନ୍ତବ୍ୟ ଦେଇଥିଲେ ଯେ 'ବନ୍ଦେ ମାତରମ୍'ର ଛତ୍ରେ ଛତ୍ରେ ରାଜଦ୍ରୋହର ଉତ୍କଟ ଗନ୍ଧ ମିଳେ, କିନ୍ତୁ ଏହା ଏପରି ସାବଧାନତାର ସହିତ ଲିଖିତ ଯେ ଏହାକୁ ଆଇନ ଜାଲରେ ଧରିବା ଏକେବାରେ କଠିନ ।... ୨୩ ସେପ୍‌ଟେମ୍ବର ୧୯୦୭ରେ କିଙ୍ଗସ୍‌ଫୋର୍ଡ଼ 'ବନ୍ଦେ ମାତରମ୍' ମାମଲାର ଚୂଡ଼ାନ୍ତ ରାୟ ଶୁଣାଇଲେ : 'ଶ୍ରୀଅରବିନ୍ଦ ନିର୍ଦ୍ଦୋଷ' । ସେହି ମୁହୂର୍ତ୍ତରୁ ଶ୍ରୀଅରବିନ୍ଦ ଭାରତରେ ସର୍ବଜନମାନ୍ୟ ନେତା ହୋଇଉଠିଲେ । ପରବର୍ତ୍ତୀ କାଳରେ ଶ୍ରୀଅରବିନ୍ଦ ଏହି ମର୍ମରେ ଏକ ବିବୃତି ଦେଇଥିଲେ —




ଡି. ଏଚ୍. କିଙ୍ଗସ୍‌ଫୋର୍ଡ଼<br>(୧୮୭୨-୧୯୩୭) :<br>କଲିକତାର ଚିଫ୍ ପ୍ରେସିଡ଼େନ୍‌ସି ମାଜିଷ୍ଟ୍ରେଟ<br>(ଅଗଷ୍ଟ ୧୯୦୪- ମାର୍ଚ୍ଚ ୧୯୦୮)




'ବନ୍ଦେ ମାତରମ୍' ମାମଲାର ଶୁଣାଣି ପରେ<br>ସାପ୍ତାହିକ ପତ୍ରିକାରେ ପ୍ରକାଶିତ<br>ଶ୍ରୀଅରବିନ୍ଦଙ୍କର ଫଟୋଚିତ୍ର

''...ମୁଁ କେବେହେଲେ... ଯଶ ସକାଶେ ଆଗ୍ରହୀ ନଥିଲି । ମୁଁ ପସନ୍ଦ କରୁଥିଲି ଅନ୍ତରାଳରେ ରହି ଦେଶବାସୀଙ୍କୁ ସେମାନଙ୍କ ଅଜାଣତରେ ସମ୍ମୁଖକୁ ଠେଲି କାର୍ଯ୍ୟ କରାଇ ନେବାକୁ । କିନ୍ତୁ ବ୍ରିଟିଶ ସରକାର ବ୍ୟତିବ୍ୟସ୍ତ ହୋଇ, ମୋ ନାମରେ ମୋକଦ୍ଦମା ଚଳାଇ, ଜୋର ଜବରଦସ୍ତ କରି ଦେଶବାସୀଙ୍କ ନିକଟରେ 'ନେତା' ଭାବରେ ବିଖ୍ୟାତ କରାଇ ମୋର ସମସ୍ତ କୌଶଳକୁ ପଣ୍ଡ କରିଦେଲା ।''

ଜାତୀୟ ବିଶ୍ୱବିଦ୍ୟାଳୟର ଛାତ୍ରଗଣଙ୍କୁ ଭାଷଣ ଦେବାର ଠିକ୍ ପରଦିନ ୨୪ ଅଗଷ୍ଟ ୧୯୦୭ରେ ରବୀନ୍ଦ୍ରନାଥ ଶାନ୍ତିନିକେତନରୁ ଶ୍ରୀଅରବିନ୍ଦଙ୍କ ନିକଟକୁ ତାଙ୍କ 'ନମସ୍କାର' କବିତାଟି ରଚନା କରି ପଠାଇ ଥିଲେ : ''ଅରବିନ୍ଦ, ରବୀନ୍ଦ୍ରର ନିଅ ନମସ୍କାର !...'' ସମଗ୍ର କବିତାଟି ୭ ସେପ୍‌ଟେମ୍ବର ୧୯୦୭, ଶନିବାର, ଦୈନିକ 'ବନ୍ଦେ ମାତରମ୍'ରେ ପ୍ରଥମେ ମୁଦ୍ରିତ ହୋଇଥିଲା ।



କବିଗୁରୁ ରବୀନ୍ଦ୍ରନାଥ ଠାକୁର (୧୮୬୧ – ୧୯୧୪)

୨୩ ସେପ୍‌ଟେମ୍ବର ୧୯୦୭ରେ 'ବନ୍ଦେ ମାତରମ୍ ମାମଲା'ରେ ଶ୍ରୀଅରବିନ୍ଦ ନିର୍ଦ୍ଦୋଷ ବୋଲି ପ୍ରମାଣିତ ହେବା ପରେ ରବୀନ୍ଦ୍ରନାଥଙ୍କ ସମେତ ଜାତୀୟଦଳର ଅନେକ ନେତା ତାଙ୍କୁ ଅଭିନନ୍ଦନ ଜଣାଇବାକୁ ରାଜା ସୁବୋଧ ମଲ୍ଲିକଙ୍କ ବାସଭବନରେ ଉପସ୍ଥିତ ହୋଇଥିଲେ ।



୨୩ ନଂ. ସ୍କଟ୍ ଲେନ୍

ଶ୍ରୀଅରବିନ୍ଦଙ୍କୁ ରବୀନ୍ଦ୍ରନାଥ ଆନନ୍ଦରେ ଥଟ୍ଟା କରି କହିଲେ, 'କି ମହାଶୟ, ଆମକୁ ଠକାଇ ଦେଲେ !' (ଅର୍ଥାତ୍, ଆମେ ନିଶ୍ଚିତ ଥିଲୁ ଆପଣ ଜେଲକୁ ଯିବେ, କିନ୍ତୁ ଆପଣ ତ ଘରେ ଆସି ହାଜର !)

ଶ୍ରୀଅରବିନ୍ଦ ମଧ୍ୟ ତତ୍‌କ୍ଷଣାତ୍ ମନ୍ଦହାସ୍ୟରେ ବ୍ୟଙ୍ଗୋକ୍ତି କରି ସ୍ୱତଃସ୍ଫୂର୍ତ୍ତ ଭାବରେ କହିଉଠିଲେ, 'Not for long will you have to wait !' (ସତକୁ ସତ ଠିକ୍ ପରବର୍ଷ ମେ ୨ ତାରିଖରେ ସେ ଗ୍ରେପ୍ତାର ହୋଇଥିଲେ ।)

ଶ୍ରୀଅରବିନ୍ଦ ଅକ୍‌ଟୋବର ମାସରେ ତାଙ୍କର ବାସସ୍ଥାନ ଛକୁ ଖାନ୍‌ସାମା ଲେନ୍‌ର ଏକ ଭଡ଼ାଘରକୁ ପରିବର୍ତ୍ତନ କଲେ ।

ଏହି ନୂତନ ବାସସ୍ଥାନରେ ଶ୍ରୀଅରବିନ୍ଦଙ୍କ ସହିତ ସରୋଜିନୀ, ମୃଣାଳିନୀ ଓ ବାରୀନ୍ ଏବଂ ଅବିନାଶ ରହିଥିଲେ । ଫେବ୍ରୁଆରୀ ୧୯୦୮ରେ ଶ୍ରୀଅରବିନ୍ଦ ତାଙ୍କର ସମସ୍ତ ଅନ୍ତେବାସୀଙ୍କ ସହ ୨୩ ନଂ. ସ୍କଟ୍ ଲେନ୍ ଭଡ଼ାଘରେ ଆସି ରହିଥିଲେ ।

୨୮ ଏପ୍ରିଲ, ୧୯୦୮ରେ ଶ୍ରୀଅରବିନ୍ଦ ସମସ୍ତଙ୍କ ସହିତ ୪୮ ନଂ. ଗ୍ରେ ଷ୍ଟ୍ରୀଟ୍ ('ନବଶକ୍ତି' ଅଫିସ) ବାସସ୍ଥାନକୁ ପରିବର୍ତ୍ତନ କରିଥିଲେ । କିନ୍ତୁ ବାରୀନ୍ ଯାଇ 'ମାଣିକତଳା ବଗିଚା'ରେ ରହିଥିଲେ । ଏହାର ଉପର ମହଲାରେ ଶ୍ରୀଅରବିନ୍ଦ ପରିବାରବର୍ଗଙ୍କ ସହ ରହୁଥିଲେ । (ଏହି ଗ୍ରେ ଷ୍ଟ୍ରୀଟ୍ ବାସଭବନରୁ ଶ୍ରୀଅରବିନ୍ଦ ୨ ମେ ୧୯୦୮ର ପ୍ରାତଃକାଳରେ ଗ୍ରେପ୍ତାର ହୋଇଥିଲେ ।)





୪୮ ନଂ. ଗ୍ରେ ଷ୍ଟ୍ରୀଟ୍ ('ନବଶକ୍ତି' ଅଫିସ)

Vol. LXVI, No. 3, NAVAJYOTI – 15 August, 2023, R. N. 8889/63

ନବଜ୍ୟୋତି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକମାନ ତଥା ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।

**ବିଶେଷ ସୂଚନା :**

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




## ସାବିତ୍ରୀ

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**

**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**

**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**